

মো লোকঙ্কু মরা যাউছি, মোতে ফেরিবাকু পড়িব

ପୃଷ୍ଠା ୫

# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 34 | ISSUE 163 ଭାଗ ୩୪ | ସଂଖ୍ୟା ୧୬୩ | Thursday 3 September 2026 | Page 8 Rs. 5.00 | ଭୁବନେଶ୍ୱର ଗୁରୁବାର, ୩ ସେପ୍ଟେମ୍ବର ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


### ଓଟିଇଟି-୨୦୨୬ ପରୀକ୍ଷା ଫଳ ପ୍ରକାଶିତ
## ପାସ୍ ହାର ୬୪.୪୮ ପ୍ରତିଶତ

କଟକ,୨।୯(ସଂଚାର ବ୍ୟୁରୋ): ଓଡ଼ିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଓଟିଇଟି)-୨୦୨୬ର ଫଳ ପ୍ରକାଶ ପାଇଛି। ଗତ ଜୁଲାଇ ୫ରେ ଅନୁଷ୍ଠିତ ପରୀକ୍ଷାରେ ପେପର-୧ ଓ ପେପର-୨ ପାଇଁ ମୋଟ ୯୭ ହଜାର ୧୫୧ ଜଣ ପଞ୍ଜୀକରଣ କରିଥିଲେ। ସେମାନଙ୍କ ମଧ୍ୟରୁ ୮୪ ହଜାର ୭୩୧ ଜଣ ପରୀକ୍ଷା ଦେଇଥିବା ବେଳେ ୫୩ ହଜାର ୩୧୪ ଜଣ ପରୀକ୍ଷାରେ ଯୋଗ୍ୟତା ହାସଲ କରିଛନ୍ତି। ଏଥିରେ ମୋଟ ପାସ୍ ହାର ୬୪.୪୮ ପ୍ରତିଶତ ରହିଛି।

ପେପର-୧ରେ ୨୪ ହଜାର ୯୯୧ ଜଣ ପରୀକ୍ଷା ଦେଇଥିବା ବେଳେ ୧୭ ହଜାର ୬୫ ଜଣ ପାସ୍ କରିଛନ୍ତି। ଏହି ପେପରର ପାସ୍ ହାର ୬୮.୨୮ ପ୍ରତିଶତ ରହିଛି। ସେହିପରି ପେପର-୨ରେ ୫୯ ହଜାର ୭୪୦ ଜଣ ପରୀକ୍ଷା ଦେଇଥିବା ବେଳେ ୬୦.୬୮ ପ୍ରତିଶତ ଅର୍ଥାତ୍ ୩୬ ହଜାର ୨୪୯ ଜଣ ଯୋଗ୍ୟତା ହାସଲ କରିଛନ୍ତି। ପରୀକ୍ଷାର୍ଥୀମାନେ ବୋର୍ଡର ୱେବସାଇଟରେ ସନ୍ଧ୍ୟା ୬ଟାରୁ ନିଜର ୟୁଜର୍ ଆଇଡି ଓ ପାସୱାର୍ଡ/ଜନ୍ମ ତାରିଖ ବ୍ୟବହାର କରି ଫଳାଫଳ ଜାଣିପାରିବେ ବୋଲି ପରିଚାଳନା ସଂସ୍ଥା ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ କୁହାଯାଇଛି। ସେହିପରି ଯୋଗ୍ୟ ପରୀକ୍ଷାର୍ଥୀମାନେ ଆସନ୍ତା ୭ ତାରିଖ ପୂର୍ବାହ୍ନ ୧୧ଟାଠାରୁ ଶୁଳ୍କ ପ୍ରଦାନ ପୂର୍ବକ ଡିଜିଟାଇଜ୍ଡ ସାର୍ଟିଫିକେଟ୍ ଡାଉନଲୋଡ୍ କରିପାରିବେ। ଅନ୍ୟପକ୍ଷରେ ପରୀକ୍ଷାରେ ଯୋଗ୍ୟତା ହାସଲ କରି ନ ଥିବା ପରୀକ୍ଷାର୍ଥୀମାନେ ଆସନ୍ତା ୫ରୁ ୧୨ ତାରିଖ ମଧ୍ୟରେ ନିଜ ଓଏମଆର ଉତ୍ତରପତ୍ର ଡାଉନଲୋଡ୍ କରିପାରିବେ ବୋଲି କୁହାଯାଇଛି।



## ବିପଦ ସଙ୍କେତ ଉପରେ ସୁବର୍ଣ୍ଣରେଖା

- ପାଣି ଘେରରେ ବାଲେଶ୍ୱରର ଅନେକ ଅଞ୍ଚଳ
- ଆଶ୍ଚର୍ଯ୍ୟ କରୁଛି ଚଳିତ ବର୍ଷ ବର୍ଷାର ଟ୍ରେଣ୍ଡ୍

ଭୁବନେଶ୍ୱର,୨।୯(ସଂଚାର ବ୍ୟୁରୋ): ସୁବର୍ଣ୍ଣରେଖାରେ ପୁଣି ସଙ୍ଗିନ ହୋଇଛି ବନ୍ୟା ସ୍ଥିତି। ତେବେ ରାଜ୍ୟର ଅନ୍ୟ କୌଣସି ନଦୀରେ ବନ୍ୟା ସ୍ଥିତି ନାହିଁ ବୋଲି କହିଛନ୍ତି ଜଳ ସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଦିଲ୍ଲୀପ ରାଉତ। ସେ କହିଛନ୍ତି ଯେ ରାଜ୍ୟରେ ୨୮ ପ୍ରତିଶତ ହୋଇଛି ଅଧିକ ବର୍ଷା। ଉତ୍ତର ଓଡ଼ିଶାରେ ଅଧିକ ବର୍ଷା ହୋଇଛି। ମଙ୍ଗଳବାର ମୟୂରଭଞ୍ଜରେ ଅଧିକ ବର୍ଷା ହୋଇଛି। ଆଜି ସୁବର୍ଣ୍ଣରେଖାରେ ଜଳସ୍ତର ବଢ଼ିଛି। ସନ୍ଧ୍ୟା ଯାଏଁ ବଢ଼ି ୧୧.୮୪ ମିଟର ଯାଏଁ ପାଣି ଯିବ। ଆସନ୍ତାକାଲି ଯାଏଁ ଜଳସ୍ତର ବିପଦ ସଂକେତ ଉପରେ ରହିବ। ବାଲେଶ୍ୱର, ଭୋଗରାଇ, ବସ୍ତା, ବାଲିଆପାଳ, ଜଳେଶ୍ୱର ଅଞ୍ଚଳ ପାଣି ଘେରରେ ରହିବ। ତେବେ ସ୍ଥାନୀୟ ପ୍ରଶାସନ ସହ ଯୋଗାଯୋଗରେ ଅଛନ୍ତି ସରକାରଙ୍କ ଟିମ୍। ବୈତରଣୀ ଆଖୁଆପଦାରେ ଜଳସ୍ତର ଅପରାହ୍ନ ୧ଟା ସୁଦ୍ଧା ୮ ମିଟର ରହିଥିଲା। ଗୋଟିଏ ଘାଇ ଖୋଲା ଅଛି। ସେଥିପାଇଁ କିଛି ଅଞ୍ଚଳ ପାଣି ଘେରରେ ରହିଛି। ଜଳକାରେ ନଦୀରେ ପାଣି ବଢୁନାହିଁ। ୩ ଦିନ ଯାଏଁ ବର୍ଷା ନାହିଁ। ରାଜ୍ୟରେ କୌଣସି ଜାଗାରେ ୫୦ ମିମି ବର୍ଷା ହୋଇନାହିଁ। ତେଣୁ ମହାନଦୀରେ ବନ୍ୟା ସ୍ଥିତି ନାହିଁ। ଏବେ ହୀରାକୁଦର ୨ଟି ଗେଟ୍ ଖୋଲା ରହିଛି, ଯାହା ମାଧ୍ୟମରେ ଉଦ୍‌ବୃତ୍ତ ଜଳକୁ ନିଷ୍କାସନ କରାଯାଉଛି। ଶ୍ରୀ ରାଉତ ଆହୁରି ମଧ୍ୟ କହିଛନ୍ତି ଯେ ଆଶ୍ଚର୍ଯ୍ୟ କରୁଛି ଚଳିତ ବର୍ଷ ବର୍ଷାର ଟ୍ରେଣ୍ଡ। ଗତ ୩ ମାସରେ ହୋଇସାରିଲାଣି ୪ ମାସର ବର୍ଷା। ଗତ ଜୁନ୍‌ରେ ୪୭ ପ୍ରତିଶତ କମ୍ ବର୍ଷା ହୋଇଛି। କେବଳ ଜୁଲାଇରେ ୯୧ ପ୍ରତିଶତ ଅଧିକ ବର୍ଷା ହୋଇଛି। ଗତ ମାସରେ ୧୨ ପ୍ରତିଶତ ଅଧିକ ବର୍ଷା ହୋଇଛି। ୩ ମାସରେ ୨୮.୫ ପ୍ରତିଶତ ଅଧିକ ବର୍ଷା ହୋଇଛି। ବର୍ତ୍ତମାନ ଓଡ଼ିଶା ପୂରା ମୌସୁମୀ ବର୍ଷା ପାଇସାରିଛି। ଚଳିତ ବର୍ଷ ଉତ୍ତର ଓଡ଼ିଶାରେ ଅଧିକ ବର୍ଷା ଓ ଦକ୍ଷିଣ ଓଡ଼ିଶାରେ କମ୍ ବର୍ଷା ହୋଇଛି ।

# ଆଲୋଚନାରେ ସୀମିତ ନରହୁ ଜଳ ସଂରକ୍ଷଣ ସମ୍ମିଳନୀ

- ସମୟସୀମା-ଭିତ୍ତିକ କାର୍ଯ୍ୟପନ୍ଥାର ନିରନ୍ତର ସମୀକ୍ଷାକୁ ଗୁରୁତ୍ୱ
- ଜନସଂଖ୍ୟା ଓ ଜଳ ଆବଶ୍ୟକତା ନେଇ ପୌରାଞ୍ଚଳ ସଚେତନ ହୁଅନ୍ତୁ
- ଜନ ଭାଗୀଦାରୀ ବଢ଼ାଇବାକୁ 'ଜଳ ଉତ୍ସବ' ପାଳନ ପାଇଁ ପରାମର୍ଶ
- ପଙ୍କୋଦ୍ଧାର ଓ ମୌସୁମୀ ପୂର୍ବରୁ କଠୋର ପ୍ରସ୍ତୁତି ପାଇଁ ନିର୍ଦ୍ଦେଶ



ନୂଆଦିଲ୍ଲୀ, ୨।୯: ସହରୀକରଣ ଯୋଗୁଁ ସୃଷ୍ଟି ହେଉଥିବା ଜନସଂଖ୍ୟା ବୃଦ୍ଧି ଓ ଭବିଷ୍ୟତର ଜଳ ଆବଶ୍ୟକତା ଭଳି ଆହ୍ୱାନଗୁଡ଼ିକ ସମ୍ପର୍କରେ ପୌର ପରିଷଦଗୁଡ଼ିକୁ ସଚେତନ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆହ୍ୱାନ ଦେଇଛନ୍ତି। ଏଥିସହ ଏହି ପୌର ପରିଷଦ ପାଇଁ ବିଶେଷ 'ଚିନ୍ତନ ଶିବିର' ଆୟୋଜନ କରିବାକୁ ମଧ୍ୟ ସେ ପରାମର୍ଶ ଦେଇଛନ୍ତି।

ଜଳଶକ୍ତି ମନ୍ତ୍ରଣାଳୟ ପକ୍ଷରୁ ଆୟୋଜିତ ଦୁଇଦିନିଆ ଜାତୀୟ ବିଭାଗୀୟ ଶିଖର ସମ୍ମିଳନୀର ଉଦ୍‌ଯାପନୀ ସମାରୋହରେ ଅଧ୍ୟକ୍ଷତା କରି ପ୍ରଧାନମନ୍ତ୍ରୀ ଏହି ନିର୍ଦ୍ଦେଶ ଦେଇଛନ୍ତି। ପ୍ରଧାନମନ୍ତ୍ରୀ ଜଳ-ସଞ୍ଚୟ ପ୍ରଯୁକ୍ତିବିଦ୍ୟାର ବ୍ୟାପକ ବ୍ୟବହାର ଉପରେ ଗୁରୁତ୍ୱାରୋପ କରିଛନ୍ତି। ଭାରତୀୟ ନିର୍ମାତା ଓ ସମ୍ପୃକ୍ତ ପକ୍ଷଗୁଡ଼ିକୁ ବିଶ୍ୱସ୍ତରୀୟ ସର୍ବୋତ୍ତମ ପଦ୍ଧତି ଶିଖାଇବା ସହ ଦକ୍ଷ ସମାଧାନର ବିକାଶ ପାଇଁ ସ୍ୱତନ୍ତ୍ର ପ୍ରଦର୍ଶନୀ ଓ କର୍ମଶାଳା ଆୟୋଜନ କରିବାକୁ ସେ ପରାମର୍ଶ ଦେଇଛନ୍ତି। ଏଥିସହ ଜନ ଭାଗୀଦାରୀକୁ ପ୍ରୋତ୍ସାହିତ କରିବା ପାଇଁ 'ଜଳ ଉତ୍ସବ' ପାଳନ କରି ଲୋକଙ୍କ ମଧ୍ୟରେ ବ୍ୟାପକ ସଚେତନତା ସୃଷ୍ଟି କରିବାକୁ ମଧ୍ୟ ପ୍ରଧାନମନ୍ତ୍ରୀ କହିଛନ୍ତି।

ଏହି ଦୁଇଦିନିଆ ଆଲୋଚନାକୁ ପ୍ରଶଂସା କରି ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଏହି ସମ୍ମିଳନୀ କେବଳ ଗୋଟିଏ ଥରର କାର୍ଯ୍ୟକ୍ରମ ହୋଇ ରହିବା ଉଚିତ ନୁହେଁ। ଏଥିରୁ ବାହାରିଥିବା ପୃଷ୍ଠା-୬

### ଓଡ଼ିଶାର ଜଳ ଭିତ୍ତିଭୂମି ଓ ଜଳସେଚନ ସଫଳତା ଉପସ୍ଥାପନ କଲେ ମୁଖ୍ୟମନ୍ତ୍ରୀ
## ୨ ବର୍ଷରେ ୫୪ ହଜାର କୋଟିର ଜଳ ଭିତ୍ତିଭୂମି ମଞ୍ଜୁର

- ୩.୨ ଲକ୍ଷ ହେକ୍ଟର ଜମିକୁ ଜଳସେଚନ ସୁବିଧା
- ସରିଛି ୭୭୦ ନୂଆ ଚେକ୍ ଡ୍ୟାମ୍ ଓ ୯ଟି ଆଇଏସଏସ ପ୍ରକଳ୍ପ
- କୃଷକଙ୍କ ପାଇଁ ଗାଁ ଗାଁରେ ସୋଲାର ଓ ଡିପ୍ ବୋରୱେଲ୍ସ
- ସଶକ୍ତ ହେଉଛନ୍ତି ୪୦ ହଜାରରୁ ଊର୍ଦ୍ଧ୍ୱ ପାଣି ପଞ୍ଚାୟତ



ଓଡ଼ିଶାର ଅର୍ଥନୀତି କୃଷି ପ୍ରଧାନ ହୋଇଥିବାରୁ ଜଳ ସୁରକ୍ଷା ଓ ସିଞ୍ଚନର ବିକାଶକୁ ଆମ ସରକାର ସବୁଠାରୁ ଅଧିକ ପ୍ରାଥମିକତା ଦେଉଛନ୍ତି। ଏହି ପରିପ୍ରେକ୍ଷୀରେ ଗତ ଦୁଇ ବର୍ଷ ମଧ୍ୟରେ ରାଜ୍ୟରେ ୫୪ ହଜାର କୋଟି ଟଙ୍କାର ଜଳ ଭିତ୍ତିଭୂମି କାର୍ଯ୍ୟକୁ ମଞ୍ଜୁରୀ ଦିଆଯାଇଛି ଏବଂ ଅତି କମ୍ ସମୟ ମଧ୍ୟରେ ୩ ଲକ୍ଷ ୨୦ ହଜାର ହେକ୍ଟର ଚାଷଜମିକୁ ଜଳସେଚନ ସୁବିଧା ଯୋଗାଇ ଦିଆଯାଇଛି ବୋଲି ନୂଆଦିଲ୍ଲୀଠାରେ କେନ୍ଦ୍ରୀୟ ଜଳ ଶକ୍ତି ମନ୍ତ୍ରଣାଳୟ ଦ୍ୱାରା ଆୟୋଜିତ ବିଭାଗୀୟ ସମ୍ମିଟ୍‌ରେ ବକ୍ତବ୍ୟ ରଖି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୂଚନା ଦେଇଛନ୍ତି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କେନ୍ଦ୍ର ଜଳ ଶକ୍ତି ମନ୍ତ୍ରୀ ସିଆର୍ ପାଟିଲ, ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁ ଦେବ ସାୟଙ୍କ ସମେତ ବିଭିନ୍ନ ରାଜ୍ୟର ଜଳସମ୍ପଦ ମନ୍ତ୍ରୀ ଓ ବରିଷ୍ଠ ଅଧିକାରୀମାନଙ୍କ ଉପସ୍ଥିତିରେ ଆୟୋଜିତ ଏହି ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ରାଜ୍ୟର ଜଳ ସଂରକ୍ଷଣ, ଭୂ-ଜଳ ପରିଚାଳନା ଓ ଭିତ୍ତିଭୂମି ବିକାଶର ବ୍ୟାପକ ପୃଷ୍ଠା-୬

### ସାର କଳାବଜାରୀ ଉପରେ ସରକାରଙ୍କ କଡ଼ା ଆଭିମୁଖ୍ୟ
## ୧୧,୬୮୪ ଦୋକାନରେ ଚଢ଼ାଉ
### ୧୭୦ ଡିଲରଙ୍କ ଲାଇସେନ୍ସ ନିଲମ୍ବିତ, ୯୬ ଲାଇସେନ୍ସ ବାତିଲ

ଭୁବନେଶ୍ୱର,୨।୯(ସଂଚାର ବ୍ୟୁରୋ): ଚଳିତ ଖରିଫ ୨୦୨୬-୨୭ ଋତୁରେ କୃଷକମାନଙ୍କୁ ସାରର ସୁଗମ ଯୋଗାଣ ସୁନିଶ୍ଚିତ କରିବା ପାଇଁ ସରକାର ବ୍ୟାପକ ବ୍ୟବସ୍ଥା କରିଛନ୍ତି। ସାରର କଳାବଜାରୀ ଓ ବେଆଇନ ଚାଲାଣକୁ ରୋକିବା ପାଇଁ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଶୂନ୍ୟ-ସହନଶୀଳତା ନୀତି ଅବଲମ୍ବନ କରିଛନ୍ତି। ସାରର କଳାବଜାରୀ, ମହଜୁଦକରଣ ଏବଂ ନିମ୍ନମାନର ସାର ଯୋଗାଣ ଭଳି ବିଭିନ୍ନ ଅନୈତିକ କାର୍ଯ୍ୟକଳାପକୁ ରୋକିବା ପାଇଁ ସରକାରଙ୍କ ପକ୍ଷରୁ ଜିଲ୍ଲା ଓ ବ୍ଲକ ସ୍ତରରେ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ଗଠନ କରାଯାଇଛି। ରାଜସ୍ୱ ବିଭାଗ, କୃଷି ବିଭାଗ ଓ ପୁଲିସ ବିଭାଗର ବରିଷ୍ଠ ଅଧିକାରୀମାନଙ୍କୁ ନେଇ ନିରୀକ୍ଷଣ ଦଳ ଓ ଫ୍ଲାଇଂ ସ୍କ୍ୱାଡ୍ ଗଠନ କରାଯାଇଛି। ଏହି ଦଳଗୁଡ଼ିକ କୃଷି ପୃଷ୍ଠା-୬

### ଓଡ଼ିଶା ଡିଜିପି ନିଯୁକ୍ତି ବିବାଦ
## ପୁଣି ଘୁଞ୍ଚିଲା ତାରିଖ, ୭ରେ ପରବର୍ତ୍ତୀ ଶୁଣାଣି

ନୂଆଦିଲ୍ଲୀ,୨।୯: ଓଡ଼ିଶା ପୁଲିସ ଡିଜିପି ଚୟନକୁ ନେଇ ଆଜି ବି ସୁପ୍ରିମକୋର୍ଟରେ ଆଇନଗତ ନିର୍ଯ୍ୟାସ ବାହାରିପାରିନାହିଁ। ତୃତୀୟ ଥର ପାଇଁ ଏହି ମାମଲାର ଶୁଣାଣିକୁ ପରବର୍ତ୍ତୀ ତାରିଖ ଆସନ୍ତା ୭କୁ ଘୁଞ୍ଚାଇ ଦେଇଛନ୍ତି। ଆବେଦନକାରୀ ଜୟନ୍ତ ଦାସ ଗତକାଲି ଦାଖଲ କରିଥିବା ରିଜଏଣ୍ଡରକୁ ଅନୁଧ୍ୟାନ କରିବା ପାଇଁ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ସମୟ ମାଗିବା ସହ ଅନ୍ୟାନ୍ୟ ପକ୍ଷର ଓକିଲ ମଧ୍ୟ ସମୟ ଲୋଡ଼ିଥିଲେ। ବିଭିନ୍ନ ପକ୍ଷର ନିବେଦନ ତଥା ରେକର୍ଡ ଯାଞ୍ଚ ପାଇଁ କୋର୍ଟ ଶୁଣାଣିକୁ ଆସନ୍ତା ୭ ତାରିଖକୁ ଧାର୍ଯ୍ୟ କରିଛନ୍ତି। ଏପଟେ ଏହି ମାମଲାରେ ସହଯୋଗ କରୁଥିବା ଆମିକସ କ୍ୟୁରି ମଧ୍ୟ ଆଜି ନିଜ ରିପୋର୍ଟ ସୁପ୍ରିମକୋର୍ଟରେ ଉପସ୍ଥାପନ କରିଥିବା ଜଣାପଡ଼ିଛି।



ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ, ଜଷ୍ଟିସ ଜୟମାଲ୍ୟ ବାଗଚୀ ଓ ଜଷ୍ଟିସ ଭି ମୋହନାଙ୍କୁ ନେଇ ଗଠିତ ଖଣ୍ଡପୀଠରେ ଆଜି ଏହି ମାମଲାର ଶୁଣାଣି ହେବାର ଥିଲା। ତେବେ ରାଜ୍ୟ ସରକାର ଦାଖଲ କରିଥିବା ଜବାବ ଉପରେ ଆବେଦନକାରୀ ଜୟନ୍ତ ଦାସ ଗତକାଲି ରିଜଏଣ୍ଡର ଦାଖଲ କରି ସରକାରଙ୍କ ଆଭିମୁଖ୍ୟ ଉପରେ ପ୍ରଶ୍ନ ଉଠାଇଥିବା ଜଣାପଡ଼ିଛି। ଆବେଦନକାରୀ ଶ୍ରୀ ଦାସ ରାଜ୍ୟ ପୁଲିସ ଡିଜି ପ୍ୟାନେଲରେ ଜଣେ କନିଷ୍ଠ ତଥା ଅଯୋଗ୍ୟ ଅଫିସରଙ୍କ ନାମ ସାମିଲ କରାଯିବା ପାଇଁ ସରକାରଙ୍କ ଉଦ୍ୟମକୁ ବିରୋଧ କରି ସୁପ୍ରିମକୋର୍ଟରେ ଜନସ୍ୱାର୍ଥ ମାମଲା ଦାଏର କରିଥିଲେ।

ଗତ ୭ ତାରିଖରେ ପୁଲିସ ଡିଜି ଚୟନ ପାଇଁ ୟୁପିଏସସି ବୈଠକ ସ୍ଥଗିତ ରହିବା ପରେ ଏହି ସମ୍ବେଦନଶୀଳ ଘଟଣା ସାମ୍ନାକୁ ଆସିଥିଲା। ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଓକିଲ ପି ଚିଦାମ୍ବରମ୍ ମଧ୍ୟ ୨୦୦୬ରେ ପ୍ରକାଶ ସିଂ ମାମଲାରେ ସୁପ୍ରିମକୋର୍ଟ ଦେଇଥିବା ଐତିହାସିକ ରାୟକୁ ଉଲ୍ଲଙ୍ଘନ କରାଯାଇ ଜଣେ ଏଡିଜି ପାହ୍ୟାର ଅଫିସରଙ୍କୁ ରାତାରାତି ପଦୋନ୍ନତି ଦେଇ ଡିଜି ପ୍ୟାନେଲରେ ସାମିଲ ପାଇଁ ବ୍ୟାକ୍‌ଡୋର୍ ପ୍ରୟାସ ଚାଲିଥିବା ଅଭିଯୋଗ କରିଥିଲେ। ଏହି ମାମଲାରେ ଆମିକସ କ୍ୟୁରି ମଧ୍ୟ ଓଡ଼ିଶାରେ ପୁଲିସ ଡିଜିପି ଚୟନରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶର ଉଲ୍ଲଂଘନ ହୋଇଥିବା ନେଇ ମତ ଦେବା ପରେ ମାମଲାର ଶୁଣାଣି ପାଇଁ ଗ୍ରହଣ କରି ପ୍ରଥମେ ୧୩ ତାରିଖ ଓ ପରେ ୧୮ ତାରିଖକୁ ଧାର୍ଯ୍ୟ ହୋଇଥିଲା। ରାଜ୍ୟ ସରକାର ଓ ୟୁପିଏସସି ପକ୍ଷରୁ ଗତ ୧୮ ତାରିଖରେ ଜବାବ ଦାଖଲ ହୋଇଥିଲେ ମଧ୍ୟ ରାଜ୍ୟର ଉତ୍ତର ରେକର୍ଡଭୁକ୍ତ ହୋଇ ନ ଥିବାରୁ ଓ କୋର୍ଟ ତାହା ଦେଖିବାକୁ ଚାହିଁବାରୁ ଶୁଣାଣି ଆଜିକୁ ଧାର୍ଯ୍ୟ ହୋଇଥିଲା। ମାମଲା ଆଜି ବିଚାର ପାଇଁ ତାଲିକାଭୁକ୍ତ ହୋଇଥିଲେ ସୁଦ୍ଧା ନୂଆ ରିଜଏଣ୍ଡର ପୃଷ୍ଠା-୬

### ଗାଡ଼ି ଚାଳକ ଓ ମାଲିକଙ୍କୁ ଆଶ୍ୱସ୍ତି
## କମିଲା ପ୍ରଦୂଷଣ ଫାଇନ ପରିମାଣ

- ସର୍ବାଧିକ ୧୦ ହଜାରରୁ ୬ ହଜାରକୁ ହ୍ରାସ
- ଏବେ ପୁଣି କଡ଼ାକଡ଼ି ହେବ ଏନ୍‌ଫୋର୍ସମେଣ୍ଟ

ଭୁବନେଶ୍ୱର,୨।୯(ସଂଚାର ବ୍ୟୁରୋ): ଗାଡ଼ି ମାଲିକ ଓ ଚାଳକଙ୍କ ପାଇଁ ବଡ଼ ଆଶ୍ୱସ୍ତି। କମିଲା ପ୍ରଦୂଷଣ ଫାଇନ୍। ମୋଟର ଯାନ ପ୍ରଦୂଷଣ ନିୟନ୍ତ୍ରଣ ସାର୍ଟିଫିକେଟ (ପିୟୁସିସି) ନ ଥିଲେ ଫାଇନ୍‌କୁ ସର୍ବାଧିକ ୧୦ ହଜାରରୁ ୬ ହଜାରକୁ ହ୍ରାସ ପାଇଛି। ଏନେଇ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ସୂଚନା ଦେଇଛନ୍ତି।



ସେ କହିଛନ୍ତି ଯେ ପିୟୁସିସି ସମ୍ବନ୍ଧୀୟ ନିୟମ ଉଲ୍ଲଂଘନ ଯୋଗୁଁ ଜାରି ହେଉଥିବା ଜରିମାନା ରାଶି ୧୦ ହଜାର ଟଙ୍କାକୁ ହ୍ରାସ କରିବା ପାଇଁ ଦାବି ହେଉଥିଲା। ଏଥିପାଇଁ କିଛି ଲୋକ ଆମ ସରକାରଙ୍କୁ ସମାଲୋଚନା ମଧ୍ୟ କରିଥିଲେ। କିନ୍ତୁ ବାସ୍ତବରେ ୨୦୧୯ରେ ସେତେବେଳର ରାଜ୍ୟ ସରକାର ଏହି ଜରିମାନା ରାଶି ଧାର୍ଯ୍ୟ କରିଥିଲେ। ତେବେ ଆମ ସରକାର ଜନସାଧାରଣଙ୍କ ଦାବିକୁ ସମ୍ମାନ ଦେଇ ଏହି ନିଷ୍ପତ୍ତି ନେଇଛନ୍ତି।

ସେହିଭଳି ନୂତନ ସଂଶୋଧନ ଅନୁଯାୟୀ, ମୋଟର ସାଇକେଲ କିମ୍ବା ବାଇକ୍ ଏବଂ ତିନିଚକିଆ ଗାଡ଼ି (ଯାତ୍ରୀବାହୀ/ମାଲ ପରିବହନ) ପ୍ରଥମ ଥର ନିୟମ ଉଲ୍ଲଙ୍ଘନ କଲେ ୧,୦୦୦ ଏବଂ ଦ୍ୱିତୀୟ ବା ପରବର୍ତ୍ତୀ ସମୟରେ ନିୟମ ଉଲ୍ଲଙ୍ଘନ କଲେ ୨ ହଜାର ଜରିମାନା ଦେବାକୁ ପଡ଼ିବ। ସେହିପରି ମୋଟର କ୍ୟାବ୍ ଏବଂ ମୋଟର କାର୍ କିମ୍ବା ଜିପ୍ ପାଇଁ ପ୍ରଥମ ଥର ୨,୦୦୦ ଏବଂ ଦ୍ୱିତୀୟ ବା ପରବର୍ତ୍ତୀ ସମୟ ନିୟମ ଉଲ୍ଲଙ୍ଘନ ପାଇଁ ୫,୦୦୦ ଜରିମାନା ଧାର୍ଯ୍ୟ ହୋଇଛି। ଟ୍ରାକ୍ଟର କିମ୍ବା ଟ୍ରେଲର କ୍ଷେତ୍ରରେ ଏହି ଜରିମାନା ପ୍ରଥମ ଥର ପାଇଁ ୨,୦୦୦ ଏବଂ ଦ୍ୱିତୀୟ ବା ପରବର୍ତ୍ତୀ ସମୟ ପାଇଁ ୫,୦୦୦। ଏହାବ୍ୟତୀତ ଏହି ସମସ୍ତ ଶ୍ରେଣୀରେ ଅନ୍ତର୍ଭୁକ୍ତ ହୋଇ ନ ଥିବା ପରିବହନ ପୃଷ୍ଠା-୬

### ଗୋଟିଏ ମାମଲାରେ ଫସିଥିଲେ
## ପ୍ରମାଣ ଅଭାବରୁ ୪୫ ଅଭିଯୁକ୍ତ ଖଲାସ
### ଦେଢ଼ ବର୍ଷର ଜେଲ୍ ପରେ ମୁକୁଳିଲେ

ଭୁବନେଶ୍ୱର,୨।୯(ସଂଚାର ବ୍ୟୁରୋ): ଗୋଟିଏ ମାମଲାରେ ଫସିଥିଲେ ୪୫ ଜଣ ଅଭିଯୁକ୍ତ। ପାଖାପାଖି ୪ ବର୍ଷ ତଳେ ଘଟିଥିବା ଜନୈକା ମହିଳାଙ୍କ ହତ୍ୟାକାଣ୍ଡ ମାମଲାରେ ମୋଟ ୪୯ ଜଣଙ୍କୁ ଅଭିଯୁକ୍ତ ଭାବେ ଦର୍ଶାଯାଇଥିବା ବେଳେ ପାଖାପାଖି ଦେଢ଼ ବର୍ଷ ଜେଲ୍‌ରେ ରହିବା ପରେ ଗତକାଲି ୪୫ ଜଣଙ୍କୁ ପ୍ରମାଣ ଅଭାବରୁ ଖଲାସ କରିବା ସକାଶେ କୋଦଳାସ୍ଥିତ ସେସନ୍ସ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

ମିଳିଥିବା ସୂଚନାନୁସାରେ, ପାଖାପାଖି ୪ ବର୍ଷ ତଳେ ଅର୍ଥାତ୍ ଗତ ୨୦୨୨ ଅକ୍ଟୋବର ୨୬ ତାରିଖରେ ଗଞ୍ଜାମ ଜିଲ୍ଲାର କବିସୂର୍ଯ୍ୟନଗର ଅଞ୍ଚଳର ମଧୁରାଝୋଲି ଗ୍ରାମରେ ଡାହାଣୀ ସନ୍ଦେହରେ ଜନୈକା ମହିଳାଙ୍କୁ ହତ୍ୟା କରାଯାଇଥିଲା। ଏହି ହତ୍ୟାକାଣ୍ଡରେ ଉକ୍ତ ଗ୍ରାମର ମୋଟ ୪୯ ଜଣ ଜଡ଼ିତ ଥିବା ଉକ୍ତ ମହିଳାଙ୍କ ପୃଷ୍ଠା-୬



## ଅଭ୍ୟାସ ବେଳେ ଓଲଟିଲା ସେନା ଡଙ୍ଗା



ଯମୁନାନଗର,୨।୯: ହରିୟାଣା-ହିମାଚଳ ପ୍ରଦେଶ ସୀମାର ହଥନିକୁଣ୍ଡ ବ୍ୟାରେଜ ଅଞ୍ଚଳରେ ସେନା ଅଭ୍ୟାସ ସମୟରେ ଯମୁନା ନଦୀରେ ଡଙ୍ଗା ବୁଡ଼ି ଜଣେ ଯବାନ ନିଖୋଜ ହୋଇଛନ୍ତି। ମଙ୍ଗଳବାର ବନ୍ୟା ଉଦ୍ଧାର ଅଭ୍ୟାସ ସମୟରେ ସେନାର ମୋଟର ଡଙ୍ଗାଟି ପ୍ରଚଣ୍ଡ ସ୍ରୋତରେ ପଡ଼ି ନଦୀରେ ଓଲଟି ପଡ଼ିଥିଲା। ସେନା, ପୁଲିସ ଓ ଏସଡିଆରଏଫ ଦଳ ଘଟଣାସ୍ଥଳରେ ପହଞ୍ଚି ସନ୍ଧାନ ଅଭିଯାନ ଆରମ୍ଭ କରିଥିଲେ। ଅଭ୍ୟାସକାଳୀନ ଡଙ୍ଗାରେ ମୋଟ୍ ପାଞ୍ଚ ଜଣ ଯବାନ ଥିବା ବେଳେ ୪ ଜଣ ପାଣି ସୁଅରେ ପଡ଼ିଯାଇଥିଲେ। ସେମାନଙ୍କ ମଧ୍ୟରୁ ତିନି ଜଣ ଯବାନ ପହଁରି ସୁରକ୍ଷିତ ସ୍ଥାନକୁ ଚାଲିଯାଇଥିଲେ। ଯବାନମାନେ ଜୀବନ ବଞ୍ଚାଇବା ପାଇଁ ପ୍ରାୟ ୬୦୦ ମିଟର ପହଁରିଥିବା ଜଣାପଡ଼ିଛି।

## ସଡ଼କ ଦୁର୍ଘଟଣାରେ ୧୨ ମୃତ

ଭୋପାଳ,୨।୯: ମଧ୍ୟପ୍ରଦେଶ ରେୱା-ସିଧି ୩୯ ଜାତୀୟ ରାଜପଥରେ ସିଧିରୁ ଆସୁଥିବା ଏକ ଏକ୍ସପ୍ରେସ୍ ବସ୍ ଓ ରେୱାରୁ ଆସୁଥିବା ଏକ ଟ୍ରକ୍ ସହିତ ମୁହାଁମୁହିଁ ଧକ୍କା ହୋଇଛି। ଦୁର୍ଘଟଣାରେ ଅତି କମରେ ୧୨ ଜଣଙ୍କର ମୃତ୍ୟୁ ହୋଇଛି। ବସ୍‌ଟି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ପୁଲିସ ପ୍ରଶାସନ ଓ ଉଦ୍ଧାରକାରୀ ଦଳ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଛନ୍ତି। ଦୁର୍ଘଟଣାରେ ପ୍ରାୟ ୨୦ ଜଣ ଆହତ ହୋଇଛନ୍ତି। ସେମାନଙ୍କୁ ରେୱାସ୍ଥିତ ସଞ୍ଜୟ ଗାନ୍ଧୀ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।



# ନବୀନ-ପାଣ୍ଡିଆନଙ୍କୁ କ୍ଲିନ୍‌ଚିଟ୍ ଦେଲେ ଅଦାଲତ

ଭୁବନେଶ୍ୱର,୨।୯(ସଂଚାର ବ୍ୟୁରୋ): ହେଲିକପ୍ଟରର ଅପବ୍ୟବହାର ଦର୍ଶାଇ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ତତ୍କାଳୀନ ୫-ଟି ସଚିବ ଭିକେ ପାଣ୍ଡିଆନଙ୍କ ନାମରେ ହୋଇଥିବା ମାମଲାକୁ ଅଦାଲତ ଖାରଜ କରିଦେବା ସହ ଆବେଦନକାରୀ ଏ ସଂକ୍ରାନ୍ତୀୟ ଠିକଣା ତଥ୍ୟ ପ୍ରମାଣ ଦେଇପାରି ନ ଥିବା କହିଛନ୍ତି। ଏହି ମାମଲାରେ ନବୀନ-ପାଣ୍ଡିଆନଙ୍କୁ ଅଦାଲତ କ୍ଲିନଚିଟ୍ ମିଳିବା ପରେ ରାଜନୀତି ଜୋର ଧରିଛି।

ନବୀନ-ପାଣ୍ଡିଆନଙ୍କ ବିରୋଧରେ ହେଲିକପ୍ଟର ଅପବ୍ୟବହାର ଅଭିଯୋଗ ଆଣିବା ସହ ସୁଧୀର କୁମାର ମହାନ୍ତି ନାମକ ଜନୈକ ସୂଚନାଧିକାର କର୍ମୀ ପ୍ରଥମେ କ୍ୟାପିଟାଲ ଥାନାରେ ମାମଲା ରୁଜୁ କରିଥିଲେ। କ୍ୟାପିଟାଲ ଥାନା ଏଫଆଇଆର ଗ୍ରହଣ ନ କରିବାରୁ ଅଭିଯୋଗକାରୀ ବି ଭୁବନେଶ୍ୱର ଡିସିପିଙ୍କ ନିକଟରେ ଅଭିଯୋଗ କରିଥିଲେ। ଏହି ମାମଲାକୁ ପୂର୍ବରୁ ଭୁବନେଶ୍ୱର ଏସଡିଜେଏମ ପ୍ରମାଣ ଅଭାବରୁ ଖାରଜ କରିଥିଲେ। ପରେ ଅଭିଯୋଗକାରୀ



ଖୋର୍ଦ୍ଧା ଜିଲ୍ଲା ସେସନ୍ସ କୋର୍ଟରେ ରିଭିଜନ ପିଟିସନ ଦାଖଲ କରିଥିଲେ। ହେଲିକପ୍ଟରରେ ବୁଲି ନବୀନ-ପାଣ୍ଡିଆନ ରାଜ୍ୟ ରାଜକୋଷରୁ ୫୦୦ କୋଟି ଟଙ୍କା ବରବାଦ କରିଥିବା ସେ ଉକ୍ତ ପିଟିସନରେ ଉଲ୍ଲେଖ କରିଥିଲେ। ଏହି ମାମଲା ରୁଜୁ ହେବା ପରେ ଏହାକୁ ନେଇ ରାଜନୀତି ଜୋର ଧରିବା ସହ ବିଜେଡିକୁ କାଠଗଡ଼ାକୁ ଟଣାଗଲା ବୋଲି କୁହାଯାଇଥିଲା। ଏହାକୁ ନେଇ ଆରୋପ ପ୍ରତ୍ୟାରୋପ ବି ଜୋର୍ ଧରିଥିଲା। ଏପରିକି ଏହି ମାମଲାରେ ଉଭୟ ନବୀନ-ପାଣ୍ଡିଆନ ଦଣ୍ଡର ସମ୍ମୁଖୀନ ହେବେ ବୋଲି ଅନେକ କହିଥିଲେ।

- ତଥ୍ୟ ପ୍ରମାଣ ଦେଇପାରିନାହାନ୍ତି ଆବେଦନକାରୀ
- ଅଭିଯୋଗକାରୀ ଓ ସହଯୋଗୀ ଶକ୍ତିକୁ ନେଇ ଚର୍ଚ୍ଚା

ତେବେ ମାମଲାର ବିଚାର କରି ଖୋର୍ଦ୍ଧା ସେସନ୍ସ କୋର୍ଟ ତାଙ୍କ ରାୟ ଶୁଣାଇଛନ୍ତି। ସେସନ୍ସ କୋର୍ଟ ବିଚାରପତି ଜଷ୍ଟିସ ବିରଞ୍ଚି ନାରାୟଣ ମହାନ୍ତି ଆବେଦନକୁ ଖାରଜ କରି କହିଛନ୍ତି ଯେ ଆବେଦନକାରୀ ସୁଧୀର ମହାନ୍ତି ଅଭିଯୋଗ ସପକ୍ଷରେ ଠୋସ୍ ତଥ୍ୟ କିମ୍ବା ଦସ୍ତାବିଜ୍ ଦାଖଲ କରିପାରିନାହାନ୍ତି। ଅଭିଯୋଗଗୁଡିକ ଅସ୍ପଷ୍ଟ ଓ ସାଧାରଣ ଧରଣର ହୋଇଥିବା ବେଳେ ବିଏନ୍‌ଏସ୍‌ଏସ୍ ଧାରା ୧୭୩(୪)ର ଆବଶ୍ୟକ ପ୍ରକ୍ରିୟା ପାଳନ ହୋଇନାହିଁ। ସେହିଭଳି ଧାରା ୩୩ ଅନୁଯାୟୀ ଅଭିଯୋଗକାରୀଙ୍କ ଲୋକସ୍ ଷ୍ଟାଣ୍ଡିଂ ନ ଥିବା ମଧ୍ୟ ଅଦାଲତ ମତ ଦେବା ସହ ଏସ୍‌ଡିଜେଏମ୍‌ଙ୍କ ମାର୍ଚ୍ଚ ୨୫ ଆଦେଶରେ କୌଣସି ଆଇନଗତ ତ୍ରୁଟି ନ ଥିବା ସେସନ୍ସ ଜଜ୍ ବିରଞ୍ଚି ନାରାୟଣ ମହାନ୍ତି ଉଲ୍ଲେଖ କରିଛନ୍ତି।

ଅଦାଲତର ଏଭଳି ରାୟ ଆସିବାପରେ ଏବେ ମାମଲା ରୁଜୁ କରିଥିବା ବ୍ୟକ୍ତିଙ୍କ ମନୋଭାବ ଓ ତାଙ୍କୁ ସହଯୋଗ କରୁଥିବା ଅଦୃଶ୍ୟ ଶକ୍ତିକୁ ନେଇ ପ୍ରଶ୍ନ ଉଠିବା ସହ ଆଲୋଚନା ଆରମ୍ଭ ହୋଇଛି। କାରଣ ରାଜ୍ୟରେ ନୂଆ ସରକାର ଗଠନ ପରେ ପାଣ୍ଡିଆନଙ୍କ ସମସ୍ତ କାର୍ଯ୍ୟର ସମୀକ୍ଷା କରାଯିବ ଓ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସରକାରଙ୍କର ବିଭିନ୍ନ ମନ୍ତ୍ରୀ ଓ ମୁଖପାତ୍ରମାନେ ବାରମ୍ବାର କହିଆସୁଥିଲେ। ହେଲେ ଅନେକଙ୍କ ନଜର ଏହି ମାମଲା ଉପରେ ନିବଦ୍ଧ ରହିଥିଲା। ଏବେ ଅଦାଲତ ମାମଲାକୁ ଖାରଜ କରିଦେବା ପରେ ଏହା ଉପରେ ରାଜନୈତିକ ଦଳଗୁଡ଼ିକ କି ମତ ରଖୁଛନ୍ତି, ତାହା ଉପରେ ସମସ୍ତଙ୍କ ନଜର।

## ନିଟ୍ କୃତିତ୍ୱ ସୌମ୍ୟରଞ୍ଜନଙ୍କୁ ସହାୟତାର ହାତ ବଢ଼ାଇଲେ ଅତନୁ



ମହାକାଳପଡ଼ା, ୨।୯ (ସଂଚାର ବ୍ୟୁରୋ): ନିଟ୍ ପ୍ରବେଶିକା ପରୀକ୍ଷାରେ କୃତିତ୍ୱ ହାସଲ କରି ମହାକାଳପଡ଼ା ନିର୍ବାଚନମଣ୍ଡଳୀର ଗୌରବ ବଢ଼ାଇଥିବା ସୌମ୍ୟରଞ୍ଜନ ସାହୁଙ୍କ ମେଡିକାଲ କଲେଜରେ ନାମଲେଖା ପାଇଁ ଅର୍ଥାଭାବ ବାଧକ ସାଜିଥିଲା। ଏହି ଖବର ପାଇବା ପରେ ସୌମ୍ୟରଞ୍ଜନଙ୍କ ଉଚ୍ଚଶିକ୍ଷାର ସ୍ୱପ୍ନକୁ ସାକାର କରିବା ଲାଗି ଆର୍ଥିକ ସହାୟତାର ହାତ ବଢ଼ାଇଛନ୍ତି ମହାକାଳପଡ଼ାର ପୂର୍ବତନ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ।

ବିଜୟନଗର ପଞ୍ଚାୟତ ସାହାବାଜପୁର ଗ୍ରାମର କୈଳାସ ସାହୁଙ୍କ ସୁପୁତ୍ର ସୌମ୍ୟରଞ୍ଜନ ନିଟ୍ ପ୍ରବେଶିକା ପରୀକ୍ଷାରେ ସର୍ବଭାରତୀୟ ସ୍ତରରେ ୫୭୪ ସ୍ଥାନ ହାସଲ କରି ଡାକ୍ତରୀ ପାଠ ପଢ଼ିବାର ସୁଯୋଗ ପାଇଛନ୍ତି। ତେବେ ମେଡିକାଲ କଲେଜରେ ନାମଲେଖା ଓ ପରବର୍ତ୍ତୀ ଶିକ୍ଷା ଖର୍ଚ୍ଚ ତାଙ୍କ ପରିବାର ପାଇଁ ଚିନ୍ତାର କାରଣ ହୋଇଥିଲା। ସୌମ୍ୟରଞ୍ଜନଙ୍କ ଆର୍ଥିକ ସମସ୍ୟା ସମ୍ପର୍କରେ ଜାଣିବା ପରେ ପୂର୍ବତନ ବିଧାୟକ ଅତନୁ ସବ୍ୟସାଚୀ ନାୟକ ତାଙ୍କ ଉଚ୍ଚଶିକ୍ଷା ପାଇଁ ସହଯୋଗର ହାତ ବଢ଼ାଇଥିବା ଜଣାପଡ଼ିଛି।

**ନିଜ ଅର୍ଡରକୁ ଭୁଲିଗଲା ଜିଲ୍ଲା ପ୍ରଶାସନ**

# କରିତକର୍ମା କିରାଣୀଙ୍କୁ ଡେପୁଟେସନ ଢାଲ

କେନ୍ଦ୍ରାପଡ଼ା,୨।୯ (ସଂଚାର ବ୍ୟୁରୋ): ଜିଲ୍ଲାପାଳ ଅଫିସକୁ ଡେପୁଟେସନ ନିୟମ ନ ଥିବା ଏବଂ ୨୦୨୪ ରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଉ ତହସିଲ ଅଫିସରେ ଡେପୁଟେସନରେ ଆସି କାର୍ଯ୍ୟ କରୁଥିବା ସମସ୍ତ ରେଜିଷ୍ଟ୍ରେସନ୍ ଡିପାର୍ଟମେଣ୍ଟର କିରାଣୀ ମାନଙ୍କୁ ମୂଳ ଯାଗାକୁ ଫେରନ୍ତ କରିବା ସ୍ଥଳେ ବିନା ଆବଶ୍ୟକତାରେ ନିର୍ଦ୍ଦିଷ୍ଟ କିରାଣୀଙ୍କୁ ପୁନଃଶ୍ଚ ଡେପୁଟେସନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଆଣି ଜମି ଅଧିଗ୍ରହଣ ବିଭାଗରେ ଅବସ୍ଥାପିତ କରିବା ଚର୍ଚ୍ଚା ଜୋର୍ ଧରିଛି।

ସୂଚନା ମୁତାବକ କନିଷ୍ଠ କିରାଣୀ ବିବେକାନନ୍ଦ ନାୟକଙ୍କୁ କେନ୍ଦ୍ରାପଡ଼ା ଜିଲ୍ଲା ସବ୍ ରେଜିଷ୍ଟ୍ରାର ଅଫିସକୁ ବଦଳି କରି ଡେପୁଟେସନରେ ଡେରାବିଶ ସବ୍ ରେଜିଷ୍ଟ୍ରାର ଅଫିସରେ ନିଯୁକ୍ତ କରାଯାଇଥିଲା। ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ରବିନ୍ଦ୍ର କୁମାର ମଲ୍ଲିକ କରିଥିବା ଚିଠି ନଂ -୧୨୩୨,ତା୧୦ ଜୁନ୍ ୨୦୨୬ରେ ପଞ୍ଜାମୁଣ୍ଡାଇ ସବ୍ ରେଜିଷ୍ଟ୍ରାର ଅଫିସକୁ ବଦଳି କରି ଡେରାବିଶ ସବ୍ ରେଜିଷ୍ଟ୍ରାର ଅଫିସରେ ଡେପୁଟେସନ ଭାବେ କାର୍ଯ୍ୟ କରିବାକୁ କନିଷ୍ଠ କିରାଣୀଙ୍କୁ ଅର୍ଡର କରାଗଲା। କିନ୍ତୁ ଆଶ୍ଚର୍ଯ୍ୟର ବିଷୟ ଅତିରିକ୍ତ ଜିଲ୍ଲାପାଳ ନିଜେ କରିଥିବା ବଦଳି ଆଦେଶର ମାତ୍ର ୦୯ଦିନ ଭିତରେ ନିର୍ଦ୍ଦିଷ୍ଟ କର୍ମଚାରୀଙ୍କ କ୍ଷେତ୍ରରେ ପୁଣିଥରେ ଆଦେଶ ପରିବର୍ତ୍ତନ କରିଦେଇଥିବା ଦେଖିବାକୁ ମିଳିଛି। ବଦଳି ନାଁରେ ଚାଲିଥିବା ପ୍ରହସନକୁ ପଦାରେ ପକାଇଛି। ଖାଲି ସେତିକି ନୁହେଁ, କନିଷ୍ଠ କିରାଣୀଙ୍କୁ ତାଙ୍କ ଲବି ମୁତାବକ ନିଜ ମନପସନ୍ଦର ସ୍ଥାନରେ ନିଯୁକ୍ତି ଦିଆଯାଇଥିବା ଅଭିଯୋଗ ହେଉଛି।

ବ୍ୟବସ୍ଥାର ସୁପରିଚାଳନା କାରଣ ଦର୍ଶାଇ ଅତିରିକ୍ତ ଜିଲ୍ଲାପାଳ କରିଥିବା ବଦଳି ଅର୍ଡର ପୂର୍ବବାର ୯ ଦିନରେ ପୁଣି ଆଉ ଏକ ବଦଳି ଚିଠି ନଂ ୧୨୮୦,ଗତ ୧୯ ଜୁନ୍, ୨୦୨୬ରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଲ୍ୟାଣ୍ଡ ଆକୁଏସନ ସେକ୍ସନକୁ କରିଥିବା ବଦଳି ଚିଠି ସାଧାରଣ ମହଲରେ ଉଦଘେଟ ପ୍ରକାଶ ପାଇଛି। ନିର୍ଦ୍ଦିଷ୍ଟ କର୍ମଚାରୀଙ୍କୁ ବାରମ୍ବାର ଦୁଇ ଦୁଇଟି ଚିଠି କରି ବଦଳି କରିବା କି? ଡେରାବିଶ ସବ୍‌ରେଜିଷ୍ଟ୍ରାର ଅଫିସରୁ ଜିଲ୍ଲା ଅଫିସକୁ ଡେପୁଟେସନରେ ଆଣିବା ପ୍ରଶାସନିକ ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଖାଲି ଏତିକି ନୁହେଁ ପୂର୍ବରୁ ମଧ୍ୟ କନିଷ୍ଠ କିରାଣୀ ବିବେକାନନ୍ଦ ନାୟକ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଷ୍ଟେନୋ ଭାବେ କାର୍ଯ୍ୟ କରିଛନ୍ତି। ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ରହିଥିବା ବେଳେ ଅନେକ ଅଭିଯୋଗ ତାଙ୍କ ନାଁରେ ଆସିଥିଲା । ଏହାପରେ କନିଷ୍ଠ କିରାଣୀ ବିବେକାନନ୍ଦ ନାୟକଙ୍କୁ ତତ୍ କାଳୀନ ଜିଲ୍ଲାପାଳଙ୍କ ଚିଠି ନଂ -୧୩୧୮,ତା ୧୬ ନଭେମ୍ବର ୨୦୨୪ରେ କନିକା ତହସିଲକୁ ବାତିଲ୍ କରି ମୂଳ ଯାଗା କେନ୍ଦ୍ରାପଡ଼ା ଜିଲ୍ଲା ସବ୍ ରେଜିଷ୍ଟ୍ରାରକୁ ଫେରେଇ ଦିଆଯାଇଥିଲା। ପ୍ରଶ୍ନ ଉଠୁଛି ନିଜ ମନ ପସନ୍ଦର ପୁରୁଣା ଜିଲ୍ଲା ଅଫିସକୁ ଯିବା ପାଇଁ ଜୋରଦାର ଲବି କରାଯାଇଥିଲା କି? ୯ଦିନରେ କାହିଁକି ବଦଳିଗଲା ନିଜେ କରିଥିବା ଅତିରିକ୍ତ ଜିଲ୍ଲାପାଳଙ୍କ ଆଦେଶ? ଯେଉଁଠିକୁ ଚାହିଁଲେ ସେଇଠିକୁ ପୂର୍ବବାର ଗଲେ ଯାହା ନିଜର ଲବି ଚଳାଉଥିବା ଚର୍ଚ୍ଚା ହେଉଛି।

ଏହା ଭିତରେ ଗତ ଜୁନ୍ ୧୯ତାରିଖରେ ପୂର୍ବ ବଦଳି ଆଦେଶକୁ ପରିବର୍ତ୍ତନ କରାଯାଇ ଆଉ ଏକ ଆଦେଶ ବାହାର କରାଗଲା ଯାହାକି ବଦଳି କରାଯାଇଥିବା ସ୍ଥାନକୁ ପରିବର୍ତ୍ତନ କରିଦିଆଗଲା। ଏହା ପ୍ରତ୍ୟକ୍ଷ ଭାବେ କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଶାସନର ବଦଳି ବ୍ୟବସ୍ଥାର ସ୍ୱଚ୍ଛତା ଉପରେ ପ୍ରଶ୍ନଚିହ୍ନ ଆଙ୍କି ଦେଇଛି।

## ଭୋଟର ତାଲିକାରୁ ନାମ ବାଦ ଦେଉଥିବା ଅଭିଯୋଗ,ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ



ଆଳି,୨।୯(ସଂଚାର ବ୍ୟୁରୋ): ଆଳି ନିର୍ବାଚନ ମଣ୍ଡଳୀର ମେଣ୍ଟପୁର ପଞ୍ଚାୟତର ୭ଟି ବୁଥ ଅଧୀନରେ ଥିବା ୨୭୦୦ ଜଣ ଭୋଟରଙ୍କୁ ଭୋଟର ତାଲିକାରୁ ବାଦ ଦେବା ନିମନ୍ତେ ଶତାଧିକ ବ୍ୟକ୍ତି ଆବେଦନ କରିଛନ୍ତି। କିଛି ବ୍ୟକ୍ତି ଉଦ୍ଦେଶ୍ୟ ମୂଳକ ଭାବେ ଏଭଳି ଅଭିଯୋଗ କରିବା ପରେ ଭୋଟର ତାଲିକାରୁ ବାଦ ପଡ଼ିବାକୁ ଯାଉଥିବା ଭୋଟର ମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏହି ଘଟଣାକୁ ତୀବ୍ର ବିରୋଧ କରି ମେଣ୍ଟପୁର ପଂଚାୟତର ରସୁଲପୁର, କଳାପାହାଡ଼, ଗୋପ, ପଦନପୁର ଗାରେଡ଼ି ଗ୍ରାମର ଶତାଧିକ ଭୋଟର ମାନେ ଏକ ବିଶାଳ ଶୋଭାଯାତ୍ରାରେ ବାହାରି ଆଳି ବିଡ଼ିଓ, ଆଳି ତହସିଲଦାର ଓ ଆଳି ଥାନା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରି ଯେଉଁ ମାନେ ଏଭଳି କାର୍ଯ୍ୟ କରିଛନ୍ତି ସେମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଏ ନେଇ ଆଳି ବିଡ଼ିଓ ଅବିନାଶ ବିଶ୍ୱଜିତ ସେଠୀ କହିଛନ୍ତି ଯେ ଭୋଟର ତାଲିକାରୁ ସେମାନଙ୍କ ନାମ ବାଦ ଦେବା ନିମନ୍ତେ ଆବେଦନ ହୋଇଥିବାରୁ ସେମାନଙ୍କ ମନରେ ଭୟ ସଂଚାର ହୋଇଛି । ଏହି ଅଭିଯୋଗକୁ ପ୍ରଶାସନ ପକ୍ଷରୁ ଠିକ ଭାବେ ତର୍ଜମା କରାଯିବ।

# ବଡ଼କୁଳ ଉ.ପ୍ରା. ବିଦ୍ୟାଳୟରେ ନବଗଠିତ ଏସଏମସି ଅଚଳ

**ପ୍ରଧାନଶିକ୍ଷକଙ୍କ ଅସହଯୋଗ ଓ ମନମୁଖୀ କାର୍ଯ୍ୟ ନେଇ ଅଭିଯୋଗ**

**ବିଇଓଙ୍କ ହସ୍ତକ୍ଷେପ ଦାବି**



ମହାକାଳପଡ଼ା, ୨।୯ (ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ବଡ଼କୁଳ ଗ୍ରାମପଞ୍ଚାୟତସ୍ଥିତ ବଡ଼କୁଳ ବାଳିକା ସହ-ଶିକ୍ଷା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ନବଗଠିତ ବିଦ୍ୟାଳୟ ପରିଚାଳନା କମିଟି (ଏସଏମସି)କୁ ନେଇ ବିବାଦ ଦେଖାଦେଇଛି। ପ୍ରଧାନଶିକ୍ଷକଙ୍କ ଅସହଯୋଗ ଓ ମନମୁଖୀ କାର୍ଯ୍ୟକଳାପ ଯୋଗୁଁ ନବଗଠିତ ଏସଏମସି ସଠିକ ଭାବେ କାର୍ଯ୍ୟ କରିପାରୁନଥିବା ଅଭିଯୋଗ କରି କମିଟିର ସଭାପତି, ଉପ-ସଭାନେତ୍ରୀ ଓ ସଦସ୍ୟମାନେ ମହାକାଳପଡ଼ା ବ୍ଲକ ଶିକ୍ଷାଧିକାରୀ (ବିଇଓ)ଙ୍କ ଦ୍ୱାରସ୍ଥ ହୋଇଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ୨୦୨୬-୨୭ ଶିକ୍ଷାବର୍ଷ ପାଇଁ ଏସଏମସି ଗଠନ ନିମନ୍ତେ ପ୍ରଧାନଶିକ୍ଷକ ବିମଳେନ୍ଦୁ ଆଚାର୍ଯ୍ୟଙ୍କ ଆବାହନରେ ଗତ ଜୁଲାଇ ୧୫ ତାରିଖରେ ଅଭିଭାବକ-ଶିକ୍ଷକ ସଂଘ (ପିଟିଏ) ବୈଠକ ହୋଇଥିଲା। ଏହି ବୈଠକରେ ଅଭିଭାବକମାନଙ୍କ ମଧ୍ୟରୁ ୧୫ ଜଣ ସଦସ୍ୟ/ସଦସ୍ୟା ଚୟନ ହୋଇଥିଲେ। ପରେ ଜୁଲାଇ ୨୦ ତାରିଖରେ ଆହୂତ ବୈଠକରେ କୋରମ ପୂରଣ ପରେ ନିର୍ବାଚନ ପ୍ରକ୍ରିୟା ହୋଇଥିଲା। ଏଥିରେ ସୁଧୀର କୁମାର ରାଉତ ସଭାପତି ଏବଂ ସୁମିତ୍ରା ବେହେରା ଉପ-ସଭାନେତ୍ରୀ ଭାବେ ସର୍ବସମ୍ମତିକ୍ରମେ ନିର୍ବାଚିତ ହୋଇଛନ୍ତି।

ନିର୍ବାଚନ ପରେ ଏକ ମାସରୁ ଊର୍ଦ୍ଧ୍ୱ ସମୟ ବିତିଥିଲେ ମଧ୍ୟ ଏସଏମସି ସଠିକ୍ ଭାବେ କାର୍ଯ୍ୟକ୍ଷମ ହୋଇପାରୁନଥିବା କମିଟି ସଦସ୍ୟମାନେ ଅଭିଯୋଗ କରିଛନ୍ତି। ପ୍ରଧାନଶିକ୍ଷକଙ୍କ ଅସହଯୋଗ ଯୋଗୁଁ ବିଦ୍ୟାଳୟର ବିକାଶମୂଳକ କାର୍ଯ୍ୟ ଓ ପରିଚାଳନାରେ ଏସଏମସିର ଭୂମିକା ବାଧାପ୍ରାପ୍ତ ହେଉଥିବା ସେମାନେ କହିଛନ୍ତି। ଏହାକୁ ନେଇ ଅଭିଭାବକ ଓ କମିଟି ସଦସ୍ୟମାନଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିଥିବା ଜଣାପଡ଼ିଛି। ଘଟଣା ସମ୍ପର୍କରେ ବିଇଓ କୈଳାସ ଚନ୍ଦ୍ର ଦଳାଇଙ୍କୁ ପଚରାଯିବାରୁ ସେ କହିଛନ୍ତି, "ସମ୍ପୃକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କୁ ଆସନ୍ତାକାଲି କାର୍ଯ୍ୟାଳୟକୁ ଡକାଯାଇଛି। ସମ୍ପୂର୍ଣ୍ଣ ଆଲୋଚନା କରାଯାଇ ତଥ୍ୟ ଯାଞ୍ଚ ପରେ ଆବଶ୍ୟକ ପଦକ୍ଷେପ ନିଆଯିବ।"

ଅଭିଯୋଗରେ ନିରପେକ୍ଷ ତଦନ୍ତ କରି ଏସଏମସିକୁ ନିୟମାନୁସାରେ କାର୍ଯ୍ୟକ୍ଷମ କରିବା ସହ ଆବଶ୍ୟକ ପଦକ୍ଷେପ ନେବାକୁ କମିଟି ପକ୍ଷରୁ ବିଇଓଙ୍କ ନିକଟରେ ଦାବି କରାଯାଇଛି। ଏହି ଦାବିପତ୍ରର ନକଲ କେନ୍ଦ୍ରାପଡ଼ା ଜିଲ୍ଲାପାଳ, ଜିଲ୍ଲା ଶିକ୍ଷାଧିକାରୀ ଏବଂ ସ୍କୁଲ ଓ ଗଣଶିକ୍ଷା ବିଭାଗର କମିଶନର-ତଥା-ସଚିବଙ୍କୁ ମଧ୍ୟ ପ୍ରେରଣ କରାଯାଇଥିବା ଜଣାପଡ଼ିଛି।

## ବାବା ବୈକୁଣ୍ଠନାଥ ବ୍ରହ୍ମଚାରୀ ହାଇସ୍କୁଲରେ ବୃକ୍ଷରୋପଣ




କେନ୍ଦ୍ରାପଡ଼ା, ୨।୯ (ସଂଚାର ବ୍ୟୁରୋ): କପାଳେଶ୍ୱର ପଞ୍ଚାୟତର ବାବା ବୈକୁଣ୍ଠନାଥ ବ୍ରହ୍ମଚାରୀ ଉଚ୍ଚ ବିଦ୍ୟାଳୟ ଇକୋକ୍ଲବ ଆନୁକୂଲ୍ୟରେ ବୃକ୍ଷରୋପଣ ଓ ବୃକ୍ଷବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନଶିକ୍ଷକ କସ୍ତୁରୀ ଚରଣ ପ୍ରଧାନ, ଶିକ୍ଷକ ଉମ କୁମାର ସ୍ୱାଇଁ, ଅଭୟ କୁମାର ସାହୁ, ପ୍ରଭାକର ଆଚାର୍ଯ୍ୟ, ତାହିରା ଖାନମ, ତଫିକ ଖାଁ, ଇଷା ମହାନ୍ତି, ମାମା ସ୍ୱାଇଁ, ରମାକାନ୍ତ ସ୍ୱାଇଁ ଓ କୁଞ୍ଜଲତା ଦାସଙ୍କ ସମେତ ସମସ୍ତ କର୍ମଚାରୀ ଓ ଛାତ୍ରଛାତ୍ରୀମାନେ ଯୋଗଦେଇ ବିଦ୍ୟାଳୟ ପରିସରରେ ବିଭିନ୍ନ ବୃକ୍ଷର ଚାରା ରୋପଣ କରିଥିଲେ । ଏଥିସହିତ ଛାତ୍ରଛାତ୍ରୀମାନଙ୍କୁ ଗୋଟିଏ ଗୋଟିଏ ଚାରା ବନ କରାଯାଇ ସେମାନଙ୍କ ଘରେ ସେହି ଚାରାକୁ ରୋପଣ କରାଯିବାକୁ ପରାମର୍ଶ ଦିଆଯାଇଥିଲା ।

## ଆଇସିଏନ ବଡିବିଲ୍ଡିଂ ଶୋ'ରେ ସ୍ୱର୍ଣ୍ଣ ପଦକ ଜିତିଲେ ନାରାୟଣ କର



କେନ୍ଦ୍ରାପଡ଼ା,୨।୯ (ସଂଚାର ବ୍ୟୁରୋ): ନିଜର ଉଦମ୍ୟ ଇଚ୍ଛାଶକ୍ତି, ନିରନ୍ତର ପରିଶ୍ରମ ଏବଂ କଠୋର ଅଭ୍ୟାସର ବଳରେ ଆଇ ସି ଏନ ଭାରତ ପକ୍ଷରୁ ବଡିବିଲ୍ଡିଂ ଶୋରେ ସ୍ୱର୍ଣ୍ଣ ପଦକ ହାସଲ କରି ଓଡ଼ିଶା ଏବଂ କେନ୍ଦ୍ରାପଡ଼ା ପାଇଁ ଗୌରବ ଆଣିଛନ୍ତି ନାରାୟଣ କର। ପ୍ରତିଯୋଗିତା ପାଇଁ ଦୀର୍ଘ ସମୟ ଧରି କଠୋର ୱର୍କଆଉଟ୍, ନିୟନ୍ତ୍ରିତ ଡାଏଟ୍ ଓ ଶୃଙ୍ଖଳିତ ଜୀବନଯାପନ ଜାରି ରଖିଥିଲେ। ଶାରୀରିକ ପ୍ରସ୍ତୁତି ସହିତ ମାନସିକ ଦୃଢ଼ତାକୁ ମଧ୍ୟ ପ୍ରାଧାନ୍ୟ ଦେଇ ସେ ପ୍ରତିଯୋଗିତାରେ ନିଜର ଶ୍ରେଷ୍ଠ ପ୍ରଦର୍ଶନ କରିଥିଲେ। ଏହି ସଫଳତା ପଛରେ ତାଙ୍କର କୋଚ୍ ଜଗନ ସାହୁଙ୍କ ମାର୍ଗଦର୍ଶନ, ପିତା ପଦ୍ମଲୋଚନ କର ଏବଂ ମାତା ସତ୍ୟଭାମା କରଙ୍କ ସମର୍ଥନ ଏବଂ ସମସ୍ତ ଶୁଭେଚ୍ଛୁଙ୍କ ଭଲପାଇବା ରହିଛି ବୋଲି ସେ କହିଛନ୍ତି। ସ୍ୱର୍ଣ୍ଣ ପଦକ ଜିତିବା ପରେ ସେ କହିଛନ୍ତି, "ଏହି ପଦକ ମୋ ପାଇଁ କେବଳ ଏକ ବିଜୟ ନୁହେଁ; ଏହା ମୋର ତ୍ୟାଗ, ଶୃଙ୍ଖଳା ଓ ଅନେକ ଦିନର କଠିନ ପରିଶ୍ରମର ପରିଣାମ। ଆଗାମୀ ଦିନରେ ଆହୁରି ବଡ଼ ମଞ୍ଚରେ ଓଡ଼ିଶାର ନାମକୁ ଗୌରବାନ୍ୱିତ କରିବା ମୋର ଲକ୍ଷ୍ୟ। ତାଙ୍କର ଏହି ସଫଳତାକୁ ନେଇ ଶୁଭେଚ୍ଛୁମାନଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି।

## ପଞ୍ଚାୟତ ସମିତିର ଅଷ୍ଟମ ସାଧାରଣ ଅଧିବେଶନ




ମହାକାଳପଡ଼ା,୨।୯ (ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ପଞ୍ଚାୟତ ସମିତିର ଅଷ୍ଟମ ସାଧାରଣ ଅଧିବେଶନ ପଞ୍ଚାୟତ ସମିତି ସଭାଗୃହ ରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବୈଠକ ଆରମ୍ଭରୁ ପ୍ରଥମେ ୨୦ ନମ୍ବର ଜୋନ ଜିଲ୍ଲା ପରିଷଦ ସଦସ୍ୟ ସୁବୋଧ ଲେଙ୍କାଙ୍କ ଅକାଳ ମୃତ୍ୟୁ ଘଟିଥିବାରୁ ତାଙ୍କ ଆତ୍ମାର ସଦଗତି କାମନା କରି ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ପରେ ବୈଠକର କାର୍ଯ୍ୟ ଆରମ୍ଭ ହୋଇଥିଲା। ଏହି ବୈଠକରେ ବ୍ଲକ ଅଧ୍ୟକ୍ଷା ମିରାରାଣୀ ମହାନ୍ତି, ଭରାପ୍ରାପ୍ତ ବିଡିଓ ରବିନାରାୟଣ ଆଚାର୍ଯ୍ୟ, ଉପାଧ୍ୟକ୍ଷ ବିଜୟ କୁମାର ଶୁକ୍ଳା, ବିଧାୟକଙ୍କ ପ୍ରତିନିଧି ସରୋଜ ସାହୁ, ସାଂସଦଙ୍କ ପ୍ରତିନିଧି ଜୀବନ ସାହୁଙ୍କ ସମେତ ସମସ୍ତ ସମିତି ସଭ୍ୟ/ସଭ୍ୟା, ସରପଞ୍ଚ ଏବଂ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ବୈଠକରେ ବ୍ଲକର ସ୍ୱାସ୍ଥ୍ୟ, ପାନୀୟଜଳ, ଶିକ୍ଷା ବିଭାଗ ସମେତ ସମସ୍ତ ବିଭାଗର ସମସ୍ୟା ନେଇ ବିସ୍ତୃତ ଆଲୋଚନା ହୋଇଥିଲା। ଭରାପ୍ରାପ୍ତ ବିଡିଓ ଶ୍ରୀ ଆଚାର୍ଯ୍ୟ ସମସ୍ତ ସମସ୍ୟାକୁ ତୁରନ୍ତ ସମାଧାନ ପାଇଁ ସମ୍ପୃକ୍ତ ବିଭାଗର ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବ୍ଲକ ଅଧ୍ୟକ୍ଷା ଲୋକଙ୍କ ସମସ୍ୟାକୁ ପ୍ରାଥମିକତା ଦେଇ ସରକାରୀ ଯୋଜନାଗୁଡ଼ିକୁ ତ୍ୱରାନ୍ୱିତ କରାଯିବ ବୋଲି ମତବ୍ୟକ୍ତ କରିଥିଲେ।

## କେନାଲ ବନ୍ଧରେ ସୁରକ୍ଷା ପ୍ରାଚୀର ପାଇଁ ଦାବି



ନିଶ୍ଚିନ୍ତକୋଇଲି, ୨।୯ (ସଂଚାର ବ୍ୟୁରୋ): କେନ୍ଦୁପାଟଣା ଜଳସମ୍ପଦ ବିଭାଗ ଅଧିନ କେନ୍ଦ୍ରାପଡ଼ା କେନାଲରୁ ବାହାରିଥିବା ୮ନଂ କେନାଲ ମୁହଁର କେନାଲ ବନ୍ଧରେ ସୁରକ୍ଷା ପ୍ରାଚୀର ନଥିବାରୁ ଲୋକମାନେ ବିପଦସଂକୁଳ ଅବସ୍ଥାରେ ଯାତାୟତ କରୁଛନ୍ତି। ଟିକିଏ ଅସାବଧାନତାରୁ ଯଦି କେହି କେନାଲ ବନ୍ଧରୁ ଖସିପଡ଼େ ତାହେଲେ ତାହାର ଅବସ୍ଥା କଣ ହେବ ତାହା କହି ହେଉ ନାହିଁ। ସେହି ସ୍ଥାନରେ କେନ୍ଦୁପାଟଣା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ଅବସ୍ଥିତ ଓ ପାଖରେ କେନ୍ଦୁପାଟଣା ସରକାରୀ ଉଚ୍ଚ ବିଦ୍ୟାଳୟ ଅବସ୍ଥିତ ଏହି ପୋଲ ଉପର ଦେଇ ପଞ୍ଚାୟତ କାର୍ଯ୍ୟାଳୟକୁ ବିଭିନ୍ନ କାର୍ଯ୍ୟ ପାଇଁ ଯୁବଗୋଷ୍ଠୀ ଠାରୁ ଆରମ୍ଭ କରି ବୃଦ୍ଧ ବୃଦ୍ଧାମାନେ ଯାତାୟତ କରିଥାନ୍ତି। ସେହିପରି ଉଚ୍ଚବିଦ୍ୟାଳୟକୁ ମଧ୍ୟ ଛାତ୍ରଛାତ୍ରୀମାନେ ଏହି କେନାଲ ବନ୍ଧ ଦେଇ ଯାଆସ କରନ୍ତି। କେନାଲ ମୁହଁ ଅତ୍ୟନ୍ତ ଗଭୀର ଓ ଜଳସ୍ରୋତ ମଧ୍ୟ ପ୍ରଖର। କେନ୍ଦ୍ରାପଡ଼ା କେନାଲରୁ ବାହାରଥିବା ବନ୍ଧରେ ପୂର୍ବରୁ ଏକପାର୍ଶ୍ୱରେ ସୁରକ୍ଷା ପ୍ରାଚୀର ନିର୍ମାଣ କରାଯାଇଥିଲା। ତାହା ଏବେ ଭାଙ୍ଗିରୁଜି ଯାଇଛି। ସାଧାରଣ ଜନତାଙ୍କ ସ୍ୱାର୍ଥ ଦୃଷ୍ଟିରୁ କେନ୍ଦୁପାଟଣା ଜଳସମ୍ପଦ ବିଭାଗ ପକ୍ଷରୁ ଏହି କେନାଲ ଉପରେ ସୁରକ୍ଷା ପ୍ରାଚୀର ନିର୍ମାଣ କରିବା ପାଇଁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।

# କରିଲୋପାଟଣା ପଞ୍ଚାୟତରେ ଉନ୍ନୟନ କାର୍ଯ୍ୟ ଜାରି

**ବିଧାୟକ ଓ ରାଜ୍ୟ ସରକାରଙ୍କୁ ପ୍ରଶଂସା**



ମାର୍ଶାଘାଇ,୨।୯ (ସଂଚାର ବ୍ୟୁରୋ): ପଂଚାୟତ ରେ ବିକାଶ ମୂଳକ କାର୍ଯ୍ୟ ଜାରି ରହିଛି। ଗତ ଦୁଇ ବର୍ଷ ମଧ୍ୟରେ ପଞ୍ଚାୟତ ର ବିଭିନ୍ନ ଗ୍ରାମରେ କୋଟି କୋଟି ଟଙ୍କା ଅନୁଦାନ ରାଶି ଆସିବା ଯୋଗୁ ବିକାଶ କାର୍ଯ୍ୟରେ ଅଧିକ ଅଗ୍ରଗତି ହେଉଥିବା ଦୃଢୋକ୍ତି ପ୍ରକାଶ କରାଯାଇଛି । ମାର୍ଶାଘାଇ ବ୍ଲକ ଅନ୍ତର୍ଗତ କରିଲୋପାଟଣା ଗ୍ରାମ ପଞ୍ଚାୟତର ବିଭିନ୍ନ ଗ୍ରାମରେ ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ରଙ୍କ ବିଧାୟକ ପାଣ୍ଠିରେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ଜାରି ରହିଛି ଓ ଆଗକୁ ଏହା ଆହୁରି ତ୍ୱରାନ୍ୱିତ ହେବ ବୋଲି ବିଧାୟକଙ୍କ ସମର୍ଥକ ମାନେ ପ୍ରକାଶ କରିଛନ୍ତି।

ଆଜି ଅପରାହ୍ନ ରେ କରିଲୋପାଟଣା ବ୍ରିଜ ଛକ ଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀ କରି ପୂର୍ବତନ ସମିତି ସଭ୍ୟ ତଥା ବର୍ତ୍ତମାନ ସରପଞ୍ଚଙ୍କ ପ୍ରତିନିଧି ଅନ୍ନଦା ପ୍ରସାଦ ତ୍ରିପାଠୀ ଉପସ୍ଥିତ ରହି ପଞ୍ଚାୟତର ଗୋପେଇ, ପଣସୁଆପଡା,ହନୁପଡା, କରିଲୋପାଟଣା, ନାରାୟଣପୁର ତଳଗାଁ ଆଦି ଗ୍ରାମକୁ ରାସ୍ତା, ପାନୀୟଜଳ, ପାଠାଗାର, ମନ୍ଦିର, କମ୍ୟୁନିଟି ସେଣ୍ଟର ବିଜିବିଓ ଯୋଜନାରେ ପ୍ରଚୁର ଅନୁଦାନ ଆସିଛି । ଆରଡି ରାସ୍ତା ପାଇଁ ଦୁଇ କୋଟି ଟଙ୍କା ଆସିଛି। ପଞ୍ଚାୟତ ଗମନାଗମନ କ୍ଷେତ୍ର ରେ ଏହା ଅତ୍ୟନ୍ତ ସହାୟକ ହେବ ବୋଲି କହିଛନ୍ତି।ପଞ୍ଚାୟତର ଉନ୍ନତି ପାଇଁ ବିଧାୟକ ସବୁ ପ୍ରକାର ସହାୟତା ଯୋଗାଇଦେଉଛନ୍ତି ବୋଲି ସେ କହିଛନ୍ତି।

ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସରପଞ୍ଚ ଶ୍ୟାମ ସୁନ୍ଦର ମିଶ୍ର । ରଙ୍ଗାଧର ଦଳାଇ, ଦୀପକ ରାଉତରାୟ, ଭଞ୍ଜକିଶୋର ସ୍ୱାଇଁ,ତ୍ରିଲୋଚନ ଷଡ଼ଙ୍ଗୀ, ବୀରକିଶୋର ମଲ୍ଲିକ, ପ୍ରବୀର ରାଉତରାୟ,ରାମ ଚନ୍ଦ୍ର ବିଶ୍ୱାଳ, ନିର୍ମଳ ମିଶ୍ର କୁଞ୍ଜବିହାରୀ ବାରିକ ପ୍ରମୁଖ ଉପସ୍ଥିତ ଥିଲେ ।

# ନାଲକୋରେ ଚାକିରି ଦେବା ନାଁରେ ଠକେଇ, ଅଭିଯୁକ୍ତ ଗିରଫ




କୋରାପୁଟ,୨।୯ (ସଂଚାର ବ୍ୟୁରୋ): ଚାକିରିର ସ୍ୱପ୍ନ ଦେଖାଇ ଯୁବକଙ୍କଠାରୁ ଟଙ୍କା ଆଦାୟ। ନାଲକୋରେ ଚାକିରି କରାଇଦେବାର ମିଛ ପ୍ରତିଶ୍ରୁତି ଦେଇ ଏକାଧିକ ଯୁବକଙ୍କୁ ଠକେଇ କରିଥିବା ଅଭିଯୋଗରେ କୋରାପୁଟ ଟାଉନ୍ ପୁଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି।

ପୁଲିସ ସୂଚନା ଅନୁସାରେ, ଦସମନ୍ତପୁର ଥାନା ଅନ୍ତର୍ଗତ କୋଟ୍ରାମ୍ବୋ ଗ୍ରାମର ସୁବାସ ମୁଦୁଲି ନିଜକୁ ନାଲକୋ, ଦାମନଯୋଡ଼ିର କର୍ମଚାରୀ ବୋଲି ପରିଚୟ ଦେଇଥିଲେ। ନାଲକୋରେ ଚାକିରି ଦେବାର ପ୍ରଲୋଭନ ଦେଖାଇ ବିଭିନ୍ନ ଯୁବକଙ୍କଠାରୁ ଟଙ୍କା ନେଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ଅନୁସାରେ, ସୁନ୍ଦୁରୁ ସିରିକାଙ୍କଠାରୁ ୧୪ ହଜାର, ଲାଣ୍ଡୁ ସିରିକାଙ୍କଠାରୁ ୮ ହଜାର, ଜଗନ୍ନାଥ ସାନ୍ତାଙ୍କଠାରୁ ୧୦ ହଜାର, ଉଦୟ ସାନ୍ତାଙ୍କଠାରୁ ୫ ହଜାର, ରାଜେନ୍ଦ୍ର ମହାନନ୍ଦିଆଙ୍କଠାରୁ ୩ ହଜାର ଏବଂ ପିତର ସାନ୍ତାଙ୍କଠାରୁ ୬୬ ହଜାର ଟଙ୍କା ନେଇଥିବା ପୁଲିସ ରିପୋର୍ଟରେ ଉଲ୍ଲେଖ ରହିଛି। ଟଙ୍କା ନେବା ପରେ ଚାକିରି ମିଳିନଥିବା ବେଳେ ଅଭିଯୁକ୍ତ ଜଣକ ଫୋନ୍ କଲ୍‌ର ମଧ୍ୟ ଉତ୍ତର ଦେଉନଥିବା ଅଭିଯୋଗକାରୀ କହିଛନ୍ତି। ସୁବାସ ମୁଦୁଲି ୨୦୨୧ ମସିହାରେ ବିକାଶ ବିଦ୍ୟାଳୟରେ ସିକ୍ୟୁରିଟି ଗାର୍ଡ ଭାବେ କାମ କରୁଥିଲେ। ପରେ ନାଲକୋ, ଦାମନଯୋଡ଼ି ଏବଂ ଟିକିରି ପ୍ଲାଣ୍ଟରେ ଚାକିରି କରାଇଦେବାର ପ୍ରତିଶ୍ରୁତି ଦେଇ ଯୁବକମାନଙ୍କୁ ଟଙ୍କା ନେଉଥିବା ପୁଲିସ ତଦନ୍ତରୁ ଜଣାପଡ଼ିଛି। ଏଭଳି ଭାବେ ୬୦ରୁ ଅଧିକ ଲୋକଙ୍କୁ ଠକେଇ କରି ୧୦ ଲକ୍ଷରୁ ଅଧିକ ଟଙ୍କା ଆଦାୟ କରାଯାଇଥିବା ତଦନ୍ତରୁ ଜଣାପଡ଼ିଛି। ଏହି ମାମଲାରେ କୋରାପୁଟ ଟାଉନ୍ ଥାନାରେ କେସ୍ ନମ୍ବର ୨୪୭, ତାରିଖ ୦୨.୦୯.୨୦୨୬ରେ ମାମଲା ରୁଜୁ ହୋଇଛି। ମାମଲାର ତଦନ୍ତକାରୀ ଅଧିକାରୀ ଏସ୍‌ଆଇ ନିରୋଦ କୁମାର ବାଘଙ୍କ ତଦନ୍ତରେ ଅଭିଯୁକ୍ତ ସୁବାସ ମୁଦୁଲିଙ୍କୁ ଗିରଫ କରାଯାଇ ବୁଧବାର କୋର୍ଟ ଚାଲାଣ କରାଯାଇଛି। ପୁଲିସ ତାଙ୍କଠାରୁ ଏକ ମୋବାଇଲ୍ ଫୋନ୍ ଓ ଏଟିଏମ୍ କାର୍ଡ ଜବତ କରିଛି।

## ପାରାଦୀପରେ ଖାଦ୍ୟ ସୁରକ୍ଷା ବିଭାଗର ଚଢ଼ାଉ



ପାରାଦ୍ୱୀପ, ୨।୯ (ସଂଚାର ବ୍ୟୁରୋ): ପାରାଦୀପ ସହରର ବିଭିନ୍ନ ହୋଟେଲ ଓ ଖାଦ୍ୟ ପ୍ରତିଷ୍ଠାନରେ ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଛି। ଜଗତସିଂହପୁର ଜିଲ୍ଲା ଖାଦ୍ୟ ସୁରକ୍ଷା ଅଧିକାରୀଣୀ ଙ୍କ ନେତୃତ୍ୱରେ ହୋଇଥିବା ଏହି ଯାଞ୍ଚରେ ମୁନିସିପାଲିଟିର କର୍ମଚାରୀଙ୍କ ସହ ପାରାଦୀପ ଆଦର୍ଶ ଥାନା ପୋଲିସ ମଧ୍ୟ ସାମିଲ ଥିଲେ। ସହରର ପ୍ରାୟ ୭ରୁ ୮ଟି ହୋଟେଲ ଓ ଖାଦ୍ୟ ପ୍ରତିଷ୍ଠାନକୁ ଯାଞ୍ଚ କରାଯାଇଥିବା ଜଣାପଡ଼ିଛି। ଯାଞ୍ଚ ସମୟରେ ପାରାଦୀପର ଗଙ୍ଗୁରାମ ସୁଇଟ୍ସରୁ ବିପୁଳ ପରିମାଣର ନଷ୍ଟ ମିଠା ଏବଂ ମିଠା ପ୍ରସ୍ତୁତିରେ ବ୍ୟବହୃତ କେତେକ ଖାଦ୍ୟ ସାମଗ୍ରୀ ମିଳିଥିବା ସୂଚନା ରହିଛି। ବିଭାଗ ପକ୍ଷରୁ ଉକ୍ତ ଖାଦ୍ୟ ସାମଗ୍ରୀକୁ ଜବତ କରାଯିବା ସହ ନଷ୍ଟ କରାଯାଇଛି।

ସେହିପରି ଅନ୍ୟାନ୍ୟ ହୋଟେଲ ଓ ଖାଦ୍ୟ ପ୍ରତିଷ୍ଠାନରେ ମଧ୍ୟ ଖାଦ୍ୟର ମାନ, ପରିଷ୍କାର-ପରିଚ୍ଛନ୍ନତା ଏବଂ ଖାଦ୍ୟ ସୁରକ୍ଷା ନିୟମ ପାଳନ ସମ୍ପର୍କରେ ତଦାରଖ କରାଯାଇଥିଲା। ଅନିୟମିତତା ଦେଖାଦେଇଥିବା କେତେକ ପ୍ରତିଷ୍ଠାନ ଉପରେ ଜରିମାନା ମଧ୍ୟ ଲାଗୁ କରାଯାଇଥିବା ଜଣାପଡ଼ିଛି। ସାଧାରଣ ଲୋକଙ୍କୁ ସୁରକ୍ଷିତ ଓ ଗୁଣାତ୍ମକ ଖାଦ୍ୟ ଯୋଗାଇଦେବା ଉଦ୍ଦେଶ୍ୟରେ ଏଭଳି ଯାଞ୍ଚ ଆଗାମୀ ଦିନରେ ମଧ୍ୟ ଜାରି ରହିବ ବୋଲି ସୂଚନା ମିଳିଛି।

# ବିକଶିତ ଭାରତରେ ସାମ୍ବାଦିକ ବିକଶିତ ହୋଇନି

**ପେନସନ ଓ ସୁରକ୍ଷା ଆଇନ ଦାବିରେ ଉତ୍କଳ ସାମ୍ବାଦିକ ସଙ୍ଘ**

**ସମ୍ବର୍ଦ୍ଧିତ ହେଲେ ଅସ୍ତରଙ୍ଗ ମିଡ଼ିଆ ଫୋରମ୍ ସଭାପତି ବିଜୟ**



କାକଟପୁର/ଅସ୍ତରଙ୍ଗ,୨।୯ (ସଂଚାର ବ୍ୟୁରୋ): ବିକଶିତ ଭାରତ ସ୍ୱପ୍ନ ଦେଖାଉଛି ସରକାର, ହେଲେ ସେ ସ୍ୱପ୍ନକୁ ଗାଁ ଗାଁରେ ପହଞ୍ଚାଉଥିବା ସାମ୍ବାଦିକ ଆଜି ବି ବିକଶିତ ହୋଇନାହାଁ। ବୁଧବାର ଖୁଣ୍ଟିଆ କନଭେନସନ ହଲ୍ ରେ ଏହି ଗର୍ଜନରେ ଫାଟି ପଡିଲା।

ପୁରୀ ଜିଲ୍ଲା କାକଟପୁର ପ୍ରେସ କ୍ଲବ ଦ୍ୱିତୀୟ ବାର୍ଷିକ ଉତ୍ସବ ଓ ପେଷାଦାର ସାମ୍ବାଦିକ ସଙ୍ଘ କାର୍ଯ୍ୟକାରିଣୀ ବୈଠକରେ ମୁଖ୍ୟ ଅତିଥି ଜଗତସିଂହପୁର ସାଂସଦ ବିଭୁ ପ୍ରସାଦ ତରାଇ, ମୁଖ୍ୟ ବକ୍ତା କାକଟପୁର ବିଧାୟକ ତୁଷାରକାନ୍ତି ବେହେରା, ସମ୍ମାନିତ ଅତିଥି ଉତ୍କଳ ସାମ୍ବାଦିକ ସଙ୍ଘ ସଭାପତି ବିଭୁତିଭୂଷଣ କର ଯୋଗଦେଇଥିଲେ। ଅନ୍ୟତମ ଅତିଥି ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ ସେଠୀ, ସମ୍ପାଦକ ଆଦିତ୍ୟ ରାଉତ, ସଭାପତି କମଳଲୋଚନ ଦୀକ୍ଷିତ, ବ୍ଲକ ଅଧ୍ୟକ୍ଷ ଶ୍ରୀଧର ନାୟକ, ଜିଲ୍ଲା ସଭାପତି ପୂର୍ଣ୍ଣଚନ୍ଦ୍ର ନାୟକ,ପ୍ରାତଃରେ ଜିଲ୍ଲାପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ ନାୟକ, ସାଂସଦ ପ୍ରତିନିଧି ସୁଦର୍ଶନ ସ୍ୱାଇଁ, ବନାଞ୍ଚଳ ଅଧିକାରିଣୀ ପ୍ରମୁଖ ଉପସ୍ଥିତ ଥିଲେ।

ଉତ୍କଳ ସାମ୍ବାଦିକ ସଙ୍ଘ ରାଜ୍ୟ ସଭାପତି ବିଭୁତି ଭୂଷଣ କର ନିଜ ବକ୍ତବ୍ୟ ରେ କହିଥିଲେ ସୁଭଦ୍ରାରେ ମା-ଭଉଣୀ ଖୁସି, ହେଲେ ସାମ୍ବାଦିକ ନୁହେଁ। ୫ଟି ରାଜ୍ୟ ପେନସନ ଦେଲା, ଓଡିଶା ଦେଲାନି। ମାଡ ହେଲେ ଥାନା ଶୁଣୁନି, ସୁରକ୍ଷା ଆଇନ ଲୋଡା ନିହାତି ଆବଶ୍ୟକ। ମୁଖ୍ୟ ବକ୍ତା କାକଟପୁର ବିଧାୟକ ତୁଷାରକାନ୍ତି ବେହେରା କହିଛନ୍ତି ମିଡିଆ ପ୍ରଥମ ସ୍ତମ୍ଭ। ସାମ୍ବାଦିକ ବିନା ବିକଶିତ ଭାରତ ଅଧା। ବିଧାନସଭାରେ ଲଢ଼ିବି।ମୁଖ୍ୟ ଅତିଥି ଜଗତସିଂହପୁର ସାଂସଦ ବିଭୁ ପ୍ରସାଦ ତରାଇ ନିଜ ବକ୍ତବ୍ୟ ରେ କହିଥିଲେ ସାମ୍ବାଦିକ ସାହସୀ ଯୋଦ୍ଧା, ଦାବି ଯଥାର୍ଥ। ସଂସଦରେ ଉଠାଇବି।

ଆଉ ଦୀର୍ଘ ବର୍ଷ ହେବ କାକଟପୁର, ଅସ୍ତରଙ୍ଗ ପ୍ରତିଟି ଖବର କୁ ସରକାର ନିକଟରେ ପହଂଚାଉଥିବା ବ୍ୟକ୍ତି ହେଲେ ଅସ୍ତରଙ୍ଗ ମିଡିଆ ଫୋରମ ସଭାପତି ବିଜୟ ବେହେରା। ସମୁଦ୍ର ଗ୍ରାସରେ ଡାଲୁଅକଣି, ଅଣକଣା ଲୁପ୍ତ, କେଳୁଣୀ ମୁହାଁଣ ବନ୍ଦ ଓ ମତ୍ସ୍ୟଜୀବୀଙ୍କ କାନ୍ଦକୁ ସରକାରଙ୍କ ପାଖରେ ପହଞ୍ଚାଇଥିବାରୁ ତାଙ୍କୁ ଠିଆ ହୋଇ କରତାଳି ଦେଇ ସମ୍ମାନିତ କରାଗଲା। ଏହା ସହ ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବ୍ୟକ୍ତି ବିଶେଷ ଙ୍କୁ ଅତିଥି ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମକୁ ସଫଳ କରିବାକୁ କାକଟପୁର ପ୍ରେସ କ୍ଲବ ସଦସ୍ୟ ସହଯୋଗ କରିଥିଲେ। ସ୍ଥାନୀୟ ଅଞ୍ଚଳ ବୁଦ୍ଧିଜୀବୀ, ସମାଜସେବୀ, ଶିକ୍ଷାବିତି ପ୍ରମୁଖ ଉପସ୍ଥିତ ଥିଲେ।

## ସମାଜସେବୀ କୁଞ୍ଜବିହାରୀ ପୃଷ୍ଟିଙ୍କୁ ଶ୍ରଦ୍ଧାଞ୍ଜଳି




କେନ୍ଦ୍ରାପଡ଼ା,୨।୯(ସଂଚାର ବ୍ୟୁରୋ): ଜିଲ୍ଲା ପ୍ରତିଭା ପୂଜା ସଂସଦ ଆନୁକୂଲ୍ୟରେ ସମାଜସେବୀ ତଥା ପୂର୍ବତନ ପୌରଉପାଧ୍ୟକ୍ଷ ସ୍ୱର୍ଗତ କୁଞ୍ଜବିହାରୀ ପୃଷ୍ଟିଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି । ଏହି ଉପଲକ୍ଷେ ଖିଡିଅଙ୍ଗସ୍ଥିତ ସିପିଆଇ(ଏମ) କାର୍ଯ୍ୟାଳୟ ସଭାଗୃହରେ ସଂସଦର ସଭାପତି ପ୍ରଦୀପ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମହମ୍ମଦ ଆକବର ଅଲ୍ଲୀ, ଧିରେନ କୁମାର ସାହୁ, ଶରତ କୁମାର ବେହୁରା, ସମ୍ପାଦକ ସୁଶିଳ ସାମଲ, ଗୋଲଖ ଚନ୍ଦ୍ର ପଢିଆରୀ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ପୃଷ୍ଟିଙ୍କ ତ୍ୟାଗପୂତ ଜୀବନୀକୁ ବିସ୍ତୃତ ଭାବେ ବର୍ଣ୍ଣନା କରି ସ୍ମୃତିଚାରଣ କରିବା ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଶ୍ରୀବଳଦେବଜୀଉ ଦେବୋର ଟ୍ରଷ୍ଟର ସଭ୍ୟଥିବା ବେଳେ ସ୍ୱର୍ଗତ ପୃଷ୍ଟି ତୁଳସୀ ବସ ବାହାର କରିବାକୁ ନିଜ ଜମି ବନ୍ଧା ଦେଇଥିବା ବେଳେ ସାଗରିକା ସମବାୟ ସମିତିର ନିର୍ଦ୍ଦେଶକ ଓ ଅରବିନ୍ଦ ଇଗ୍ରୋଲ ଏଜୁକେସନ ସ୍କୁଲର ପ୍ରତିଷ୍ଠାତା ଭାବେ ବହୁ ସମାଜସେବା ମୂଳକ କାର୍ଯ୍ୟ କରିଥିଲେ ବୋଲି ବକ୍ତାମାନେ କହିଥିଲେ ।

## ସମାଜସେବୀ ରାକେଶ ପଟ୍ଟନାୟକ ମାନବାଧିକାର ରକ୍ଷକ ସଂଗଠନର ଜିଲ୍ଲା ସଭାପତି



ପାରାଦୀପ,୨।୯ (ସଂଚାର ବ୍ୟୁରୋ): ପାରାଦୀପର ଜଣାଶୁଣା ସମାଜସେବୀ ରାକେଶ ପଟ୍ଟନାୟକଙ୍କୁ ଏକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ମିଳିଛି। ଆନ୍ତର୍ଜାତୀୟ ମାନବାଧିକାର ରକ୍ଷକ ସଂଗଠନ ପକ୍ଷରୁ ତାଙ୍କୁ ଜଗତସିଂହପୁର ଜିଲ୍ଲା ସଭାପତି ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି। ଜାତି, ଧର୍ମ ଓ ବର୍ଣ୍ଣ ନିର୍ବିଶେଷରେ ସମସ୍ତଙ୍କୁ ନ୍ୟାୟ ଏବଂ ସହାୟତା ପ୍ରଦାନ କରିବା ଦିଗରେ ଏହି ସଂଗଠନ କାର୍ଯ୍ୟ କରିଆସୁଛି। ବିଶେଷକରି ସମାଜର ଅବହେଳିତ, ଅସହାୟ ଓ ନିଷ୍ପେଷିତ ବର୍ଗଙ୍କ ପାଇଁ ସଂଗଠନ ବିଭିନ୍ନ ସମୟରେ ପଦକ୍ଷେପ ନେଇଥାଏ।

ସାମାଜିକ କ୍ଷେତ୍ରରେ ରାକେଶ ପଟ୍ଟନାୟକଙ୍କ ଦୀର୍ଘଦିନର ଅଭିଜ୍ଞତା, ଦକ୍ଷତା ଏବଂ ସୁଦୃଢ଼ ଲୋକସମ୍ପର୍କକୁ ଦୃଷ୍ଟିରେ ରଖି ତାଙ୍କୁ ଏହି ଗୁରୁଦାୟିତ୍ୱ ପ୍ରଦାନ କରାଯାଇଥିବା ଜଣାପଡ଼ିଛି। ନୂତନ ଦାୟିତ୍ୱ ପାଇବା ପରେ ରାକେଶ ପଟ୍ଟନାୟକ କହିଛନ୍ତି ଯେ, ସେ ନିଜ ଦାୟିତ୍ୱକୁ ସୂଚାରୁ ରୂପେ ପାଳନ କରିବା ସହ ସମାଜର ଅବହେଳିତ ଓ ଅସହାୟ ଲୋକଙ୍କ ପାଖରେ ପହଞ୍ଚି ସମ୍ଭବ ସମସ୍ତ ପ୍ରକାର ସହାୟତା ଯୋଗାଇଦେବାକୁ ପ୍ରୟାସ କରିବେ।

ଜଗତସିଂହପୁର ଜିଲ୍ଲା ସଭାପତି ଭାବେ ଏହି ନୂତନ ଦାୟିତ୍ୱ ମିଳିବା ପରେ ରାକେଶ ପଟ୍ଟନାୟକଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଓ ଅଭିନନ୍ଦନର ସୁଅ ଛୁଟିଛି।

# ଡାଟା-ଭିତ୍ତିକ ବିପର୍ଯ୍ୟୟ ପରିଚାଳନା ପାଇଁ ରାଜ୍ୟର ପ୍ରସ୍ତୁତି




- ରିଅଲ୍ ଟାଇମ୍ ତଥ୍ୟ ବିଶ୍ଳେଷଣ ଦ୍ୱାରା ତ୍ୱରିତ ହେବ ବିପର୍ଯ୍ୟୟ ପରିଚାଳନା ବ୍ୟବସ୍ଥା
- ପଞ୍ଚାୟତ ସ୍ତରରେ ହେବ ବିପର୍ଯ୍ୟୟ ସଙ୍କଟାପନ୍ନ ସ୍ଥିତିର ଆକଳନ

ଭୁବନେଶ୍ୱର,୨୧୯(ସଂଚାର ବ୍ୟୁରୋ): ରାଜ୍ୟର ବିପର୍ଯ୍ୟୟ ପରିଚାଳନା ବ୍ୟବସ୍ଥାକୁ ଡାଟାଭିତ୍ତିକ, ବୈଜ୍ଞାନିକ ଓ ପ୍ରଯୁକ୍ତିସମ୍ପନ୍ନ ତଥା ସୁଦୃଢ଼ କରିବା ଦିଗରେ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ତଥା ଓସ୍ଡମା ପକ୍ଷରୁ ଆଜି ଲୋକସେବା ଭବନ କନଭେନସନ ସେଣ୍ଟରଠାରେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଜାତିସଂଘ ବିକାଶ କାର୍ଯ୍ୟକ୍ରମ ବା ୟୁଏନ୍‌ଡିପି ଓ ସିଭିକ୍ ଡାଟା ଲ୍ୟାବ୍ ସହ ଏହି ସହଯୋଗିତା ସ୍ଥାପନ କରାଯାଇଛି। ଏହି ଦୁଇଟି ପ୍ରମୁଖ ସହଯୋଗିତା ଓଡ଼ିଶାର ବିପର୍ଯ୍ୟୟ ପରିଚାଳନା କ୍ଷମତାକୁ ତୃଣମୂଳ ସ୍ତରରେ ଅଧିକ ସୁଦୃଢ଼ କରିବା ସହ ରାଜ୍ୟକୁ ଏକ ବିପର୍ଯ୍ୟୟ ସହନଶୀଳ ଓ ସୁରକ୍ଷିତ ରାଜ୍ୟରେ ପରିଣତ କରିବାରେ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ୟୁଏନ୍‌ଡିପିର ଭାରତର ଆବାସିକ ପ୍ରତିନିଧି ଆଞ୍ଜେଲା ଲୁସିଗି ଓ ସିଭିକ୍ ଡାଟା ଲ୍ୟାବ୍‌ର ନିର୍ଦ୍ଦେଶକ ତଥା ସହପ୍ରତିଷ୍ଠାତା ଗୌରବ ଗୋଧୱାନୀଙ୍କ ଉପସ୍ଥିତିରେ ଏହି ବୁଝାମଣା ସ୍ୱାକ୍ଷରିତ ହୋଇଛି। ଓସ୍ଡମା ପକ୍ଷରୁ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସୁସ୍ମିତା ବେହେରା ଏହି ବୁଝାମଣାପତ୍ର ସ୍ୱାକ୍ଷର କରିଥିଲେ। ଏହି ଅବସରରେ ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି ଯେ ବିପର୍ଯ୍ୟୟ ଘଟିବା ପରେ ପ୍ରତିକ୍ରିୟା ପ୍ରକାଶ କରିବା ପରିବର୍ତ୍ତେ ବିପର୍ଯ୍ୟୟ ପୂର୍ବରୁ ସଠିକ୍ ତଥ୍ୟ ଆଧାରରେ ପ୍ରସ୍ତୁତ ରହିବା ଏବଂ ବିପଦକୁ ଆକଳନ କରିବା ଆଜିର ସମୟର ଆହ୍ୱାନ। ସଠିକ୍ ତଥ୍ୟ ଆଧାରିତ ନିଷ୍ପତ୍ତି ହିଁ ଲୋକଙ୍କ ଧନଜୀବନ ରକ୍ଷା କରିବା ସହ ବିକାଶମୂଳକ ଯୋଜନାକୁ ଅଧିକ ସୁଦୂରପ୍ରସାରୀ କରିପାରିବ। ସୁବ୍ୟବସ୍ଥିତ ବିପର୍ଯ୍ୟୟ ପରିଚାଳନା ନିମନ୍ତେ ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ଓଡ଼ିଶାର ସ୍ୱୀକୃତିକୁ ଏହି ନୂତନ ସହଯୋଗିତା ନୂତନ ପରିଚୟ ଦେବ। ସୂଚନାଯୋଗ୍ୟ ଯେ ଏହି ସହଯୋଗିତା ଅଧୀନରେ ଓସ୍ଡମା ଓ ୟୁଏନ୍‌ଡିପି ମିଳିତ ଭାବେ ରାଜ୍ୟର ସମସ୍ତ ୩୦ଟି ଜିଲ୍ଲାରେ ଏକ ବ୍ୟାପକ 'ବିପଦ, ଆଶଙ୍କା ଓ ସଙ୍କଟାପନ୍ନ ସ୍ଥିତି ଆକଳନ' କାର୍ଯ୍ୟକାରୀ କରିବେ। ଏହି ପ୍ରକଳ୍ପ ଅଧୀନରେ ବାତ୍ୟା ଓ ବନ୍ୟାପ୍ରବଣ ୧୦ଟି ଉପକୂଳବର୍ତ୍ତୀ ଜିଲ୍ଲାରେ ଗ୍ରାମ ସ୍ତରରୁ ଏବଂ ଅବଶିଷ୍ଟ ୨୦ଟି ଜିଲ୍ଲାରେ ଗ୍ରାମ ପଞ୍ଚାୟତ ସ୍ତରରୁ ତଥ୍ୟ ସଂଗ୍ରହ କରାଯିବ। ଏହି ସମସ୍ତ ତଥ୍ୟକୁ ନେଇ ଏକ ଡାଇନାମିକ୍ ଜିଆଇଏସ-ସକ୍ଷମ ଡିଜିଟାଲ୍ ପ୍ଲାଟଫର୍ମ ପ୍ରସ୍ତୁତ ହେବ, ଯାହା ଜଳବାୟୁ ପରିବର୍ତ୍ତନ ଅନୁସାରେ ନିୟମିତ ଅପଡେଟ୍ ହୋଇପାରିବ ଓ ଜିଲ୍ଲାସ୍ତରୀୟ ରିସ୍କ ଆଟଲାସ୍ ତଥା ନୀତି ନିର୍ଦ୍ଧାରଣରେ ସହାୟକ ହେବ।

### ୟୁଏଇ ଯିବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ

# ତିନିଦିନିଆ ଗସ୍ତରେ ନିବେଶକଙ୍କ ସହ ଆଲୋଚନା

- ଓଡ଼ିଶାର ଶିଳ୍ପ ସମ୍ଭାବନାକୁ ବିଶ୍ୱ ଦରବାରରେ ରଖିବେ



ଭୁବନେଶ୍ୱର,୨୧୯(ସଂଚାର ବ୍ୟୁରୋ): ଓଡ଼ିଶାର ଶିଳ୍ପ ଓ ନିବେଶ କ୍ଷେତ୍ରକୁ ଆହୁରି ସୁଦୃଢ଼ କରିବା ସହ ବିଶ୍ୱସ୍ତରୀୟ ନିବେଶକଙ୍କ ସହ ସମ୍ପର୍କ ବୃଦ୍ଧି ଲକ୍ଷ୍ୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆସନ୍ତା ସପ୍ତାହରେ ତିନିଦିନିଆ ୟୁଏଇ ଗସ୍ତରେ ଯିବେ। ଏହା ଓଡ଼ିଶା ସରକାରଙ୍କ ଦ୍ୱିତୀୟ ଅନ୍ତର୍ଜାତୀୟ ନିବେଶ ଅଭିଯାନ ହେବ। ୟୁଏଇ ଗସ୍ତ ସମୟରେ ମୁଖ୍ୟମନ୍ତ୍ରୀ ବିଭିନ୍ନ ଶିଳ୍ପପତି, ନିବେଶକ, ବ୍ୟାବସାୟିକ ସଂସ୍ଥା ଓ ପ୍ରତିଷ୍ଠାନର ପ୍ରତିନିଧିଙ୍କ ସହ ଆଲୋଚନା କରିବେ। ଓଡ଼ିଶାର ଶିଳ୍ପ କ୍ଷମତା, ନିବେଶ ସୁଯୋଗ ଏବଂ ନିବେଶକ ଅନୁକୂଳ ପରିବେଶ ସମ୍ପର୍କରେ ବିଶ୍ୱ ନିବେଶକଙ୍କୁ ଅବଗତ କରାଯିବ। ସରକାରୀ-ବ୍ୟାବସାୟିକ ଓ ବ୍ୟାବସାୟିକ-ବ୍ୟାବସାୟିକ ସହଯୋଗକୁ ଆହୁରି ମଜବୁତ କରିବା ମଧ୍ୟ ଏହି ଗସ୍ତର ପ୍ରମୁଖ ଉଦ୍ଦେଶ୍ୟ। ଭୌଗୋଳିକ ସ୍ଥିତି, ଉନ୍ନତ ଭିତ୍ତିଭୂମି, ପ୍ରଚୁର ପ୍ରାକୃତିକ ସମ୍ପଦ, ଦକ୍ଷ ମାନବ ସମ୍ବଳ ଓ ବିକଶିତ ହେଉଥିବା ଶିଳ୍ପ ପରିବେଶ ଓଡ଼ିଶାକୁ ନିବେଶ ପାଇଁ ଏକ ଆକର୍ଷଣୀୟ ଗନ୍ତବ୍ୟରେ ପରିଣତ କରିଛି। ଧାତୁ ଓ ଡାଉନଷ୍ଟ୍ରିମ୍ ଶିଳ୍ପ, ଶକ୍ତି, ପେଟ୍ରୋକେମିକାଲ୍ସ, ଆଲୁମିନିୟମ, ଲଜିଷ୍ଟିକ୍ସ, ଖାଦ୍ୟ ପ୍ରକ୍ରିୟାକରଣ ସମେତ ଉଦୀୟମାନ କ୍ଷେତ୍ରରେ ରାଜ୍ୟରେ ବ୍ୟାପକ ନିବେଶ ସୁଯୋଗ ରହିଛି। ୟୁଏଇରେ ଥିବା ଭାରତୀୟ ବ୍ୟବସାୟୀ ଓ ପେସାଦାର ସମୁଦାୟ ସହ ଓଡ଼ିଆ ପ୍ରବାସୀ ସମୁଦାୟ ସହ ମଧ୍ୟ ରାଜ୍ୟ ସରକାରଙ୍କ ପକ୍ଷରୁ ଯୋଗାଯୋଗ ବୃଦ୍ଧି କରାଯିବ। ଏହା ମାଧ୍ୟମରେ ଓଡ଼ିଶାର ନିବେଶ ଓ ଆର୍ଥିକ ବିକାଶ ଲକ୍ଷ୍ୟକୁ ସମର୍ଥନ କରୁଥିବା ଏକ ବ୍ୟାପକ ନେଟୱର୍କ ଗଠନର ଉଦ୍ଦେଶ୍ୟ ରହିଛି। ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା କହିଛନ୍ତି ଯେ ଓଡ଼ିଶାର ବିଶ୍ୱସ୍ତରୀୟ ଆର୍ଥିକ ସହଭାଗିତାକୁ ମଜବୁତ କରିବାରେ ଅନ୍ତର୍ଜାତୀୟ ନିବେଶ ଅଭିଯାନ ଗୁରୁତ୍ୱପୂର୍ଣ୍ଣ। ୟୁଏଇରେ ନିବେଶକ ଓ ବ୍ୟାବସାୟିକ ନେତୃତ୍ୱଙ୍କ ସହ ଅଧିକ ଗଭୀର ଯୋଗାଯୋଗର ବ୍ୟାପକ ସୁଯୋଗ ରହିଛି। ସମ୍ବଳ, ଭିତ୍ତିଭୂମି, ନୀତିଗତ ସମର୍ଥନ, ଯୋଗାଯୋଗ ବ୍ୟବସ୍ଥା ଓ ଦ୍ରୁତ ବିକଶିତ ଶିଳ୍ପ ପରିବେଶ ସମନ୍ୱୟ ଓଡ଼ିଶାକୁ ଏକ ଶକ୍ତିଶାଳୀ ନିବେଶ ଗନ୍ତବ୍ୟରେ ପରିଣତ କରିଛି। ଏହି ଗସ୍ତର ଲକ୍ଷ୍ୟ ହେଉଛି ଏଭଳି ସହଭାଗିତା ସୃଷ୍ଟି କରିବା, ଯାହା ଓଡ଼ିଶାରେ ନିବେଶ, ଶିଳ୍ପ ବିକାଶ ଓ ନିଯୁକ୍ତି ସୃଷ୍ଟିରେ ପରିଣତ ହେବ। ଅନ୍ତର୍ଜାତୀୟ ନିବେଶକଙ୍କ ସହ ନିରନ୍ତର ଯୋଗାଯୋଗ ମାଧ୍ୟମରେ ଓଡ଼ିଶାରେ ଗୁଣାତ୍ମକ ନିବେଶ ଆକୃଷ୍ଟ କରିବା, ଶିଳ୍ପାୟନକୁ ତ୍ୱରାନ୍ୱିତ କରିବା ଓ ସ୍ଥାୟୀ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ସମଗ୍ର ସରକାରଙ୍କ ବ୍ୟାପକ ଲକ୍ଷ୍ୟ ରହିଛି। ୟୁଏଇ ଗସ୍ତ ଏହି ଲକ୍ଷ୍ୟକୁ ଆହୁରି ଗତି ଦେବ। ଅନ୍ତର୍ଜାତୀୟ ନିବେଶ ମାନଚିତ୍ରରେ ଓଡ଼ିଶାର ସ୍ଥିତିକୁ ଆହୁରି ସୁଦୃଢ଼ କରିବ ବୋଲି ସେ ଆଶା ପ୍ରକାଶ କରିଛନ୍ତି।

### ପଦାରେ ପଡ଼ିଲା କେନ୍ଦ୍ରାପଡ଼ା ଯୋଗାଣ ବିଭାଗର ରାସନ ଚାଉଳ

# ଚାଉଳରେ ପୋକ ସାଲୁବାଲୁ, ହରଡ଼ଘଣାରେ ଡିଲର



କେନ୍ଦ୍ରାପଡ଼ା,୨୧୯(ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ବ୍ଲକ୍‌ର ଶ୍ୟାମସୁନ୍ଦରପୁର ପଞ୍ଚାୟତର ମରଡପୁରର ଡିଲର ରାସନ୍ କାର୍ଡ ହିତାଧିକାରୀଙ୍କୁ ପୋକରା ଚାଉଳ ଦେଇଥିବା ଅଭିଯୋଗ କରିଛନ୍ତି କିଛି ହିତାଧିକାରୀ ଏବଂ ଲଗାତର ୭ ମାସ ଧରି ହିତାଧିକାରୀଙ୍କୁ ଦିଆଯାଉଛି ଅରୁଆ ଚାଉଳ। ଜିଲ୍ଲା ବେସାମରିକ ଯୋଗାଣ ଅଧିକାରୀଙ୍କ ନିକଟରେ ଅଭିଯୋଗ ପରେ ତଦନ୍ତ କରାଯାଇ ନିଆଯିବ କାର୍ଯ୍ୟାନୁଷ୍ଠାନ ବୋଲି ଜିଲ୍ଲା ବେସାମରିକ ଯୋଗାଣ ଅଧିକାରୀ ପ୍ରତିକ୍ରିୟାରେ କହିଛନ୍ତି। ସୂଚନା ମୁତାବକ, ଗତକାଲି କେନ୍ଦ୍ରାପଡ଼ା ବ୍ଲକ ଶ୍ୟାମସୁନ୍ଦରପୁର ପଞ୍ଚାୟତ ଅଧୀନସ୍ଥ ମଡରପୁରର ଡିଲର ଅଶୋକ କୁମାର ଲେଙ୍କା ଦୀର୍ଘ ୭ ମାସ ହେଲା ଖାଉଟିଙ୍କୁ ନିୟମିତ ଅରୁଆ ଚାଉଳ ବଣ୍ଟନ କରୁଛନ୍ତି। ଏନେଇ ସାଧାରଣ ଲୋକ ଅସନ୍ତୋଷ ବ୍ୟକ୍ତ କରୁଛନ୍ତି। ଏତେସବୁ ଅସୁବିଧା ସତ୍ତ୍ୱେ ଖାଉଟି ନୀରବ ରହିଥିଲେ। ମାତ୍ର ଏହି ମାସରେ ଦୁଇ ମାସର ଦିଆଯାଉଥିବା ରାସନ୍ ଚାଉଳକୁ ନେଇ ତେଜିଛି ବିବାଦ। ଗତ ସୋମବାର କିଛି ଖାଉଟିଙ୍କୁ ପୋକ ସାଲୁବାଲୁ ବିଣ୍ଡା ବିଣ୍ଡା ଚାଉଳ ଦେବାରୁ ସେମାନେ ଏହାର ପ୍ରତିବାଦ କରିଥିଲେ। ଫଳସ୍ୱରୂପ ଡିଲର ଅଶୋକ ଲେଙ୍କାଙ୍କ ସମେତ ତାଙ୍କ ସମ୍ପର୍କୀୟ ସେମାନଙ୍କୁ ଦୁର୍ବ୍ୟବହାର କରିଥିବା ହିତାଧିକାରୀ ଅଭିଯୋଗ କରିଛନ୍ତି। ଏପରିକି ଶ୍ରୀ ଲେଙ୍କା ଓ ତାଙ୍କ ସମ୍ପର୍କୀୟ କାର୍ଡ କାଟିଦେବାର ଧମକ ଦେଇଥିଲେ। ଏ ସଂକ୍ରାନ୍ତରେ ଉକ୍ତ ଡିଲର କେନ୍ଦ୍ରର କିଛି ଖାଉଟି ଗଣମାଧ୍ୟମ ସମ୍ମୁଖରେ ସ୍ୱର ଉଠାଇଥିଲେ। ଏ ସମ୍ପର୍କରେ ଜିଲ୍ଲା ବେସାମରିକ ଯୋଗାଣ ଅଧିକାରୀଙ୍କ ନିକଟରେ ଅଭିଯୋଗ କରାଯିବା ପରେ ସଙ୍ଗେ ସଙ୍ଗେ ଯୋଗାଣ ବିତରକ/ଡିଲରଙ୍କୁ ଫୋନ କରି ତାଗିଦ୍ କରିଥିଲେ। ଏପରିକି ପୁନର୍ବାର ଅଭିଯୋଗ ଆସିଲେ ଡିଲର ସେଣ୍ଟର କାଟିଦିଆଯିବ ବୋଲି ଯୋଗାଣ ଅଧିକାରୀ ତାଗିଦ୍ କରିବା ସହ ଏକ ତଦନ୍ତକାରୀ ଟିମ୍ ଉକ୍ତ ଡିଲର କେନ୍ଦ୍ରକୁ ପଠାଇଥିବା ଜଣାପଡ଼ିଛି। ଜିଲ୍ଲା ବେସାମରିକ ଯୋଗାଣ ଅଧିକାରୀ ତଦନ୍ତକାରୀ ଟିମ୍‌ର ରିପୋର୍ଟ ଆଧାରରେ ଏହି ଘଟଣାରେ କି କାର୍ଯ୍ୟାନୁଷ୍ଠାନ ନେଉଛନ୍ତି, ତାହା ଉପରେ ନଜର।




ସାମିଲ ହେଲେ ୭୮୫ ବରିଷ୍ଠ ନାଗରିକ

### ୨୦୨୬-୨୭ର ପ୍ରଥମ ବରିଷ୍ଠ ତୀର୍ଥଯାତ୍ରା

# ତୀର୍ଥଯାତ୍ରୀ ଟ୍ରେନ୍‌ର ଶୁଭାରମ୍ଭ

ଭୁବନେଶ୍ୱର,୨୧୯(ସଂଚାର ବ୍ୟୁରୋ): ଭୁବନେଶ୍ୱର ନ୍ୟୁ ରେଳ ଷ୍ଟେସନଠାରେ ଆଜି ପୂର୍ବାହ୍ଣରେ ମୁଖ୍ୟମନ୍ତ୍ରୀ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ଅଧୀନରେ ୭୮୫ ଯୋଗ୍ୟ ତୀର୍ଥଯାତ୍ରୀଙ୍କୁ ଓଡ଼ିଶାରୁ ବାରଣାସୀ-ଅଯୋଧ୍ୟା ନେଇ ଯାଉଥିବା ଏକ ସ୍ୱତନ୍ତ୍ର ଟ୍ରେନ୍‌କୁ ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ଓ ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡ଼ା ଶୁଭାରମ୍ଭ କରିଛନ୍ତି। ଚଳିତ ଆର୍ଥିକ ବର୍ଷର ପ୍ରଥମ ପର୍ଯ୍ୟାୟରେ ପୁରୀ, କଟକ, ଜଗତସିଂହପୁର, ଖୋର୍ଦ୍ଧା, ଢେଙ୍କାନାଳ ଓ କେନ୍ଦ୍ରାପଡ଼ା ଜିଲ୍ଲାର ବରିଷ୍ଠ ନାଗରିକମାନଙ୍କର ବାରଣାସୀ-ଅଯୋଧ୍ୟା ଟ୍ରେନ୍‌ର ଶୁଭାରମ୍ଭ କରି ଶ୍ରୀମତୀ ପରିଡ଼ା କହିଛନ୍ତି ଯେ ପ୍ରଭୁ ଲିଙ୍ଗରାଜଙ୍କ ପୀଠରୁ କାଶୀ ବିଶ୍ୱନାଥ ଓ ଅଯୋଧ୍ୟା ପୀଠକୁ ଏହି ଯାତ୍ରା ସଫଳ ହେଉ। ଯାତ୍ରାରେ ବରିଷ୍ଠ ନାଗରିକମାନେ ଗଙ୍ଗା ଆଳତି, କାଶୀ ବିଶ୍ୱନାଥ ଦର୍ଶନ ଓ ଶ୍ରୀରାମ ଲାଲାଙ୍କ ସାନ୍ନିଧ୍ୟ ଲାଭ କରିପାରିବେ। ବିଭିନ୍ନ ପର୍ଯ୍ୟାୟରେ ଭିନ୍ନ ଭିନ୍ନ ଜିଲ୍ଲାର ବରିଷ୍ଠ ନାଗରିକ ଦେଶର ବିଭିନ୍ନ ତୀର୍ଥସ୍ଥାନ ଯାତ୍ରା କରିବାର ସୌଭାଗ୍ୟ ହାସଲ କରିବେ।

### ସ୍କୁଲରେ ୩୦ ଛାତ୍ରଙ୍କୁ ମାଡ଼ ଘଟଣା

# ସ୍ଥିତି ପରଖିଲେ ଶିଶୁ ସୁରକ୍ଷା ଆୟୋଗ ଅଧ୍ୟକ୍ଷା



ରାୟଗଡ଼ା,୨୧୯(ସଂଚାର ବ୍ୟୁରୋ): କୋଲନରା ବ୍ଲକ ଅନ୍ତର୍ଗତ ରିଭଲକଣା ସରକାରୀ ଏସ୍ଏସ୍‌ଡି ହାଇସ୍କୁଲ ହଷ୍ଟେଲ୍‌ରେ ଜଣେ ଦଶମ ଶ୍ରେଣୀ ଛାତ୍ର ଅନ୍ୟ ପ୍ରାୟ ୩୦ ଜଣ ସହପାଠୀଙ୍କୁ ନଡ଼ିଆ ବାହୁଙ୍ଗାରେ ନିର୍ଦ୍ଧୁମ ପିଟିବା ଘଟଣାର ଅନୁଧ୍ୟାନ କରିଛନ୍ତି ରାଜ୍ୟ ଶିଶୁ ସୁରକ୍ଷା ଆୟୋଗ ଅଧ୍ୟକ୍ଷା ବବିତା ପାତ୍ର। ସେ ବିଦ୍ୟାଳୟ ପରିଦର୍ଶନ କରି ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରିବା ସହ ଘଟଣାରେ ସମ୍ପୃକ୍ତ ଛାତ୍ରଙ୍କୁ ହଷ୍ଟେଲରୁ ବାହାର କରିଦିଆଯାଇଥିବା ସୂଚନା ଦେଇଛନ୍ତି। ଅନୁଧ୍ୟାନ ପରେ ଅଧ୍ୟକ୍ଷା ପ୍ରକାଶ କରିଛନ୍ତି ଯେ ସ୍କୁଲରେ ତୁରନ୍ତ ନୂତନ ସିସିଟିଭି କ୍ୟାମେରା ଲଗାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ପିଲାଙ୍କ ମଧ୍ୟରେ ବୃଦ୍ଧି ପାଉଥିବା ଆପରାଧିକ ମାନସିକତାକୁ ରୋକିବା ଲାଗି ରାଜ୍ୟର ପ୍ରତ୍ୟେକ ହଷ୍ଟେଲରେ ଜଣେ ଲେଖାଏଁ କାଉନସେଲର ନିଯୁକ୍ତି ଦିଆଯିବ। ଏଥିସହ ମ୍ୟାଲେରିଆ ନିରାକରଣ, ସ୍ୱଚ୍ଛତା ଓ ଉତ୍ତମ ଚିକିତ୍ସା ବ୍ୟବସ୍ଥା ଉପରେ ଗୁରୁତ୍ୱ ଦିଆଯାଇଛି। ଏହି ପରିଦର୍ଶନ ସମୟରେ ଏସ୍‌ଡିସି ଅଧ୍ୟକ୍ଷା ମଞ୍ଜୁଳା ମିଣିଆକା, ବରିଷ୍ଠ ନେତା ଶିବ ଶଙ୍କର ଉଲାକା, ଅନିଲ ଜାଡି ଓ ଜିଲ୍ଲା ମଙ୍ଗଳ ଅଧିକାରୀ ଅସୀମା ରାଓ ଉପସ୍ଥିତ ଥିଲେ।

# ପୋଡ଼ମପେଟା ବେଳାଭୂମିରେ ଦଧିନଉତି



ଗଞ୍ଜାମ,୨୧୯ (ସଂଚାର ବ୍ୟୁରୋ) : ସମୁଦ୍ର ବେଳାଭୂମିରେ ଦେଖାଯାଉଛି ଏକ ମନ୍ଦିରର ଦଧିନଉତି। ଗଞ୍ଜାମ ଜିଲା ଗଞ୍ଜାମ ବ୍ଲକ ଅନ୍ତର୍ଗତ ପୁରୁଣା ପୋଡ଼ମପେଟା ସମୁଦ୍ର ବେଳାଭୂମିରେ ରହସ୍ୟମୟ ଦଧିନଉତି ଠାବ ହୋଇଛି। ଏହା ଗଙ୍ଗାଦେବୀ ମନ୍ଦିର ବୋଲି ଅନୁମାନ କରାଯାଉଛି। ମନ୍ଦିର ପ୍ରତିଷ୍ଠା ନହେବା ପୂର୍ବରୁ ଏହା ସମୁଦ୍ରରେ ଲୀନ ହୋଇଯାଇଥିବା ସେଠାକାର ଗ୍ରାମବାସୀ ଅନୁମାନ କରୁଛନ୍ତି। ଏହା ୨୦ ରୁ ୨୫ ବର୍ଷର ମନ୍ଦିର। ଦିନେ ଏହି ସ୍ଥାନରେ ଜନବସତି ରହିଥିଲା। କିନ୍ତୁ ସମୁଦ୍ରରେ ଗୋଟିଏ ପରେ ଗୋଟେ ଘର ସବୁ ସମୁଦ୍ରରେ ଲୀନ ହୋଇଯାଇଥିଲା। ଏବେ ସମୁଦ୍ର ପାଣି କମ୍ ଥିବାରୁ ଏହି ମନ୍ଦିରର କିଛି ଅଂଶ ଦୃଶ୍ୟମାନ ହୋଇଛି।

# ମୋମୋ ଗୋଦାମରେ ଚଢ଼ାଉ

## ପେଟି ପେଟି ମୋମୋ ଜବତ




କଟକ,୨୧୯(ସଂଚାର ବ୍ୟୁରୋ): ମୋମୋ ଗୋଦାମରେ ଚଢ଼ାଉ। କଟକ ଭାଣପୁରରେ ଥିବା ଏକ ୱାଓ ମୋମୋ ଗୋଦାମରେ ଏକ ବଡ଼ ଧରଣର ରେଡ କରିଛି ଫୁଡ୍ ସେଫ୍ଟି ବିଭାଗ। ଗୋଦାମ ଭିତରେ ପେଟି ପେଟି ମୋମୋ ମହଜୁଦ ରହିଥିବା ବେଳେ ଦୀର୍ଘଦିନ ଧରି ଏଗୁଡ଼ିକୁ ଫ୍ରିଜ୍‌ରେ ସଂରକ୍ଷିତ କରି ବିଭିନ୍ନ ସ୍ଥାନକୁ ଯୋଗାଣ କରାଯାଉଥିବା ଜଣାପଡ଼ିଛି। କଟକ ସମେତ ଭୁବନେଶ୍ୱର ଓ ପୁରୀ ଭଳି ସହରକୁ ମୋମୋ ଯୋଗାଣ ହେଉଥିବା ସୂଚନା ମିଳିଛି। ଚଢ଼ାଉ ସମୟରେ ବ୍ୟବସାୟ ପ୍ରତିଷ୍ଠାନ ଆବଶ୍ୟକ ବୈଧ କାଗଜପତ୍ର ଦେଖାଇ ନ ପାରିବାରୁ ଗୋଦାମକୁ ସିଲ୍ କରିଛି କଟକ ମହାନଗର ନିଗମର ସ୍ୱାସ୍ଥ୍ୟ ବିଭାଗ। ଲୋକଙ୍କ ସ୍ୱାସ୍ଥ୍ୟ ସହ ଖେଳ ଖେଳୁଥିବା ସଂସ୍ଥା ବିରୋଧରେ ନିୟମ ଅନୁସାରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କେଏମସି ସ୍ୱାସ୍ଥ୍ୟ ଅଧିକାରୀ ସୂଚନା ଦେଇଛନ୍ତି। ଗୋଦାମରୁ ଜବତ ହୋଇଥିବା ମୋମୋର ନମୁନା ପରୀକ୍ଷା ରିପୋର୍ଟ ଆସିବା ପରେ ଏହାର ଗୁଣବତ୍ତା ଓ ସଂରକ୍ଷଣ ପ୍ରକ୍ରିୟାକୁ ନେଇ ଆଗକୁ ଆହୁରି ତଥ୍ୟ ସାମ୍ନାକୁ ଆସିବ ବୋଲି ସୂଚନା ମିଳିଛି।

# ଡ୍ରେନରେ ପଶିଗଲା କାର୍, ଦମ୍ପତି ମୃତ



ପାରାଦୀପ,୨୧୯(ସଂଚାର ବ୍ୟୁରୋ) : ଡ୍ରେନରେ କାର୍ ପଶିଯିବା ଫଳରେ ସେଥିରେ ଥିବା ଦମ୍ପତି ମୃତ୍ୟୁବରଣ କରିଛନ୍ତି। କାର୍ ପାଣିରେ ପଶିବା ଫଳରେ ସେମାନେ ଅଣନିଃଶ୍ୱାସୀ ହୋଇ ପ୍ରାଣ ହରାଇଛନ୍ତି। ମୃତକ ଦମ୍ପତି ହେଲେ ପାରାଦୀପ ମେରାଇନ ବିଭାଗର ଅବସରପ୍ରାପ୍ତ ବିଭୁତି ଦାସ ଓ ତାଙ୍କ ପତ୍ନୀ ପ୍ରତିମା ଦାସ। ଚଣ୍ଡିଖୋଲ-ପାରାଦୀପ ରାସ୍ତାରେ ପାରାଦୀପଗଡ଼ ବିଜୁ ପଟ୍ଟନାୟକ ମାର୍କେଟ କମ୍ପ୍ଲେକ୍ସ ନିକଟରେ ଏହି ଦୁର୍ଘଟଣାଟି ଘଟିଛି। ମିଳିଥିବା ସୂଚନାନୁସାରେ, ଗତକାଲି ବିଭୁତି ଓ ତାଙ୍କ ପତ୍ନୀ କାରରେ ପାରାଦୀପଗଡ଼ରେ ଥିବା ତାଙ୍କ ଶଶୁରଙ୍କ ଘରକୁ ବୁଲିବାକୁ ଯାଇଥିଲେ। ତେବେ ସେମାନେ ବିଳମ୍ବିତ ରାତିରେ ଫେରୁଥିବା ସମୟରେ ମୁଖ୍ୟ ରାସ୍ତା ଉପରକୁ ଉଠୁଥିବା ସମୟରେ ଅଚାନକ କାର୍‌ଟି ଭାରସାମ୍ୟ ହରାଇ ରାସ୍ତାକଡ଼ରେ ଥିବା ଡ୍ରେନ୍ ଭିତରକୁ ଓଲଟି ପଡ଼ିଥିଲା। କାରଟି ପାଣି ଭିତରେ ବୁଡ଼ିରହିଥିବା ବେଳେ ସ୍ୱାମୀ ଓ ସ୍ତ୍ରୀ ଦୁହେଁ ବାହାରକୁ ବାହାରି ପାରି ନ ଥିଲେ। ଘଟଣାସ୍ଥଳରେ ସ୍ଥାନୀୟ ଲୋକ ଏବଂ ଲକ୍ ଥାନା ପୁଲିସ ପହଞ୍ଚି ସେମାନଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଅଠରବାଙ୍କି ମେଡିକାଲରେ ଭର୍ତ୍ତି କରିଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ୍ ଘଟଣାସ୍ଥଳରେ ପହଞ୍ଚିବା ସହ ତଦନ୍ତ ଜାରି ରଖିଛି।

### ଆର୍ଯ୍ୟସମାଜରେ ଶ୍ରାବଣୀ ଉପକର୍ମ

# ଉତ୍କଳ ଭାଷାରେ ଲିଖିତ ଓ ଅନୁବାଦିତ ହେଉ ବୈଦିକ ସାହିତ୍ୟ



ଭୁବନେଶ୍ୱର,୨୧୯(ସଂଚାର ବ୍ୟୁରୋ): ଭୁବନେଶ୍ୱର ଆର୍ଯ୍ୟ ସମାଜରେ ଶ୍ରାବଣ ପୂର୍ଣ୍ଣିମାଠାରୁ ଆରମ୍ଭ ହୋଇଥିବା ଶ୍ରାବଣୀ ଉପକର୍ମ ଓ ବେଦ ସ୍ୱାଧ୍ୟାୟ ସପ୍ତାହର ପଞ୍ଚମ ଓ ଷଷ୍ଠ ଦିବସରେ ସାମବେଦ ପରାୟଣ ଯଜ୍ଞ, ପ୍ରବଚନ ଓ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଛି। କୋଲକାତାରୁ ଆସିଥିବା ବିଶିଷ୍ଟ ବୈଦିକ ବିଦ୍ୱାନ ବ୍ରହ୍ମଦତ୍ତ ଜିଜ୍ଞାସୁ କହିଥିଲେ ଯେ ଈଶ୍ୱରଙ୍କ ପ୍ରତି ଯେପରି ଅନନ୍ୟ ଭକ୍ତି ଓ ଶ୍ରଦ୍ଧାଭାବ ପୋଷଣ କରିବାକୁ ହୁଏ ବେଦ ପ୍ରତି ମଧ୍ୟ ସେହିଭଳି ଶାଶ୍ୱତ ଈଶ୍ୱରୀୟ ବାଣୀ ମନେ କରି ଶ୍ରଦ୍ଧା, ଭକ୍ତି ଓ ବିଶ୍ୱାସ ସ୍ଥାପନ କରିବାକୁ ହେବ। ବେଦବାଣୀ ବା ମନ୍ତ୍ର ହେଉଛି ଆତ୍ମାକୁ ପରମାତ୍ମାଙ୍କ ସହ ସଂଯୋଗ କରିବାର ସେତୁ। ଏହି ଭାବନା ମନରେ ଆଣି ଅଭ୍ୟସ୍ତ ହେବାକୁ ହେବ ଯେ ପ୍ରଭୁ ଆମକୁ ଉଦର ଦେବା ସହ ଭୋଜନ ପାଇଁ ନାନାଦି ଖାଦ୍ୟଶସ୍ୟର ବ୍ୟବସ୍ଥା କରିଛନ୍ତି। ସେହିଭଳି ସୁନ୍ଦର ଶରୀର, ମନ, ବୁଦ୍ଧି, ଚିତ୍ତ, ଅହଂକାର ଦେବା ସହ ଜ୍ଞାନ ପାଇଁ ବେଦ ମଧ୍ୟ ଦେଇଛନ୍ତି। ପଞ୍ଚମ ଦିବସରେ ପ୍ରବଚକ ଶ୍ରୀ ଜିଜ୍ଞାସୁଙ୍କ ସହ ଆମସେନା ଗୁରୁକୁଳର ବ୍ରହ୍ମଚାରୀଙ୍କ ପରିଚାଳନାରେ ଅନୁଷ୍ଠିତ ସାମବେଦ ପାରାୟଣରେ ଯଜମାନ ଭାବେ ରହିଥିଲେ ପ୍ରଗତୀବାଦୀର କାର୍ଯ୍ୟନିର୍ବାହୀ ସମ୍ପାଦକ ବିରୂପାକ୍ଷ ତ୍ରିପାଠୀ ଓ ସସ୍ମିତା ପାଣି। ଏହି ଅବସରରେ ଶ୍ରୀ ତ୍ରିପାଠୀଙ୍କୁ ଆର୍ଯ୍ୟ ସମାଜ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ ସମ୍ପାଦକ ଚିତ୍ତରଜନ ପଣ୍ଡା। ଷଷ୍ଠ ଦିବସରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମାଜର ପ୍ରକାଶକ ଓ ମୁଦ୍ରାକର ରାଜେନ୍ଦ୍ର ଜେନା ଯୋଗ ଦେଇଥିଲେ। ଏହି ଅବସରରେ ଆର୍ଯ୍ୟ ସମାଜର ସଭାପତି ଶନ୍ନୋ ଦେବୀ, ଉପସଭାପତି ବୀରେନ୍ଦ୍ର କର ଓ ମୁଖ୍ୟ ଉପଦେଷ୍ଟା ଇଂ ବ୍ରଜବନ୍ଧୁ ପଣ୍ଡା ଶ୍ରୀଜେନାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଷଷ୍ଠ ଦିବସରେ ଯଜମାନ ଭାବେ ରହିଥିଲେ କୋଷାଧ୍ୟକ୍ଷ ସୁନିଲ କୁମାର ଦେ ଓ ଡା. କାନନବାଳା ମହାନ୍ତି। ମୀରା ଶର୍ମା ପ୍ରବଚନ ଦେଇଥିଲେ। ଭଜନ ପରିବେଷଣ ସହ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ଉପଦେଷ୍ଟା ଯଜ୍ଞପ୍ରକାଶ ଦାସ। ସଭାରେ ଯୁଗ୍ମ ସମ୍ପାଦକ ଅନିରୁଦ୍ଧ ପଟ୍ଟନାୟକ, କାର୍ଯ୍ୟକାରୀ କମିଟି ସଦସ୍ୟ ରବି ନାରାୟଣ ମହାନ୍ତି ଓ ଜୟନ୍ତ ଦେ ଉପସ୍ଥିତ ଥିଲେ।

# ଫର୍ମ-୭ର ଅପବ୍ୟବହାର ବିରୋଧରେ ପଦକ୍ଷେପ ପାଇଁ ବିଜେଡିର ଦାବି

- ଏସିଇଓଙ୍କୁ ସ୍ମାରକପତ୍ର ପ୍ରଦାନ
- ବାଦ୍ ପଡ଼ିଥିବା ପ୍ରକୃତ ସଂଖ୍ୟାଲଘୁ ଭୋଟରଙ୍କୁ ସୁରକ୍ଷା ଦିଆଯାଉ



ଭୁବନେଶ୍ୱର,୨୧୯(ସଂଚାର ବ୍ୟୁରୋ): ସ୍ପେଶାଲ ଇଣ୍ଟେନ୍ସିଭ୍ ରିଭିଜନ୍ (ଏସ୍ଆଇଆର୍)-୨୦୨୬ ସମୟରେ ପ୍ରକୃତ ଓ ଯୋଗ୍ୟ ଭୋଟରଙ୍କ ନାମ ବାଦ୍ ଦେବା ପାଇଁ ଫର୍ମ-୭ର ଅପବ୍ୟବହାରକୁ ନେଇ କଡ଼ା ପଦକ୍ଷେପ ଗ୍ରହଣ କରିବା ସକାଶେ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ (ଏସିଇଓ)ଙ୍କୁ ନିବେଦନ କରିଛି ବିଜେଡି ପ୍ରତିନିଧି ମଣ୍ଡଳୀ। ଏସିଇଓଙ୍କୁ ଦିଆଯାଇଥିବା ସ୍ମାରକପତ୍ରରେ ବିଜେଡି ରାଜ୍ୟ ସଂଖ୍ୟାଲଘୁ ସେଲ୍ ଓଡ଼ିଶାର ବିଭିନ୍ନ ସ୍ଥାନରୁ ମିଳିଥିବା ରିପୋର୍ଟ ଓ ଅଭିଯୋଗ ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିଛି। ପ୍ରକୃତ ଭୋଟରଙ୍କ ବିରୋଧରେ, ବିଶେଷକରି ମୁସଲିମ୍, ଖ୍ରୀଷ୍ଟିଆନ୍, ବୌଦ୍ଧ ଓ ଅନ୍ୟ ଯୋଗ୍ୟ ନାଗରିକଙ୍କ ବିରୋଧରେ ଫର୍ମ-୭ ଆବେଦନ ଦାଖଲ କରାଯାଉଥିବା ନେଇ ମଧ୍ୟ ଅଭିଯୋଗ ଆସିଥିବା ବିଜେଡି କହିଛି। ଏସ୍ଆଇଆର୍-୨୦୨୬ ଅଧୀନରେ ଦାବି ଓ ଆପତ୍ତି ଦାଖଲ କରିବାର ସମୟ ସୀମା ଗତ ୧୯ରେ ଶେଷ ହୋଇଛି। ତେଣୁ ଏହାପରେ ଏସ୍ଆଇଆର୍ ଡ୍ରାଫ୍ଟ ଭୋଟର ତାଲିକା ସମ୍ବନ୍ଧୀୟ ଯେକୌଣସି ନାମ ବାଦ ପ୍ରସ୍ତାବ ପ୍ରକ୍ରିୟାକରଣ କରାଯାଉଥିଲେ, ତାହା ନିର୍ଦ୍ଧାରିତ ଆଇନଗତ ପ୍ରକ୍ରିୟାକୁ କଡ଼ାକଡ଼ି ଭାବେ ପାଳନ କରିବା ଆବଶ୍ୟକ। କୌଣସି ପ୍ରକୃତ ଭୋଟରଙ୍କ ନାମ ବାଦ୍ ଦିଆଯିବା ଉଚିତ ନୁହେଁ। କୌଣସି ଭୋଟରଙ୍କୁ ନାମ ବାଦ ଦେବା ପୂର୍ବରୁ ତାଙ୍କୁ ନୋଟିସ୍ କରିବା, ନିଜ ପକ୍ଷ ରଖିବାର ସୁଯୋଗ ପ୍ରଦାନ କରାଯିବା ଆବଶ୍ୟକ। ବିଶେଷକରି ଯେଉଁ ଅଞ୍ଚଳରେ ସଂଖ୍ୟାଲଘୁ ଜନସଂଖ୍ୟା ଅଧିକ, ସେଠାରେ ଜିଲ୍ଲା ନିର୍ବାଚନ ଅଧିକାରୀ (ଡିଇଓ), ନିର୍ବାଚକ ପଞ୍ଜୀକରଣ ଅଧିକାରୀ (ଇଆରଓ), ସହକାରୀ ନିର୍ବାଚକ ପଞ୍ଜୀକରଣ ଅଧିକାରୀ (ଏଇଆରଓ) ଏବଂ ଅନ୍ୟ ସମ୍ପୃକ୍ତ ଅଧିକାରୀମାନଙ୍କୁ ଅଧିକ ସତର୍କତା ଅବଲମ୍ବନ କରିବା ନେଇ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେବାକୁ ବିଜେଡି ନିବେଦନ କରିଛି।

ଏଥିସହ ଗତ ୧୯ ତାରିଖ ପରେ ପ୍ରକ୍ରିୟାକରଣ କରାଯାଉଥିବା ଫର୍ମ-୭ ଆବେଦନ ଓ ନାମ ବାଦ ପ୍ରସ୍ତାବଗୁଡ଼ିକର, ବିଶେଷକରି ଏସ୍ଆଇଆର୍-୨୦୨୬ ଭୋଟର ତାଲିକା ସମ୍ବନ୍ଧୀୟ ମାମଲାଗୁଡ଼ିକର ସ୍ୱତନ୍ତ୍ର ଯାଞ୍ଚ କରାଯିବା ସକାଶେ ମଧ୍ୟ ପ୍ରତିନିଧିମଣ୍ଡଳୀ ଦାବି କରିଛି।

### ପାର୍ବଣ ପୂର୍ବରୁ ଆକ୍ସନ ମୋଡ୍‌ରେ ପୁଲିସ

# ଧରାପଡ଼ିଲା ହାର୍ଡକୋର କ୍ରିମିନାଲ୍ ବାପି



ଭୁବନେଶ୍ୱର,୨୧୯(ସଂଚାର ବ୍ୟୁରୋ): ପାର୍ବଣ ପୂର୍ବରୁ ଆକ୍ସନ ମୋଡ୍‌କୁ ଆସିଛି ପୁଲିସ୍। ମହଙ୍ଗା ପଡ଼ିଲା ଖଣ୍ଡା ବୁଲାଇବା। ଧରାପଡ଼ିଲା ହାର୍ଡକୋର କ୍ରିମିନାଲ। ଦୁର୍ଦ୍ଧାନ୍ତ ଅପରାଧୀ ବାପି ସ୍ୱାଇଁ ଗିରଫ ହୋଇଛି। ବୁଦ୍ଧ ବିହାର ଖଣ୍ଡାବୁଲା ଘଟଣାରେ ତାକୁ ଗିରଫ କରିଛି ପୁଲିସ୍। ୧୦ରୁ ଅଧିକ ମାମଲାରେ ସେ ଅଭିଯୁକ୍ତ ରହିଛି। ଦୁଇଟି ଖଣ୍ଡା ସହ ଅଭିଯୁକ୍ତକୁ ଗିରଫ କରିଛି ପୁଲିସ। ଏହି ଘଟଣାରେ ଆଉ ଜଣେ ଅଭିଯୁକ୍ତ ଏବେ ବି ଫେରାର ରହିଛି। ଗତବର୍ଷ ହୋଲି ସମୟରେ ମଧ୍ୟ ହଣାକଟାରେ ବାପି ସାମିଲ ଥିଲା। ବାପି ବାରୋଧରେ ଲାଗିବ କଠୋର ଦଫା। ଖୁବ୍‌ଶୀଘ୍ର ତା' ଫ୍ଲାଟକୁ ବି ସିଲ କରିବ ପୁଲିସ୍। ଆଗକୁ ପାର୍ବଣ ଥିବାରୁ ପୂଜା ସମୟରେ ଅପରାଧୀଙ୍କ ଆତଙ୍କ ଏଡ଼ାଇବାକୁ ଆକ୍ସନ ଆରମ୍ଭ କରିଛି ପୁଲିସ। ବିଭିନ୍ନ ଥାନାଞ୍ଚଳରେ ପେସାଗତ ଅପରାଧୀଙ୍କୁ ପୁଲିସ୍ ଉଠାଇ ଆଣୁଛି।

# ବର୍ଷକୁ ବର୍ଷ ବଢୁଛି ଶିଶୁ ନିଖୋଜ



ଭୁବନେଶ୍ୱର,୨୧୯: ରାଜ୍ୟରେ ଶିଶୁଙ୍କ ନିଖୋଜ ହାର ବର୍ଷକୁ ବର୍ଷ ବଢ଼ିବାରେ ଲାଗିଛି। ଯେଉଁ ପରିମାଣରେ ଶିଶୁମାନେ ନିଖୋଜ ହେଉଛନ୍ତି ସେହି ପରିମାଣରେ ସେମାନଙ୍କ ସନ୍ଧାନ ପାଇବା ସମ୍ଭବପର ହେଉନାହିଁ। ୨୦୨୦ ରୁ ପାଞ୍ଚ ବର୍ଷର ନିଖୋଜ ତଥ୍ୟରୁ ଏହା ସ୍ପଷ୍ଟଭାବେ ଦେଖିବାକୁ ମିଳୁଛି। ଶିଶୁମାନଙ୍କ ନିଖୋଜ ସଂକ୍ରାନ୍ତରେ ଜାତୀୟ କ୍ରାଇମ ରେକର୍ଡ ବ୍ୟୁରୋ (ଏନସିଆରବି) ଯେଉଁ ତଥ୍ୟ ପ୍ରକାଶ କରିଛି ସେଥିରେ ଦର୍ଶାଯାଇଛି ଯେ ୨୦୨୦ ମସିହାରେ ରାଜ୍ୟରେ ୬୯୧୨ ଜଣ ଶିଶୁ ନିଖୋଜ ହୋଇଥିଲେ। ଏମାନଙ୍କ ମଧ୍ୟରୁ ୩୬୪୧ ଜଣଙ୍କର ସନ୍ଧାନ ମିଳି ପାରିଥିଲା। ୨୦୨୧ ମସିହାରେ ଶିଶୁଙ୍କ ନିଖୋଜ ସଂଖ୍ୟା ୭୪୦୪ ରେ ପହଞ୍ଚିଥିଲା। ଏହିବର୍ଷ କିନ୍ତୁ ସାଢେ ଚାରି ହଜାରରୁ ଅଧିକ ଶିଶୁଙ୍କୁ ଖୋଜି ଅଣାଯାଇ ପାରିଥିଲା। ୨୦୨୨ ବର୍ଷରେ ରାଜ୍ୟରୁ ନିଖୋଜ ହୋଇଯାଇଥିବା ଶିଶୁଙ୍କ ସଂଖ୍ୟା ୭୫୬୫ରେ ପହଞ୍ଚିଥିଲା। ଏବର୍ଷ କିନ୍ତୁ ନିଖୋଜ ଶିଶୁଙ୍କ ମଧ୍ୟରୁ ମାତ୍ର ୨୭୨୮ ଜଣଙ୍କର ସନ୍ଧାନ ମିଳିପାରିଥିଲା। ୨୦୨୩ ବର୍ଷରେ ନିଖୋଜ ଶିଶୁଙ୍କ ସଂଖ୍ୟା ୧୦ହଜାର ଅତିକ୍ରମ କରି ୧୦,୭୭୫ରେ ପହଞ୍ଚିଥିଲା। ଏବର୍ଷ ନିଖୋଜ ଶିଶୁଙ୍କ ମଧ୍ୟରୁ ଅଧା ପିଲାଙ୍କୁ ବି ଠାବ କରାଯାଇନଥିଲା। ଏହିବର୍ଷ ୩୫୦୫ ଜଣ ଶିଶୁ ମିଳିଥିଲେ। ୨୦୨୪ରେ ରାଜ୍ୟରୁ ନିଖୋଜ ଶିଶୁଙ୍କ ସଂଖ୍ୟା ୧୩ହଜାରକୁ ଅତିକ୍ରମ କରିଥିଲା। ହେଲେ ଏହିବର୍ଷ ୪ହଜାରରୁ କମ୍ ଶିଶୁଙ୍କୁ ଉଦ୍ଧାର କରାଯାଇପାରିଥିଲା।

ରାଜ୍ୟରୁ ନିଖୋଜ ହେଉଥିବା ଶିଶୁ, ମହିଳା ଓ ଅନ୍ୟମାନଙ୍କୁ ଉଦ୍ଧାର ପାଇଁ ୩୬ଟି ୟୁନିଟ୍ କାର୍ଯ୍ୟ କରୁଛି। ପୁଲିସ୍‌ମାନଙ୍କର ଏ କ୍ଷେତ୍ରରେ ବଡ଼ ଭୂମିକା ରହୁଥିବା ବେଳେ ଅପରେସନ ମୁସ୍କାନ ଭଳି ମିଶନ ଜରିଆରେ ଶିଶୁମାନଙ୍କୁ ଉଦ୍ଧାର କରାଯାଉଛି। ତେବେ ରାଜ୍ୟରେ ଯେତେ ଶିଶୁ ନିଖୋଜ ହେଉଛନ୍ତି ସେମାନଙ୍କ ମଧ୍ୟରେ ପୁଅଙ୍କ ତୁଳନାରେ ଝିଅଙ୍କ ସଂଖ୍ୟା ଅଧିକ ରହୁଛନ୍ତି। ମାନବ ଚାଲାଣ ର୍ୟାକେଟ ଦ୍ୱାରା ଶିଶୁମାନଙ୍କୁ ବିଭିନ୍ନ କାର୍ଯ୍ୟରେ ନିୟୋଜିତ ପାଇଁ ବିଭିନ୍ନ ସ୍ଥାନକୁ ପଠାଯାଉଥିବାରୁ ସେମାନଙ୍କୁ ଉଦ୍ଧାର କରିବା ସେତେଟା ସହଜ ହେଉନାହିଁ। ନିଖୋଜ ହେଉଥିବା ପିଲାଙ୍କ ମଧ୍ୟରୁ କେତେକଙ୍କୁ ଘରୋଇ କାମରେ ନିୟୋଜିତ କରାଯାଉଥିବା ବେଳେ ଆଉ କେତେକଙ୍କୁ ବ୍ୟାବସାୟିକ କେନ୍ଦ୍ରରେ କାମରେ ଲଗାଯାଉଛି। ଛୋଟ ଛୋଟ ପିଲାଙ୍କୁ ବି ଅନ୍ୟ ରାଜ୍ୟରେ ନେଇ ଭିକ୍ଷାବୃତ୍ତି ଭଳି ଧନ୍ଦାରେ ଲଗାଯାଉଥିବାର ନଜିର ରହିଛି। କେବଳ ଓଡ଼ିଶା ନୁହେଁ, ସମଗ୍ର ଦେଶରେ ବି ଛୋଟ ଛୋଟ ପିଲାଙ୍କ ନିଖୋଜ ଘଟଣା ବର୍ଷକୁ ବର୍ଷ ବଢ଼ିବାରେ ଲାଗିଛି। ୨୦୨୦ରେ ଦେଶରେ ନିଖୋଜ ଶିଶୁଙ୍କ ସଂଖ୍ୟା ୧ ଲକ୍ଷ ୮ ହଜାର ଥିବା ବେଳେ ୨୦୨୧ରେ ଏହା ୧ ଲକ୍ଷ ୨୧ ହଜାରକୁ ଟପିଯାଇଥିଲା। ୨୦୨୨ରେ ନିଖୋଜ ଶିଶୁଙ୍କ ସଂଖ୍ୟା ୧ ଲକ୍ଷ ୨୭ ହଜାରକୁ ଟପିଥିବା ବେଳେ ୨୦୨୩ରେ ୧ ଲକ୍ଷ ୩୮ ହଜାର ଓ ୨୦୨୪ରେ ଏହା ୧ ଲକ୍ଷ ୪୭ ହଜାରକୁ ଅତିକ୍ରମ କରିଯାଇଛି। ଦେଶରେ ବୃଦ୍ଧି ପାଉଥିବା ଶିଶୁଙ୍କ ନିଖୋଜ ଘଟଣା ଏବେ ଚିନ୍ତାର କାରଣ ପାଲଟିଛି। (ତଥ୍ୟ)

# ଏମକେସିଜି ଡାକ୍ତରୀ ଛାତ୍ର ନିଖୋଜ



ବ୍ରହ୍ମପୁର,୨୧୯(ସଂଚାର ବ୍ୟୁରୋ): ବ୍ରହ୍ମପୁର ଏମକେସିଜି ମେଡିକାଲ କଲେଜରୁ ଜଣେ ପ୍ରଥମ ବର୍ଷ ଡାକ୍ତରୀ ଛାତ୍ର ନିଖୋଜ ହୋଇଯାଇଛନ୍ତି। ତାଙ୍କ ନାମ ସାଗର ସାହୁ (୨୦) ତାଙ୍କ ଘର ଯାଜପୁର ଜିଲ୍ଲାରେ ହୋଇଥିବା ବେଳେ ସେ ଦୁଇ ଦିନ ତଳୁ ଅର୍ଥାତ୍ ଗତ ୩୧ ତାରିଖରୁ ନିଖୋଜ ଅଛନ୍ତି। ତାଙ୍କୁ ଶେଷଥର ପାଇଁ ବ୍ରହ୍ମପୁର ରେଳ ଷ୍ଟେସନରେ ଦେଖାଯାଇଥିଲା। ସେ ଧଳା ଶାର୍ଟ ପିନ୍ଧିଥିଲେ ଓ କଲେଜ ବ୍ୟାଗ ଧରିଥିଲେ। ସାଗରଙ୍କ ମୋବାଇଲ ଫୋନ୍‌ଟି ରେଳ ଷ୍ଟେସନ ନିକଟସ୍ଥ ରେଳଲାଇନରୁ ମିଳିଛି। ଏନେଇ ପୁଲିସରେ ଅଭିଯୋଗ କରାଯାଇଛି। ଏମକେସିଜି ମେଡିକାଲ କଲେଜ ଛାତ୍ର ସଂଘ ପକ୍ଷରୁ ଏହି ଘଟଣାକୁ ନେଇ ଏକ ନୋଟିସ୍ ମଧ୍ୟ ଜାରି କରାଯାଇଛି। ସାଗର ସମ୍ପର୍କରେ ସୂଚନା ସଂଗ୍ରହ କରିବାକୁ ସମସ୍ତଙ୍କୁ ଅନୁରୋଧ କରିଛି ସଂଘ। ବ୍ରହ୍ମପୁର ଏସ୍‌ପି ଶ୍ରବଣ ବିବେକ ଏମ୍ କହିଛନ୍ତି ଯେ ଏମ୍‌କେସିଜିରୁ ଜଣେ ଛାତ୍ର ନିଖୋଜ ହୋଇଥିବା ନେଇ ବୈଦ୍ୟନାଥପୁର ଥାନାରେ ଏତଲା ଦେଇଛନ୍ତି ଡିନ୍। ପୁଲିସ ଏକ ଟିମ୍ ଗଠନ କରି ନିଖୋଜ ଛାତ୍ରଙ୍କୁ ଖୋଜାଖୋଜି କରୁଛି। ସିସିଟିଭିଗୁଡ଼ିକୁ ଯାଞ୍ଚ କରାଯାଉଛି। ତାଙ୍କ ମୋବାଇଲ ଫୋନ୍ ଜବତ କରାଯାଇଛି। ସେ କେଉଁଠାକୁ ଯାଇଥାଇପାରନ୍ତି, ସେ ନେଇ ଯାଞ୍ଚ କରାଯାଉଛି। ତାଙ୍କର ସାଙ୍ଗସାଥୀମାନଙ୍କୁ ପଚରାଉଚରା କରାଯାଉଛି। ତାଙ୍କର ମାନସିକ ସ୍ଥିତି କ'ଣ ଥିଲା, ତାହା ଆମେ ଜାଣିବାକୁ ଚେଷ୍ଟା କରୁଛୁ। ଆଶା କରାଯାଉଛି ଯେ ସେ ଖୁବ୍‌ଶୀଘ୍ର ମିଳିଯିବେ।

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live



# ସୁରକ୍ଷା, ସଂଯୋଗୀତା ଓ ସୁଯୋଗ



ସାମ୍ପ୍ରତିକ ସମୟରେ ବିଶ୍ୱ ରାଜନୀତି ଅନିଶ୍ଚିତତା ଓ ସଂଘର୍ଷରେ ପରିପୂର୍ଣ୍ଣ। ଏହି ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ କିରଗିଜସ୍ତାନର ରାଜଧାନୀ ବିଶ୍କେକରେ ଅନୁଷ୍ଠିତ ଶାଙ୍ଘାଇ ସହଯୋଗ ସଙ୍ଗଠନ (ଏସସିଓ)ର ୨୬ତମ ଶିଖର ସମ୍ମିଳନୀରେ ଭାଗନେବା ଏବଂ ସେଠାରେ ପ୍ରଦତ୍ତ ବକ୍ତବ୍ୟ ଭାରତୀୟ ବିଦେଶ ନୀତିର ଏକ ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତ। ଏହି ସମ୍ମିଳନୀ ଏସସିଓର ୨୫ବର୍ଷ ପୂର୍ତ୍ତି ଅବସରରେ ଅନୁଷ୍ଠିତ ହୋଇଥିଲା ଏବଂ ଏଥିରେ ରୁଷିଆର ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ, ଚୀନର ରାଷ୍ଟ୍ରପତି ଜ୍ଷି ଜିନପିଙ୍ଗ ଏବଂ ପାକିସ୍ତାନର ପ୍ରଧାନମନ୍ତ୍ରୀ ଶାହବାଜ ଶରୀଫଙ୍କ ସମେତ ଅନେକ ନେତା ଉପସ୍ଥିତ ଥିଲେ।

ମୋଦୀ ଏହି ମଞ୍ଚରେ ଆତଙ୍କବାଦ ବିରୋଧରେ ଏକ ଦୃଢ଼ ଏବଂ ସ୍ପଷ୍ଟ ସନ୍ଦେଶ ଦେଇଛନ୍ତି। ସେ କହିଛନ୍ତି ଯେ ଆତଙ୍କବାଦ ମାନବଜାତି ପାଇଁ ଏକ ଗମ୍ଭୀର ଚ୍ୟାଲେଞ୍ଜ ଭାବେ ରହିଛି ଏବଂ ଏହା ବିରୋଧରେ କେବଳ ପ୍ରତିକ୍ରିୟାମୂଳକ ପଦକ୍ଷେପ ଯଥେଷ୍ଟ ନୁହେଁ। ସମ୍ପୂର୍ଣ୍ଣ ଆତଙ୍କବାଦୀ ପରିବେଶ - ଅର୍ଥଯୋଗାଣ, ନିଯୁକ୍ତି, ଉଗ୍ରବାଦୀକରଣ ଓ ସୁରକ୍ଷିତ ଆଶ୍ରୟସ୍ଥଳକୁ ଧ୍ୱଂସ କରିବାକୁ ସେ ଆହ୍ୱାନ ଦେଇଛନ୍ତି। ଯେଉଁ ଦେଶଗୁଡ଼ିକ ଆତଙ୍କବାଦକୁ ରାଜ୍ୟ ନୀତିର ଉପକରଣ ଭାବେ ବ୍ୟବହାର କରନ୍ତି ଏବଂ ଆତଙ୍କବାଦୀମାନଙ୍କୁ ସହାୟତା ପ୍ରଦାନ କରନ୍ତି, ସେମାନଙ୍କୁ ଏହି ବାର୍ତ୍ତା ଦିଆଯିବା ଉଚିତ ଯେ ଆତଙ୍କବାଦ କଦାପି କୌଣସି ରଣନୀତିକ ସମ୍ପତ୍ତି ହୋଇପାରିବ ନାହିଁ। ଏହି ମନ୍ତବ୍ୟ ପାକିସ୍ତାନର ଉପସ୍ଥିତିରେ ଦିଆଯାଇଥିବାରୁ ଏହାର ଗୁରୁତ୍ୱ ବଢ଼ିଯାଇଛି। ଏସସିଓ ଚାର୍ଟର ଅନୁଯାୟୀ ଦ୍ୱିପାକ୍ଷିକ ବିବାଦ ଉଠାଇବା ନିଷିଦ୍ଧ ଥିଲେ ମଧ ମୋଦୀଙ୍କ ସନ୍ଦେଶ ସ୍ପଷ୍ଟ ଓ ଦୃଢ଼ ଥିଲା।

ସେହିଭଳି, ସେ ସଂଯୋଗୀତା (କନେକ୍ଟିଭିଟି) ପ୍ରକଳ୍ପଗୁଡ଼ିକରେ ସାର୍ବଭୌମତ୍ୱ ଓ ଭୂଖଣ୍ଡିକ ଅଖଣ୍ଡତାକୁ ସମ୍ମାନ ଦେବାର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଛନ୍ତି। ଏହା ଚୀନର ବେଲ୍ଟ ଆଣ୍ଡ ରୋଡ୍ ଇନିସିଏଟିଭ୍ ଭଳି ପ୍ରକଳ୍ପ ପ୍ରତି ଭାରତର ସ୍ଥିତିକୁ ପୁନରୁଦ୍ଧାର କରେ। ସୁରକ୍ଷା, ସଂଯୋଗୀତା ଓ ସୁଯୋଗ - ଏହି ତିନୋଟି ସ୍ତମ୍ଭ ଉପରେ ଭାରତର ଏସସିଓ ଦୃଷ୍ଟିକୋଣ ଆଧାରିତ ବୋଲି ସେ ପୁନରାବୃତ୍ତି କରିଛନ୍ତି ଏବଂ ଏହାକୁ କେବଳ ଦର୍ଶନ ନୁହେଁ, ବରଂ ବାସ୍ତବ ଫଳାଫଳରେ ପରିଣତ କରିବାକୁ ଆହ୍ୱାନ ଦେଇଛନ୍ତି। ପଶ୍ଚିମ ଏସିଆର ସଙ୍କଟ ଓ ୟୁକ୍ରେନ ଯୁଦ୍ଧ ପ୍ରସଙ୍ଗରେ ମୋଦୀ କହିଛନ୍ତି ଯେ ଯୁଦ୍ଧକ୍ଷେତ୍ରରେ ସମାଧାନ ସମ୍ଭବ ନୁହେଁ; ସଂଳାପ ଓ କୂଟନୀତି ହିଁ ଏକମାତ୍ର ଉପାୟ। ଏକ ଅଞ୍ଚଳର ସଂଘର୍ଷ ବିଶ୍ୱ ଶକ୍ତି ସୁରକ୍ଷା, ସାମୁଦ୍ରିକ ବାଣିଜ୍ୟ ଓ ଯୋଗାଣ ଶୃଙ୍ଖଳାକୁ ପ୍ରଭାବିତ କରେ ଏବଂ ଗ୍ଲୋବାଲ ସାଉଥ ଏହାର ମୁଖ୍ୟ ଭୋକ୍ତା ହୋଇଥାଏ। ଏହି ସମ୍ମିଳନୀର ତତ୍କାଳୀନ ପ୍ରଭାବ ଯେପରି ଗୁରୁତ୍ୱପୂର୍ଣ୍ଣ, ସେହିଭଳି ଆଗାମୀ ଚାରି ମାସରେ ଏହାର ପ୍ରଭାବ ଆହୁରି ସ୍ପଷ୍ଟ ହେବ। ପ୍ରଥମତଃ, ଆତଙ୍କବାଦ ବିରୋଧୀ ଏକତାର ସନ୍ଦେଶ ଭାରତକୁ ଆନ୍ତର୍ଜାତିକ ମଞ୍ଚରେ ଅଧିକ ନୈତିକ ଶକ୍ତି ପ୍ରଦାନ କରିବ। ପାକିସ୍ତାନ ଏସସିଓର ଅଧକ୍ଷତା ଗ୍ରହଣ କରିଥିବାରୁ ଆଗାମୀ ମାସଗୁଡ଼ିକରେ ଭାରତ ଏହି ମଞ୍ଚରେ ଆତଙ୍କବାଦ ବିରୋଧୀ ପଦକ୍ଷେପକୁ ଅଧିକ ଜୋରଦାର ଭାବେ ଉଠାଇପାରିବ। ସୁରକ୍ଷା କେନ୍ଦ୍ର ଗଠନ ସମ୍ବନ୍ଧୀୟ ନିୟମାବଳୀ ଅନୁମୋଦିତ ହୋଇଥିବାରୁ ଚାରି ମାସ ମଧ୍ୟରେ ଏହାର କାର୍ଯ୍ୟକାରିତା ଆରମ୍ଭ ହେବାର ସମ୍ଭାବନା ରହିଛି, ଯାହା ଆଞ୍ଚଳିକ ସହଯୋଗକୁ ବଢ଼ାଇବ।

ଦ୍ୱିତୀୟତଃ, ଚୀନ ଓ ରୁଷିଆ ସହ ସମ୍ପର୍କରେ ସନ୍ତୁଳନ ବଜାୟ ରଖିବାରେ ଭାରତ ସଫଳ ହୋଇଛି। ଜ୍ଷି ଓ ପୁଟିନଙ୍କ ସହ ହାତମିଳାଇବା ଓ ଆଲୋଚନା ଭାରତ-ଚୀନ ସମ୍ପର୍କରେ ଧୀରେ ଧୀରେ ଉନ୍ନତିର ସୂଚନା ଦେଇପାରେ। ଆଗାମୀ ଚାରି ମାସରେ ବିଆରଆଇସିଏସ ସମ୍ମିଳନୀ ଭଳି ଅନ୍ୟାନ୍ୟ ମଞ୍ଚରେ ଏହି ସମ୍ପର୍କ ଆହୁରି ମଜବୁତ ହେବାର ସମ୍ଭାବନା ରହିଛି। ତୃତୀୟତଃ, ସଂଯୋଗୀତା ଓ ସୁଯୋଗ କ୍ଷେତ୍ରରେ ଯୁବ ବୈଜ୍ଞାନିକ ଫୋରମ, ସିଭିଲାଇଜେସନ ଡାୟାଲଗ ଭଳି ଉଦ୍ୟମ ଆରମ୍ଭ ହେବ, ଯାହା ଲୋକ-ଲୋକ ସମ୍ପର୍କକୁ ବଢ଼ାଇବ। ତେବେ ଚ୍ୟାଲେଞ୍ଜ ମଧ ରହିଛି। ପାକିସ୍ତାନର ଅଧକ୍ଷତା ସମୟରେ ଆତଙ୍କବାଦ ବିରୋଧୀ ଏଜେଣ୍ଡା କେତେଦୂର ଅଗ୍ରଗତି କରିପାରିବ ତାହା ଲକ୍ଷ୍ୟଣୀୟ। ବିଶ୍ୱ ସଙ୍କଟ ଜାରି ରହିଲେ ସଂଳାପର ପ୍ରଭାବ ସୀମିତ ରହିପାରେ। ତଥାପି ମୋଦୀଙ୍କ ଏହି ସମ୍ମିଳନୀ ଭାଗିଦାରୀ ଭାରତକୁ ଏକ ସ୍ୱତନ୍ତ୍ର ଏବଂ ସନ୍ତୁଳିତ କଣ୍ଠସ୍ୱର ଭାବେ ପ୍ରତିଷ୍ଠିତ କରିଛି। ଆଗାମୀ ଚାରି ମାସରେ ଯଦି ଏହି ବାର୍ତ୍ତାଗୁଡ଼ିକ ବାସ୍ତବ କାର୍ଯ୍ୟରେ ପରିଣତ ହୁଏ, ତେବେ ଏହା ଆଞ୍ଚଳିକ ଶାନ୍ତି ଓ ସହଯୋଗ ପାଇଁ ଏକ ମଜବୁତ ଭିତ୍ତିପ୍ରସ୍ତର ହୋଇପାରିବ। ଭାରତର ସ୍ୱାର୍ଥ ସୁରକ୍ଷିତ ରଖି ବିଶ୍ୱ ମଞ୍ଚରେ ନେତୃତ୍ୱ ଦେବାର ଏହି ଉଦ୍ୟମ ପ୍ରଶଂସନୀୟ ଏବଂ ଆଶାବାଦୀ।

# ପୂର୍ଣ୍ଣତାର ସ୍ୱାମୀ ଶ୍ରୀକୃଷ୍ଣ

**ଉମା ଶଙ୍କର ପ୍ରସାଦ**

ପରାଧୀନତାର କାରାଗାରରେ ବନ୍ଦ ଦ୍ୱାରର ତାଲା ଭାଙ୍ଗିବା ଏବଂ ଯମୁନା ପାରି ହୋଇ ଯିବା, ଜାଗିଥିବା ଜଗୁଆଳ ମାନଙ୍କୁ ଶୁଆଇ ଦେବା ଭଗବାନ ଶ୍ରୀକୃଷ୍ଣଙ୍କ ଜନ୍ମ-ଲୀଳା ଅଟେ। ଦେବକୀ ଓ ଯଶୋଦା, ବସୁଦେବ ଓ ନନ୍ଦବାବା, ଜେଲ୍ ଓ ଘର, ରାତି ଓ ଦିନ, ବଂଶୀ ଓ ରାଧା, ରାଧା-ରୁକ୍ମିଣୀ ଓ ଅନେକ ରାଣୀ, ମହାଭାରତ, ଶ୍ରୀମଦ୍‌ଭଗବଦ୍‌ଗୀତା ଓ ଗର୍ଗ ସଂହିତା... କୃଷ୍ଣ ଶବ୍ଦରେ ପୂର୍ଣ୍ଣ ଥିଲେ, ଅଛନ୍ତି ଏବଂ ରହିବେ। ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ଉପରେ ମୋର ଏହି ବିଶେଷ ଲେଖାଃ--

ଭଗବାନ କୃଷ୍ଣ ପ୍ରେମର ସେହି ବ୍ୟାପକ ସ୍ୱରୂପ, ଯାହା ସମସ୍ତଙ୍କଠାରେ ଅଛି ଏବଂ ପୂର୍ଣ୍ଣତା ସହିତ ଅଛି।

ଶ୍ରୀକୃଷ୍ଣଙ୍କ ଲୀଳାରେ ଗୋପୀମାନଙ୍କର ପ୍ରାଚୁର୍ଯ୍ୟ ରହିଛି। ସେଥିମଧ୍ୟରୁ ଯଦି ଖାଲି ଗୋପର ଗୋପୀଙ୍କୁ ବାହାର କରିଦିଆଯାଏ, ତେବେ ଶ୍ରୀମଦ୍‌ଭାଗବତରେ ଭକ୍ତିର ଅଭାବ ହୋଇଯିବ। ଗୋପୀମାନେ ଶ୍ରୀକୃଷ୍ଣଙ୍କ ପ୍ରତି ନିଜର ସମ୍ପର୍କ ଓ ଅନୁଭବ ବ୍ୟକ୍ତ କରିଛନ୍ତି, ତାହା ଅଦ୍ଭୁତ ଭାବରାଜ୍ୟ। ବାସ୍ତବରେ ଗୋପୀମାନଙ୍କ ଭାବ ଓ ଜୀବନ ହିଁ ଶ୍ରୀକୃଷ୍ଣଙ୍କ ପ୍ରତିବିମ୍ବ। କୃଷ୍ଣ ରୂପକ ବିମ୍ବ ବିନା ଗୋପୀ ରୂପକ ପ୍ରତିବିମ୍ବ ସମ୍ଭବ ନୁହେଁ। ବାସ୍ତବରେ ଶ୍ରୀମଦ୍‌ଭାଗବତରେ ହିଁ ଶ୍ରୀକୃଷ୍ଣଙ୍କ ମାଧୁର୍ଯ୍ୟ ଓ ଐଶ୍ୱର୍ଯ୍ୟ ଲୀଳାର ପରିପୂର୍ଣ୍ଣ ଆଲେଖ୍ୟ ରହିଛି। ଭଗବାନଙ୍କ ସହ ସମ୍ବାଦର ସମ୍ଭାବନା ଭାଗବତରେ ଅଛି। ଶ୍ରୀକୃଷ୍ଣଙ୍କ ଦିବ୍ୟାତ୍ମା ଶ୍ରୀମଦ୍‌ଭଗବତ ଗୀତା। ମନୁଷ୍ୟର ସମ୍ପୂର୍ଣ୍ଣ ମାନସିକତାରେ ଭଗବାନଙ୍କ ଉପସ୍ଥିତିର କାଳରେ ଭଗବାନଙ୍କ ଦିବ୍ୟ ଦର୍ଶନ ହିଁ ମହାଭାରତ। ଗର୍ଗ ସଂହିତା ପ୍ରେମରେ ପରିପୂର୍ଣ୍ଣ। ଗର୍ଗ ଙ୍କ ଭାବ ରାଧାଙ୍କ ପ୍ରତି ଏବଂ ବେଦବ୍ୟାସ ଙ୍କ ଭାବ କୃଷ୍ଣଙ୍କ ପ୍ରତି ପରିପ୍ରକାଶିତ ହୁଏ।

ଏହି ପକ୍ଷପାତ ଅଦ୍ୱୈତ ବେଦାନ୍ତ। ଯେଉଁଠାରେ ସିଦ୍ଧାଶ୍ରମରେ ପୁନଃ ରାସଲୀଳା ପାଇଁ ରୁକ୍ମିଣୀ ହିଁ ଶ୍ରୀକୃଷ୍ଣଙ୍କୁ ଆଉ ଏକ ବାର ରାସଲୀଳାର ଆୟୋଜନ ପାଇଁ ଆଗ୍ରହ କରନ୍ତି। ଏହା ବିଦେହ ଭାବ ସହିତ ହିଁ ସମ୍ଭବ। ରସିକଶେଖର ଭଗବାନ କୃଷ୍ଣ ଧୀରେ ଧୀରେ ହସି ରୁକ୍ମିଣୀ ଙ୍କୁ କହନ୍ତି ଯେ ଯଦି ରାଧା ସ୍ୱୟଂ ଏହାକୁ ସ୍ୱୀକାର କରନ୍ତି, ତେବେ ଏହା ସମ୍ଭବ ହୋଇପାରିବ। ଯେଉଁ ଭଗବାନ ଅର୍ଜୁନଙ୍କୁ ମହାଯୁଦ୍ଧରେ ପ୍ରବୃତ୍ତ କରିବା ପାଇଁ ଗୀତା ସମ୍ପୂର୍ଣ୍ଣ ଜ୍ଞାନ ଦେଇ ଶରଣାଗତ କରାଇପାରନ୍ତି, ସେ କ'ଣ ରାଧା ଙ୍କୁ ଆଦେଶ ଦେଇପାରିବେ ନାହିଁ? ନାହିଁ! କାରଣ ଏହା ହିଁ କୃଷ୍ଣଙ୍କ ମାଧୁର୍ଯ୍ୟ, ଯାହା ରାଧାଭାବରେ ଶରଣାଗତ ନ ହୋଇ ସମ୍ଭବ ନୁହେଁ। ରାଧାଙ୍କ ପ୍ରିୟତା ବିନା କୃଷ୍ଣ ନୃତ୍ୟ କରିପାରିବେ ନାହିଁ। ଭଗବାନ କହନ୍ତି —

"ତଦା ରାସୋ ଭବେଦତ୍ର ଭବତୀଭିସ୍ତୁ ପୃଚ୍ଛ୍ୟତାମ୍।।"

ରୁକ୍ମିଣୀ ଅନ୍ୟ ରାଜକୁମାରୀମାନଙ୍କ ସହ ରାଧା ଙ୍କ ପାଖକୁ ଗଲେ ଏବଂ ତାଙ୍କୁ ଅନେକ ବିଶେଷଣରେ ସମ୍ବୋଧିତ କଲେ— ହେ ରମ୍ଭୋ ! ଚନ୍ଦ୍ରବଦନେ! ବ୍ରଜସୁନ୍ଦରୀମାନଙ୍କର ସ୍ୱାମିନୀ, ରାସେଶ୍ୱରୀ! ପ୍ରିୟତମେ! ଶୀଳରୂପିଣୀ! ଶୁଭାଙ୍ଗି! ଯଦି ଆପଣ ଆମର ରାସେଶ୍ୱର କୃଷ୍ଣଙ୍କ ସହ ରାସ ରଚାଇବାକୁ ଶ୍ରେଷ୍ଠ ଆଶ୍ରମରେ ରାସ ରଚାନ୍ତି, ତେବେ ଆମ ପ୍ରତି ବଡ଼ କୃପା ହେବ। ଶ୍ରୀମତୀ ରାଧାରାଣୀ ମଧ ସେହି ଉତ୍ତର ଦେଲେ— ଯଦି ବିମ୍ବ ତ ମୋ ପ୍ରତିବିମ୍ବରେ ବି ସ୍ୱତଃ ଭାସିତ ହେବ ରାଜକୁମାରୀମାନେ! ସେମାନଙ୍କର ପ୍ରଶଂସା କରି କହନ୍ତି ଯେ ଯଦି ଆପଣ ନିଜର ପ୍ରେମ ସେବା-ଶୁଶ୍ରୂଷା ଏବଂ ଭକ୍ତି ଦ୍ୱାରା ପରମପ୍ରିୟତମ ପ୍ରଭୁଙ୍କୁ ବଶରେ କରିପାରିବେ, ତେବେ ଏହା ସମ୍ଭବ। ନା ମୁଁ କୃଷ୍ଣଙ୍କ ବଶରେ ଅଛି, ନା ଶ୍ରୀ ଙ୍କ। ଏହା ହିଁ ଗର୍ଗସଂହିତାର ଆଚାରସଂହିତା। ଏହା ହିଁ କୃଷ୍ଣଙ୍କ ରାଧାଭକ୍ତି ଏବଂ ରାଧାଙ୍କ କୃଷ୍ଣଭକ୍ତି। ଦୁହିଁଙ୍କ ପ୍ରେମକୁ ଯୋଡ଼ି ପ୍ରେମରେ ନିମଗ୍ନ ହେବାର ଇଚ୍ଛା ରଖୁଥିବା ମହାରାଣୀ ରୁକ୍ମିଣୀ ଓ ରାଜକୁମାରୀମାନେ ଧନ୍ୟ। ଯଦି ରୁକ୍ମିଣୀ ଓ ରାଧା ଙ୍କ ସହ ଶ୍ରୀକୃଷ୍ଣଙ୍କ ରାସ ଭାବନା କରିପାରନ୍ତି, ତେବେ ଏହାଠାରୁ ବଡ଼ ଅଶରୀରୀ ମହାଦର୍ଶନ ପ୍ରସାଦ କେଉଁଠି ମିଳିବ? ଏହା ହିଁ ସାକ୍ଷାତ୍ ଦର୍ଶନ, ଇତି ପ୍ରସାଦ। ରାଜକୁମାରୀମାନଙ୍କ ଦ୍ୱାରା ଶ୍ରୀକୃଷ୍ଣଙ୍କ ଭାବ ଓ ତାଙ୍କ ପ୍ରତି ସମର୍ପଣ ଶୁଣି ଶ୍ରୀଜୀ କହିଲେ— ତଥାସ୍ତୁ! ରାସର ସାରା ରାତି ଏକ କ୍ଷଣରେ ବିତିଗଲା। ଦୁଇ ସଖୀଙ୍କ ମଝିରେ ଜଣେ କୃଷ୍ଣ। ଏହିପରି ଆକାଶୀୟ ଗୋଲକ ମଝିରେ ଶ୍ରୀକୃଷ୍ଣ ଓ ରାଧା। ଏହା ରାଧା-କୃଷ୍ଣ ସମସ୍ତ ବ୍ରତ, ଦାନ, ସଂଯମ, ଯଜ୍ଞ, ତପ, ତୀର୍ଥର ଫଳ। ଏହି ସଂସାରରେ ନାରୀ ଓ ପୁରୁଷଙ୍କ ମଝିରେ ଦେହରେ ଥାଇ ମଧ ଯଦି ବିଦେହତା ଦେଖିବାକୁ ଚାହାଁନ୍ତି, ତେବେ ମହାମୁନି ଗର୍ଗ ଙ୍କ ନେତ୍ରରେ ଏବଂ ନାରଦ ଙ୍କ ମୁଖରୁ ତାହା ଦେଖିବା ଓ ଶୁଣିବା ଉଚିତ୍।

ରାଣୀମାନେ ରାସ କରିବା ପରେ ଜ୍ଞାନମାର୍ଗୀ ବେଦାନ୍ତୀଙ୍କ ହୃଦୟକୁ ପରିପୂର୍ଣ୍ଣ କରିବା ପାଇଁ ଭକ୍ତି, ରାସ ଓ ଜ୍ଞାନକୁ ମିଶାଇ ଦେଉଥିବା କଥା କହିଲେ— ହେ ପ୍ରଭୁ! ଆପଣଙ୍କ ସହ ରାସ କରୁଥିବା ଆପଣଙ୍କ ମୁଖ ଓ ଚରଣର ତାଳ ଦେଖି ସୁନ୍ଦର ହଂସ ଭଳି ମନ ମଧ ଅଦ୍ୱୈତନିଷ୍ଠ ହୋଇଗଲା, ଯାହା ଶୁଣି ମୁନି ବ୍ରହ୍ମାନନ୍ଦରେ ବୁଡ଼ିଯାଆନ୍ତି। ଚାହେଁ ରାସ ହେଉ, ଚାହେଁ କୃଷ୍ଣଜନ୍ମ, ବ୍ରହ୍ମାନନ୍ଦ ସେୟା।

ଭଗବାନ କୃଷ୍ଣ ପ୍ରେମର ଏପରି ବ୍ୟାପକ ସ୍ୱରୂପ, ଯାହାର ମିଳିବା, ପୁରା ମିଳିବା। ଅନୁଭବର ଆଧାର ଚାହେଁ ଜ୍ଞାନ ହେଉ, ପ୍ରେମ ହେଉ, କର୍ମ ହେଉ କିମ୍ବା ଅଜ୍ଞାନତା ହିଁ କାହିଁକି ନ ହେଉ, ସେ ସମସ୍ତଙ୍କୁ ପୂରଣ କରନ୍ତି। ଲହୁଣି ଚୋରାଇବା, ମାଡ଼ ଖାଇବା ସବୁ ସେହି ସୃଷ୍ଟିର ଲୀଳା। ସମଷ୍ଟି ସତ୍ୟ ତ ସେ ସ୍ୱୟଂ। ଯେ କୃଷ୍ଣାଷ୍ଟପଦୀକୁ ପୂଜ୍ୟ ବନାଇ ଦିଅନ୍ତି, ବ୍ରଜଭୂମିକୁ ଆରାଧ ବନାଇ ଦିଅନ୍ତି, ଅର୍ଜୁନଙ୍କୁ ଆପଣାର ଏକରୂପତା ସିଦ୍ଧ କରିଦିଅନ୍ତି। ସେହିତ 'ପୂର୍ଣ୍ଣତାର ସ୍ୱାମୀ ଶ୍ରୀକୃଷ୍ଣ'।

ଖୋର୍ଦ୍ଧା- ମୋବାଇଲ୍ (୬୩୭୦୬ ୭୫୫୬୨)

# ଭାରତୀୟ ସଂସ୍କୃତିରେ ଗୁରୁ ପରମ୍ପରା



**ଡ.ଚନ୍ଦ୍ରକଳା ନାୟକ**

ଗୁରୁ ବ୍ରହ୍ମାନନ୍ଦ ସ୍ୱରୂପ। ଅଖଣ୍ଡ ଜ୍ଞାନର ଅଧିକାରୀ। ଦୟା, କ୍ଷମା, କରୁଣା, ତ୍ୟାଗ, ତିତିକ୍ଷା, ନିରହଂକାରିତା, ଶାନ୍ତି, ମୈତ୍ରୀ, ଧୃତି, ପ୍ରଶନ୍ନତା, ସହନଶୀଳତା, କର୍ତ୍ତବ୍ୟ ପରାୟଣତା, ଶିଷ୍ୟ ପ୍ରତି ସ୍ନେହ ଶ୍ରଦ୍ଧା ଗୁରୁଙ୍କର ପରମ ଭୂଷଣ। ପ୍ରତିବର୍ଷ ଭାରତବର୍ଷରେ ସେପ୍ଟେମ୍ବର ୫ ତାରିଖ ଡ଼ ସର୍ବପଲ୍ଲୀ ରାଧାକୃଷ୍ଣନ୍‌ଙ୍କ ଜନ୍ମ ତିଥିକୁ ଗୁରୁ ଦିବସ ରୂପେ ପାଳନ କରାଯାଉଛି। ୧୮୮୮ ମସିହା ଆଜିର ଦିନରେ ମାଡ୍ରାସର ତିରୂପତିଠାରେ ତାଙ୍କର ଜନ୍ମ ହୋଇଥିଲା। ଗୁରୁ ପରମ୍ପରାର ସେ ଥିଲେ ଶ୍ରେଷ୍ଠ ସାଧକ। ଭାରତୀୟ ଗୁରୁ ଶିଷ୍ୟ ପରମ୍ପରାରେ ଶିକ୍ଷକଙ୍କ ସଂଜ୍ଞା ନିରୂପଣ କରି ରାଧାକୃଷ୍ଣନ କହନ୍ତି -' ଶିକ୍ଷକ କହିଲେ କେବଳ ବିଦ୍ୟାଳୟ, ମହାବିଦ୍ୟାଳୟ ବା ବିଶ୍ୱ ବିଦ୍ୟାଳୟର ଶିକ୍ଷକଙ୍କୁ ବୁଝାଏ ନାହିଁ। ଭାରତ ବର୍ଷର ଐତିହ୍ୟ, କଳା, ସଂସ୍କୃତି ଓ ପରମ୍ପରାକୁ ପାଥେୟ କରି ମାନବତ୍ୱର ବିକାଶ ପାଇଁ ଯେଉଁମାନେ ପ୍ରଚାରକ ଭାବରେ ଦିଗଦର୍ଶନ ଦେଇଥାନ୍ତି, ସେମାନଙ୍କୁ ହିଁ ଶିକ୍ଷକ କୁହାଯାଏ। ଶିକ୍ଷକ ନିଜେ ଜଳି ନିଃଶେଷ ହେଲା ପର୍ଯ୍ୟନ୍ତ, ଅନ୍ୟର ପଥକୁ ଆଲୋକିତ କରିଥାନ୍ତି। ଯାହାଙ୍କ ଠାରୁ ଗୋଟିଏ ଅକ୍ଷର ମନୁଷ୍ୟ ଶିକ୍ଷା ପାଇଥାଏ, ସେ ବି ଶିକ୍ଷକ।

ରାଧାକୃଷ୍ଣନ୍ ଥିଲେ ପ୍ରଥିତଯଶା ଦାର୍ଶନିକ, ଉଚ୍ଚାଙ୍ଗ ଶିକ୍ଷାଧାରାର ପ୍ରବର୍ତ୍ତକ। ସମାଜର ଚାରିତ୍ରିକ ତଥା ଭାରତର ମହାନ ଗ୍ରନ୍ଥ ଶ୍ରୀମଦ ଭଗବତ ଗୀତାର ସୂକ୍ଷ୍ମ ବିଶ୍ଳେଷକ। ତାଙ୍କ ବିଚାରଧାରା ସମସ୍ତଙ୍କ ଠାରୁ ଥିଲା ସ୍ୱତନ୍ତ୍ର। ସେ ଏପରି ଜଣେ ଗୁରୁ ଥିଲେ, ଯେ ଶିକ୍ଷା ଓ ସମାଜ ଜୀବନ କ୍ଷେତ୍ରରେ ଚରିତ୍ର ଉପରେ ସର୍ବଦା ଗୁରୁତ୍ୱ ଦେଉଥିଲେ। ତାଙ୍କ ବିଚାରରେ ଭାରତ ବର୍ଷର ପାଂଚୋଟି 'ଗ' ପାଇଁ ଭାରତ ପୃଥିବୀର ବଡ ଭାଇ। ତାହା ହେଲା ଗୀତା, ଗାୟତ୍ରୀ, ଗଙ୍ଗା, ଗୋମାତା ଏବଂ ଗୁରୁ। ରାଧାକୃଷ୍ଣନ୍‌ଙ୍କ ମତରେ ପାଂଚୋଟି 'କ' ନୈତିକିତାର ବିରୋଧୀ। ତାହା ହେଉଛି କାମ, କ୍ରୋଧ, କଳହ, କପଟ ଓ କଳଙ୍କ। ଏହି ଗୁଣ ହିଁ ମନୁଷ୍ୟର ଚାରିତ୍ରିକ ଅଧପତନର କାରଣ। ଦେଶରେ ଶିକ୍ଷକ ମାନେ ନିଜର ଚରିତ୍ରକୁ ସଜାଡି ରଖିଲେ, ଦେଶର ଉପଯୁକ୍ତ ନାଗରିକ ତିଆରି ହୋଇପାରିବେ। ୧୯୬୨ ମସିହାରୁ ତାଙ୍କର ଜନ୍ମ ଦିବସକୁ ସାରା ଭାରତ ଗୁରୁଦିବସ ରୂପେ ପାଳନ କରୁଅଛି। ଦର୍ଶନ ଶାସ୍ତ୍ରରେ ତାଙ୍କର ଗଭୀର ଜ୍ଞାନ ବାଲ୍ୟ ସମୟରୁ ଏକ ଆଧ୍ୟାତ୍ମିକ ପରିବେଶରେ ତାଙ୍କ ଭିତରକୁ ଆସିଥିଲା। ପଣ୍ଡିତ ମଦନ ମୋହନ ମାଲବ୍ୟଙ୍କ ପରେ, ସେ ବନାରସ ବିଶ୍ୱ ବିଦ୍ୟାଳୟର କୂଳପତି ଥିବା ସମୟରେ କହିଥିଲେ- ଶିକ୍ଷକ ମାନେ ଆଦର୍ଶ ଶ୍ରେଣୀର ଅଟନ୍ତି। ଜ୍ଞାନର ଆଦାନ ପ୍ରଦାନ ଧାରାରେ ଗୁରୁଶିଷ୍ୟ ସମ୍ପର୍କ ଦିବ୍ୟ ଓ ଚିରନ୍ତନ। ଦୁହେଁ ପରସ୍ପର ପରିପୂରକ। ଉପନିଷଦରେ କୁହାଯାଇଛି- ଜାନି ଅନବଦ୍ୟାନି କର୍ମାଣି ତାନି ସେବିତବ୍ୟାନି ନଇତରାଣି। ଅର୍ଥାତ ଗୁରୁ ଭଲ କାମ କଲେ ତାକୁ ଗ୍ରହଣ କର, ଭୁଲ କଲାବେଳେ ଅନୁସରଣ କରନାହିଁ। ତାଙ୍କ ମତରେ ଶିକ୍ଷକ ଜଣେ ପ୍ରତିଶ୍ରୁତିବଦ୍ଧ ମଣିଷ ହୋଇଥିବା ଦରକାର। ମାନବ ଜାତି, ଦେଶ ଓ ପୃଥିବୀର ଭବିଷ୍ୟ ଉପରେ ତାଙ୍କର ବିଶ୍ୱାସ ଓ ଶ୍ରଦ୍ଧା ରହିବା ସର୍ବାଦୌ ଆବଶ୍ୟକ। ତାଙ୍କର ଆତ୍ମ ବିଶ୍ୱାସ ରହିବା ଦରକାର ଯେ, ଯେଉଁ ଶକ୍ତି ସେ ଲାଭ କରିଛନ୍ତି, ସେଥିରେ ସେ ଲୋକ ମାନଙ୍କୁ ଶୁଦ୍ଧ, ପରିଷ୍କାର ଓ ପବିତ୍ର କରିପାରିବେ। ଶିକ୍ଷକତା ଏକ ପେଷା ନୁହେଁ, ଏହା ଏକ ଆହ୍ୱାନ। ଜିଜ୍ଞାସୁ ଛାତ୍ରଟିଏ ବହି ଅପେକ୍ଷା ଜଣେ ଗୁରୁଙ୍କୁ ଅଧିକ ବିଶ୍ୱାସ କରେ। ଗୁରୁ ଜ୍ଞାନ ରୂପକ ଚନ୍ଦ୍ର ଆଲୋକରେ ମଣିଷର ଅଜ୍ଞାନ ରୂପକ ଅନ୍ଧକାର ଦୂରୀଭୂତ ହୋଇଯାଏ।

ସଦାଶିବଙ୍କ ଠାରୁ ଗୁରୁ ପରମ୍ପରା ଆରମ୍ଭ ହୋଇଛି। ଚାଣକ୍ୟଙ୍କ ପରି ଗୁରୁ ରାଷ୍ଟ୍ର ନିର୍ମାତା ହୋଇ ପାରିଥିଲେ। ସାନ୍ଦୀପନୀଙ୍କ ପରି ଗୁରୁ ସଂସ୍କୃତିର ରକ୍ଷକ ଥିଲେ। ଜଣେ ବ୍ୟକ୍ତି ଯେତେ ବିଦ୍ୱାନ ହେଲେ ସୁଦ୍ଧା ତାଙ୍କର ଜଣେ ଯୋଗ୍ୟ ପଥ ପ୍ରଦର୍ଶକର ସହାୟତା ଆବଶ୍ୟକ ହୋଇଥାଏ। ପ୍ରକୃତ ଗୁରୁଙ୍କ ଉପଦେଶ ମନୁଷ୍ୟ



ମାନଙ୍କର ଜଳ ରହିତ ସ୍ନାନ, ଯାହା ସମସ୍ତ ମଳିନତାକୁ ପରିଷ୍କାର କରିବାକୁ ସମର୍ଥ। ଗୁରୁ ମଣିଷର ଲକ୍ଷ ସ୍ଥିର କରିବାରେ ସହାୟକ ହୋଇ ତାଙ୍କୁ ଆତ୍ମ ସଚେତକ କରିଥାନ୍ତି। ସେଥିପାଇଁ କୁହାଯାଇଛି, ଅଜ୍ଞାନଗ୍ରାସକଂ ବ୍ରହ୍ମ ତସ୍ମୈଶ୍ରୀ ଗୁରବେ ନମଃ। ଯିଏ ନିରପରାଧ, ନିନ୍ଦା ସହିବାର ଶକ୍ତି, କ୍ରୋଧଶୂନ୍ୟ, ପ୍ରବଚଂନା ରହିତ, ଛଳନାହୀନ, ଘୃଣା ବିହୀନ, ହିଂସା ରହିତ, ଯାହାର ନିଷ୍ଠୁରତା ନାହିଁ, ଇନ୍ଦ୍ରିୟ ସୁଖ ଓ ଉପଭୋଗ ପ୍ରତି ଲାଳସା ନାହିଁ, ସେ ହିଁ ପ୍ରକୃତ ଗୁରୁ। ସ୍ୱାମୀ ବିବେକାନନ୍ଦଙ୍କ ମତରେ ସେ ହିଁ ପ୍ରକୃତ ସଦଗୁରୁ, ଯାହାଙ୍କ ଠାରେ ଗୁରୁ ପରମ୍ପରା କ୍ରମେ ଆଧାତ୍ମିକ ଶକ୍ତି ଅବତରଣ କରିଛି। ରାମାୟଣରେ ବି ଉଲ୍ଲେଖ ଅଛି- ଯାହାଙ୍କର ଜ୍ଞାନ ସବୁ ପରିସ୍ଥିତିରେ ସ୍ଥିର ଥାଏ, ସେ ହିଁ ଗୁରୁ।

ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଯବାହରଲାଲ ନେହରୁ ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍‌ଙ୍କୁ ଗୁରୁ ଭାବେ ଗ୍ରହଣ କରି ତାଙ୍କୁ ରାଷ୍ଟ୍ର ଗୁରୁ ବୋଲି କହିଥିଲେ। ଜଣେ ଶିଷ୍ୟ କାୟ-ମନୋ-ବାକ୍ୟ, କର୍ମରେ ଗୁରୁଙ୍କ ଅନୁଗାମୀ ହେବା ବାଂଛନୀୟ। ଦୈତ୍ୟ ମାନଙ୍କର ଗୁରୁ ହେଲେ ଶୁକ୍ରାଚାର୍ଯ୍ୟ ଓ ଦେବତା ମାନଙ୍କ ଗୁରୁ ହେଲେ ବୃହସ୍ପତି। ଶ୍ରୀକୃଷ୍ଣଙ୍କ ଗୁରୁ ହେଲେ ସାନ୍ଦୀପନି। ତାଙ୍କ ପତ୍ନୀ ଆଦର୍ଶ ଗୁରୁ ପତ୍ନୀ ଭାବେ ସର୍ବଦା ଭାରତ ବର୍ଷରେ ନମସ୍ୟା। ଉତ୍ତମ ଶିଷ୍ୟ ସର୍ବଦା ଗୁରୁ ମାନଙ୍କ ହୃଦୟରେ ସ୍ଥାନ ଗ୍ରହଣ କରନ୍ତି। ଭାଗବତରେ ବର୍ଣ୍ଣନା ଅଛି- ବିଷ୍ଣୁ ଦେବ ଦେବ ପରମ ଗୁରୁ, ସେ ଭକ୍ତ ବାଂଛା କଳ୍ପତରୁ। ସେ ଶ୍ରୀକୃଷ୍ଣଙ୍କ ରୂପରେ ଗୁରୁ ସାନ୍ଦିପନୀଙ୍କ ଘରେ ଯାଇ ସକଳ ବେଦ ଶିକ୍ଷା ପାଇଥିଲେ। ଅନେକ ଅଲୌକିକ ଶିଷ୍ୟଙ୍କ ମଧ୍ୟରୁ ଏକଲବ୍ୟ କାଳେ କାଳେ ଅମର। ନିଷାଦ ରାଜା ହିରନ୍ୟ ଧନୁଙ୍କ ପୁତ୍ର ଏକଲବ୍ୟଙ୍କ ଗୁରୁ ଭକ୍ତି ସର୍ବଦା ଅନନ୍ୟ। ତାଙ୍କର ଜନ୍ମ ନିଷାଦ କୂଳରେ। ଗୁରୁ ଦ୍ରୋଣ ତାଙ୍କୁ ଧନୁବିଦ୍ୟା ଶିକ୍ଷା ଦେବା ପାଇଁ ମନା କରି ଦେଇଥିଲେ। ସେ କିନ୍ତୁ ଗୁରୁଙ୍କ ମୃଣ୍ମୟ ପ୍ରତିମା ନିର୍ମାଣ କରି ନିଜେ ନିଜେ ଧନୁ ବିଦ୍ୟା ଶିକ୍ଷା ଲାଭ କରିଥିଲେ। ଅଲୌକିକ ଗୁରୁ ଭକ୍ତି ବଳରେ ବିରକ୍ଷଣ ବୀର ହୋଇ ପାରିଥିଲେ। ଗୋସ୍ୱାମୀ ତୁଳସୀ ଦାସ କହନ୍ତି- ଗୁରୁ ଭକ୍ତି ଦ୍ୱାରା ଦିବ୍ୟ ଦୃଷ୍ଟି ପ୍ରାପ୍ତି ହୋଇଥାଏ। ପ୍ରତି ମୁହୂର୍ତ୍ତରେ ଶିଷ୍ୟର ମଙ୍ଗଳ କାମନାରେ ନିବିଷ୍ଟ ଓ ତତ୍ପର ଥାଏ। ଅତିବଡି ଜଗନ୍ନାଥ ଦାସଙ୍କ ଏକାଦଶ ସ୍କନ୍ଦର ଅଷ୍ଟମରୁ ଦଶମ ଅଧାୟ ମଧ୍ୟରେ ଚବିଶ ଗୁରୁ ପ୍ରସଙ୍ଗ ଭାରତୀୟ ସଂସ୍କୃତି ଓ ପରମ୍ପରାର ଏକ ଅନନ୍ୟ ଦିଗକୁ ଉନ୍ମୋଚନ କରେ।

ଆଜି ଯନ୍ତ୍ର ମଣିଷ ପରମ୍ପରା ରକ୍ଷାରେ ବିଫଳ ହୋଇଛି। ଭାରତୀୟ ସଂସ୍କୃତିର ଏ ଅନନ୍ୟ ଗୁରୁ ଶିଷ୍ୟ ପରମ୍ପରା ଆକାଶ କୟାଂ ଚଲିକା ମାଛ ପରି ଦୁଷ୍ପ୍ରାପ୍ୟ ଓ ସ୍ୱପ୍ନୀଳ। ବହୁ ଶିକ୍ଷାର୍ଥୀ ସଂସ୍କାର ହୀନ ହୋଇଥିବାରୁ ଆଜି ସମାଜ ଅସୁସ୍ଥ। ଗୁରୁ ଶିଷ୍ୟର ସମ୍ପର୍କ ଆଜି କେବଳ ଲୋକ ଦେଖାଣିଆ ଔପଚାରିକ ମାତ୍ର। ଏଥିପାଇଁ ଆମେ ସମସ୍ତେ ଦାୟୀ। କେବଳ ଶିଷ୍ୟଟିଏ କାହିଁକି ଗୁରୁ ମଧ ଏ କ୍ଷେତ୍ରରେ ଆଜି କାଠଗଡ଼ାରେ ପହଞ୍ଚିଛି। ଅନେକ ମହାନ ଗୁରୁଙ୍କ ତ୍ୟାଗ, ନିଷ୍ଠା, ଉଦାରତା ମଣିଷକୁ ମହାପୁରୁଷ କରି ଗଢି ତୋଳିଛି। ଏହି ଭାରତ ବର୍ଷରେ ରାମ ଦାସଙ୍କ ନେତୃତ୍ୱରେ ଛତ୍ରପତି ଶିବାଜୀ, ଚାଖି ଖୁଣ୍ଟିଆଙ୍କ ପରାମର୍ଶରେ ରାଣୀ ଲକ୍ଷ୍ମୀବାଇ, ଗୋପାଳକୃଷ୍ଣ ଗୋଖଲେଙ୍କ ପ୍ରେରଣାରେ ଜାତିର ପିତା ମହାତ୍ମା ଗାନ୍ଧୀ, ଚିତ୍ତ ରଞ୍ଜନ ଦାସଙ୍କ ଉତ୍ସାହରେ ନେତାଜୀ ସୁଭାଷ ବୋଷ, ରାମକୃଷ୍ଣ ପରମହଂସଙ୍କ ସଂସ୍ପର୍ଶରେ ଆସି ସ୍ୱାମୀ ବିବେକାନନ୍ଦ, ଚାଣକ୍ୟଙ୍କ ସାଧନାରେ ଚନ୍ଦ୍ରଗୁପ୍ତ ମୌର୍ଯ୍ୟ, କେଶବ ଭାରତୀଙ୍କ ଦର୍ଶନରେ ଶ୍ରୀ ଚୈତନ୍ୟ, ସ୍ୱାମୀ ବିବେକାନନ୍ଦଙ୍କ ପାଇଁ ଦୟାନନ୍ଦ ସରସ୍ୱତୀ, ପ୍ଲାଟୋଙ୍କ ଶକ୍ତି ମାଧମରେ ଆରିଷ୍ଟଟଲ, ଆରିଷ୍ଟଟଲଙ୍କ ଛାୟା ତଳେ ବିଶ୍ୱ ବିଜୟୀ ଆଲେକଜାଣ୍ଡର ପରି ମହାନ ମହାପୁରୁଷ ମାନଙ୍କର ଅଭ୍ୟୁଦୟ ସମ୍ଭବ ହୋଇ ପାରିଥିଲା।

ଆଜି ଆଧୁନିକ ସମାଜ ସମ୍ପୂର୍ଣ୍ଣ ଦିଗହରା। ଏଥିରୁ ନିସ୍ତାର ପାଇବାକୁ ହେଲେ ଆମର ପ୍ରାଚୀନ ଗୁରୁ ପରମ୍ପରାକୁ ଆମକୁ ଅନୁସରଣ କରିବାକୁ ପଡ଼ିବ। ଉଭୟ ଗୁରୁ ଓ ଶିଷ୍ୟଙ୍କର ପରସ୍ପର ପ୍ରତି ପ୍ରତିବଦ୍ଧତା ହିଁ, ଆଗାମୀ ପିଢ଼ୀକୁ ନୂତନ ମାର୍ଗ ଦର୍ଶନ କରେଇ ପାରିବ। ବିଜ୍ଞାନ ଓ ପ୍ରଯୁକ୍ତିର କରାୟତରେ ମନୁଷ୍ୟ ତାର ପ୍ରାଚୀନ ଗୁରୁ ପରମ୍ପରାକୁ ଭୁଲିଯିବା ଦେଶ ଓ ସମାଜ ପାଇଁ ଏକ ବିରାଟ ବିପଦକୁ ଆହ୍ୱାନ କରିଛି। ଏଥିପାଇଁ ଉଭୟ ଗୁରୁ ଓ ଶିଷ୍ୟ ଯତ୍ନବାନ ହେଲେ ଏକ ମଧୁର ସମ୍ପର୍କର ଡୋରରେ ବନ୍ଧା ହୋଇ ଆମର ସାମାଜିକ ଜୀବନ ପୂର୍ଣ୍ଣତା ପ୍ରାପ୍ତ ହେବ। ଆଜି ଏହି ପବିତ୍ର ଗୁରୁ ଦିବସରେ ଆମେ ସମସ୍ତେ ସଂକଳ୍ପବଦ୍ଧ ହେବା ଯେ, ଆମର ପ୍ରାଚୀନ ଭାରତୀୟ ଗୁରୁ ପରମ୍ପରାକୁ ପୁନଃର୍ବାର ଉପଲବ୍ଧି କରିବା ସହିତ ଜୀବନ ଯାତ୍ରାରେ ତାକୁ କାର୍ଯ୍ୟକାରୀ କରିବା।

**ଅଧାପିକା, ମହାପୁରୁଷ ହାଡିଦାସ ମହାବିଦ୍ୟାଳୟ, ଛତିଆ, ଯାଜପୁର, ମୋ-୯୪୩୭୯୫୭୬୧୭**

# ବିଧାନସଭା ଆସୁଛିଃ ସରକାର ସହ ଲଢ଼ିବେ ନା ଓଡ଼ିଶା ପାଇଁ ଲଢ଼ିବେ



**ସୌଭାଗ୍ୟ ରଞ୍ଜନ ମହାନ୍ତି**

ବିଧାନସଭାରେ ମାଇକ୍ ବନ୍ଦ ହେଲେ ଓଡ଼ିଶାର ସ୍ୱର ବନ୍ଦ ହୁଏ ନାହିଁ, ସଭା ମୁଲତବି ହେଲେ ଲୋକଙ୍କ ପ୍ରଶ୍ନ ମୁଲତବି ହୁଏ ନାହିଁ, ନାରା ଥମିଗଲେ ମଧ ଚାଷୀଙ୍କ ଚିନ୍ତା, ଯୁବକଙ୍କ ବେକାରି, ଛାତ୍ରଛାତ୍ରୀଙ୍କ ଭବିଷ୍ୟତ, ମହିଳାଙ୍କ ସୁରକ୍ଷା ଓ ସାଧାରଣ ଲୋକଙ୍କ ଆଶା ଥମିଯାଏ ନାହିଁ। ତେଣୁ ଆସନ୍ତା ବିଧାନସଭା ଅଧିବେଶନ ଆରମ୍ଭ ହେବା ପୂର୍ବରୁ ଗୋଟିଏ ପ୍ରଶ୍ନ ସମଗ୍ର ଓଡ଼ିଶା ଶାସକ ଓ ବିରୋଧୀ—ଉଭୟଙ୍କୁ ପଚାରିବା ଦରକାର— ଆପଣମାନେ ଲଢ଼ିବେ କାହା ପାଇଁ? ସରକାରକୁ ହରାଇବା ପାଇଁ, ନା ଓଡ଼ିଶାକୁ ଜିତାଇବା ପାଇଁ? ଏହି ପ୍ରଶ୍ନ ସହଜ ନୁହେଁ, କିନ୍ତୁ ଆଜି ଏହାର ଉତ୍ତର ଆବଶ୍ୟକ। କାରଣ ବିଧାନସଭାରେ ଯେଉଁ ପ୍ରତ୍ୟେକ ଆସନରେ ଜନପ୍ରତିନିଧି ବସନ୍ତି, ସେହି ଆସନ କୌଣସି ଦଳର ବ୍ୟକ୍ତିଗତ ସମ୍ପତ୍ତି ନୁହେଁ; ତାହା ଲୋକଙ୍କ ବିଶ୍ୱାସର ଆସନ। ଯେଉଁ ଲୋକ ନିଜ ଦୈନନ୍ଦିନ ଜୀବନରୁ ସମୟ କାଢ଼ି ଭୋଟ ଦେଇଛି, ଯେଉଁ ଚାଷୀ ନିଜ ଘାମରେ ମାଟିକୁ ଫସଲରେ ପରିଣତ କରୁଛି, ଯେଉଁ ଯୁବକ ହାତରେ ପ୍ରମାଣପତ୍ର ଧରି ଚାକିରି ଖୋଜୁଛି, ଯେଉଁ ମାଆ ନିଜ ପିଲାର ଭବିଷ୍ୟତ ପାଇଁ ଚିନ୍ତିତ, ଯେଉଁ ରୋଗୀ ଭଲ ଚିକିତ୍ସା ପାଇଁ ହସ୍ପିଟାଲ ଦ୍ୱାରରେ ଠିଆ ହେଉଛି—ସେମାନେ ବିଧାନସଭାକୁ ନିଜ ସ୍ୱର ପଠାଇଛନ୍ତି। ସେହି ସ୍ୱରକୁ ଦଳୀୟ ନାରାରେ ଢାଙ୍କିଦେବା ମାନେ ଜନତାଙ୍କ ବିଶ୍ୱାସକୁ ଅବମାନ କରିବା। ବିରୋଧୀ ଦଳର କାମ ସରକାରକୁ ପ୍ରଶ୍ନ କରିବା। ଏହା ଗଣତନ୍ତ୍ରର ମୂଳ ଶକ୍ତି। କିନ୍ତୁ ପ୍ରଶ୍ନ କରିବା ଓ କେବଳ ବିରୋଧ କରିବା ଏକ କଥା ନୁହେଁ। ସରକାରର ପ୍ରତ୍ୟେକ କାମକୁ ଭୁଲ କହିଦେବା ବିରୋଧୀ ରାଜନୀତି ନୁହେଁ; ତଥ୍ୟ ଖୋଜି ଭୁଲକୁ ଧରିବା, ଦୁର୍ବଳତାକୁ ଦେଖାଇବା ଏବଂ ତାହାର ବିକଳ୍ପ ଦେବା ହେଉଛି ପ୍ରକୃତ ବିରୋଧୀ ରାଜନୀତି। ସେହିପରି ସରକାରର କାମ ମଧ କେବଳ ବିରୋଧୀଙ୍କୁ ଉତ୍ତର ଦେଇ ନିଜକୁ ସଠିକ୍ ପ୍ରମାଣ କରିବା ନୁହେଁ। ଯେଉଁଠି ତ୍ରୁଟି




ଅଛି, ତାହା ସ୍ୱୀକାର କରିବାର ସାହସ ଏବଂ ତାହାକୁ ସୁଧାରିବାର ଇଚ୍ଛା ହିଁ ଭଲ ଶାସନର ପରିଚୟ। ଆସନ୍ତା ଅଧିବେଶନରେ ଖଣି ଆଇନ ସଂଶୋଧନ ନେଇ ଯଦି ତୀବ୍ର ତର୍କ ହୁଏ, ତେବେ ଓଡ଼ିଶା ଚାହିଁବ ନାହିଁ କିଏ କାହାକୁ ହରାଇଲା; ଓଡ଼ିଶା ଜାଣିବାକୁ ଚାହିବ ରାଜ୍ୟର ଅଧିକାର କେତେ ସୁରକ୍ଷିତ ରହିଲା। ଖଣିଜ ସମ୍ପଦ ଓଡ଼ିଶାର ଅର୍ଥନୀତିର ଏକ ବଡ଼ ଆଧାର। ତେଣୁ ଖଣି ସମ୍ପର୍କିତ କୌଣସି ନୀତି ପରିବର୍ତ୍ତନର ପ୍ରଭାବ କେବଳ ରାଜନୈତିକ ମଞ୍ଚରେ ନୁହେଁ, ରାଜ୍ୟର ରାଜସ୍ୱ, ଖଣି ଅଞ୍ଚଳର ଲୋକଙ୍କ ଜୀବନ, ପରିବେଶ ଓ ଆଗାମୀ ପିଢ଼ିର ଭବିଷ୍ୟତରେ ପଡ଼ିପାରେ। ତେଣୁ ଏହି ପ୍ରସଙ୍ଗରେ ଚିତ୍କାର ନୁହେଁ, ତଥ୍ୟ ଦରକାର। ଅଭିଯୋଗ ନୁହେଁ, ହିସାବ ଦରକାର। ଦଳୀୟ ରାଜନୀତି ନୁହେଁ, ଓଡ଼ିଶାର ଅଧିକାର ଦରକାର। ଯଦି କୌଣସି ନୀତି ରାଜ୍ୟ ପାଇଁ ଲାଭଦାୟକ, ତେବେ ତାହାକୁ ସ୍ୱୀକାର କରାଯାଉ; ଯଦି କୌଣସି ନୀତି ରାଜ୍ୟର ସ୍ୱାର୍ଥକୁ କ୍ଷତି କରିବାର ଆଶଙ୍କା ରଖେ, ତେବେ ଦଳୀୟ ପତାକାକୁ ପାଖରେ ରଖି ସମସ୍ତେ ମିଶି ପ୍ରଶ୍ନ କରାଯାଉ। ଏହା ଦଳ ବିରୋଧୀ ରାଜନୀତି ନୁହେଁ; ଏହା ଓଡ଼ିଶା ପ୍ରତି ଦାୟିତ୍ୱ। ପାଠ୍ୟପୁସ୍ତକରେ ତ୍ରୁଟି ନେଇ ମଧ ଏହି ମାପକାଠି ଲାଗୁ ହେବା ଦରକାର। ଏକ ପାଠ୍ୟପୁସ୍ତକର ଗୋଟିଏ ଭୁଲ ତଥ୍ୟ ହଜାର ହଜାର ପିଲାଙ୍କ ମନରେ ଭୁଲ ଧାରଣା ସୃଷ୍ଟି କରିପାରେ। ଏହାକୁ ନେଇ ପ୍ରଶ୍ନ ଉଠିଲେ ସରକାର ରାଗିବା ନୁହେଁ, ଯାଞ୍ଚ କରିବା ଦରକାର। ବିରୋଧୀ ପ୍ରଶ୍ନ କଲେ ରାଜନୈତିକ ଲାଭ ନୁହେଁ, ପିଲାଙ୍କ ଭବିଷ୍ୟତକୁ ଆଗରେ ରଖିବା ଦରକାର। କାରଣ ପୁସ୍ତକର ଭୁଲ କୌଣସି ଦଳର ଭୁଲ ନୁହେଁ; ଏହା ଆମ ପିଲାଙ୍କ ଭବିଷ୍ୟତ ସହ ଜଡ଼ିତ ଭୁଲ। ଏହି ଅଧିବେଶନରେ ଆହୁରି ଅନେକ ପ୍ରସଙ୍ଗ ଉଠିବ। ଚାଷୀଙ୍କ ସମସ୍ୟା ରହିବ, ଯୁବକଙ୍କ ନିଯୁକ୍ତି ରହିବ, ଶିକ୍ଷା ରହିବ, ସ୍ୱାସ୍ଥ୍ୟ ରହିବ, ମହିଳା ସୁରକ୍ଷା ରହିବ, ଆଦିବାସୀ ଅଞ୍ଚଳର ବିକାଶ ରହିବ, ପାନୀୟଜଳ ରହିବ, ରାସ୍ତାଘାଟ ରହିବ। କିନ୍ତୁ ପ୍ରଶ୍ନ ହେଉଛି—ଏହି ସମସ୍ତ ପ୍ରସଙ୍ଗ କେତେ ସମୟ ରାଜନୀତିର ମୁଖ୍ୟ ଆଲୋଚନାରେ ରହିବ? କେତେ ସମୟ ପରେ ଏଗୁଡ଼ିକ ଦଳୀୟ ଅଭିଯୋଗର ଭିଡ଼ରେ ହଜିଯିବ? ଲୋକଙ୍କ ଦୁଃଖ ଯଦି ଦୁଇ ଦଳର ମୁହାଁମୁହିଁ ଲଢ଼େଇ ମଧରେ ହଜିଯାଏ, ତେବେ ବିଧାନସଭାର ଗରିମା କେଉଁଠି ରହିବ? ଜନତା ଆଉ କେବଳ ହଙ୍ଗାମା ଦେଖିବାକୁ ଚାହୁଁନାହାନ୍ତି। ଲୋକେ ଚାହୁଁଛନ୍ତି ପ୍ରଶ୍ନ ହେଉ, ଉତ୍ତର ଆସୁ, ଦାୟିତ୍ୱ ନିର୍ଦ୍ଧାରିତ ହେଉ ଏବଂ ସମାଧାନର ରାସ୍ତା ବାହାରୁ। ଯେଉଁ ବିଧାୟକ ନିଜ ଅଞ୍ଚଳର ସମସ୍ୟା ନେଇ ବିଧାନସଭାରେ ଠିଆ ହେଉଛନ୍ତି, ସେ ମନେ ରଖିବା ଦରକାର—ସେ କେବଳ ନିଜ ଦଳର ପ୍ରତିନିଧି ନୁହେଁ, ସେ ଓଡ଼ିଶାର ଲୋକଙ୍କ ପ୍ରତିନିଧି। ତାଙ୍କ ସ୍ୱରରେ ତାଙ୍କ ନିର୍ବାଚନମଣ୍ଡଳୀର ଲୋକଙ୍କ ସ୍ୱର ରହିବା ଦରକାର। ତାଙ୍କ ପ୍ରଶ୍ନରେ ରାଜ୍ୟର ଭବିଷ୍ୟତ ଦେଖାଯିବା ଦରକାର। ଏହିଠି ହିଁ ଜନପ୍ରତିନିଧିତ୍ୱର ଅର୍ଥ। ଶାସକ ଦଳ ଯଦି ଭାବେ ଯେ ବିରୋଧୀଙ୍କ ପ୍ରଶ୍ନ ମାନେ ସରକାର ବିରୋଧୀ ଷଡ଼ଯନ୍ତ୍ର, ତେବେ ସେହି ଚିନ୍ତା ଗଣତନ୍ତ୍ର ପାଇଁ ବିପଜ୍ଜନକ। ବିରୋଧୀ ଯଦି ଭାବନ୍ତି ଯେ ସରକାରକୁ ଅସୁବିଧାରେ ପକାଇଦେବା ହିଁ ତାଙ୍କର ସଫଳତା, ତେବେ ସେହି ଚିନ୍ତା ମଧ ଲୋକଙ୍କ ପାଇଁ ନିରାଶାଜନକ। ଦୁଇ ପକ୍ଷ ମନେ ରଖିବା ଦରକାର ସରକାର ବଦଳିବ, ବିରୋଧୀ ବଦଳିବ, ନେତା ବଦଳିବେ, କିନ୍ତୁ ଲୋକଙ୍କ ସମସ୍ୟା ଯଦି ସେହିଠାରେ ରହିଯାଏ, ତେବେ ବଦଳିବ କଣ? ରାଜନୀତିର ସବୁଠାରୁ ବଡ଼ ବିଡ଼ମ୍ବନା ହେଉଛି ନିର୍ବାଚନ ପୂର୍ବରୁ ଲୋକେ ରାଜା, ନିର୍ବାଚନ ପରେ ଲୋକେ ଦର୍ଶକ। ଏହି ଧାରଣା ବଦଳିବା ଦରକାର। ଲୋକେ ଦର୍ଶକ ନୁହେଁ, ସେମାନେ ଗଣତନ୍ତ୍ରର ମାଲିକ। ବିଧାନସଭାର ପ୍ରତ୍ୟେକ ତର୍କ, ପ୍ରତ୍ୟେକ ପ୍ରଶ୍ନ ଓ ପ୍ରତ୍ୟେକ ନିଷ୍ପତ୍ତି ଲୋକଙ୍କ ଜୀବନକୁ ପ୍ରଭାବିତ କରେ। ତେଣୁ ଏଥର ଅଧିବେଶନରେ ଓଡ଼ିଶା ଏକ ନୂଆ ଦୃଶ୍ୟ ଦେଖିବାକୁ ଚାହେ—ଶାସକ ଦଳ ନିଜ କାମର ହିସାବ ଦେଉ, ବିରୋଧୀ ତଥ୍ୟ ସହ ପ୍ରଶ୍ନ କରୁ, ମନ୍ତ୍ରୀମାନେ ସ୍ପଷ୍ଟ ଉତ୍ତର ଦିଅନ୍ତୁ, ବିଧାୟକମାନେ ଲୋକଙ୍କ ପ୍ରଶ୍ନ ନେଇ ଲଢ଼ନ୍ତୁ ଏବଂ ଦଳୀୟ ସୀମା ପାର କରି ଓଡ଼ିଶାର ମୂଳ ସ୍ୱାର୍ଥରେ ଏକାଠି ଠିଆ ହୁଅନ୍ତୁ। ଏହା ହେଲେ ବିଧାନସଭାର ମର୍ଯ୍ୟାଦା ବଢ଼ିବ। ଲୋକଙ୍କ ବିଶ୍ୱାସ ବଢ଼ିବ। ରାଜନୀତିର ମାନ ବଢ଼ିବ ଏବଂ ସବୁଠାରୁ ବଡ଼ କଥା—ଓଡ଼ିଶା ଜିତିବ। ନହେଲେ ଆମେ ପୁଣି ସେହି ପୁରୁଣା ଦୃଶ୍ୟ ଦେଖିବା—ନାରା, ହଙ୍ଗାମା, ଅଭିଯୋଗ, ପ୍ରତିଅଭିଯୋଗ, ସଭା ମୁଲତବି ଏବଂ ଶେଷରେ ଲୋକଙ୍କ ପ୍ରଶ୍ନ ପୁଣି ଅନୁତ୍ତରିତ। ଓଡ଼ିଶା ଏବେ ଏହାଠାରୁ ଅଧିକ ଆଶା କରୁଛି। ଓଡ଼ିଶାର ରାଜନୀତିକୁ ଏବେ ନିଷ୍ପତ୍ତି ନେବାକୁ ହେବ—ଦଳୀୟ ଜିତ ବଡ଼ ନା ଜନତାର ଜିତ? ସରକାରକୁ ହରାଇବା ବଡ଼ ନା ଓଡ଼ିଶାକୁ ଜିତାଇବା ବଡ଼? ଇତିହାସ ମନେ ରଖିବ ନାହିଁ କିଏ କେତେ ଉଚ୍ଚ ସ୍ୱରରେ ନାରା ଦେଇଥିଲା; ଇତିହାସ ମନେ ରଖିବ କିଏ ଓଡ଼ିଶାର ଅଧିକାର ପାଇଁ ଠିଆ ହୋଇଥିଲା। ଆସନ୍ତା ଅଧିବେଶନ ତେଣୁ କେବଳ ଆଉ ଏକ ଅଧିବେଶନ ନୁହେଁ; ଏହା ଓଡ଼ିଶାର ରାଜନୀତିର ଚରିତ୍ର ପରୀକ୍ଷା। ଯେଉଁମାନେ ଲୋକଙ୍କ ଭୋଟରେ ବିଧାନସଭାକୁ ଆସିଛନ୍ତି, ସେମାନଙ୍କ ସାମ୍ନାରେ ଆଜି ଓଡ଼ିଶା ଗୋଟିଏ ଆଇନା ଧରିଛି। ସେହି ଆଇନାରେ ଦେଖାଯିବ—କିଏ ଦଳ ପାଇଁ ଠିଆ ହୋଇଛି, କିଏ କ୍ଷମତା ପାଇଁ ଲଢ଼ୁଛି ଏବଂ କିଏ ସତରେ ଓଡ଼ିଶା ପାଇଁ ଲଢ଼ୁଛି। ଶେଷରେ ନିଷ୍ପତ୍ତି ଲୋକଙ୍କର। କାରଣ ଦଳର ପତାକା ବଦଳିପାରେ, ନେତାଙ୍କ ଚେହେରା ବଦଳିପାରେ, ସରକାର ବଦଳିପାରେ; କିନ୍ତୁ ଓଡ଼ିଶା ବଦଳିବ ନାହିଁ। ଓଡ଼ିଶା ହିଁ ରହିବ। ତେଣୁ ଏଥର ବିଧାନସଭାରେ ପ୍ରଶ୍ନ ଗୋଟିଏ ହେଉ "ଆପଣ କାହା ପାଇଁ ଲଢ଼ୁଛନ୍ତି?" ଏବଂ ଉତ୍ତର ମଧ ଗୋଟିଏ ହେଉ "ମୁଁ ଓଡ଼ିଶା ପାଇଁ ଲଢ଼ୁଛି।"

ମୋବାଇଲ୍: ୯୪୩୭୯୯୪୩୭୯

# ବିବାହ ଉତ୍ସବରେ ଆମେରିକାର କ୍ଷେପଣାସ୍ତ୍ର ମାଡ଼



ନିରୀହଙ୍କ ଉପରେ ବର୍ବର ଅପରାଧ: ଇରାନ
ଆଇଆରଜିସି ଦେଲା ପାଲଟା ଜବାବ

ତେହରାନ,୨।୯ଃ ମଧ୍ୟପ୍ରାଚ୍ୟରେ ପୁଣି ଥରେ ମହାଯୁଦ୍ଧର ଆଶଙ୍କା ଘନେଇବା ଆରମ୍ଭ କରିଛି। ଇରାନର ଦକ୍ଷିଣରେ ଥିବା ହର୍ମୋଜଗାନ୍ ପ୍ରଦେଶରେ ଏକ ବିବାହ ଉତ୍ସବରେ ଆମେରିକାର କ୍ଷେପଣାସ୍ତ୍ର ଆକ୍ରମଣରେ ଚାରି ଜଣଙ୍କର ମୃତ୍ୟୁ ହୋଇଥିବା ଏବଂ ୫୦ ରୁ ଅଧିକ ଆହତ ହୋଇଥିବା ଇରାନୀ ରେଡ କ୍ରେସେଣ୍ଟ କହିଛି। ମୃତକଙ୍କ ମଧ୍ୟରେ ଜଣେ ଶିଶୁ ଅଛନ୍ତି।

ସୋସିଆଲ ମିଡ଼ିଆ ଏକ୍ସରେ ପୋଷ୍ଟ କରାଯାଇଥିବା ଏକ ବିବୃତିରେ, ଇରାନର ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ଏସମାଇଲ୍ ବାକାଇ ଇରାନ ଉପରେ ବର୍ବର ଅପରାଧ କରାଯାଉଥିବା କହିଛନ୍ତି। ନିରୀହ ଲୋକଙ୍କ ଜୀବନ ଯାଇଥିବାବେଳେ ବିଭିନ୍ନ ଦେଶର ସରକାର ଏବଂ ଅନ୍ତର୍ଜାତୀୟ ପ୍ରତିଷ୍ଠାନଗୁଡ଼ିକ ନୀରବ ରହିଥିବାରୁ ସେ କଡ଼ା ସମାଲୋଚନା କରିଛନ୍ତି। ବୋମା ଅପେକ୍ଷା ଅଧିକ ବିପଦପୂର୍ଣ୍ଣ ହେଉଛି ବୋମା ମାଡ଼କୁ ସ୍ୱାଭାବିକ ଘଟଣା ବୋଲି ମନେ କରିବା। ସେହିପରି ନୀରବତା ଅପେକ୍ଷା ଅଧିକ ବିପଦପୂର୍ଣ୍ଣ ହେଉଛି ନୀରବତାକୁ ଆଇନଗତ କାର୍ଯ୍ୟରେ ପରିଣତ କରିବା। ସେ ଏହା ମଧ୍ୟ ଚେତାବନୀ ଦେଇଛନ୍ତି ଯେ, ଯେଉଁମାନେ ଏହାକୁ ବେଆଇନ ଆକ୍ରମଣ ବୋଲି କହି ଏହାକୁ ଅଣଦେଖା କରିବେ, ସେମାନେ ଶେଷରେ ପରିଣାମ ଭୋଗ କରିବେ। ଯେତେବେଳେ ରାଜନୈତିକ ସୁବିଧା ପାଇଁ ବେଆଇନ ଆକ୍ରମଣ ଏବଂ ନୃଶଂସ ବର୍ବର ଅପରାଧକୁ ଆଇନଗତ କରାଯାଏ ସେତେବେଳେ ଅପରାଧକୁ ନିନ୍ଦା କରିବା ଏବଂ ଏହାକୁ ସାଧାରଣ ବୋଲି କହିବା ମଧ୍ୟରେ ଥିବା ଲକ୍ଷ୍ମଣ ରେଖା ଅଦୃଶ୍ୟ ହୋଇଯାଇଥାଏ। ଯେଉଁମାନେ ଆଜି ନୀରବ ରହିବେ ସେମାନେ କାଲି ଏହାର ପରିଣାମରୁ ମୁକ୍ତ ରହିବେ ନାହିଁ। ଅନ୍ୟାୟ ପ୍ରତି ଆଖି ବୁଜିଲେ ଏହା କେବଳ ଅପରାଧୀମାନଙ୍କୁ ସାହସ ଦିଏ ବୋଲି ବାକାଇ କହିଛନ୍ତି।

ଆମେରିକାର କେନ୍ଦ୍ରୀୟ କମାଣ୍ଡ ସେଣ୍ଟକମ୍ ଏକ ବିବୃତିରେ କହିଛି ଯେ ଆମେରିକୀୟ ସେନା ସେପ୍ଟେମ୍ବର ୧ ରେ ଇରାନ ସାମରିକ ଘାଟି ଉପରେ ସଫଳତାର ସହିତ ଆକ୍ରମଣ କରିଛି। ସେଣ୍ଟକମ୍ ଅନୁଯାୟୀ, ଇସଲାମିକ୍ ରିଭୋଲ୍ୟୁସନାରୀ ଗାର୍ଡ କର୍ପସ(ଆଇଆରଜିସି) ବାୟୁ ପ୍ରତିରକ୍ଷା ସ୍ଥଳ, ରାଡାର ସିଷ୍ଟମ, ସାମୁଦ୍ରିକ ସମ୍ପତ୍ତି, ମାଇନ୍ ବିଛାଇବା କ୍ଷମତା ଏବଂ ଯୋଗାଯୋଗ କେନ୍ଦ୍ରଗୁଡ଼ିକୁ ଟାର୍ଗେଟ କରାଯାଇଥିଲା। ସେଣ୍ଟକମ୍ କହିଛି ଯେ ମଧ୍ୟପ୍ରାଚ୍ୟରେ ୫୦ ହଜାରରୁ ଅଧିକ ଆମେରିକୀୟ ସୈନ୍ୟ ମୁତୟନ ଅଛନ୍ତି ଏବଂ ସେମାନେ ହାଇ ଆଲର୍ଟରେ ଅଛନ୍ତି।

ଆମେରିକା ଆକ୍ରମଣର ପାଲଟା ଜବାବରେ ଇରାନର ଇସଲାମିକ୍ ରିଭୋଲ୍ୟୁସନାରୀ ଗାର୍ଡ କର୍ପସଜୋର୍ଡାନରେ ଥିବା ଆମେରିକୀୟ ପ୍ରିନ୍ସ ହାସନ ବାୟୁସେନା ଘାଟି ଉପରେ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ଆକ୍ରମଣ କରିଛି। ଏହା ସହ ବାହାରିନରେ ଏକ ଆମେରିକୀୟ ଘାଟି ଉପରେ ବଡ଼ ଧରଣର ଡ୍ରୋନ୍ ଆକ୍ରମଣ କରାଯାଇଛି ବୋଲି ଇରାନୀ ଗଣମାଧ୍ୟମ ରିପୋର୍ଟ କରିଛି। ଜୋର୍ଡାନ କହିଛି ଯେ ଏହାର ବାୟୁ ପ୍ରତିରକ୍ଷା ପ୍ରଣାଳୀ ଏହାର ଆକାଶ ସୀମାରେ ପ୍ରବେଶ କରିଥିବା ୧୩ଟି ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ମଧ୍ୟରୁ ୧୦ଟିକୁ ପ୍ରତିହତ କରିଛି, ଯେତେବେଳେ ତିନୋଟି କ୍ଷେପଣାସ୍ତ୍ର ଜନବସତି ଅଞ୍ଚଳରୁ ଦୂରରେ ପୃଥକ ସ୍ଥାନରେ ପଡ଼ିଛି। ଏହି ସମୟରେ କୁଏତ କହିଛି ଯେ, ଇରାନ ଆକ୍ରମଣ ପରେ ଏହାର ବାୟୁ ପ୍ରତିରକ୍ଷା ପ୍ରଣାଳୀ ଶତ୍ରୁଙ୍କ ଡ୍ରୋନ୍ ଆକ୍ରମଣର ପ୍ରଭାବଶାଳୀ ଜବାବ ଦେଉଛି।

ରାମ ମନ୍ଦିର ଟ୍ରଷ୍ଟରେ ବଡ଼ ପରିବର୍ତ୍ତନ

## ମହେଶ, ମଦନମୋହନ ଓ ଉର୍ମିଳା ନୂଆ ଟ୍ରଷ୍ଟି



ଅଯୋଧ୍ୟା,୨।୯ଃ ଶ୍ରୀ ରାମ ଜନ୍ମଭୂମି ତୀର୍ଥ କ୍ଷେତ୍ର ଟ୍ରଷ୍ଟର ପ୍ରଶାସନିକ ବ୍ୟବସ୍ଥାରେ ଏକ ବଡ଼ ଧରଣର ପରିବର୍ତ୍ତନ ଦେଖିବାକୁ ମିଳିଛି। ଟ୍ରଷ୍ଟରେ ୩ ଜଣ ନୂଆ ସଦସ୍ୟ (ଟ୍ରଷ୍ଟି)ଙ୍କୁ ଶାମିଲ କରାଯାଇଛି। ନୂଆ ସଦସ୍ୟ ଭାବେ ଦିଲ୍ଲୀର ମହେଶ ଭଗଚନ୍ଦକା, ଅଯୋଧ୍ୟାର ମଦନ ମୋହନ ପାଣ୍ଡେ ଏବଂ ଶିକୋହାବାଦର ଉର୍ମିଳା (ନିର୍ମଳା) ଯାଦବଙ୍କୁ ଦାୟିତ୍ୱ ଦିଆଯାଇଛି। ଅଯୋଧ୍ୟା ସ୍ଥିତ ଟ୍ରଷ୍ଟ ଅଧ୍ୟକ୍ଷ ମହନ୍ତ ନୃତ୍ୟ ଗୋପାଳ ଦାସଙ୍କ ବାସଭବନ 'ମଣିରାମ ଦାସ ଛାଉଣି'ଠାରେ ଅନୁଷ୍ଠିତ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଏହି ବୈଠକରେ ବିଶ୍ୱ ହିନ୍ଦୁ ପରିଷଦର ଜାତୀୟ ମହାମନ୍ତ୍ରୀ ବି.ଏଲ୍. ବାଂଗଡ଼ାଙ୍କ ସମେତ ଟ୍ରଷ୍ଟର ବହୁ ବରିଷ୍ଠ କର୍ମକର୍ତ୍ତା ଉପସ୍ଥିତ ଥିଲେ। ନୂତନ ଭାବେ ସାମିଲ ହୋଇଥିବା ମହେଶ ଭଗଚନ୍ଦକା ଦିବଂଗତ ଭିଏଚପି ନେତା ଅଶୋକ ସିଂହଲଙ୍କ ନିକଟ ସମ୍ପର୍କୀୟ ବୋଲି ଜଣାପଡ଼ିଛି। ଟ୍ରଷ୍ଟର ଶାସନ ପ୍ରକ୍ରିୟାକୁ ଅଧିକ ସୁଦୃଢ଼ ଓ ପାରଦର୍ଶୀ କରିବା ପାଇଁ ଏହି ନୂଆ ନିଯୁକ୍ତି ଦିଆଯାଇଛି। ଏହାସହ ରାମ ମନ୍ଦିରର ଦୈନନ୍ଦିନ ପରିଚାଳନା ଏବଂ ସୁରକ୍ଷା ବ୍ୟବସ୍ଥାକୁ ତଦାରଖ କରିବା ପାଇଁ ଟ୍ରଷ୍ଟ ପକ୍ଷରୁ ଖୁବଶୀଘ୍ର ଜଣେ ମୁଖ୍ୟ ନିର୍ବାହୀ ଅଧିକାରୀଙ୍କ ନାମ ମଧ୍ୟ ଘୋଷଣା କରାଯିବ।

## ୧୦ ଦିନରେ ଗୋଟିଏ ପରିବାରର ୪ ଶିଶୁଙ୍କ ମୃତ୍ୟୁ



ଭୋପାଳ,୨।୯ଃ ମଧ୍ୟପ୍ରଦେଶର ଶିବପୁରୀ ଜିଲ୍ଲା ସଇସପୁରା ଅଞ୍ଚଳରେ ଶୋକାକୁଳ ପରିବେଶ। ମାତ୍ର ୧୦ ଦିନ ମଧ୍ୟରେ ଗୋଟିଏ ପରିବାରର ୩ ଭାଇଙ୍କ ସମେତ ୪ ଜଣ ଶିଶୁଙ୍କ ସନ୍ଦିଗ୍ଧ ରୋଗରେ ମୃତ୍ୟୁ ଘଟିଛି। ସମସ୍ତଙ୍କଠାରେ ପ୍ରାୟ ସମାନ ଲକ୍ଷଣ ଦେଖାଯାଇଥିଲା। ପ୍ରବଳ ଜ୍ୱର, ପେଟରେ ଅସହ୍ୟ ଯନ୍ତ୍ରଣା, ବାନ୍ତି-ଝାଡ଼ା ସହ ଧୀରେ ଧୀରେ ଶରୀରର ଏକାଧିକ ଅଙ୍ଗ ଅକାମୀ ହୋଇଯିବା ଭଳି ଲକ୍ଷଣ ଦେଖା ଦେଇଥିଲା। ପ୍ରାଥମିକ ପରୀକ୍ଷାରୁ ମୃତ ଶିଶୁମାନଙ୍କ ମଧ୍ୟରୁ କେହି ହେଲେ ମ୍ୟାଲେରିଆ, ଡେଙ୍ଗୁ କିମ୍ବା କୋଭିଡରେ ଆକ୍ରାନ୍ତ ନଥିଲେ। ଏହା ସତ୍ତ୍ୱେ ବି ହଠାତ ଶିଶୁମାନଙ୍କ ମୃତ୍ୟୁ କାହିଁକି ହେଲା ଏବେ ବି ତାହା ରହସ୍ୟ ହୋଇ ରହିଛି। ସୂଚନାଯୋଗ୍ୟ, ପ୍ରଥମେ ୧୪ ବର୍ଷୀୟ ତାହିର ଖାନଙ୍କ ମୃତ୍ୟୁ ହୋଇଥିଲା। ଏହାପରେ ତାଙ୍କ ମାମୁଁଙ୍କ ୧୯ ବର୍ଷୀୟ ପୁଅ ଅୟାଜଙ୍କ ମୃତ୍ୟୁ ଘଟିଥିଲା। ପରବର୍ତ୍ତୀ ସମୟରେ ପରିବାରର ଅନ୍ୟ ଦୁଇ ଶିଶୁ ତାରୁଫ (୧୧) ଓ ତାସିଫ (୯) ମଧ୍ୟ ଅସୁସ୍ଥ ହୋଇପଡ଼ିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଉଭୟଙ୍କର ମୃତ୍ୟୁ ହୋଇଯାଇଥିଲା।

## କ୍ଷମା ନ ମାଗିଲେ ମାମଲା



ନୂଆଦିଲ୍ଲୀ, ୨।୯ଃ ସ୍ୱରା ଭାସ୍କର ତାଙ୍କର ଜୌହର ମନ୍ତବ୍ୟ ପାଇଁ ଆଇନଗତ ସମସ୍ୟାର ସମ୍ମୁଖୀନ ହେବାର ଆଶଙ୍କା ଉପୁଜିଛି। ସୁପ୍ରିମକୋର୍ଟର ଆଇନଜୀବୀ ଅମିତା ସଚଦେବା ତାଙ୍କୁ ତୁରନ୍ତ କ୍ଷମା ମାଗିବାକୁ କହିଛନ୍ତି। ସ୍ୱରା ଭାସ୍କରଙ୍କ ନିଜର ପୂର୍ବ ମନ୍ତବ୍ୟ ଉପରେ ସ୍ପଷ୍ଟୀକରଣ ଦେବା ପରେ, ଅମିତା ତୁରନ୍ତ କ୍ଷମା ନ ମାଗିଲେ ତାଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବାକୁ ଧମକ ଦେଇଛନ୍ତି। ସୋସିଆଲ ମିଡିଆରେ ସ୍ୱରା ଭାସ୍କରଙ୍କ ସ୍ପଷ୍ଟୀକରଣର ଜବାବ ଦେଇ ଅମିତା ଲେଖିଛନ୍ତି, ଆପଣ ପଦ୍ମାବତ ଚଳଚ୍ଚିତ୍ରର ବିଷୟବସ୍ତୁ ବିଷୟରେ ସମ୍ପୂର୍ଣ୍ଣ ଅବଗତ ଥିଲେ। ଆପଣ ଜାଣିଥିଲେ ଯେ ଏଥିରେ ରାଣୀ ପଦ୍ମାବତୀ ଏବଂ ଚିତୋରର ମହିଳାମାନଙ୍କର ସାହସିକତା ଏବଂ ବଳିଦାନକୁ ଚିତ୍ରଣ କରାଯାଇଥିଲା, ଯେଉଁମାନେ ବନ୍ଦୀତ୍ୱ ଏବଂ ଅପମାନର ସମ୍ମୁଖୀନ ହେବା ଅପେକ୍ଷା ଜୌହର କରିବାକୁ ବାଛିଥିଲେ। ଆପଣ ଏହା ଜାଣିଥିଲେ। ତଥାପି ଆପଣ ସେଭଳି ବକ୍ତବ୍ୟ ଦେଇଥିଲେ।

## ଗାଡ଼ିରୁ ମିଳିଲା ପୁଳାପୁଳା ଟଙ୍କା



ତିରୁଅନନ୍ତପୁରମ,୨।୯ଃ କେରଳ-କର୍ଣ୍ଣାଟକ ବୋର୍ଡର ପାଖ ୱାୟନାଡ଼ରୁ ପୁଲିସକୁ ଏକ କାରର ସିଟ୍ ତଳୁ ନଗଦ କୋଟି କୋଟି ଟଙ୍କା ମିଳିଛି। ଡ୍ରାଇଭର୍ ଗାଡ଼ିର ସିଟ୍ ତଳେ ଏକ ସିକ୍ରେଟ୍ ବାକ୍ସରେ ରଖିଥିଲା ଏବଂ ଏହି ବାକ୍ସରୁ ପୁଲିସକୁ ଏକ କୋଟିରୁ ଅଧିକ କ୍ୟାସ୍ ମିଳିଛି। ପୁଲିସ ଅଧିକାରୀଙ୍କ ଅନୁସାରେ, ଗାଡ଼ିରେ ଡ୍ରାଇଭର୍ ସିଟ୍ ତଳେ କରାଯାଇଥିବା ସିକ୍ରେଟ୍ ବାକ୍ସରେ ପ୍ରାୟ ୧.୪୪ କୋଟି ଟଙ୍କା ଲୁଚାଇ ରଖାଯାଇଥିଲା। ଥିରୁନେଲ୍ଲୀ ପୋଲିସ ଏବଂ ଜିଲ୍ଲାର ଷେଶାଲ୍ ଆଣ୍ଟି ଡ୍ରଗ୍ ଟିମ କର୍ଣ୍ଣାଟକ ପଟୁ ଆସୁଥିବା ଗାଡ଼ିଗୁଡ଼ିକର ଯାଞ୍ଚ କରୁଥିଲେ। ଏହି ସମୟରେ ସେମାନେ ଏକ ଗାଡ଼ିକୁ ଅଟକାଇ ଯାଞ୍ଚ କରିଥିଲେ। ଗାଡ଼ିରେ ତିନିଜଣ ଲୋକ ଯାତ୍ରା କରୁଥିଲେ। ପୁଲିସ ତିନିଜଣଙ୍କୁ ହାଜତକୁ ନେଇ ମାମଲାର ତଦନ୍ତ ଆରମ୍ଭ କରିଛି।

## ରେଳ ଷ୍ଟେସନରେ ବିସ୍ଫୋରଣ, ୨ ଆହତ

ବର୍ଲିନ,୨।୯ଃ ଦକ୍ଷିଣ ଜର୍ମାନ ସହର ଅଗସ୍‌ବର୍ଗର ଏକ ରେଳ ଷ୍ଟେସନରେ ଏକ ଅଜଣା ବସ୍ତୁ ବିସ୍ଫୋରଣ ହେବା ଫଳରେ ଦୁଇଜଣ ଲୋକ ସାମାନ୍ୟ ଆହତ ହୋଇଛନ୍ତି। ଷ୍ଟେସନ ଭିତରେ ଥିବା ଏକ ରାସ୍ତା ଉପରେ ଘଟିଥିବା ବିସ୍ଫୋରଣରେ ଷ୍ଟେସନର ଝରକା କାଚ ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ସ୍ଥାନୀୟ ସମୟ ସକାଳ ପ୍ରାୟ ୫ଟାରେ ପୁଲିସ ଘଟଣା ଉପରେ ପ୍ରତିକ୍ରିୟା ପ୍ରକାଶ କରି ଷ୍ଟେସନର କିଛି ଅଂଶକୁ ଘେରାବନ୍ଦୀ କରିଥିଲା ଓ ଅଧିକାରୀମାନେ ଘଟଣାସ୍ଥଳର ତଦନ୍ତ କରିଥିଲେ। ଏକ ବିସ୍ଫୋରକ ନିଷ୍କ୍ରିୟକାରୀ ରୋବୋଟ୍ ମଧ୍ୟ ନିୟୋଜିତ କରାଯାଇଥିଲା। ପୁଲିସ ଅଧିକ ବିବରଣୀ ପ୍ରଦାନ ନକରି ବସ୍ତୁଟିକୁ ସନ୍ଦେହଜନକ ବୋଲି ବର୍ଣ୍ଣନା କରିବା ପରେ ଷ୍ଟେସନକୁ ସମ୍ପୂର୍ଣ୍ଣ ବନ୍ଦ କରିଦିଆଯାଇଥିଲା ଓ ରେଳ ସେବାକୁ ସ୍ଥଗିତ କରାଯାଇଥିଲା।



## ମୋ ଲୋକଙ୍କୁ ହତ୍ୟା କରାଯାଉଛି, ମୋତେ ଫେରିବାକୁ ପଡ଼ିବ

ଢାକା/ନୂଆଦିଲ୍ଲୀ,୨।୯ଃ ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହସିନା ଡିସେମ୍ବର ସୁଦ୍ଧା ଦେଶକୁ ଫେରିବେ ବୋଲି ଦୋହରାଇ ସମୟ ଆସିଲେ ତାରିଖ ଘୋଷଣା କରିବେ ବୋଲି କହିଛନ୍ତି। ପ୍ରଧାନମନ୍ତ୍ରୀ ତାରିକ ରହମାନଙ୍କ ଭାରତଗସ୍ତ ସହିତ ତାଙ୍କ ପ୍ରତ୍ୟର୍ପଣକୁ ଯୋଡାଯାଉଥିବା ନେଇ ବାଂଲାଦେଶ ନ୍ୟାସନାଲ ପାର୍ଟି(ବିଏନପି) ସରକାରଙ୍କ ପଦକ୍ଷେପ ଉପରେ ପ୍ରଶ୍ନ ଉଠାଇଛନ୍ତି ହସିନା। ବାଂଲାଦେଶରେ ଆୱାମୀ ଲିଗ୍ କର୍ମୀମାନଙ୍କ ଉପରେ ହିଂସା କରାଯାଉଥିବା ସେ ଅଭିଯୋଗ କରିଛନ୍ତି। ଏପରି କୌଣସି ଦିନ ନାହିଁ ଯେଉଁଦିନ ବାଂଲାଦେଶରେ ଲୋକଙ୍କୁ ହତ୍ୟା କରାଯାଉନାହିଁ। ଯେତେବେଳେ ମୋ ଉପରେ ହୋଇଥିବା ଆକ୍ରମଣ ମତେ ଅଟକାଇ ପାରି ନଥିଲା, ଏବେ ଧମକ ମୋ କର୍ତ୍ତବ୍ୟ କରିବାକୁ ଅଟକାଇ ପାରିବ ନାହିଁ। ମୁଁ ମୋର ଭବିଷ୍ୟତ ବିଷୟରେ ଚିନ୍ତିତ ନୁହେଁ। ମୋର ମହତ୍ତ୍ୱାକାଂକ୍ଷା କ୍ଷମତାକୁ ଫେରିବା ନୁହେଁ; ମୁଁ ମୋ ଲୋକଙ୍କ ସହିତ ଠିଆ ହେବାକୁ ଚାହୁଁଛି।

## ୬ ବର୍ଷ ପରେ ବାପାଙ୍କ ପାଖକୁ ଫେରିବ ପୁଅ

ନୂଆଦିଲ୍ଲୀ,୨।୯ଃ ଦୀର୍ଘ ୬ ବର୍ଷର ଆଇନଗତ ଲଢ଼େଇ ପରେ ଶିଶୁର କଲ୍ୟାଣ ଓ ବିଦେଶୀ ଅଦାଲତର ଆଦେଶକୁ କାଏମ୍ ରଖି ସୁପ୍ରିମ୍ କୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ଜଣେ ନାବାଳକ ପୁଅକୁ କାନାଡାରେ ରହୁଥିବା ତାଙ୍କ ବାପାଙ୍କ ପାଖକୁ ଫେରାଇ ଦେବା ପାଇଁ ଦିଲ୍ଲୀ ହାଇକୋର୍ଟ ଦେଇଥିବା ନିର୍ଦ୍ଦେଶକୁ ସୁପ୍ରିମ୍ କୋର୍ଟ କାଏମ୍ ରଖିଛନ୍ତି। ମା'ଙ୍କ ପକ୍ଷରୁ ଦାୟର ହୋଇଥିବା ଆବେଦନକୁ ଖାରଜ କରି ଜଷ୍ଟିସ୍ ଏମ୍.ଏମ୍. ସୁନ୍ଦରେଶ ଏବଂ ଜଷ୍ଟିସ୍ ପ୍ରସନ୍ନ ବି. ଭରାଲେଙ୍କ ଖଣ୍ଡପୀଠ ହାଇକୋର୍ଟଙ୍କ ରାୟରେ ହସ୍ତକ୍ଷେପ କରିବାକୁ ମନା କରିଦେଇଛନ୍ତି।

## ୭୪ ବର୍ଷ ବୟସରେ ମା' ହେଲେ ମହିଳା

ଗୁଣ୍ଟୁର,୨।୯ଃ ଆନ୍ଧ୍ରପ୍ରଦେଶର ଗୁଣ୍ଟୁରର ଏର୍ରାମତି ମଙ୍ଗାୟମ୍ମା ୭୪ ବର୍ଷ ବୟସରେ ଓଠର ଜରିଆରେ ଯମଜ ଝିଅଙ୍କୁ ଜନ୍ମ ଦେଇଥିଲେ। ଏହି ବିରଳ ଘଟଣା ଘଟିଥିଲା ୨୦୧୯ ମସିହାରେ ଯାହା ଏବେ ପୁଣି ଚର୍ଚ୍ଚାକୁ ଆସିଛି। କାରଣ ଏତେ ଅଧିକ ବୟସରେ ଓଠର କରିବା ଉଚିତ କି ନୁହେଁ ଏବଂ ଓଠର ପାଇଁ ବୟସର ଏକ ସୀମା ରହିବା ଦରକାର କି ? ଏହାକୁ ନେଇ ଆରମ୍ଭ ହୋଇଛି ନୂଆ ଚର୍ଚ୍ଚା। ଏର୍ରାମତି ମଙ୍ଗାୟମ୍ମାଙ୍କ କାହାଣୀ ମେଡିକାଲ ସାଇନ୍ସ ସହ ଜଡ଼ିତ ଏକ ବିରଳ ଘଟଣା ଭାବେ ସାମ୍ନାକୁ ଆସିଥିଲା। ତାଙ୍କ ବିବାହ ୧୯୬୨ ମସିହାରେ ରାଜା ରାଓଙ୍କ ସହ ହୋଇଥିଲା। କିନ୍ତୁ ବିବାହର ଦୀର୍ଘ ବର୍ଷ ପରେ ମଧ୍ୟ ଏହି ଦମ୍ପତିଙ୍କର କୌଣସି ସନ୍ତାନ ହୋଇନଥିଲା। ଶେଷରେ ସେମାନେ ଓଠର ବିଶେଷଜ୍ଞଙ୍କ ସହାୟତା ନେଇଥିଲେ।୨୦୧୯ ମସିହାରେ ୭୪ ବର୍ଷ ବୟସରେ ସେ ଓଠର ବା 'ଇନ ଭିଟ୍ରୋ ଫର୍ଟିଲାଇଜେସନ' ଚିକିତ୍ସା ଜରିଆରେ ଯମଜ ଝିଅଙ୍କୁ ଜନ୍ମ ଦେଇଥିଲେ। ଗୁଣ୍ଟୁରର ଏକ ଘରୋଇ ହସ୍ପିଟାଲରେ ସିଜେରିଆନ୍ ସେକ୍ସନ୍ ଜରିଆରେ ଏହି ଡେଲିଭରି ହୋଇଥିଲା। ଡାକ୍ତରଙ୍କ ଅନୁସାରେ, ମା' ଏବଂ ଦୁଇ ଶିଶୁ ସେତେବେଳେ ସୁସ୍ଥ ଥିଲେ।



ଦିଲ୍ଲୀରେ ଭୟଙ୍କର 'ଡିଜିଟାଲ୍ ଆରେଷ୍ଟ'

## ବୃଦ୍ଧ ଦମ୍ପତିଙ୍କଠୁ ୩୦ ଲକ୍ଷ ଲୁଟିଲେ ସାଇବର ଠକ




ନୂଆଦିଲ୍ଲୀ,୨।୯ଃ ରାଜଧାନୀ ଦିଲ୍ଲୀରେ ଏକ ସ୍ତବ୍ଧ କରିଦେବା ଭଳି ସାଇବର୍ ଠକେଇ ଘଟଣା ସାମ୍ନାକୁ ଆସିଛି। ଜାତୀୟ ତଦନ୍ତକାରୀ ସଂସ୍ଥା (ଏନଆଇଏ) ଓ ଆଣ୍ଟି-ଟେରରିଷ୍ଟ ସ୍କ୍ୱାଡ୍ (ଏଟିଏସ୍)ର ଅଧିକାରୀ ପରିଚୟ ଦେଇ ଜଣେ ୭୪ ବର୍ଷୀୟ ଅବସରପ୍ରାପ୍ତ ରେଳବାଇ କର୍ମଚାରୀ ଓ ସାଙ୍ଗରେ ତାଙ୍କ ସ୍ତ୍ରୀଙ୍କୁ ପ୍ରାୟ ୭ ଦିନ ଧରି 'ଡିଜିଟାଲ୍ ଆରେଷ୍ଟ' (ଗୃହବନ୍ଦୀ) ରଖିବା ସହ ୩୦ ଲକ୍ଷ ଟଙ୍କା ଲୁଟି ନେଇଛନ୍ତି ଠକ। ଗତବର୍ଷ ଲାଲକିଲ୍ଲା କାର ବିସ୍ଫୋରଣ ମାମଲାରେ ସମ୍ପୃକ୍ତ ଆତଙ୍କବାଦୀଙ୍କୁ ଆର୍ଥିକ ସହାୟତା ଯୋଗାଇଥିବା ମିଥ୍ୟା ଅଭିଯୋଗ ଆଣି, ଆରେଷ୍ଟ କରିବାର ଭୟ ଦେଖାଇ ଦମ୍ପତିଙ୍କର ସଞ୍ଚିତ ପୁଞ୍ଜି ହଡ଼ପ କରାଯାଇଥିଲା। ଅଭିଯୋଗ ପରେ ପୁଲିସ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଜଣଙ୍କୁ ଗିରଫ କରିଥିବାବେଳେ ଠକ ଆକାଉଣ୍ଟରୁ ୧କୋଟିରୁ ଅଧିକ ଟଙ୍କା ଜବତ ହୋଇଛି।

ପୁଲିସ ସୂଚନାନୁସାରେ, ଦିଲ୍ଲୀ ଦ୍ୱାରକା ଅଞ୍ଚଳର ଏହି ବୃଦ୍ଧଙ୍କ ନିକଟକୁ ଏକ ଭିଡିଓ କଲ୍ ଆସିଥିଲା, ଯେଉଁଥିରେ ସାଇବର ଠକମାନେ ଏନଆଇଏ ଓ ଏଟିଏସ୍ ଅଫିସର ବୋଲି ଦାବି କରି ଲାଲକିଲ୍ଲା ବିସ୍ଫୋରଣର ଅଭିଯୁକ୍ତ ଉମର ନବୀ ସହ ତାଙ୍କ ବ୍ୟାଙ୍କ ଆକାଉଣ୍ଟର ସମ୍ପୃକ୍ତି ଥିବା କହିଥିଲେ। ଏକ ନକଲି ଚୁକ୍ତିପତ୍ର ପଠାଇ, କାହା ସହ କଥା ନହେବାକୁ ବାଧ୍ୟ କରିବା ସହ ରିଜର୍ଭ ବ୍ୟାଙ୍କ ଦ୍ୱାରା ଯାଞ୍ଚ ହେବା ପରେ ଟଙ୍କା ଫେରସ୍ତ ମିଳିବ ବୋଲି କହି ୩୦ ଲକ୍ଷ ଟଙ୍କା ଟ୍ରାନ୍ସଫର କରାଇଥିଲେ। ତଦନ୍ତ ଭାର ଗ୍ରହଣ କରିବା ପରେ ଦିଲ୍ଲୀ ପୁଲିସ କ୍ରାଇମ୍ ବ୍ରାଞ୍ଚ ଆର୍ଥିକ କାରବାରକୁ ଟ୍ରାକ୍ କରି ହରିୟାଣାର ଫତେହାବାଦରୁ ସୁନୀଲ ସିଂଘଲା ନାମକ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି।

ଦିଶା ସାଲିଆନ୍ ମୃତ୍ୟୁ ମାମଲା

## ମାମଲା ରୁଜୁ ପାଇଁ ହାଇକୋର୍ଟଙ୍କ ଆଦେଶ



ମୁମ୍ବାଇ,୨।୯ଃ ବଲିଉଡ୍ ଅଭିନେତା ସୁଶାନ୍ତ ସିଂହ ରାଜପୁତଙ୍କ ସେଲିବ୍ରିଟି ମ୍ୟାନେଜର ଦିଶା ସାଲିଆନଙ୍କ ୨୦୨୦ ମସିହାରେ ହୋଇଥିବା ରହସ୍ୟଜନକ ମୃତ୍ୟୁ ମାମଲାରେ ବମ୍ବେ ହାଇକୋର୍ଟ ଏକ ବଡ଼ ନିଷ୍ପତ୍ତି ଶୁଣାଇଛନ୍ତି। ବୁଧବାର ହାଇକୋର୍ଟ ଏହି ଘଟଣାର କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଜଷ୍ଟିସ୍ ସାରଙ୍ଗ କୋଟୱାଲ ଏବଂ ଜଷ୍ଟିସ୍ ରଣଜିତସିଂହ ରାଜା ଭୋଂସଲେଙ୍କ ଖଣ୍ଡପୀଠ ସିବିଆଇକୁ ଏକ ଏଫଆଇଆର୍ ରୁଜୁ କରି ଦିଶାଙ୍କ ବାପା ସତୀଶ ସାଲିଆନଙ୍କ ବୟାନ ରେକର୍ଡ କରିବାକୁ କହିଛନ୍ତି। ହାଇକୋର୍ଟ ନିଜ ନିର୍ଦ୍ଦେଶରେ କହିଛନ୍ତି ଯେ, ସିବିଆଇର ଜଣେ ବରିଷ୍ଠ ଓ ଅଭିଜ୍ଞ ଅଧିକାରୀ ଏହି ମାମଲାର ସମସ୍ତ ଦିଗର ତଦନ୍ତ କରିବେ। ଯେପର୍ଯ୍ୟନ୍ତ କୌଣସି ପକ୍ଷପାତହୀନ ପ୍ରମାଣ ନମିଳିଛି, ସେପର୍ଯ୍ୟନ୍ତ କାହାକୁ ବି ଅଭିଯୁକ୍ତ ଭାବେ ବିବେଚନା କରାଯାଇପାରିବ ନାହିଁ। କୋର୍ଟଙ୍କ ଏହି ରାୟ ପରେ ସତୀଶ ସାଲିଆନ୍ ସନ୍ତୋଷ ପ୍ରକାଶ କରିଛନ୍ତି।

୨୦୨୦ ଜୁନ୍ ୮ ତାରିଖରେ ମୁମ୍ବାଇ ମଲାଡସ୍ଥିତ ଏକ ବହୁତଳ ଆବାସିକ ଭବନର ୧୪ ମହଲାରୁ ଖସିପଡ଼ି ୨୮ ବର୍ଷୀୟା ଦିଶାଙ୍କ ମୃତ୍ୟୁ ଘଟିଥିଲା। ମୁମ୍ବାଇ ପୁଲିସମୁମ୍ବାଇ ପୁଲିସ ଏହାକୁ ଆତ୍ମହତ୍ୟା ଦର୍ଶାଇ ଅପମୃତ୍ୟୁ ମାମଲା ରୁଜୁ କରିଥିଲା।

● ବିସିସିଆଇର ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶାବଳୀ

## ନିଷ୍ପତ୍ତିରେ ସାମିଲ ହେବେ ଆଟର୍ଣ୍ଣି ଓ ସଲିସିଟର ଜେନେରାଲ



ନୂଆଦିଲ୍ଲୀ, ୨।୯ଃ ସୁପ୍ରିମକୋର୍ଟ ବୁଧବାର ବାର କାଉନସିଲ ଅଫ୍ ଇଣ୍ଡିଆ (ବିସିଆଇ)ର କାର୍ଯ୍ୟକାରିତା ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶାବଳୀ ଜାରି କରିଛନ୍ତି। କୋର୍ଟ କହିଛନ୍ତି ଯେ ନବନିର୍ବାଚିତ ବାର କାଉନସିଲ ଅଫ୍ ଇଣ୍ଡିଆ ଗଠନ ନହେବା ପର୍ଯ୍ୟନ୍ତ, ବିସିଆଇର ସମସ୍ତ ଗୁରୁତ୍ୱପୂର୍ଣ୍ଣ ନୀତିଗତ ନିଷ୍ପତ୍ତିକୁ ଆଟର୍ଣ୍ଣି ଜେନେରାଲ୍ ଆର. ଭେଙ୍କଟରମଣି ଏବଂ ସଲିସିଟର ଜେନେରାଲ୍ ତୁଷାର ମେହେଟ୍ଟାଙ୍କ ସମ୍ମୁଖରେ ରଖାଯିବ ଏବଂ ସେମାନଙ୍କୁ ସମ୍ପୃକ୍ତ ବୈଠକକୁ ନିମନ୍ତ୍ରଣ କରାଯିବ। ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ, ବିଚାରପତି ଜୟମାଲ୍ୟ ବାଗଚୀ ଏବଂ ବିଚାରପତି ଭି. ମୋହନାଙ୍କ ଦ୍ୱାରା ଗଠିତ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଜାରି କରିଛନ୍ତି। ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି, ନବଗଠିତ ରାଜ୍ୟ ବାର୍ ପରିଷଦଗୁଡ଼ିକ ସେମାନଙ୍କର ଗଠନ ବିଜ୍ଞପ୍ତି ପ୍ରକାଶ ପାଇବାର ଦୁଇ ସପ୍ତାହ ମଧ୍ୟରେ ସେମାନଙ୍କର ସାମ୍ବିଧାନିକ ଅଧିକାରୀ ଏବଂ ବିସିଆଇ ପାଇଁ ସେମାନଙ୍କ ପ୍ରତିନିଧିମାନଙ୍କୁ ଚୟନ କରିବେ। ସମସ୍ତ ରାଜ୍ୟ ବାର୍ ପରିଷଦ ସୁପ୍ରିମକୋର୍ଟରେ ଅନୁପାଳନ ରିପୋର୍ଟ ଦାଖଲ କରିବାକୁ ପଡ଼ିବ। ଏହି ରିପୋର୍ଟଗୁଡ଼ିକ ପାଇବା ପରେ, କୋର୍ଟ ବିସିଆଇର ପୁନର୍ଗଠନ ପ୍ରସଙ୍ଗ ଉପରେ ବିଚାର କରିବେ।

## ଜଗଦୀପଙ୍କୁ ମିଳିନି ସରକାରୀ ବାସଭବନ



ନୂଆଦିଲ୍ଲୀ,୨।୯ଃ ଜଗଦୀପ ଧନଖଡ଼ ଉପରାଷ୍ଟ୍ରପତି ପଦରୁ ଇସ୍ତଫା ଦେବାର ବର୍ଷକରୁ ଅଧିକ ସମୟ ବିତିଗଲାଣି, କିନ୍ତୁ ତାଙ୍କୁ ଏପର୍ଯ୍ୟନ୍ତ ସରକାରୀ ବାସଭବନ ମିଳିନାହିଁ। ସେ ଦିଲ୍ଲୀର ଛତରପୁରରେ ଥିବା ଭାରତୀୟ ଲୋକଦଳନେତା ଅଭୟ ଚୌଟାଲାଙ୍କ ଫାର୍ମହାଉସରେ ରହୁଛନ୍ତି। ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ଜଗଦୀପ ଧନଖର ୨୧ ଜୁଲାଇ ୨୦୨୫ରେ ଉପରାଷ୍ଟ୍ରପତି ପଦରୁ ହଠାତ୍ ଇସ୍ତଫା ଦେଇଥିଲେ। ଦିଲ୍ଲୀ ହାଇକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ୍ ଯଶଓ୍ୱନ୍ତ ବର୍ମାଙ୍କ ବିରୋଧରେ ତଦନ୍ତ ପ୍ୟାନେଲ ଗଠନ କରିବା ପାଇଁ ବିରୋଧୀ ଦଳ ଦ୍ୱାରା ଆଗତ ନୋଟିସକୁ ରାଜ୍ୟସଭା ମଞ୍ଜୁର କରିବା ପରେ ସେ ଇସ୍ତଫା ଦେଇଥିଲେ। ଲୋକସଭାରେ ମଧ୍ୟ ଏହି ନୋଟିସକୁ ମଞ୍ଜୁରୀ ଦିଆଯାଇଥିଲା।

## ଆନ୍ଧ୍ରରେ ନିର୍ମାଣ ହେବ ୫ ହଜାର ମନ୍ଦିର

ଅମରାବତୀ,୨।୯ଃ ଆନ୍ଧ୍ର ପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ. ଚନ୍ଦ୍ରବାବୁ ନାଇଡୁ ସାରା ରାଜ୍ୟରେ ପ୍ରସ୍ତାବିତ ୫ ହଜାର ମନ୍ଦିର ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେ ତିରୁମାଲା ତିରୁପତି ଦେବସ୍ଥାନମ୍ସ (ଟିଟିଡି) ଏବଂ ଏଣ୍ଡାଓମେଣ୍ଟସ ବିଭାଗର ଅଧିକାରୀମାନଙ୍କୁ ମନ୍ଦିର ପାଇଁ ଯଥାଶୀଘ୍ର ସ୍ଥାନ ଚୂଡ଼ାନ୍ତ କରିବାକୁ ଏବଂ ସ୍ଥାନ ଚୂଡ଼ାନ୍ତ ହେବା ପରେ ନିର୍ମାଣ ଆରମ୍ଭ କରିବାକୁ କହିଛନ୍ତି। ସମୀକ୍ଷା ବୈଠକରେ ଟିଟିଡି କାର୍ଯ୍ୟନିର୍ବାହୀ ଅଧିକାରୀ ମୁଦ୍ଦାଦା ରବି ଚନ୍ଦ୍ର କହିଛନ୍ତି, ୨୮ ଜିଲ୍ଲାର ୧୬୧ ବିଧାନସଭା ନିର୍ବାଚନମଣ୍ଡଳୀରୁ ମନ୍ଦିର ନିର୍ମାଣ ପାଇଁ ୪, ୧୯୨ ପ୍ରସ୍ତାବ ଆସିଛି। ୯୬୭ ମନ୍ଦିର ନିର୍ମାଣ ସମ୍ପୂର୍ଣ୍ଣ ହୋଇଛି। ମନ୍ଦିରଗୁଡ଼ିକ ତିନୋଟି ବର୍ଗରେ ନିର୍ମାଣ କରାଯିବ। ଅନୁସୂଚିତ ଜାତି (ଏସସି) ଏବଂ ଅନୁସୂଚିତ ଜନଜାତି (ଏସଟି) ବସତି, ମତ୍ସ୍ୟଜୀବୀ ବସତି, ଦୁର୍ବଳ ବର୍ଗ ବସତି ଏବଂ ସାଧାରଣ ଅଞ୍ଚଳକୁ ପ୍ରାଥମିକତା ଦିଆଯିବ।

ଶୁଷ୍କ ଜମିରୁ ସବୁଜ ବିପ୍ଳବ

## ୭୦ ଏକର ଅନୁର୍ବର ପଡ଼ିଆରେ ପୁନଃବନୀକରଣ



ପୁଡୁଚେରୀ,୨।୯ଃ ଶୁଷ୍କ ଓ ଅନୁର୍ବର ପଡ଼ିଆ ଭାବେ ପରିଚିତ ୭୦ ଏକର ଜମି ଏବେ ପାଲଟିଛି ସବୁଜ ବନାନୀ ଏବଂ ପରିବେଶ ସଂରକ୍ଷଣର ବିଶ୍ୱସ୍ତରୀୟ ପ୍ରେରଣାସ୍ଥଳୀ ହୋଇଛି 'ସାଧନା ଫରେଷ୍ଟ'। ଏହା ଏକ ଅନ୍ତର୍ଜାତୀୟ ସ୍ୱେଚ୍ଛାସେବୀ ପ୍ରକଳ୍ପ ଜଳ ସଂରକ୍ଷଣ। ଏହା ବିଲୁପ୍ତପ୍ରାୟ ଜଙ୍ଗଲର ପୁନରୁଦ୍ଧାର ଏବଂ ଶୂନ୍ୟ-ଆବର୍ଜନା ଜୀବନଶୈଳୀ ମାଧ୍ୟମରେ ସାରା ବିଶ୍ୱରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ଅରୋଭିଲ୍ ନିକଟରେ ଥିବା ଏହି 'ସାଧନା ଫରେଷ୍ଟ' ଏକ ଅନ୍ତର୍ଜାତୀୟ ସ୍ୱେଚ୍ଛାସେବୀ- ଆଧାରିତ ପରିବେଶ ଓ ପୁନଃବନୀକରଣ ପ୍ରକଳ୍ପ। ଏହା ଏକ ପରିବେଶ ଅନୁକୂଳ, ସ୍ଥାୟୀ ଜୀବନଶୈଳୀ ଓ ଜଳ ସଂରକ୍ଷଣ କେନ୍ଦ୍ର ଭାବରେ ପରିଚିତ। ୨୦୦୩ରେ ଅଭିରାମ ରୋଜିନ୍ ଓ ୟୋରିତ କାଲେନ୍ଦ୍ରୋପଙ୍କ ମିଳିତ ଉଦ୍ୟମରେ ଏହି ପ୍ରକଳ୍ପର ଶୁଭାରମ୍ଭ ହୋଇଥିଲା। ଆରମ୍ଭ ସମୟରେ ଏହି ପ୍ରାୟ ୭୦ ଏକର ଜମି ସମ୍ପୂର୍ଣ୍ଣ ଶୁଷ୍କ, କ୍ଷୟପ୍ରାପ୍ତ ଓ ଅନୁର୍ବର ଥିଲା। ଏହି ପଡ଼ିଆ ଜମିକୁ ପୁନର୍ବାର ସବୁଜ ବନାନୀରେ ପରିଣତ କରିବା ପାଇଁ ସେମାନେ ଏହି ପଦକ୍ଷେପ ନେଇଥିଲେ। ସମ୍ପୂର୍ଣ୍ଣ ମାଟି କ୍ଷୟ ହୋଇଯାଇଥିବା ଏହି ଅଞ୍ଚଳରେ ଭାରତର ପୂର୍ବ ଉପକୂଳର ବିଲୁପ୍ତପ୍ରାୟ 'ଟ୍ରପିକାଲ୍ ଡ୍ରାଏ ଏଭରଗ୍ରୀନ୍ ଫରେଷ୍ଟ' (ଟିଡିଇଏଫ୍) ର ଦେଶୀୟ ବୃକ୍ଷରୋପଣ ଆରମ୍ଭ କରାଯାଇଥିଲା। ଏହି ଜଙ୍ଗଲ କରିବାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି, ଭାରତର ପୂର୍ବ ଉପକୂଳର ବିଲୁପ୍ତପ୍ରାୟ 'ଟ୍ରପିକାଲ୍ ଡ୍ରାଏ ଏଭରଗ୍ରୀନ୍ ଫରେଷ୍ଟ'ର ଦେଶୀୟ ବୃକ୍ଷଗୁଡ଼ିକୁ ରୋପଣ କରି ବନାନୀ ଫେରାଇ ଆଣିବା। ଏଠାରେ ଜଳ ସଂରକ୍ଷଣର ବାଟ ମଧ୍ୟ ଦେଖାଉଛି। ବର୍ଷା ଜଳ ସଂରକ୍ଷଣ ପାଇଁ ସ୍ୱେଲ୍ସ, ବନ୍ଧ ଏବଂ ଛୋଟ ଜଳାଶୟ ବା ପୋଖରୀ ନିର୍ମାଣ କରାଯାଇ ଭୂତଳ ଜଳସ୍ତରକୁ ପୁନଃସକ୍ରିୟ କରାଯାଉଛି। ଏହାର ମୁଖ୍ୟ ବିଶେଷତ୍ୱ ହେଉଛି, ଇକୋ ଫ୍ରେଣ୍ଡଲି ଜୀବନଶୈଳୀ। ଏଠାରେ ସମ୍ପୂର୍ଣ୍ଣ ସୌରଶକ୍ତି ଚାଳିତ ଭିତ୍ତିଭୂମି, ଶୁଷ୍କ କମ୍ପୋଷ୍ଟିଂ ଶୌଚାଳୟ, ପ୍ଲାଷ୍ଟିକ୍ ମୁକ୍ତ ପରିବେଶ ସହ ବାୟୋଡିଗ୍ରେଡେବଲ୍ ସାମଗ୍ରୀ ବ୍ୟବହାର କରି ପରିବେଶ ପ୍ରଦୂଷଣ ମୁକ୍ତ ଜୀବନଶୈଳୀ ଆପଣାଯାଇଛି। ଏହି ଜଙ୍ଗଲ ଶତପ୍ରତିଶତ ଭେଗାନ୍ (ଶାକାହାରୀ) ଓ ନିଶାମୁକ୍ତ ପରିସର। ଏଠାରେ ସମ୍ପୂର୍ଣ୍ଣ ଉଦ୍ଭିଦଭିତ୍ତିକ ଖାଦ୍ୟ ଯୋଗାଇ ଦିଆଯାଉଛି।

# ରାଜ୍ୟ ପୁଲିସ୍ ଫୁଟ୍‌ବଲ୍ ଚାମ୍ପିଅନ୍‌ସିପ୍ ଉଦ୍‌ଯାପିତ



ଭୁବନେଶ୍ୱର,୨।୯(ସଂଚାର ବ୍ୟୁରୋ): ଆଜି କଳମାଳସ୍ଥିତ ରିଜର୍ଭ ପୁଲିସ ପଡ଼ିଆଠାରେ ୮୧ତମ ରାଜ୍ୟ ପୁଲିସ ଫୁଟବଲ ଚାମ୍ପିଅନସିପ-୨୦୨୬ ଉଦ୍‌ଯାପିତ ହୋଇଛି। ଉଦ୍‌ଯାପନୀ ସମାରୋହରେ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଇନ ଓ ଶୃଙ୍ଖଳା) ସଞ୍ଜୟ କୁମାର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚାମ୍ପିଅନ ଓଏସଏପି ପଞ୍ଚମ ବାଟାଲିୟନ ବାରିପଦା ଟିମକୁ ଟ୍ରଫି ପ୍ରଦାନ କରିଥିଲେ। ଏଥିସହ ରନର୍ସଅପ୍ ସମ୍ବଲପୁର ପୁଲିସ ଜିଲ୍ଲା ଟିମକୁ ମଧ୍ୟ ସେ ଟ୍ରଫି ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ତାଙ୍କ ବକ୍ତବ୍ୟରେ ଖେଳାଳିମାନଙ୍କୁ ଆଗାମୀ ଦିନରେ ଉତ୍କୃଷ୍ଟ ପ୍ରଦର୍ଶନ କରିବା ସହ ଓଡ଼ିଶା ପୁଲିସର ସୁନାମ ବଢ଼ାଇବାକୁ ପରାମର୍ଶ ଦେଇଥିଲେ।

ଏହି ଅବସରରେ ଶ୍ରୀ କୁମାର ବିଜେତା ଦଳକୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇବା ସହ ରନର୍ସଅପ୍ ଏବଂ ଅନ୍ୟ ସମସ୍ତ ଅଂଶଗ୍ରହଣକାରୀ ଦଳର ସଦସ୍ୟଙ୍କ ସମର୍ପଣ ଓ ମନୋବଳକୁ ପ୍ରଶଂସା କରିଥିଲେ। ସମସ୍ତ ଖେଳାଳି, ପ୍ରଶିକ୍ଷକ ଓ ଆୟୋଜକ ଏହି ପୁଲିସ ଫୁଟବଲ ଚାମ୍ପିଅନସିପକୁ ସ୍ମରଣୀୟ କରିବାରେ ସେମାନଙ୍କର ପ୍ରୟାସ ପାଇଁ ଅଭିନନ୍ଦନ ଜଣାଇଥିଲେ। ଆଜି ଅପରାହ୍ନରେ ଓଏସଏପି ପଞ୍ଚମ ବାଟାଲିୟନ ବାରିପଦା ଓ ସମ୍ବଲପୁର ଜିଲ୍ଲା ପୁଲିସ ମଧ୍ୟରେ ଫାଇନାଲ ମ୍ୟାଚ୍ ଖେଳାଯାଇଥିଲା। ଏହି ସଂଘର୍ଷପୂର୍ଣ୍ଣ ମ୍ୟାଚ୍‌ରେ ଓଏସଏପି ପଞ୍ଚମ ବାଟାଲିୟନ ବାରିପଦା ୧-୦ ଗୋଲରେ ସମ୍ବଲପୁର ପୁଲିସ ଜିଲ୍ଲାକୁ ପରାସ୍ତ କରି ଚାମ୍ପିଅନ୍ ହୋଇଛି। ଉଲ୍ଲେଖଯୋଗ୍ୟ ଯେ ଏହି ଚାମ୍ପିଅନସିପ ଗତ ୨୦ରୁ ଆରମ୍ଭ ହୋଇ ଦୁଇଟି ପର୍ଯ୍ୟାୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସାରା ରାଜ୍ୟର ବିଭିନ୍ନ ଜିଲ୍ଲା, ବାଟାଲିୟନ୍ ଓ ପୁଲିସ ପ୍ରତିଷ୍ଠାନରୁ ମୋଟ ୪୮ଟି ଦଳ ଭାଗ ନେଇଥିବା ବେଳେ ସେମାନଙ୍କ ମଧ୍ୟରେ ୬୫ଟି ମ୍ୟାଚ ଖେଳାଯାଇଥିଲା। ପ୍ରଥମ ପର୍ଯ୍ୟାୟରେ ୨୪ଟି ଓ ଦ୍ୱିତୀୟ ପର୍ଯ୍ୟାୟରେ ୨୪ଟି ଦଳ ଅଂଶଗ୍ରହଣ କରିଥିଲେ।

ଫାଇନାଲ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ଭାବେ ଓଏସଏପି ପଞ୍ଚମ ବାଟାଲିୟନ ବାରିପଦାର କାରୁ ହାଁସଦା, ଶ୍ରେଷ୍ଠ ଗୋଲକିପର ଭାବେ ସମ୍ବଲପୁର ଜିଲ୍ଲାର ପରେଶ ରାଉତ, ଶ୍ରେଷ୍ଠ ଡିଫେଣ୍ଡର ଭାବେ ଓଏସଏପି ପଞ୍ଚମ ବାଟାଲିୟନ ବାରିପଦାର ମନୋଜ ଟୁଡୁ, ଶ୍ରେଷ୍ଠ ମିଡ୍‌ଫିଲ୍ଡର ଭାବେ ଓଏସଏପି ଦ୍ୱିତୀୟ ବାଟାଲିୟନ ଝାରସୁଗୁଡ଼ାର ରବି କୁମାର, ଶ୍ରେଷ୍ଠ ଷ୍ଟ୍ରାଇକର ଭାବେ ସୁନ୍ଦରଗଡ଼ର ଅଲିଷ୍ଟର ବ୍ୟାଙ୍କର୍, ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ଭାବେ ସମ୍ବଲପୁର ପୁଲିସ ଜିଲ୍ଲାର ଶ୍ରୀକାନ୍ତ ଭୋଇ ଏବଂ ଶ୍ରେଷ୍ଠ ଶୃଙ୍ଖଳିତ ଟିମ ଭାବେ କଳାହାଣ୍ଡି ପୁଲିସ ଜିଲ୍ଲାକୁ ପୁରସ୍କୃତ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ସ୍ଥାନୀୟ ଜିଲ୍ଲାପାଳ ବେଦଭୂଷଣ, ଏସପି ରାମେନ୍ଦ୍ର ପ୍ରସାଦ, ବୌଦ୍ଧ ଏସପି କୁଳଦୀପ ମୀନା, ରାଜ୍ୟ ପୁଲିସ ମୁଖ୍ୟାଳୟର କ୍ରୀଡ଼ା ଅଧିକାରୀ ନୀଳ ମାଧବ ସ୍ୱାଇଁଙ୍କ ସମେତ ବହୁ ବରିଷ୍ଠ ପୁଲିସ ଅଧିକାରୀ ଉପସ୍ଥିତ ଥିଲେ।

● ରାଜ୍ୟ କାର୍ଯ୍ୟାଳୟରେ ମିଶ୍ରଣ ପର୍ବ

## ରାଜ୍ୟରେ ବିଜେପି ସଂଗଠନ ମଜବୁତ ହେଉଛି: ମନମୋହନ



ଭୁବନେଶ୍ୱର,୨।୯(ସଂଚାର ବ୍ୟୁରୋ): ଆଜି ଗଞ୍ଜାମ ଓ ପୁରୀ ଜିଲ୍ଲାର ଶତାଧିକ ବିଜେଡି ଓ କଂଗ୍ରେସ କର୍ମୀ ଆନୁଷ୍ଠାନିକ ଭାବେ ବିଜେପିରେ ଯୋଗଦାନ କରିଛନ୍ତି। ସ୍ୱାଧୀନ ପ୍ରାର୍ଥୀ ମନୋଜ କୁମାର ରଥ ଓ ଗୋପ ବ୍ଲକ ନାଗପୁର ପଞ୍ଚାୟତର ବରିଷ୍ଠ ବିଜେଡି ନେତା ସୁକାନ୍ତ ମହାନ୍ତି, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟା ରଶ୍ମିରେଖା ମହାନ୍ତି, ବିଜେଡି ନେତା ଅଜିତ ରାଉତରାୟ, ବାବଲ ମହାନ୍ତି ପ୍ରମୁଖଙ୍କ ସମେତ ଶତାଧିକ କର୍ମୀ ବିଜେପିରେ ଯୋଗ ଦେଇଛନ୍ତି। ସେହିପରି ଛତ୍ରପୁର ମ୍ୟୁନିସିପାଲିଟିର କମ୍ୟୁନିଷ୍ଟ ନେତା ରଞ୍ଜନ ମହାପାତ୍ର, ମ୍ୟୁନିସିପାଲିଟିର ଉପାଧ୍ୟକ୍ଷ କି. ପାପା ରାଓ, କାଉନସିଲର ମାମା ସେଠୀ, ଡି. ଇନ୍ଦୁ ପ୍ରମୁଖଙ୍କ ସମେତ ଶତାଧିକ ବିଜେଡି ଓ କଂଗ୍ରେସ କର୍ମୀ ବିଜେପିରେ ସାମିଲ ହୋଇଛନ୍ତି। ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ କହିଛନ୍ତି ଯେ ବିଜେପିର ଅନନ୍ୟନାମ ବିକାଶ। ନୂତନ ଓ ଆମର ପୁରୁଣା କାର୍ଯ୍ୟକର୍ତ୍ତାଙ୍କ ସହାୟତାରେ ପ୍ରଧାନମନ୍ତ୍ରୀ ଓ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସରକାରଙ୍କ ଜନକଲ୍ୟାଣକାରୀ ଯୋଜନାଗୁଡ଼ିକୁ ଘରେ ଘରେ ପହଞ୍ଚାଇବା ବୋଲି ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ଯୋଗଦେଇ ଶ୍ରୀ ସାମଲ କହିଛନ୍ତି। କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ମନ୍ତ୍ରୀ ବିଭୁତି ଭୂଷଣ ଜେନା, ରାଜ୍ୟ ଉପସଭାପତି ଅଶୋକ ମିଶ୍ର ପ୍ରମୁଖ ଉପସ୍ଥିତ ରହି ନୂତନ ସଦସ୍ୟମାନଙ୍କୁ ସ୍ୱାଗତ କରିଥିଲେ।

ପିଏମ୍‌ଏୱାଇ-ବନ୍ଧୁ ଯୋଜନାରେ ପୂରଣ ହେଲା ସ୍ୱପ୍ନ

## ରୁନୁ ପ୍ରଧାନ ପାଇଲେ ନିଜସ୍ୱ ପକ୍କାଘର





ଭୁବନେଶ୍ୱର,୨।୯(ସଂଚାର ବ୍ୟୁରୋ): ଜଣେ ମହିଳାଙ୍କ ସଂଘର୍ଷରୁ ନିଜସ୍ୱ ପକ୍କାଘର ପର୍ଯ୍ୟନ୍ତ ଫୁଲବାଣୀ ପୌର ପରିଷଦର ୯ ନମ୍ବର ୱାର୍ଡର ଟେଲର୍ ରୁନୁ ପ୍ରଧାନଙ୍କ ଯାତ୍ରା ହେଉଛି ସାହସ, ଦୃଢ଼ତା ଏବଂ ଲୋକଙ୍କ ସରକାର ତାଙ୍କ ପାଖରେ ଠିଆ ହୋଇଥିବାର ଏକ ଜୀବନ୍ତ ଉଦାହରଣ। ସ୍ୱାମୀଙ୍କ ମୃତ୍ୟୁ ପରେ ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ଭାବେ ରୁନୁ ସିଲେଇ କାମ କରି ପରିବାର ପ୍ରତିପୋଷଣ କରିବା ସହ ଦୁଇଝିଅଙ୍କ ପାଠପଢ଼ା ଜାରି ରଖିଥିଲେ। ୨୦୨୫ରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା-ସହରାଞ୍ଚଳ (ପିଏମଏୱାଇ-୨.୦) ଅଧୀନରେ ଆବେଦନ କରି ସେ ୨୦୨୫ ଜୁନ୍ ୧୨ ତାରିଖରେ କାର୍ଯ୍ୟାଦେଶ ପାଇଥିଲେ। ସେ ମାତ୍ର ୩ ମାସ ୧୦ ଦିନ ମଧ୍ୟରେ ନିଜ ଘର ନିର୍ମାଣ କାର୍ଯ୍ୟ ଶେଷ କରିଥିଲେ, ଯାହା ତାଙ୍କୁ ପ୍ରୋତ୍ସାହନ ରାଶି ପାଇଁ ଯୋଗ୍ୟ କରିଥିଲା। ଘର ନିର୍ମାଣର ତଦାରଖ ପାଇଁ ସମୟ ଦେବାକୁ ପଡ଼ିବାରୁ ତାଙ୍କର ଦୈନନ୍ଦିନ ରୋଜଗାର ପ୍ରଭାବିତ ହୋଇଥିଲା। ଠିକ୍ ଏହି ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତରେ ପଦକ୍ଷେପ ଅଧୀନରେ ତାଙ୍କୁ ମଜୁରୀ କ୍ଷତିପୂରଣ ସ୍ୱରୂପ ୨୫ ହଜାର ଟଙ୍କାର ସହାୟତା ପ୍ରଦାନ କରାଯାଇଥିଲା। ଏହି ସହାୟତା ତାଙ୍କ ପରିବାରର ତତ୍କାଳ ଜୀବିକାକୁ ସୁରକ୍ଷିତ ରଖିବାରେ ସହାୟକ ହୋଇଥିଲା। ରୁନୁଙ୍କ ଏହି ପରିବର୍ତ୍ତନର କାହାଣୀ ୨୦୨୬ ରାଜ୍ୟସ୍ତରୀୟ ସ୍ଥାନୀୟ ସ୍ୱାୟତ୍ତ ଶାସନ ଦିବସ ଅବସରରେ ସାମ୍ନାକୁ ଆସିଥିଲା, ଯେତେବେଳେ ତାଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ କଥାବାର୍ତ୍ତା କରିବାର ସୁଯୋଗ ମିଳିଥିଲା।

## ରାହୁଲଙ୍କ ଉପରୁ ଏଡଲା ପ୍ରତ୍ୟାହାର ଦାବିରେ ଯୁବ କଂଗ୍ରେସର ବିକ୍ଷୋଭ



ଭୁବନେଶ୍ୱର,୨।୯(ସଂଚାର ବ୍ୟୁରୋ): ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧିଙ୍କ ନାମରେ ରୁଜୁ ଏଡଲା ପ୍ରତ୍ୟାହାର ଦାବିରେ ଆଜି ପ୍ରଦେଶ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ରଙ୍କ ନେତୃତ୍ୱରେ ଯୁବ କଂଗ୍ରେସର କର୍ମୀମାନେ ରାଜ୍ୟ ବିଜେପି କାର୍ଯ୍ୟାଳୟ ଘେରାଉ କରିବା ପାଇଁ ଶୋଭାଯାତ୍ରାରେ ଯାଉଥିବା ବେଳେ ପୁଲିସ ବ୍ୟାରିକେଡ୍ ଲଗାଇ ପଥ ଅବରୋଧ କରିଥିଲେ। ଘଟଣା ସ୍ଥଳରୁ ଯୁବ କଂଗ୍ରେସ କର୍ମୀମାନଙ୍କୁ ପୁଲିସ୍ ଭ୍ୟାନ ଯୋଗେ ଉଠାଇ ନେଇଥିଲା। ଏହି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ, ଆରଏସଏସ୍ ମୁଖ୍ୟ ମୋହନ ଭାଗବତ ଓ ମନୁସ୍ମୃତିର କୁଶପୁତ୍ତଳିକା ଦାହ କରାଯାଇଥିଲା। ରଞ୍ଜିତ ପାତ୍ର କହିଛନ୍ତି ଯେ ଆମ୍ବେଦକରଙ୍କ ସମ୍ବିଧାନକୁ ହଟାଇ ମନୁସ୍ମୃତିକୁ ଅବଧାରିତ କରିବାକୁ ବିଜେପି ଷଡ଼ଯନ୍ତ୍ର କରୁଛି। କାରଣ ଏ ଦେଶରେ ଏବେ ସମ୍ବିଧାନକୁ ଅନୁସରଣ କରା ନ ଯାଇ ମନୁସ୍ମୃତିର ନିର୍ଦ୍ଦେଶକୁ ଅନୁସରଣ କରାଯାଉଛି।

ମଲ୍ଲିକାର୍ଜୁନ ଖର୍ଗେ ହଳଦ୍ୱାନିସ୍ଥିତ ରାମଲୀଳା ମୈଦାନରେ ଏକ ସଭାକୁ ସମ୍ବୋଧିତ କରିଆସିବା ପରେ ସେଠାକାର ସ୍ୱାମୀଙ୍କ ବିଜେପି ପକ୍ଷରୁ ଶୁଦ୍ଧିକରଣ କରାଯାଇଥିଲା। କାରଣ ଖର୍ଗେ ଦଳିତ ବର୍ଗର। ଲୋକସଭାର ବିରୋଧୀ ଦଳ ନେତା ଅପମାନିତ ହେବା ପରେ ପ୍ରଧାନମନ୍ତ୍ରୀ ଓ ସ୍ୱରାଷ୍ଟ୍ର ମନ୍ତ୍ରୀ ଚୁପ୍ ବସିଛନ୍ତି। କାର୍ଯ୍ୟକ୍ରମରେ ସୁଦୀପ ସାମଲ, ଆଲୋକ ଦାସ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ଇଂରାଜୀ ଦୈନିକ 'ନ୍ୟାସନାଲ ବିକନ୍' ଲୋକାର୍ପିତ



ଭୁବନେଶ୍ୱର,୨।୯(ସଂଚାର ବ୍ୟୁରୋ): ଇଂରାଜୀ ଦୈନିକ ସମ୍ବାଦପତ୍ର 'ନ୍ୟାସନାଲ ବିକନ୍' ମଙ୍ଗଳବାର ଜୟଦେବ ଭବନଠାରେ ଉନ୍ମୋଚିତ ହୋଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ 'ନ୍ୟାସନାଲ ବିକନ୍'ର ପ୍ରଥମ ସଂସ୍କରଣ ଉନ୍ମୋଚନ କରିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରସାଦ ହରିଚନ୍ଦନ, ବିଜେପି ନେତା ମହେଶ ମହାନ୍ତି, ପ୍ରଫେସର (ଡ.) ମୃଣାଳ ଚାଟାର୍ଜୀ ଓ ବରିଷ୍ଠ ସାମ୍ବାଦିକ ସନତ ମିଶ୍ର ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ 'ନ୍ୟାସନାଲ ବିକନ୍'ର ସମ୍ପାଦକ ଦିଲୀପ କୁମାର ବିଶୋଇ ସଭାପତିତ୍ୱ କରିଥିଲେ। ଖବରକାଗଜର ପ୍ରତିଷ୍ଠାତା ଶେଖ ରିଆଜ ମହମ୍ମଦ ଓ ପ୍ରକାଶିକା ମାସୁମା ୟାସ୍‌ମିନ ମଧ୍ୟ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ ପ୍ରକୃତି ମର୍ଦ୍ଦରାଜ। ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଥିଲେ ଯେ ଗଣମାଧ୍ୟମ ସର୍ବଦା ଜନତାଙ୍କ ସ୍ୱର ହୋଇରହିଛି। ପାଠକଙ୍କ ହୃଦୟ ଜିତିବା ପାଇଁ 'ନ୍ୟାସନାଲ ବିକନ୍' ସାମ୍ବାଦିକତାର ମୂଲ୍ୟବୋଧ ଓ ନୈତିକତାକୁ ଅକ୍ଷୁର୍ଣ୍ଣ ରଖିବା ସହ ନିଷ୍ଠାର ସହିତ କାର୍ଯ୍ୟ କରିବା ଉଚିତ। ସେହିପରି ଶ୍ରୀ ହରିଚନ୍ଦନ କହିଥିଲେ ଯେ 'ୱି କାଉଣ୍ଟ୍ ହ୍ୱାଟ୍ ମ୍ୟାଟର୍ସ ୟୁ' ନାରାକୁ ସାର୍ଥକ କରି 'ନ୍ୟାସନାଲ ବିକନ୍' ଲୋକଙ୍କ ସମସ୍ୟା ଓ ଦାବିକୁ ପ୍ରମୁଖତାର ସହ ଉଠାଇବା ସହ ବିକାଶର ପଥ ଦେଖାଇବ। ପ୍ରଫେସର ମୃଣାଳ ଚାଟାର୍ଜୀ କହିଥିଲେ ଯେ ସତ୍ୟ ଓ ନ୍ୟାୟ ସାମ୍ବାଦିକତାର ମାର୍ଗଦର୍ଶକ ହେବା ଉଚିତ।

ଶାଢ଼ି ସେଣ୍ଟର ନାଁରେ

## ବଲାଙ୍ଗୀରରୁ ଗଞ୍ଜେଇ ଚାଲାଣ

ଆମାଜନ୍ ନାଁରେ ପାର୍ସଲ କରି ବିକୁଥିଲେ

ବଲାଙ୍ଗୀର,୨।୯(ସଂଚାର ବ୍ୟୁରୋ): ସମ୍ବଲପୁରୀ ଶାଢ଼ି ସେଣ୍ଟର ନାଁରେ କୋରିଅରରେ ଚାଲିଥିଲା ଗଞ୍ଜେଇ ଚାଲାଣ। ମାଡ଼ିବସିଲା ବଲାଙ୍ଗୀର ପୋଲିସ। ଅନଲାଇନରେ ଦିଲ୍ଲୀ, ଗଜିଆବାଦ ପରି ଅନେକ ଅଞ୍ଚଳକୁ ଆମାଜନ୍ ନାଁ ରେ ଚାଲାଣ କରାଯାଉଥିଲା । ପକେଟ୍ ତିଆରି କରି ଭଲ ପେକିଙ୍ଗ କରି ପାର୍ସଲରେ ଗଞ୍ଜେଇ ଚାଲାଣ କରାଯାଉଥିଲା । ବଲାଙ୍ଗିର ଏସପି ଅଭିଲାଷ ଜିଙ୍କ ନେତୃତ୍ୱ ରେ ବିଭିନ୍ନ ଜାଗା ମାନଙ୍କରେ ଚଢ଼ାଉ କରି କଳାହାଣ୍ଡି ଜିଲା ଗଞ୍ଜେଇ ବେପାରୀ ୭ ଜଣଙ୍କୁ ଗିରଫ କରିଛନ୍ତି । ଏହାସହ ୧୦ଟି ପ୍ୟାକେଟ୍ ୧୧୩ କେଜି ଗଞ୍ଜେଇ ଓ ବ୍ୟବହାର କରିଥିବା ଦୁଇ ଚାରିଚକିଆ ଗାଡ଼ି ଜବତ କରିଥିବା ପୋଲିସ ପକ୍ଷରୁ ଏସପି ଅଭିଲାଷ ଜି ସାମ୍ବାଦିକ ସମ୍ମିଳନୀ କରି କହିଛନ୍ତି । ଓଡ଼ିଶାରେ ଏହିପରି ଅନଲାଇନ୍ ଗଞ୍ଜେଇ ଚାଲାଣ ପ୍ରଥମ ବୋଲି ଜଣାପଡିଛି । କ୍ୟୁଆର କୋର୍ଡ ସ୍କାନ କରି ଟଙ୍କା ପଠାଇବା ପରେ ଏହି ବେପାରୀମାନେ ଗଞ୍ଜେଇ ଦେଉଥିବା ଜଣାପଡିଛି ।

## ଲୋକ ସମ୍ପର୍କ ନିର୍ଦ୍ଦେଶକଙ୍କୁ ଭେଟିଲେ ଜାତୀୟ ସାମ୍ବାଦିକ



ଭୁବନେଶ୍ୱର,୨।୯(ସଂଚାର ବ୍ୟୁରୋ): ସରକାର ଏବଂ ସାମ୍ବାଦିକଙ୍କ ମଧ୍ୟରେ ସୁସମ୍ପର୍କ ସ୍ଥାପନ ନିମିତ୍ତ ଜାତୀୟ ସାମ୍ବାଦିକ କଲ୍ୟାଣ ବୋର୍ଡର ଏକ ପ୍ରତିନିଧି ଦଳ ଆଜି ସୂଚନା ଓ ଲୋକ ସମ୍ପର୍କ ବିଭାଗ ନିର୍ଦ୍ଦେଶକ ସଞ୍ଜୟ କୁମାର ବିଶ୍ୱାଳଙ୍କ ସହ ଆଲୋଚନା କରିଥିଲେ। ଏହି ଅବସରରେ କେତୋଟି ମୁଖ୍ୟ ପ୍ରସଙ୍ଗ ଉପରେ ଆଲୋଚନା କରି ସେ ଦିଗରେ ସରକାରଙ୍କ ଧ୍ୟାନ ଆକର୍ଷଣ ନିମିତ୍ତ ନିର୍ଦ୍ଦେଶକ ଶ୍ରୀ ବିଶ୍ୱାଳଙ୍କୁ ଅନୁରୋଧ କରିଥିଲେ। ସେଗୁଡ଼ିକ ମଧ୍ୟରେ ସ୍ୱୀକୃତିପ୍ରାପ୍ତ ସାମ୍ବାଦିକଙ୍କ ମୃତ୍ୟୁ କ୍ଷେତ୍ରରେ ପତ୍ନୀଙ୍କ ସମେତ ନିର୍ଭରଶୀଳ ପରିବାରବର୍ଗଙ୍କୁ ୪ ଲକ୍ଷ ଟଙ୍କା ଆର୍ଥିକ ସହାୟତା, ନୂତନ ସାମ୍ବାଦିକମାନେ ରାଜ୍ୟ ସରକାରଙ୍କ ସ୍ୱୀକୃତିପ୍ରାପ୍ତ ତାଲିକାଭୁକ୍ତ ହେବା ପାଇଁ ଆବେଦନ କଲେ ସେମାନଙ୍କୁ ପ୍ରୋଭିଜନାଲ ଆକ୍ରିଡିଏସନ୍ ତାଲିକାଭୁକ୍ତ କରିବା, ପେନସନ ଦେବା, ସ୍ୱୀକୃତିପ୍ରାପ୍ତ ସାମ୍ବାଦିକଙ୍କୁ ଲୋକସେବା ଭବନ, ଖାରବେଳ ଭବନ ଓ ରାଜୀବ ଭବନରେ ପ୍ରବେଶ ପାଇଁ ସ୍ୱତନ୍ତ୍ର ପାସ୍ ବଦଳରେ ସ୍ୱୀକୃତିପ୍ରାପ୍ତ ସାମ୍ବାଦିକଙ୍କ ଅନୁମତିପତ୍ରକୁ ପ୍ରବେଶପତ୍ର ଭାବରେ ଗ୍ରହଣ କରିବା, ବର୍ତ୍ତମାନ ରାଜ୍ୟର ୭୬୩୦ ସାମ୍ବାଦିକଙ୍କୁ ରାଜ୍ୟ ସରକାର ୫ ଲକ୍ଷ ଟଙ୍କାର ଗୋପବନ୍ଧୁ ସ୍ୱାସ୍ଥ୍ୟବୀମା ଯୋଜନାରେ ନବୀକରଣ କରିବା ଦିଗରେ ପଦକ୍ଷେପ ନେବାକୁ ନିବେଦନ କରାଯାଇଛି।

## 'ଶୂନ ମୃତ୍ୟୁ ସପ୍ତାହ' ପ୍ରଥମ ଦିନରେ ୪୪,୭୪୬ଟି ଇ-ଚାଲାଣ ଜାରି

ବିନା ହେଲମେଟ୍ ପାଇଁ ୨୫,୨୮୨ ଓ ଦ୍ରୁତଗତି ପାଇଁ ୪,୧୬୦



କଟକ,୨।୯(ସଂଚାର ବ୍ୟୁରୋ): ରାଜ୍ୟରେ ସଡ଼କ ଦୁର୍ଘଟଣା ହ୍ରାସ କରିବା ଏବଂ ସଡ଼କ ସୁରକ୍ଷା ନିୟମର କଡ଼ା ଅନୁପାଳନ ନିଶ୍ଚିତ କରିବା ଲକ୍ଷ୍ୟରେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୁତି ଭୂଷଣ ଜେନାଙ୍କ ନିର୍ଦ୍ଦେଶ କ୍ରମେ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି। ଏହି କ୍ରମରେ ସଡ଼କ ଦୁର୍ଘଟଣାଜନିତ 'ଶୂନ ମୃତ୍ୟୁ ସପ୍ତାହ' ଆରମ୍ଭ ହୋଇଯାଇଛି। ଆସନ୍ତା ମାସରୁ ୨୦୨୭ ମାର୍ଚ୍ଚ ପର୍ଯ୍ୟନ୍ତ ପ୍ରତି ମାସର ପ୍ରଥମ ସପ୍ତାହରେ ପାଳନ ହେବାକୁ ଥିବା ଏହି ସଡ଼କ ସୁରକ୍ଷା ଅଭିଯାନର ପ୍ରଥମ ଦିନରେ ଏନଫୋର୍ସମେଣ୍ଟ ଦ୍ୱାରା ମୋଟ ୪୪,୭୪୬ଟି ଇ-ଚାଲାଣ ଜାରି କରାଯାଇଛି। ଏହି ଯାଞ୍ଚ ପ୍ରକ୍ରିୟାରେ ବିନା ହେଲମେଟ୍ ପାଇଁ ୨୫,୨୮୨ଟି, ଦ୍ରୁତଗତି ପାଇଁ ୪,୧୬୦ଟି, ଟ୍ରିପଲ୍ ରାଇଡିଂ ପାଇଁ ୧,୩୮୩ଟି ଓ ବୈଧ ବୀମା ନ ଥାଇ ଗାଡ଼ି ଚଳାଇବା ଯୋଗୁଁ ୧୨୧୬ଟି ଗାଡ଼ି ବିରୋଧରେ ଇ-ଚାଲାଣ ଜାରି ହୋଇଛି। ଏଥିସହ ବିନା ସିଟବେଲ୍ଟରେ ଗାଡ଼ି ଚାଳନା ଯୋଗୁଁ ୭୦୩ଟି, ବିନା ପରମିଟ ପାଇଁ ୫୪୯ଟି, ବିପରୀତ ଦିଗରେ ଗାଡ଼ି ଚାଳନା ପାଇଁ ୧୫୭ଟି, ନିଶାସକ୍ତ ଅବସ୍ଥାରେ ଗାଡ଼ି ଚାଳନା ଯୋଗୁଁ ୯୧ଟି ଏବଂ ଅନ୍ୟାନ୍ୟ ମୋଟର ଯାନ ନିୟମ ଉଲ୍ଲଂଘନ ପାଇଁ ୫୦୦ଟିରୁ ଊର୍ଦ୍ଧ୍ୱ ଚାଲାଣ ଜାରି ହୋଇଛି। ଝାରସୁଗୁଡ଼ା ଆରଟିଓଙ୍କ ପକ୍ଷରୁ ୫୭୧ଟି ଚାଲାଣ ଜାରି ହୋଇଥିବା ବେଳେ କଟକ ଆରଟିଓ ୫୧୬ଟି, ପୁରୀ ଆରଟିଓ ୫୧୧ଟି, ଗଞ୍ଜାମ ଆରଟିଓ ୪୧୫ଟି ଏବଂ ଭୁବନେଶ୍ୱର-୧ ଆରଟିଓ ପକ୍ଷରୁ ୪୧୦ଟି ଚାଲାଣ ଜାରି କରାଯାଇଛି।

ସଡ଼କ ସୁରକ୍ଷା ପାଇଁ ନିୟମ ଗୁଡ଼ିକର କଡ଼ାକଡ଼ି ଅନୁପାଳନ ସହ ସଚେତନତା ସୃଷ୍ଟି କରିବାକୁ ମଧ୍ୟ ଏହି ସମୟରେ ସର୍ବାଧିକ ପ୍ରାଥମିକତା ଦିଆଯାଇଛି। ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନର ସହଭାଗିତାରେ ସଡ଼କ ସୁରକ୍ଷା ନିୟମ ବିଷୟରେ ଲୋକଙ୍କୁ ଅବଗତ କରାଇବା ପାଇଁ ପରିବହନ ବିଭାଗ, ପୋଲିସ ବିଭାଗ ଓ ଅନ୍ୟ ସମ୍ପୃକ୍ତ ବିଭାଗଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି। ଅଭିଯାନର ପ୍ରଥମ ଦିନରେ ରାଜ୍ୟର ବିଭିନ୍ନ ସ୍ଥାନରେ ଗାଡ଼ି ଚାଳକମାନଙ୍କୁ ସଡ଼କ ସୁରକ୍ଷା ନିୟମ ପାଳନର ଆବଶ୍ୟକତା ସମ୍ପର୍କରେ ବୁଝାଯାଇଥିଲା। ସୋନପୁର, ଭଦ୍ରକ, ତାଳଚେର ଏବଂ ଯାଜପୁର ଭଳି ସ୍ଥାନଗୁଡ଼ିକରେ ପରିବହନ ବିଭାଗ ଓ ଗାଡ଼ିଚାଳକ ମହାସଂଘର ମିଳିତ ଆନୁକୂଲ୍ୟରେ ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

ଏମଏମଡିଆର ସଂଶୋଧନ ଆଇନ ପ୍ରସଙ୍ଗ

## ସରକାରଙ୍କୁ ଟାର୍ଗେଟ୍ କଲେ ସୁଜାତା

ଭୁବନେଶ୍ୱର,୨।୯(ସଂଚାର ବ୍ୟୁରୋ): ଏମ୍‌ଏମ୍‌ଡିଆର୍ ସଂଶୋଧନ ଆଇନକୁ ନେଇ ସରକାରଙ୍କୁ ଟାର୍ଗେଟ କରିଛନ୍ତି ବିଜେଡି ନେତ୍ରୀ ସୁଜାତା ରାଉତ। ଡବଲ ଇଞ୍ଜିନ ସରକାର ଓଡ଼ିଶାବାସୀଙ୍କୁ ଡବଲ ପ୍ରତାରଣ କରିଛି। ଏମଏମଡିଆର ଉପରେ ଏକ ଓଡ଼ିଆ ଦୈନିକରେ ଆଲେଖ୍ୟ ଜରିଆରେ ସରକାରଙ୍କୁ ଟାର୍ଗେଟ୍ କରିଛନ୍ତି ସୁଜାତା। ଉକ୍ତ ଆଲେଖ୍ୟରେ ସେ ଲେଖିଛନ୍ତି ଯେ ଦେଶର ମୋଟ ଖଣିଜ ସମ୍ପଦର ଏକ ସିଂହଭାଗ ଓଡ଼ିଶାରେ ଗଚ୍ଛିତ ରହିଛି। ହେଲେ ଏମ୍‌ଏମ୍‌ଡିଆର୍ ଆଇନ ବଳରେ ଓଡ଼ିଶାଠାରୁ ତା'ର ଅଧିକାର ଛଡ଼ାଇ ନିଆଯାଇଛି। ରାଜ୍ୟମାନେ ଟିକସ, ସେସ୍ ଓ ଅନ୍ୟାନ୍ୟ ଲେଭି ଲାଗୁ କରିପାରିବେ ନାହିଁ। ଏପରିକି ରାଜ୍ୟମାନଙ୍କର ବକେୟା ପ୍ରାପ୍ୟ ବି ଆଦାୟ କରିବାର ଅଧିକାରକୁ ସମାପ୍ତ କରିଦିଆଯାଇଛି। ଫଳରେ ଲକ୍ଷ ଲକ୍ଷ କୋଟି ଟଙ୍କାର ବକେୟା କର ରାଜ୍ୟ ସରକାର ଆଦାୟ କରିପାରିବେ ନାହିଁ।

ସେହିପରି ପ୍ରତିବର୍ଷ ପ୍ରାୟ ୧୨ ହଜାର କୋଟି ଟଙ୍କାର ଟିକସ ଆଦାୟରୁ ମଧ୍ୟ ବଞ୍ଚିତ ହେବ ଓଡ଼ିଶା। ଖଣି ଖୋଳାଯିବ ଓଡ଼ିଶା ମାଟିରେ, ଧୂଳି ଓ ଧୂଆଁ ସହିବେ ଓଡ଼ିଶାବାସୀ। ହେଲେ ଖଣି ଉପରେ ଓଡ଼ିଶାର ଅଧିକାର ରହିବ ନାହିଁ। ଏସବୁ ଜାଣିବି ବିଜେପିର ୨୦ ସାଂସଦ ସଂସଦରେ କେମିତି ନୀରବ ରହିଲେ ବୋଲି ସୁଜାତା ପ୍ରଶ୍ନ ଉଠାଇଛନ୍ତି। ଏଥିସହ ସାମ୍ବାଦିକ ସମ୍ମିଳନୀ କରି ବିଜେଡି କହିଛି ଯେ ବିଜେଡି ସରକାରରେ ବର୍ଷକୁ ୩ ହଜାର କୋଟି ଟଙ୍କା ଋଣ କରୁଥିବା ବେଳେ ବର୍ତ୍ତମାନର ସରକାର ବର୍ଷକୁ ୭୦ ହଜାର କୋଟି ଟଙ୍କା ଋଣ କରୁଛନ୍ତି। ତେବେ ସୁଜାତା ଆଲେଖ୍ୟ ଉପରେ ପ୍ରତିକ୍ରିୟା ରଖିଛନ୍ତି ଖଣି ମନ୍ତ୍ରୀ ବିଭୁତି ଜେନା। ସେ କହିଛନ୍ତି ଯେ ଏମଏମଡିଆର କେନ୍ଦ୍ର ସରକାରଙ୍କ ଦ୍ୱାରା ପରିଚାଳିତ ହୁଏ। ବିରୋଧୀ କେବଳ ଭ୍ରମିତ କରୁଛନ୍ତି। ସ୍ତମ୍ଭ ମାଧ୍ୟମରେ ହେଉ କିମ୍ବା ସ୍ତମ୍ଭକାରଙ୍କ ମାଧ୍ୟମରେ ଏହା ବିରୋଧରେ ବିରୋଧୀ କହିଚାଲିଛନ୍ତି। ବିଜ୍ଞ, ଗୁଣୀ ସ୍ତମ୍ଭକାରମାନେ ମଧ୍ୟ ଏକଥା ଲେଖୁଛନ୍ତି। ପୂର୍ବତନ ମୁଖ୍ୟ ଶାସନ ସଚିବ, ବିରୋଧୀ ଦଳ ନେତା ମଧ୍ୟ ଲେଖୁଛନ୍ତି। କିନ୍ତୁ ସତ କ'ଣ ? ସତ୍ୟ ହେଉଛି ଏମଏମଡିଆର ଆକ୍ଟ ସଂଶୋଧନ କରି ସଶକ୍ତ ଖଣି ନୀତି ପ୍ରଣୟନ କରିଛନ୍ତି କେନ୍ଦ୍ର ସରକାର। କ୍ଷତି ହେବ ବୋଲି ବିରୋଧୀ କହୁଛନ୍ତି, କିନ୍ତୁ ଖଣିରୁ କେବେ ଲାଭ କରିଥିଲା କି ରାଜ୍ୟ ?

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଆଲୋଚନାରେ ସୀମିତ...

ସମୟସୀମା-ଭିତ୍ତିକ କାର୍ଯ୍ୟପଦ୍ଧତିକୁ ନିରନ୍ତର ସମୀକ୍ଷା ଓ ଅନୁଧ୍ୟାନ ମାଧ୍ୟମରେ ଆଗକୁ ବଢ଼ାଯିବା ଦରକାର। ପଙ୍କୋଦ୍ଧାର କାର୍ଯ୍ୟକୁ ଏକ ନିୟମିତ କାର୍ଯ୍ୟକ୍ରମରେ ପରିଣତ କରିବା ସହ ଏଥିପାଇଁ ସ୍ପଷ୍ଟ ମାନଦଣ୍ଡ ଓ ଏସଓପି ବିକଶିତ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ପ୍ରତି ମୌସୁମୀ ପୂର୍ବରୁ କଠୋର ପ୍ରସ୍ତୁତି ଓ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିବାକୁ କୁହାଯାଇଛି। ସ୍କୁଲ ପାଠ୍ୟକ୍ରମରେ ଜଳ ସୁରକ୍ଷାକୁ ସାମିଲ କରି ଛାତ୍ରଛାତ୍ରୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଉପରେ ସେ ଗୁରୁତ୍ୱ ଦେଇଛନ୍ତି। ବିଶ୍ୱବିଦ୍ୟାଳୟ ଓ ଉଚ୍ଚଶିକ୍ଷା ଅନୁଷ୍ଠାନଗୁଡ଼ିକରେ ଜଳ ପରିଚାଳନା ଓ ଶାସନ ସମ୍ପର୍କିତ ଜ୍ଞାନ ଆହରଣକୁ ମଜବୁତ କରିବାକୁ ପ୍ରଧାନମନ୍ତ୍ରୀ କହିଛନ୍ତି। ଜନପ୍ରତିନିଧି, ବିଶେଷଜ୍ଞ ଓ କୃଷକମାନଙ୍କୁ ନେଇ ଆନ୍ତଃରାଜ୍ୟ ଅଧ୍ୟୟନ ଗସ୍ତ ଆୟୋଜନ କରିବାକୁ ପରାମର୍ଶ ଦିଆଯାଇଛି। ଜଳ କ୍ଷେତ୍ରର ସମସ୍ତ ତଥ୍ୟକୁ ଏକତ୍ରିତ କରି ବ୍ୟାବସାୟିକ ଓ ସଠିକ୍ ଭାବେ ବ୍ୟବହାର କରିବା ପାଇଁ ଏକ ମଜବୁତ 'ୱାଟର ଡାଟା ଗଭର୍ଣ୍ଣାନ୍ସ' ଗଠନ କରିବାକୁ ସେ ଆହ୍ୱାନ ଦେଇଛନ୍ତି। ଡାଟା ସଂଗ୍ରହ ଓ ବିଶ୍ଳେଷଣ ପାଇଁ କୃତ୍ରିମ ବୁଦ୍ଧିମତ୍ତା (ଏଆଇ)ର ବ୍ୟବହାର କରିବାକୁ ସେ ସୁପାରିଶ କରିଛନ୍ତି। ଏଥିସହ ପରିଷ୍କୃତ ଜଳକୁ କୃଷି ଓ ଶିଳ୍ପ କ୍ଷେତ୍ରରେ ବ୍ୟବହାର କରି ଜଳାଭାବ ସମସ୍ୟାର ପୂର୍ବାନୁମାନିତ ଓ ସମନ୍ୱିତ ସମାଧାନ କରିବାକୁ ପ୍ରଧାନମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

### ୨ ବର୍ଷରେ ୫୪ ହଜାର...

ସଫଳତା ଉପସ୍ଥାପନ କରିଛନ୍ତି। ସୂଚନାଯୋଗ୍ୟ ଯେ ରାଜ୍ୟର ଜଳ ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ୬୭୦ଟି ନୂତନ ଚେକ୍ ଡ୍ୟାମ୍ ଓ ୯ଟି ଇନ୍‌ଷ୍ଟ୍ରିମ୍ ଷ୍ଟୋରେଜ୍ ଷ୍ଟ୍ରକ୍ଚର (ଆଇଏସଏସ) କାର୍ଯ୍ୟ ଶେଷ ହୋଇଥିବା ବେଳେ ୧,୩୧୨ଟି ପୁରୁଣା ଚେକ୍ ଡ୍ୟାମ୍‌ର ପୁନରୁଦ୍ଧାର କରାଯାଇଛି। ଏଥିସହ ଗୋଟିଏ ଡ୍ୟାମ୍, ଗୋଟିଏ ବ୍ୟାରେଜ୍, ୨ଟି ଅଣ୍ଡରଗ୍ରାଉଣ୍ଡ ପାଇପଲାଇନ୍ ଡିଷ୍ଟ୍ରିବ୍ୟୁସନ୍ ନେଟୱର୍କ, ୫ଟି ମେଗା ଲିଫ୍ଟ ଓ ୩୨ଟି କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଛି। ଆଗାମୀ ବର୍ଷକ ମଧ୍ୟରେ ଆଉ ୧୪ଟି ଆଇଏସଏସ ପ୍ରକଳ୍ପ ଓ ୬ଟି ମିଡିୟମ୍ ଜଳସେଚନ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ କରାଯିବ। ବର୍ତ୍ତମାନ ୫ଟି ନୂଆ ମେଜର ଓ ମିଡିୟମ୍, ୪୮ଟି ମେଗା ଲିଫ୍ଟ ଓ ୫ଟି ନୂଆ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ କାର୍ଯ୍ୟ ଦ୍ରୁତ ଗତିରେ ଆଗେଇ ଚାଲିଛି। ଗ୍ରାମାଞ୍ଚଳ ଓ କୃଷି କ୍ଷେତ୍ରକୁ ସହାୟତା ପାଇଁ ୩,୨୨୫ଟି କମ୍ୟୁନିଟି ଲିଫ୍ଟ ଇରିଗେସନ, ୨୦,୨୨୮ଟି ଡିପ୍ ବୋରୱେଲ୍ ଓ ୮,୯୧୭ଟି ଖୋଲାର ଡିପ୍ ବୋରୱେଲ୍ ନିର୍ମାଣ କରାଯାଇଛି। ଲୁଣିଜଳ ସ୍ଥିରତା ବଜାୟ ରଖିବା ପାଇଁ 'ଛାତ' ଯୋଜନାରେ ୨୦ ହଜାର ରୁଫଟପ୍ ରେନ୍‌ୱାଟର ହାର୍ଭେଷ୍ଟିଂ ଷ୍ଟ୍ରକ୍ଚର ଏବଂ 'ଅମୃତ' ଯୋଜନାରେ ୧,୨୦୦ଟି ରିଚାର୍ଜ ସାଫ୍ଟ ସମ୍ପୂର୍ଣ୍ଣ ହୋଇଛି। ଜଳସେଚନ ପ୍ରକ୍ରିୟାରେ ସ୍ୱଚ୍ଛତା ଓ ପାରଦର୍ଶିତା ଆଣିବା ପାଇଁ ୪୦ ହଜାରରୁ ଊର୍ଦ୍ଧ୍ୱ ପାଣି ପଞ୍ଚାୟତକୁ ସଶକ୍ତ କରାଯାଉଛି। ଏହିସବୁ ପଦକ୍ଷେପ ପାଇଁ ପୂର୍ବରୁ ପଞ୍ଚମ ରାଷ୍ଟ୍ରୀୟ ଜଳ ପୁରସ୍କାରରେ ଓଡ଼ିଶା 'ସର୍ବଶ୍ରେଷ୍ଠ ରାଜ୍ୟ' ଭାବେ ଘୋଷିତ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ବହୁ ପ୍ରତୀକ୍ଷିତ 'କାନୁପୁର ପ୍ରକଳ୍ପ'ର ସଫଳ ସମାପ୍ତି ବିଷୟରେ ମୁଖ୍ୟମନ୍ତ୍ରୀ ବିଶେଷ ଭାବେ ଉଲ୍ଲେଖ କରିଛନ୍ତି। ୨୦୦୩-୦୪ରୁ ଅଟକି ରହିଥିବା ଏହି ପ୍ରକଳ୍ପର ସ୍ଥାନୀୟ ମା' ଶାଳକଣୀ ଇଷ୍ଟଦେବୀଙ୍କ ପୀଠର ସମ୍ମାନଜନକ ସ୍ଥାନାନ୍ତର, ଏନଏଚଏଆଇ ସହ ସମନ୍ୱୟ ଏବଂ ସିଡବ୍ଲ୍ୟୁସି ଓ ଆଇଆଇଟି ରୁର୍କୀର ବୈଷୟିକ ସହାୟତାରେ ପ୍ଲାଷ୍ଟିକ୍ କଟ୍-ଅଫ୍ ୱାଲ୍ ନିର୍ମାଣ କରି ସମସ୍ତ ସମସ୍ୟାର ସମାଧାନ କରାଯାଇଛି। ଅଗଷ୍ଟ ୩୧ ସୁଦ୍ଧା ଏହି ଡ୍ୟାମ୍ ନିର୍ମାଣ ସମ୍ପୂର୍ଣ୍ଣ ହୋଇସାରିଥିବା ବେଳେ ଆସନ୍ତା ବର୍ଷକ ମଧ୍ୟରେ କେନାଲ ନେଟୱର୍କ ଶେଷ ହୋଇ ୨୫ ହଜାର ହେକ୍ଟର ଜମିକୁ ଜଳସେଚନ ସୁବିଧା ଯୋଗାଇ ଦିଆଯିବ। ଡବଲ୍ ଇଞ୍ଜିନ୍ ସରକାରଙ୍କ ମାର୍ଗଦର୍ଶନରେ ଓଡ଼ିଶା ଜଳ ସମ୍ପଦର ଉତ୍କୃଷ୍ଟ ପ୍ରବନ୍ଧନ କରି ରାଜ୍ୟବାସୀଙ୍କ କଲ୍ୟାଣ ପାଇଁ ପ୍ରତିବଦ୍ଧ ବୋଲି ସେ କହିଛନ୍ତି।

### ପୁଣି ଘୁଞ୍ଚିଲା ତାରିଖ...

ଉପରେ ବିଭିନ୍ନ ପକ୍ଷ ଅନୁଧ୍ୟାନ ପାଇଁ ସମୟ ଲୋଡ଼ିବାରୁ ଶୁଣାଣି ସମ୍ଭବପର ହୋଇପାରିନାହିଁ। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ନ ଆସିବା ପର୍ଯ୍ୟନ୍ତ କୌଣସି ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ ନାହିଁ ବୋଲି ୟୁପିଏସସି ମଧ୍ୟ ପୂର୍ବରୁ ଖଣ୍ଡପୀଠଙ୍କୁ ଲିଖିତ ଭାବେ ଅବଗତ କରାଇଛି। ଆଉ ୭ ତାରିଖରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ଥିବା ପୁଲିସ ଡିଜି ୱାଇବି ଖୁରାନିଆ ୧୬ ତାରିଖରୁ ଅବସର ନେଇସାରିଛନ୍ତି। ରାଜ୍ୟ ସରକାର କାମଚଳା ଡିଜି ଭାବେ ବିନୟତୋଷ ମିଶ୍ରଙ୍କୁ ଦାୟିତ୍ୱ ନ୍ୟସ୍ତ କରିଛନ୍ତି। ସେପର୍ଯ୍ୟନ୍ତ ନୂଆ ଡିଜିପି ନିଯୁକ୍ତି ତାଲିକା ଉପରେ ଲାଗିଥିବା କଟକଣା ବଳବତ୍ତର ରହିବ ବୋଲି ଜଣାପଡ଼ିଛି।

### କମିଲା ପ୍ରଦୂଷଣ...

ଗାଡ଼ି ଏବଂ ଅନ୍ୟାନ୍ୟ ସମସ୍ତ ଯାନ ପାଇଁ ପ୍ରଥମ ଥର ନିୟମ ଉଲ୍ଲଙ୍ଘନ କଲେ ୩,୦୦୦ ଏବଂ ଦ୍ୱିତୀୟ କିମ୍ବା ପରବର୍ତ୍ତୀ ସମୟ ପାଇଁ ୬ ହଜାର ଜରିମାନା ଦେବାକୁ ହେବ। ଲୋକମାନଙ୍କର ଦାବିକୁ ବିଚାର କରି ସମସ୍ତ ନିଷ୍ପତ୍ତି ଗ୍ରହଣ କରାଯାଉଛି। ତେଣୁ ଆଶା କରାଯାଉଛି ଯେ ମୋଟର୍ ଯାନ ଆଇନ୍ ଅନୁଯାୟୀ ଏବେ ସମସ୍ତେ ସଡ଼କ ସୁରକ୍ଷା ନିୟମ ପାଳନ କରିବେ ଏବଂ ପ୍ରଦୂଷଣ ପ୍ରମାଣପତ୍ରଠାରୁ ଆରମ୍ଭ କରି ଗାଡ଼ିର ବୀମା ପର୍ଯ୍ୟନ୍ତ ସମସ୍ତ କାଗଜପତ୍ର ଅପ୍-ଟୁ-ଡେଟ୍ ରଖିବେ ବୋଲି ସେ କହିଛନ୍ତି। ପୂର୍ବରୁ ଜନସାଧାରଣଙ୍କ ଅନୁରୋଧ କ୍ରମେ ଆବଶ୍ୟକୀୟ କାଗଜପତ୍ର ଯାଞ୍ଚ ପ୍ରକ୍ରିୟାକୁ କିଛି ଦିନ ପାଇଁ କୋହଳ କରାଯାଇଥିଲା। ସରକାରୀ ଘୋଷଣା ଅନୁଯାୟୀ ଏହି କୋହଳ ଅବଧି ଗତ ଏପ୍ରିଲ୍ ୧ ତାରିଖ ପର୍ଯ୍ୟନ୍ତ ବଳବତ୍ତର ଥିଲା। ଏପରିକି ତା' ପରଠାରୁ ମଧ୍ୟ ଏହି ଦୁଇଟି ବିଷୟ (ପ୍ରଦୂଷଣ ଓ ବୀମା) ଉପରେ ଏନଫୋର୍ସମେଣ୍ଟ ପ୍ରକ୍ରିୟାକୁ ଅଧିକ ବ୍ୟାପକ କରାଯାଇ ନ ଥିଲା। ଏବେ କିନ୍ତୁ ପୁଣି ଥରେ ଏନ୍‌ଫୋର୍ସମେଣ୍ଟକୁ କଡ଼ାକଡ଼ି କରାଯିବ। ସେହିଭଳି ନବେ ଦିନରୁ ଅଧିକ ଦିନ ଧରି ଇ-ଚାଲାଣ ବକେୟା ଥିଲେ ପିୟୁସିସି ହୋଇ ନ ପାରିବା ନେଇ ମଧ୍ୟ ଆଇନରେ ପ୍ରାବଧାନ ରହିଛି, ଯାହାକୁ ମଧ୍ୟ କାର୍ଯ୍ୟକ୍ଷମ କରାଯିବ ବୋଲି ପରିବହନ ମନ୍ତ୍ରୀ କହିଛନ୍ତି।

### ୧୧,୬୮୪ ଦୋକାନରେ...

ସଚିବ ସଚିନ ରାମଚନ୍ଦ୍ର ଜାଧବଙ୍କ ନିର୍ଦ୍ଦେଶ ଅନୁଯାୟୀ ବିଭିନ୍ନ ପାଇକାରୀ ଓ ଖୁଚୁରା ସାର ଦୋକାନରେ ନିୟମିତ ଚଢ଼ାଉ କରୁଛନ୍ତି, ଯେଉଁଠାରେ କୌଣସି ଅନିୟମିତତା ଚିହ୍ନଟ ହେଉଛି, ସେଠାରେ ସାର ନିୟନ୍ତ୍ରଣ ଆଦେଶ, ୧୯୮୫ ଓ ଅତ୍ୟାବଶ୍ୟକ ସାମଗ୍ରୀ ଅଧିନିୟମ, ୧୯୫୫ ଅନୁଯାୟୀ ତୁରନ୍ତ ପଦକ୍ଷେପ ନିଆଯାଉଛି। ଚଳିତ ଆର୍ଥିକ ବର୍ଷରେ ଏପର୍ଯ୍ୟନ୍ତ ସମଗ୍ର ରାଜ୍ୟରେ ୧୧,୬୮୪ଟି ସାର ଦୋକାନରେ ଚଢ଼ାଉ କରାଯାଇଛି। ୨,୭୭୪ ଜଣଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି। ୩୨୧ ଜଣ ଡିଲରଙ୍କ ସାର ବିକ୍ରିକୁ ସାମୟିକ ଭାବେ ବନ୍ଦ କରାଯାଇଛି। ଏଥିସହ ଅନୈତିକ କାର୍ଯ୍ୟକଳାପରେ ଲିପ୍ତ ଥିବା ଅଭିଯୋଗରେ ୧୭୦ ଜଣ ଡିଲରଙ୍କ ଲାଇସେନ୍ସ ନିଲମ୍ବିତ ହୋଇଥିବା ବେଳେ ୯୬ ଜଣ ଡିଲରଙ୍କ ଲାଇସେନ୍ସ ବାତିଲ କରାଯାଇଛି। ଏଥିସହ ଅନିୟମିତତାରେ ଲିପ୍ତ ୧୨ ଜଣ ଡିଲରଙ୍କ ମହଜୁଦ ଥିବା ସାରକୁ ଜବତ କରାଯାଇଛି ଏବଂ ସେମାନଙ୍କ ମଧ୍ୟରୁ ୭ ଜଣଙ୍କ ବିରୋଧରେ ଅପରାଧିକ ମାମଲା ରୁଜୁ କରାଯାଇଛି। ଏଥିସହ ସମସ୍ତ ସାର ବିକ୍ରୟ କେନ୍ଦ୍ରରେ ପର୍ଯ୍ୟାପ୍ତ ପରିମାଣର ସାର ଉପଲବ୍ଧ ଅଛି ଓ ଚାଷୀମାନେ ଭୟଭୀତ ହେବାର କୌଣସି କାରଣ ନାହିଁ। ଚଳିତ ଖରିଫ ଋତୁରେ ସାର ଯୋଗାଣକୁ ପ୍ରଭାବଶାଳୀ ଭାବେ ନିୟନ୍ତ୍ରଣ କରିବା ପାଇଁ ସରକାର ପ୍ରତିବଦ୍ଧ ଓ ସମଗ୍ର ପରିସ୍ଥିତି ଉପରେ ତୀକ୍ଷଣ ନଜର ରଖିଛନ୍ତି ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ତି।

### ପ୍ରମାଣ ଅଭାବରୁ...

ସ୍ୱାମୀ ଥାନାରେ ଦେଇଥିବା ଏଡ଼ଲାରେ ଦର୍ଶାଇଥିଲେ। ସେମାନଙ୍କ ମଧ୍ୟରୁ ୪୫ ଜଣଙ୍କୁ ଗିରଫ କରାଯାଇ କୋର୍ଟରେ ହାଜର କରାଯିବା ସହ ଜେଲ୍ ହାଜତକୁ ପଠାଇ ଦିଆଯାଇଥିଲା। ଅଭିଯୁକ୍ତମାନଙ୍କ ମଧ୍ୟରେ ଅନେକ ମହିଳା ମଧ୍ୟ ସାମିଲ୍ ଥିଲେ। ପାଖାପାଖି ୨ ବର୍ଷ ତଳେ ଏହି ମାମଲାର ବିଚାର କୋର୍ଟରେ ଆରମ୍ଭ ହୋଇଥିଲା। ଅଭିଯୁକ୍ତମାନଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ଆଇନଜୀବୀ ଅଶୋକ ମହାରଣା ଏହି ହତ୍ୟାକାଣ୍ଡ ମାମଲାରେ ଅଭିଯୁକ୍ତମାନଙ୍କର ସମ୍ପୃକ୍ତି ଥିବା ଦିଗରେ କୌଣସି ଠୋସ୍ ପ୍ରମାଣ ଦାଖଲ ହୋଇପାରିନାହିଁ ବୋଲି ଦର୍ଶାଇଥିଲେ। ତେବେ ଏହି ମାମଲାରେ ୩ ଜଣ ଏବେ ବି ଜେଲ୍‌ରେ ରହିଥିବା ବେଳେ ଜଣେ ଅଭିଯୁକ୍ତ ଅଦ୍ୟାବଧି ଫେରାର୍ ରହିଛି।

## ୧୪ ସ୍ଥାନରେ ଇଡି ଚଢ଼ାଉ

କୋଲକାତା,୨।୯(ସଂଚାର ବ୍ୟୁରୋ): ବୁଧବାର ସକାଳେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପୁଣି ଥରେ କୋଲକାତାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ବିଭିନ୍ନ ଜାତୀୟ ରାଜପଥ ଟୋଲ ପ୍ଲାଜାରେ ଠକେଇ ଟୋଲ୍ ଆଦାୟ ଘଟଣାର ତଦନ୍ତର ଅଂଶ ସ୍ୱରୂପ ଏଜେନ୍ସି ୧୪ଟି ସ୍ଥାନରେ ତଲାସି କରିଥିଲା। ଏହି କାର୍ଯ୍ୟ ମନି ଲଣ୍ଡରିଂ ନିବାରଣ ଆଇନ (ପିଏମ୍‌ଏଲ୍‌ଏ), ୨୦୦୨ ମସିହା ଅନୁଯାୟୀ କରାଯାଇଥିଲା। ଏଦିନ ସକାଳେ, ଇଡି ଦଳଗୁଡ଼ିକ ଉତ୍ତର ପ୍ରଦେଶ, ରାଜସ୍ଥାନ, ମହାରାଷ୍ଟ୍ର, ଜମ୍ମୁ, ମଧ୍ୟପ୍ରଦେଶ, ଏନ୍‌ସିଆର୍ ଏବଂ କୋଲକାତାର ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲେ।

## କାନ୍ଥ ଭୁଶୁଡ଼ି ଦମ୍ପତିଙ୍କ ମୃତ୍ୟୁ

କୋଲକାତା, ୨।୯(ସଂଚାର ବ୍ୟୁରୋ): ଲଗାତାର ବର୍ଷା ଯୋଗୁଁ ଝାଟିମାଟି ଘରର କାନ୍ଥ ଭାଙ୍ଗି ପଡ଼ିବାରୁ ଏକ ଦମ୍ପତିଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ନାମ ପଲକୁ ବାସ୍କେ ଓ ସୋମା ବାସ୍କେ। ବାଙ୍କୁଡାର ଶିମଲାପାଳ ବ୍ଲକ ଅନ୍ତର୍ଗତ କୁଶଡୋରା ଗାଁରେ ଏହି ଘଟଣା ଘଟିଛି। ମଙ୍ଗଳବାର ରାତିରେ ପଲକୁ ବାସ୍କେ ଓ ତାଙ୍କ ସ୍ତ୍ରୀ ସୋମା ସେମାନଙ୍କ ଘରେ ଶୋଇଥିବା ସମୟରେ ଝାଟିମାଟି ଘରର କାନ୍ଥ ଭୁଶୁଡ଼ି ପଡ଼ିବାରୁ ସେମାନେ ଭଗ୍ନାବଶେଷ ତଳେ ପୋତି ହୋଇଯାଇଥିଲେ। ବୁଧବାର ପଡ଼ୋଶୀମାନେ ପରିସ୍ଥିତି ଜାଣିପାରି ସେମାନଙ୍କୁ ଉଦ୍ଧାର କରିଥିଲେ।

## ଦିଗ୍‌ଜ୍ୟୋତି ଶିକ୍ଷାବୃତ୍ତି ପାଇଁ ଆବେଦନ

ଭୁବନେଶ୍ୱର,୨।୯ (ସଂଚାର ବ୍ୟୁରୋ)ଃ ଦିଗ୍‌ଜ୍ୟୋତି ଚାରିଟେବୁଲ ଏଜୁକେସନାଲ ଟ୍ରଷ୍ଟ ତରଫରୁ ବିଗତ ବର୍ଷ ଭଳି ଚଳିତ ୨୦୨୬-୨୭ ଶିକ୍ଷା ବର୍ଷରେ ଯୁକ୍ତ ଦୁଇ, ଯୁକ୍ତ ତିନି ଅଥବା ସ୍ନାତକୋତରର ନିର୍ଦ୍ଦିଷ୍ଟ ବିଭାଗର ପ୍ରଥମ ବର୍ଷରେ ନାମ ଲେଖାଇଥିବା ଯୋଗ୍ୟ ବିବେଚିତ ମେଧାବୀ ଅନାଥ, ଗରିବ ଓ ଭିନ୍ନକ୍ଷମ ପିଲାଙ୍କୁ ବିଭିନ୍ନ ବାର୍ଷିକ ଶିକ୍ଷାବୃତି ପ୍ରଦାନ କରାଯିବ।

ଏଥି ପାଇଁ ଟ୍ରଷ୍ଟର ୱେବସାଇଡ୍ (www.digjyoti.org)ରେ ଉପଲବ୍ଧ ଘୋଷଣାନାମାରେ ସୂଚିତ ଯୋଗ୍ୟତା ଭିତିରେ ଭିନ୍ନ ଭିନ୍ନ ବୃତି ପାଇଁ ଉଦ୍ଦିଷ୍ଟ ଫର୍ମରେ ସେପ୍ଟେମ୍ବର ୩୦ ତାରିଖ (୩୦.୦୯.୨୦୨୬) ପୂର୍ବରୁ ଟ୍ରଷ୍ଟ ଠିକଣାରେ ଦରଖାସ୍ତ ଆହ୍ୱାନ କରାଯାଉଅଛି।

# ଦ୍ୱିତୀୟ ସାତଭାୟା ହେବ କି ଡ଼ାଳୁଅକଣି ?

### କେଳୁଣୀ ମୁହାଁଣ ବୁଲିବାରୁ ବଦଳିଲା ସମୁଦ୍ରର ଗତିପଥ

### ହଜାର ହଜାର ଝାଉଁ ଗଛ ସମୁଦ୍ରରେ ଲୀନ



କାକଟପୁର/ଅସ୍ତରଙ୍ଗ,୨।୯ (ସଂଚାର ବ୍ୟୁରୋ)ଃ ଇତିହାସ ଦୋହରାଉଛି! ଯେମିତି କେନ୍ଦ୍ରାପଡାର ସାତଭାୟା ସମୁଦ୍ର ଗର୍ଭରେ ହଜିଗଲା, ଠିକ୍ ସେମିତି ଏବେ ପୁରୀ ଜିଲ୍ଲାର ଅସ୍ତରଙ୍ଗର ଭାଗ୍ୟ ଲେଖା ଯାଉଛି। ଆଉ କିଛି ଦିନ, ତା ପରେ ସବୁ ଶେଷ ହୋଇଯିବ କି? ଏ ପ୍ରଶ୍ନ ଏବେ ଡାଳୁଅକଣିର ପ୍ରତି ଘରେ।

ଅସ୍ତରଙ୍ଗ ବ୍ଲକ ଛୁରିଆନା ପଞ୍ଚାୟତର ଡାଳୁଅକଣି ଗାଁ ପାଇଁ ଏବେ ସମୁଦ୍ର ପ୍ରବେଶର କାଉଣ୍ଟଡାଉନ ଆରମ୍ଭ ହୋଇଛି। ଗାଁ ମୁଣ୍ଡରେ ଛିଡା ହୋଇଛି ବଙ୍ଗୋପସାଗର। ଗାଁଠାରୁ ମାତ୍ର ୫୦ ଫୁଟ ଦୂରରେ ସମୁଦ୍ରର ଭୟଙ୍କର ଗର୍ଜନ। ସୁଁ ସୁଁ ଶବ୍ଦରେ ରାତି ସାରା ଗାଁ ଥରୁଛି। ଯେଉଁଠି ୫ ବର୍ଷ ତଳେ ହଜାର ହଜାର ଝାଉଁ ଗଛର ପ୍ରାକୃତିକ ପାଚେରୀ ଥିଲା, ଆଜି ସେଠି ଖାଲି ସମୁଦ୍ରର ଫଣା। ସମୁଦ୍ର ସେ ସବୁକୁ ଗିଳି ସାରିଲାଣି। କାରଣ ହେଉଛି କେଳୁଣୀ ନଦୀ ମୁହାଣ। ବଙ୍ଗୋପସାଗରରେ ଲଘୁଚାପ ପରେ ନଦୀ ମୁହାଣ ବୁଲି ଯିବାରୁ ସମୁଦ୍ର ନିଜ ଗତିପଥ ବଦଳାଇ ଦେଇଛି। ସିଧା ଗାଁ ମୁହାଁ ମାଡି ଆସୁଛି ଜୁଆର। ଗୋଟେ ବଡ ଜୁଆର ହେଲେ ଲୁଣି ପାଣି ଘରେ ପଶିବ, ଚାଷ ଶେଷ, ପାନୀୟ ଜଳ ଲୁଣି ହୋଇଥିଲା ଆହୁରି ଅଧିକ ହେବ।

ଡାଳୁଅକଣି ସହ ଅଣକଣା, ଛୁରିଆନା, ତଣ୍ଡାହର ପରି ୫ଟି ଗାଁର ୩ ହଜାରରୁ ଅଧିକ ଲୋକଙ୍କ ଜୀବନ ଏବେ ବିପଦରେ। ରାତି ହେଲେ ସମସ୍ତେ ସମୁଦ୍ର କୂଳରେ ଠିଆ ହୋଇ ଜଗି ରହୁଛନ୍ତି, ପିଲାଛୁଆଙ୍କୁ ଧରି କେଉଁଠି ଯିବୁ ଭାବି ପାରୁନାହାନ୍ତି। ଏହା ହେଉଛି ସାତଭାୟାର ଦ୍ୱିତୀୟ ଭାଗ।

ଛୁରିଆନା ସରପଞ୍ଚ କ୍ଷୀରୋଦ କାଣ୍ଡି କହିଛନ୍ତି, "ଏ ନେଇ ବାରମ୍ବାର ପ୍ରଶାସନ, ଜିଲ୍ଲା ପ୍ରଶାସନକୁ ଜଣାଇଲେ ମଧ୍ୟ କୌଣସି ଅଧିକାରୀ ଏହାକୁ ଗୁରୁତ୍ୱ ଦେଉନାହାନ୍ତି କିନ୍ତୁ ସମୁଦ୍ର କ୍ରମଶଃ ଗାଁ ମୁହାଁ ହେଲାଣି, ଯାହା ଝାଉଁ ଗଛ ଥିଲା ସମୁଦ୍ର ଲୀନ ହେଲାଣି।" ସ୍ଥାନୀୟ ବାସିନ୍ଦା ସୁରେନ୍ଦ୍ର କାଣ୍ଡି କହିଛନ୍ତି, "ଆମେ ରାତିରେ ଶୋଇ ପାରୁନା। ସୁଁ ସୁଁ ଶବ୍ଦରେ ପିଲା ଛୁଆ ଡରି ଯାଉଛନ୍ତି। ସରକାର ଆମ କଥା ଶୁଣୁନାହାନ୍ତି। ସାତଭାୟା ଭଳି ଆମକୁ ବି ବିସ୍ଥାପିତ କରାଯିବ କି?" ସ୍ଥାନୀୟ ପରିବେଶବିତ ସରୋଜ କୁମାର ଜେନା କହିଛନ୍ତି, "ଜଳବାୟୁ ଯୋଗୁଁ ପୀଡାରେ ପୀଡିତ ସାତଭାୟା।

ଶ୍ରୀକ୍ଷେତ୍ର ମାଟିରେ ଅସ୍ତରଙ୍ଗ ବ୍ଲକର ଛେନୁଅ, କଳମକଣି, କଁଅରପୁର, ଉଦୟକଣି, ତଣ୍ଡାହର ଥିବା ଅନ୍ୟ ପାର୍ଶ୍ୱରେ ଡାଳୁଅକଣି ଏହି ଗାଁ ସମ୍ପୂର୍ଣ୍ଣ ବିପଦରେ। ଛେନୁଅ, ଉଦୟକଣି ୨ଥର ବିସ୍ଥାପିତ ହେଲାଣି। ଆଉ ଗୋଟିଏ ଗାଁ ସମୁଦ୍ରରେ ନ ହଜିଯାଉ ସମସ୍ତଙ୍କର ପ୍ରୟାସ ରହିବା ଦରକାର। ପ୍ରଶାସନ ଯଦି ଏବେ ବି ପଥର ବନ୍ଧ ଓ ଜିଓ ଟ୍ୟୁବ ୱାଲ ନ କରେ, ଡାଳୁଅକଣି କେବଳ କାହାଣୀ ହୋଇଯିବ।

## ଛାତ୍ରୀଙ୍କୁ ଦୁଷ୍କର୍ମ ନେଇ ଅସନ୍ତୋଷ



ନବରଙ୍ଗପୁର, ୨।୯ (ସଂଚାର ବ୍ୟୁରୋ)ଃ ନବରଙ୍ଗପୁର ଜିଲ୍ଲା ତେନ୍ତୁଳୀଖୁଣ୍ଟି ବ୍ଲକ ଅଞ୍ଚଳର ଏକ ସ୍କୁଲ ପରିସରରେ ନବମ ଶ୍ରେଣୀର ନାବାଳିକା ଛାତ୍ରୀଙ୍କୁ ଦୁଷ୍କର୍ମ ଅଭିଯୋଗକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଛି। ଘଟଣାକୁ ନେଇ ପରିବାର ଓ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଦେଖାଦେଇଥିବା ବେଳେ, ଆଜି ବିଜେଡିର ଜିଲ୍ଲା ସଭାପତି ତଥା ଡାବୁଗାଁ ବିଧାୟକ ମନୋହର ଅନ୍ଧାରିଆ ଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଘଟଣାସ୍ଥଳ ପରିଦର୍ଶନ କରିବା ସହ ପୀଡ଼ିତାଙ୍କ ପରିବାରକୁ ଭେଟିଛି।ଅଭିଯୋଗ ଅନୁସାରେ, ଗତ ୨୧ ତାରିଖରେ ସ୍କୁଲରେ ହିନ୍ଦୀ ଶ୍ରେଣୀ ଚାଲିଥିବା ସମୟରେ ଛାତ୍ରୀ ଜଣକ ଶୌଚାଳୟକୁ ଯାଇଥିଲେ। ଏହି ସମୟରେ ଜଣେ ବ୍ୟକ୍ତି ଅସାଦାଚରଣ କରିବା ଘଟଣା ପରେ ଛାତ୍ରୀ ଜଣକ ଶିକ୍ଷକଙ୍କୁ ଏ ସମ୍ପର୍କରେ ଜଣାଇଥିବା କୁହାଯାଇଛି। ପରେ ପରିବାର ପକ୍ଷରୁ ଥାନାରେ ଅଭିଯୋଗ କରାଯାଇଥିଲା। ପୁଲିସ ମାମଲା ରୁଜୁ କରିବା ସହ ନାବାଳିକାଙ୍କ ବୟାନ ରେକର୍ଡ କରିଛି ଏବଂ ଡାକ୍ତରୀ ତଦନ୍ତ ଜାରି ରହିଥିବା ପୁଲିସ ପକ୍ଷରୁ କୁହାଯାଇଛି।

ତେବେ ଅଭିଯୋଗ ପରେ ମଧ୍ୟ ଅଭିଯୁକ୍ତ ଗିରଫ ହୋଇନଥିବାକୁ ନେଇ ପୀଡ଼ିତାଙ୍କ ପରିବାର ଓ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଘଟଣା ସମ୍ପର୍କରେ ସମସ୍ତ ତଥ୍ୟ ସଂଗ୍ରହ କରି ଏହାର ରିପୋର୍ଟ ନବୀନ ପଟ୍ଟନାୟକଙ୍କୁ ପ୍ରଦାନ କରିବ ବୋଲି ବିଜେଡି ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ, ସ୍କୁଲ ପରିସରରେ ଏଭଳି ଘଟଣା ଘଟିବାକୁ ନେଇ ମଧ୍ୟ ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠିଛି। ଗାଁର ଅନେକ ଝିଅ ଘଟଣା ପରଠାରୁ ସ୍କୁଲକୁ ଆସୁନଥିବା ମଧ୍ୟ ଅଭିଯୋଗ ହୋଇଛି। ଏହି ପରିପ୍ରେକ୍ଷୀରେ ଓ ଗଣଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବି କରାଯାଇଛି। ଗସ୍ତ ସମୟରେ ପୁର୍ବତନ ସାଂସଦ ରମେଶ ଚନ୍ଦ୍ର ମାଝୀ, ପୁର୍ବତନ ବିଧାୟକ ସଦାଶିବ ପ୍ରଧାନୀ, ଜିଲ୍ଲା ପରିଷଦ ସଭାପତି ମତିରାମ ନାୟକ, ମହିଳା ସଭାପତି ମଞ୍ଜୁଳା ମାଝୀ, ଛାତ୍ର ସଭାପତି ବାବୁଲା ନାୟକ, ଜିଲ୍ଲା ପରିଷଦ ସଭ୍ୟ କ୍ରିଷ୍ଣା ମଞ୍ଜରି ବିଷୋୟୀ, ରତିକାନ୍ତ ପଣ୍ଡା, ଅରୁଣ ମିଶ୍ର , ବ୍ଲକ ସଭାପତି ପ୍ରଫୁଲ୍ଲ ନାଗ, ଗଜେନ୍ଦ୍ର ସଗରିଆ, ଟୁନା ଷଡ଼ଙ୍ଗୀ, ସୁରେଶ ନିୟକ, ବାବୁନ ନାୟକ, ସୁଧିର ଖୁରା, ଗଲକ ମାଝୀ, ସୁମିତ ପାଳ, ଅଶକ ଟାକ୍ରି ପ୍ରମୁଖ ଉପସ୍ଥିତ ଥିଲେ।

# ସାତ ବର୍ଷ ହେଲା ତାଲା ପଡ଼ିଛି ଅଙ୍ଗନବାଡ଼ି ଗୃହ

### ଲକ୍ଷ ଲକ୍ଷ ଟଙ୍କା ବ୍ୟୟ ପରେ ବି ହୋଇପାରିଲାନି କାର୍ଯ୍ୟକ୍ଷମ



ଆନନ୍ଦପୁର, ୨।୯ (ସଂଚାର ବ୍ୟୁରୋ)ଃ କେନ୍ଦୁଝର ଜିଲ୍ଲା ଘଷିପୁରା ବ୍ଲକ୍ ମଦନପୁର ପଞ୍ଚାୟତ ତଳସାହିରେ ନୂତନ ଭାବେ ନିର୍ମିତ ଅଙ୍ଗନୱାଡ଼ି ଗୃହ ଦୀର୍ଘ ବର୍ଷ ଧରି ଅବ୍ୟବହୃତ ଅବସ୍ଥାରେ ପଡ଼ିରହିଛି। ଛୋଟ ଛୋଟ ପିଲାଙ୍କ ପାଠପଢ଼ା, ପ୍ରାକ୍‌ଶିକ୍ଷା ଓ ପୋଷଣ ବ୍ୟବସ୍ଥା ପାଇଁ ନିର୍ମିତ ଏହି ଗୃହ ଏଯାଏଁ କାର୍ଯ୍ୟକ୍ଷମ ହୋଇନଥିବାରୁ ଏହାର ଉଦ୍ଦେଶ୍ୟ ନେଇ ପ୍ରଶ୍ନ ଉଠିଛି।

ସୂଚନା ଅନୁଯାୟୀ, ଗୃହଟି ନିର୍ମାଣ ହେବାର ପ୍ରାୟ ୭ ବର୍ଷ ବିତିଯାଇଥିଲେ ମଧ୍ୟ ଏଠାରେ ଅଙ୍ଗନୱାଡ଼ି କେନ୍ଦ୍ର ଚାଲିପାରିନାହିଁ। ବର୍ଷ ପରେ ବର୍ଷ ତାଲା ପଡ଼ି ରହିବାରୁ ଗୃହଟି ଏବେ ଧୀରେ ଧୀରେ ଜରାଜୀର୍ଣ୍ଣ ହେବାକୁ ବସିଲାଣି। ସରକାରୀ ଅର୍ଥ ବ୍ୟୟ କରି ନିର୍ମାଣ କରାଯାଇଥିବା ଏହି ଗୃହ ଯଦି ବ୍ୟବହାରରେ ଆସିବ ନାହିଁ, ତେବେ ଏହାର ନିର୍ମାଣ ପଛରେ ଥିବା ଉଦ୍ଦେଶ୍ୟ ଓ ଅର୍ଥ ବ୍ୟୟର ଯଥାର୍ଥତା ନେଇ ସ୍ୱାଭାବିକ ଭାବେ ପ୍ରଶ୍ନ ଉଠୁଛି।

ଘଟଣା ସମ୍ପର୍କରେ ଆନନ୍ଦପୁର ସିଡିପିଓ ଶକୁନ୍ତଳା ନାଏକଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଗୃହଟି ପ୍ରାୟ ୭ ବର୍ଷ ହେଲା ନିର୍ମାଣ ହୋଇ ପଡ଼ିରହିଛି। ଏଠାରେ କର୍ମଚାରୀ ନଥିବା ସହ ଅଙ୍ଗନବାଡ଼ି କର୍ମୀ ପୋଷ୍ଟିଂ ପାଇଁ ସଦସ୍ୟା ଚୟନ ସମୟରେ ଅନିୟମିତତା ହୋଇଥିବା ଅଭିଯୋଗକୁ ନେଇ ଅଦାଲତରେ ମାମଲା ଚାଲିଥିବାରୁ ଗୃହଟି ଖୋଲାଯାଇନଥିବା ସେ ସ୍ପଷ୍ଟ କରିଛନ୍ତି।

ତେବେ ଏହି ଘଟଣାକୁ ନେଇ ଏବେ ଅନେକ ପ୍ରଶ୍ନ ସାମ୍ନାକୁ ଆସୁଛି। ଅଙ୍ଗନବାଡ଼ି କର୍ମୀ ଚୟନରେ ଅନିୟମିତତାର ଅଭିଯୋଗ ଉଠିଲା କାହିଁକି? ଏହି ଅନିୟମିତତା ପାଇଁ ଦାୟୀ କିଏ? ଦାୟୀ ବ୍ୟକ୍ତିଙ୍କ ବିରୋଧରେ ବିଭାଗୀୟ କିମ୍ବା ଅନ୍ୟ କୌଣସି ପଦକ୍ଷେପ ନିଆଯାଇଛି କି? ଅଦାଲତରେ ମାମଲା ଚାଲିଥିବା ସମୟରେ ପିଲାମାନଙ୍କ ପାଠପଢ଼ା ଓ ପୋଷଣ ପାଇଁ ବିକଳ୍ପ ବ୍ୟବସ୍ଥା କାହିଁକି କରାଯାଇନାହିଁ?

ସବୁଠାରୁ ବଡ଼ ପ୍ରଶ୍ନ ହେଉଛି— ସରକାରୀ ଅର୍ଥରେ ନିର୍ମିତ ଏହି ଅଙ୍ଗନବାଡ଼ି ଗୃହ ଆଉ କେତେ ବର୍ଷ ତାଲା ପଡ଼ି ରହିବ? ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଏକ ସରକାରୀ ଗୃହ ୭ ବର୍ଷ ଧରି କାର୍ଯ୍ୟକ୍ଷମ ନହେବା ନିଶ୍ଚିତ ଭାବେ ଚିନ୍ତାର ବିଷୟ। ମାମଲାର ଶୀଘ୍ର ସମାଧାନ ସହ ପିଲାମାନଙ୍କ ସ୍ୱାର୍ଥକୁ ଗୁରୁତ୍ୱ ଦେଇ ଅଙ୍ଗନବାଡ଼ି କେନ୍ଦ୍ରକୁ କେବେ କାର୍ଯ୍ୟକ୍ଷମ କରାଯିବ, ତାହା ଦେଖିବାକୁ ବାକି ରହିଲା।

## ଭିନ୍ନକ୍ଷମଙ୍କ ପାଇଁ ସାତସପନ ପାଲଟିଛି ପ୍ରଧାନମନ୍ତ୍ରୀ ଆବାସ ଘର



ନୀଳଗିରି, ୨।୯ (ସଂଚାର ବ୍ୟୁରୋ)ଃ ଜୈନିକା ଭିନ୍ନକ୍ଷମ ମହିଳାଙ୍କ ପାଇଁ ପ୍ରଧାନମନ୍ତ୍ରୀ ଆବସ ସାତସପନ ପାଲଟିଛି। ସୂଚନାଯୋଗ୍ୟ ଔପଦା ବ୍ଲକ ଶ୍ୟାମସୁନ୍ଦର ପୁର ପଂଚାୟତ ଅଧିନସ୍ଥ ଜୁରିଆପାଟଣା ଗ୍ରାମର ସ୍ୱରସ୍ୱତୀ ମଲିକଙ୍କ ଝିଅ ମଞ୍ଜୁ ମଲ୍ଲିକ(୫୩), ୮୦ପ୍ରତିଶତ ଭିନ୍ନକ୍ଷମ ଅଟନ୍ତି। ବର୍ତ୍ତମାନ ସେ ସରକାରୀ ଯୋଜନାରୁ ବଂଚିତ ଅଛନ୍ତି। ଚଳିତ ମାସ ଜୁଲାଇ ୨୭ ତାରିଖରେ ଲଘୁଚାପ ଜନିତ ଲଗାଣ ବର୍ଷା ବନ୍ୟା ଜଳରେ ତାଙ୍କ ଘର ଭିତରେ ଆଣ୍ଠିଏ ପାଣି ଜମି ରହିଥିଲା। ନୀଳଗିରି ତହସିଲଦାର ଓ ସନ୍ତରାଗଡିଆ ରାଜସ୍ୱ ନିରକ୍ଷଙ୍କ ଅଧିକାରୀ ପହଂଚି ଇନକ୍ୱାୱାରୀ କରିଥିଲେ । କିନ୍ତୁ ଏ ପର୍ଯ୍ୟନ୍ତ ସରକାରୀ ସହାୟତା ତାଙ୍କୁ ମିଳିପାରିଲା ନାହିଁ। ଭିନ୍ନକ୍ଷମ ମାନଙ୍କ ପାଇଁ ସରକାରଙ୍କ ତରଫରୁ ଯୋଜନା ହୋଇଥିଲେ ବି ତାଙ୍କ ପାଖରେ ପହଂଚି ବା ସାତ ସପ୍ନ ପାଲିଟିଛି। ତୁରନ୍ତ ଭିନ୍ନକ୍ଷମ ମହିଳାଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଘର ପ୍ରଦାନ କରିବାକୁ ସାଧାରଣରେ ଦାବି କରାଯାଇଅଛି।

## ପଡ଼ିରହିଛି କୁଢ଼କୁଢ଼ ଆବର୍ଜନା, କର୍ତ୍ତୃପକ୍ଷ ନୀରବଦ୍ରଷ୍ଟା



ହିଞ୍ଜିଳିକାଟୁ, ୨।୯ (ସଂଚାର ବ୍ୟୁରୋ)ଃ ସ୍ୱଚ୍ଛ ଭାରତ ମିସନ ପାଇଁ କେନ୍ଦ୍ର ସରକାର ଓ ରାଜ୍ୟ ସରକାର ଅନେକ ପଦକ୍ଷେପ ନେଉଛନ୍ତି। ପରିବେଶକୁ ସଫାସୁତୁରା ରଖିବା ପାଇଁ ଜନ ସଚେତନତା ସୃଷ୍ଟି କରାଯାଉଛି। ଏଥିପାଇଁ ରାଜକୋଷରୁ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି। ହେଲେ ତୃଣମୂଳସ୍ତରରେ ଏହାର ତଦାରଖ ଠିକ୍ ଭାବରେ ହୋଇପାରୁ ନାହିଁ | ରାସ୍ତା କଡ଼ରେ ପଡ଼ିଛି କୁଢ଼କୁଢ଼ ଆବର୍ଜନା । ଦୁର୍ଗନ୍ଧରେ ଫାଟି ପଡୁଛି ନାକ । ହେଲେ ସଫା ହେବାର ନାଁ ନାହିଁ | ଏ ହେଉଛି ହିଞ୍ଜିଳିକାଟୁ ପୌରାଞ୍ଚଳ କିଛି ୱାର୍ଡର ଦୃଶ୍ୟ ।

ଅଳିଆ ଜମି ରହି ଗନ୍ଧମୟ ପରିବେଶ ସୃଷ୍ଟି ହୋଇଛି। ଆଉ ଏଥିରେ ଅତିଷ୍ଠ ହୋଇପଡିଲେଣି ଲୋକମାନେ। ଅଳିଆ ଉଠାଯିବା ପାଇଁ ବ୍ୟାଟେରୀ ଚାଳିତ ଅଟୋ ଓ ଟ୍ରାକ୍ଟର ନିୟୋଜିତ ହୋଇଛି। ସଫେଇ କର୍ମଚାରୀ ମଧ୍ୟ ଅଛନ୍ତି । ମାତ୍ର ସଠିକ୍ ଭାବେ ସଫା ହେଉନି ଅଳିଆ। ଏହା ଦ୍ୱାରା ମଶା ମାଛିଙ୍କ ବଂଶ ବିସ୍ତାର ବୃଦ୍ଧି ପାଉଥିବା ବେଳେ ଡେଙ୍ଗୁ, ମ୍ୟାଲେରିଆ ଆଦି ବ୍ୟାପିବାର ଆଶଙ୍କା ସୃଷ୍ଟି ହୋଇଛି । ରାସ୍ତାରୁ ନେଇ ଗଳିକନ୍ଦି ଓ ଜନ ଗହଳି ସ୍ଥାନମାନଙ୍କରେ ଅଳିଆ ଜମିରହି ପରିବେଶ ଦୂଷିତ ହେଉଛି ।

ଅନ୍ୟପଟେ ପୌର ପରିଷଦ ପକ୍ଷରୁ ନିୟମିତ ହୋଲ୍ଡିଂ ଟ୍ୟାକ୍ସ ସହ ଘରୁ ଘରୁ ଅଳିଆ ଆଣିବା ପାଇଁ ମାସିକ ଫି' ଆଦାୟ କରାଯାଉଛି । ଯାହାର ବିରୋଧ କରିବା ସହ ଅଳିଆ ଆବର୍ଜନା ସଂଗ୍ରହ ଓ ସଫେଇ ହେଉ ନଥିବା ଅଭିଯୋଗ କରିଛନ୍ତି ଲୋକ । ଦୂଷିତ ପରିବେଶରେ ଅତିଷ୍ଠ ହୋଇପଡିଲେଣି ଲୋକେ। ଖୁବଶୀଘ୍ର ଏଥିପ୍ରତି ଗୁରୁତ୍ୱ ଦିଆଯାଇ ସମାଧାନ କରାଯିବା ଜରୁରୀ ହୋଇଛି ।

### ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ଦିବସ ପାଳିତ

## ଉଚ୍ଚଶିକ୍ଷା, ଗବେଷଣା ଓ ଆଞ୍ଚଳିକ ବିକାଶ ଉପରେ ଗୁରୁତ୍ୱ



ଭବାନୀପାଟଣା, ୨।୯ (ସଂଚାର ବ୍ୟୁରୋ)ଃ କଳାହାଣ୍ଡି ଜିଲ୍ଲା ଭବାନୀପାଟଣାସ୍ଥିତ ମା' ମାଣିକେଶ୍ୱରୀ ବିଶ୍ୱ-ବିଦ୍ୟାଳୟର ୬ଷ୍ଠ ପ୍ରତିଷ୍ଠା ଦିବସ ମହାସମାରୋହରେ ପାଳିତ ହୋଇଯାଇଛି।

ବିଶ୍ୱବିଦ୍ୟାଳୟର କୁଳପତି ଡ଼. ପବନ କୁମାର ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବିଶେଷ ସମାରୋହରେ ଲୋକସଭା ସାଂସଦ ମାଳବିକା ଦେବୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ନିଜ ଅଭିଭାଷଣରେ ସେ ବିଶ୍ୱବିଦ୍ୟାଳୟର ଗତ ଛଅ ବର୍ଷର ଯାତ୍ରା, ଶିକ୍ଷାକ୍ଷେତ୍ରରେ ଏହାର ଅବଦାନ ଏବଂ ଆଗାମୀ ଦିନରେ ଉଚ୍ଚଶିକ୍ଷାର ଗୁଣବତ୍ତା ବୃଦ୍ଧି ନେଇ ରହିଥିବା ସମ୍ଭାବନା ଉପରେ ଆଲୋକପାତ କରିଥିଲେ। ଆଞ୍ଚଳିକ ଅଞ୍ଚଳର ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଉଚ୍ଚଶିକ୍ଷାର ସୁଯୋଗ ପ୍ରଦାନ ସହ ଗବେଷଣା ଓ ନବସୃଜନକୁ ଅଧିକ ଗୁରୁତ୍ୱ ଦେବା ଦିଗରେ ବିଶ୍ୱବିଦ୍ୟାଳୟ ଆଗକୁ ବଢ଼ିବ ବୋଲି ସେ ଆଶାବ୍ୟକ୍ତ କରିଥିଲେ।

ସମାରୋହରେ ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଆଇଏଏସ୍ ଅଶୋକ କୁମାର ଦଲୱାଇ, ଜୁନାଗଡ଼ ବିଧାୟକ ଦିବ୍ୟଶଙ୍କର ମିଶ୍ରଙ୍କ ସମେତ କଳାହାଣ୍ଡି ଓ ନୂଆପଡ଼ା ଜିଲ୍ଲାର ଜିଲ୍ଲାପାଳ ମଞ୍ଚାସୀନ ହୋଇଥିଲେ। ଅତିଥିମାନେ ନିଜ ଅଭିଭାଷଣରେ ଆଜିର ପ୍ରତିଯୋଗିତାମୂଳକ ସମୟରେ ଉଚ୍ଚଶିକ୍ଷାର ଗୁରୁତ୍ୱ, ଗବେଷଣାର ପ୍ରସାର, ଦକ୍ଷତା ବିକାଶ ଏବଂ ସ୍ଥାନୀୟ ଅଞ୍ଚଳର ସାମାଜିକ-ଆର୍ଥିକ ବିକାଶରେ ଏକ ଉଚ୍ଚଶିକ୍ଷାନୁଷ୍ଠାନର ଭୂମିକା ସମ୍ପର୍କରେ ମତ ରଖିଥିଲେ।

ଏହି ଅବସରରେ ଶିକ୍ଷା, କ୍ରୀଡ଼ା, ସାଂସ୍କୃତିକ ଓ ଅନ୍ୟାନ୍ୟ ସୃଜନଶୀଳ କ୍ଷେତ୍ରରେ ଉଲ୍ଲେଖନୀୟ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ମଞ୍ଚରେ ମାନପତ୍ର ଓ ପୁରସ୍କାର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଅତିଥିମାନେ ଛାତ୍ରଛାତ୍ରୀଙ୍କୁ କେବଳ ପାଠପଢ଼ାରେ ସୀମିତ ନ ରହି ଜ୍ଞାନ, ଦକ୍ଷତା, ଶୃଙ୍ଖଳା ଓ ସାମାଜିକ ଦାୟିତ୍ୱବୋଧକୁ ନିଜ ଜୀବନର ଅଂଶ କରିବାକୁ ଆହ୍ୱାନ ଦେଇଥିଲେ।

## କାନ୍ଥ ଭୁଶୁଡି ଛାତ୍ରୀ ମୃତ

ବୋରିଗୁମ୍ମା, ୨।୯ (ସଂଚାର ବ୍ୟୁରୋ)ଃ ଲଘୁଚାପଜନିତ ଲଗାଣ ବର୍ଷାରେ କାନ୍ଥ ଭୁଶୁଡି ପଡ଼ି ଜଣେ ଦଶମ ଶ୍ରେଣୀ ଛାତ୍ରୀର ମୃତ୍ୟୁ ହୋଇଥିବା ଜଣାପଡିଛି। ମୃତ ଦଶମ ଶ୍ରେଣୀର ଛାତ୍ରୀର ନାମ କମଳା ତନ୍ତୀ(୧୫ ବର୍ଷ)। ଘଟଣାଟି ବୋରିଗୁମ୍ମା ବ୍ଲକ ଅନ୍ତର୍ଗତ ରଣସପୁର ପଞ୍ଚାୟତ ଅଧିନ ଜଡ଼ାପୁଟ ଗ୍ରାମରେ ଘଟିଛି। ପ୍ରତିଦିନ ଭଳି ଆଜି ସକାଳେ କମଳା ସକାଳୁ ଉଠି ଘରେ ପାଠ ପଢୁଥିଲେ। ତେବେ ଘରର କାନ୍ଥ ଲଗାଣ ବର୍ଷାରେ ଦୁର୍ବଳ ହୋଇପଡିଥିଲା। ତେବେ କମଳା ପାଠ ପଢୁଥିବା ସମୟରେ ଦୁର୍ବଳ କାନ୍ଥଟି ତାଙ୍କ ଉପରେ ଭୁଶୁଡି ପଡିଥିଲା। ଯାହାଫଳରେ ସେ କାନ୍ଥ ତଳେ ଚାପି ହୋଇଯାଇଥିଲା। ପରିବାର ଲୋକେ ତୁରନ୍ତ ତାଙ୍କୁ ପ୍ରଥମେ ବୋରିଗୁମ୍ମା ମେଡ଼ିକାଲକୁ ନେଇଥିଲେ। ପରେ କୋରାପୁଟ ମେଡ଼ିକାଲ କଲେଜକୁ ନେଇଥିଲେ। ଚିକିତ୍ସାଧିନ ଅବସ୍ଥାରେ କମଳାଙ୍କର ମୃତ୍ୟୁ ହୋଇଥିଲା। କମଳାର ଅକାଳ ମୃତ୍ୟୁରେ ଜଡ଼ାପୁଟ ଗ୍ରାମବାସୀ ଦୁଃଖ ପ୍ରକାଶ କରିବା ସହ ବି.ସିଂପୁର ଉଚ୍ଚ ବିଦ୍ୟାଳୟରେ ପାଠ ପଢୁଥିବା ଶିକ୍ଷକ ଶିକ୍ଷୟିତ୍ରୀ ଓ ସହପାଠୀମାନେ ଗଭୀର ଶୋକ ପ୍ରକାଶ କରିଥିଲେ। ବୋରିଗୁମ୍ମା ତହସିଲଦାର ଶୋଭନ କୁମାର ବେହେରା ରେଡ଼କ୍ରସରୁ ମୃତ ଛାତ୍ରୀଙ୍କ ପରିବାରକୁ ୫ ହଜାର ଟଙ୍କା ସହାୟତା ରାଶି ରାଜସ୍ୱ ନିରୀକ୍ଷକ ସଞ୍ଜୟ ଚାଲାଣ ଜରିଆରେ ପ୍ରଦାନ କରିଛନ୍ତି।



### ରାଜ୍ୟ କାର୍ଯ୍ୟାଳୟରେ ମିଶ୍ରଣ ପର୍ବ

## ବିଜେପିକୁ ଫେରିଲେ ସତ୍ୟବାଦୀର କଂଗ୍ରେସ ନେତା ମନୋଜ ରଥ



ସତ୍ୟବାଦୀ, ୨।୯ (ସଂଚାର ବ୍ୟୁରୋ)ଃ ସତ୍ୟବାଦୀର ପୂର୍ବତନ କଂଗ୍ରେସ ନେତା ମନୋଜ ରଥ ପୁଣିଥରେ ବିଜେପିକୁ ଫେରିଛନ୍ତି। ଭୁବନେଶ୍ୱରସ୍ଥିତ ବିଜେପି ରାଜ୍ୟ କାର୍ଯ୍ୟାଳୟରେ ଆୟୋଜିତ ମିଶ୍ରଣ ପର୍ବରେ ଦଳର ରାଜ୍ୟ ସଭାପତି ତଥା ରାଜ୍ୟସଭା ସାଂସଦ ମନମୋହନ ସାମଲଙ୍କ ଉପସ୍ଥିତିରେ ଶ୍ରୀ ରଥ ବିଜେପିରେ ଯୋଗଦେଇଛନ୍ତି। ଏହି ମିଶ୍ରଣ ପର୍ବରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା, ସାଂସଦ ସୁଜିତ କୁମାର, ଖଣି ମନ୍ତ୍ରୀ ବିଭୂତି ଜେନା, ଦଳର ଉପସଭାପତି ବିରଞ୍ଚି ତ୍ରିପାଠୀ, ସାରଦା ଶତପଥୀ, ସରୋଜ କର, ପୁରୀର ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଓ ପୁରୀ ଜିଲ୍ଲା ବିଜେପି ସଭାପତି ଡ. ଦେବେନ୍ଦ୍ରନାଥ ତରେଇଙ୍କ ସମେତ ବହୁ ଦଳୀୟ ନେତା ଉପସ୍ଥିତ ଥିଲେ। ପ୍ରକାଶ ଥାଉକି, ମନୋଜ ରଥ ଦୀର୍ଘ ସମୟ ଧରି ଗୋବର୍ଦ୍ଧନ ପୀଠ ଶଙ୍କରାଚାର୍ଯ୍ୟଙ୍କ ମୁଖପାତ୍ର ଭାବେ ଦାୟିତ୍ୱ ତୁଲାଇବା ସହ ବିଭିନ୍ନ ସେବାମୂଳକ କାର୍ଯ୍ୟରେ ଜଡ଼ିତ ରହି ସୁନାମ ଅର୍ଜନ କରିଥିଲେ। ୨୦୨୪ ମସିହାରେ ସେ ସତ୍ୟବାଦୀ ବିଧାନସଭା ନିର୍ବାଚନମଣ୍ଡଳୀରୁ କଂଗ୍ରେସ ଟିକେଟରେ ନିର୍ବାଚନ ଲଢ଼ି ଚର୍ଚ୍ଚାକୁ ଆସିଥିଲେ। ତାଙ୍କ ପିତା ସ୍ୱର୍ଗତ ବିଶ୍ୱନାଥ ରଥ ବିଜେପିର ଜଣେ ଟାଣୁଆ ନେତା ଭାବେ ପରିଚିତ ଥିଲେ। ମନୋଜ ରଥଙ୍କ ବିଜେପିକୁ ପ୍ରତ୍ୟାବର୍ତ୍ତନ ସତ୍ୟବାଦୀ ରାଜନୀତିରେ ଚର୍ଚ୍ଚାର ବିଷୟ ହୋଇଛି।

## ହିଞ୍ଜିଳିରୁ ମହାରାଷ୍ଟ୍ରର ୩ ମହିଳା ଲୁଟେରା ଗିରଫ

ହିଞ୍ଜିଳିକାଟୁ,୨।୯(ସଂଚାର ବ୍ୟୁରୋ)ଃଯାତ୍ରୀ ହୋଇ ବସରେ ଆସୁଥିଲେ, ମୌକା ଦେଖି ଚୋରି କରୁଥିଲେ। ଭିଡ଼ ଦେଖି ଗାୟବ କରୁଥିଲେ ଅଳଙ୍କାର | ମହିଳା ଲୁଟେରାଙ୍କ ଗ୍ୟାଙ୍ଗ୍‌କୁ ନେଇ ହିଞ୍ଜିଳିକାଟୁରେ ଚର୍ଚ୍ଚା ।

ଏକ ଘରୋଇ ଯାତ୍ରୀବାହୀ ବସରେ ଆଙ୍କୁଶପୁର ଠାରୁ ହିଞ୍ଜିଳିକାଟୁ ଯାତ୍ରା କରୁଥିବା ଜଣେ ମହିଳା ଯାତ୍ରୀଙ୍କ ଭ୍ୟାନିଟ ବ୍ୟାଗରୁ ମଙ୍ଗଳସୂତ୍ର, ରୁପାମାଳି, ଗୋଟିଏ ହଳ ପାଉଞ୍ଜି ଓ ୩ହଳ ବଡ଼ ମୁଦି ଚୋରି ହୋଇଥିଲା। ମହିଳା ଜଣକ ହିଞ୍ଜିଳି ବସ୍ ଟର୍ମିନାଲରେ ଓହ୍ଲାଇ କାନ୍ଦୁଥିବା ବେଳେ କିଛି ସ୍ଥାନୀୟ ଲୋକଙ୍କ ଜମା ଜମିଥିଲା | ସେ ସମୟରେ ୩ଜଣ ମହିଳା ବସରୁ ଓହ୍ଲାଇ ଫେରାର ହେବାକୁ ଉଦ୍ୟମ କରୁଥିବା ବେଳେ ବୁଲାବିକାଳି ସଦସ୍ୟ ଅଟକାଇ କାବୁ କରିନେଇଥିଲେ। ସଂଗେ ସଂଗେ ପୁଲିସକୁ ଖବର ଦେବା ପରେ ପୁଲିସ ବସଷ୍ଟାଣ୍ଡରେ ପହଞ୍ଚି ୩ ମହିଳାଙ୍କୁ ଥାନାକୁ ଆଣି ପଚରାଉଚରା କରିବା ସହ ଲୁଟ୍ ହୋଇଥିବା ସୁନାରୁପା ଅଳଙ୍କାର ଜବତ କରିବା ସହ ୩ ଜଣ ମହିଳାଙ୍କୁ ଗିରଫ କରିଛି |

ଥାନାରେ କେସ୍ ନମ୍ବର ୬୧୯/୨୬ରେ ଅଧିକ ତଦନ୍ତ ଚାଲିଥିବା ନେଇ ଥାନାଧିକାରୀ ଶ୍ରୀନିବାସ ସେଠୀ ସୂଚନା ଦେଇଛନ୍ତି |

## ୩୧ ବର୍ଷର ଗୌରବମୟ ସେବା ପରେ ଜନ୍ମମାଟିକୁ ଫେରିଲେ ସୁବେଦାର ମେଜର

- ଯାଜପୁର ରେଳ ଷ୍ଟେସନରେ ବିପୁଳ ସମ୍ବର୍ଦ୍ଧନା



ଯାଜପୁର ରୋଡ୍,୨।୯(ସଂଚାର ବ୍ୟୁରୋ)ଃ ଦେଶମାତୃକାର ସେବାରେ ନିଜ ଜୀବନର ଦୀର୍ଘ ୩୧ ବର୍ଷ ଉତ୍ସର୍ଗ କରିବା ପରେ ଭାରତୀୟ ସେନାର ସୁବେଦାର ମେଜର ଶ୍ରୀ ପ୍ରଦୀପ କୁମାର ସାହୁ ଅବସର ଗ୍ରହଣ କରି ଆଜି ନିଜ ଜନ୍ମମାଟିକୁ ଫେରିଛନ୍ତି। ଯାଜପୁର କେନ୍ଦୁଝର ରୋଡ ରେଳ ଷ୍ଟେସନରେ ପହଂଚିବା ପରେ ତାଙ୍କୁ ସ୍ଥାନୀୟ ଲୋକମାନେ ଓ ଶୁଭେଚ୍ଛୁମାନେ ବିପୁଳ ସ୍ୱାଗତ ଓ ସମ୍ମାନ ଜଣାଇଥିଲେ। ଢେଙ୍କାନାଳ ଜିଲ୍ଲା ଭୁବନ ନିକଟ ନୟା ନୀଳକଣ୍ଠ ପୁର ଗ୍ରାମରେ ଜନ୍ମିତ ଶ୍ରୀ ସାହୁ ଏବେ ଯାଜପୁର ରୋଡ଼ ଉମାପଦା ଗ୍ରାମରେ ଘର କରି ବାସିନ୍ଦା ଭାବେ ସପରିବାର ରହୁଛନ୍ତି। ୧୯୯୫ ମସିହା ନଭେମ୍ବର ୩ ତାରିଖରେ ଭାରତୀୟ ସେନାରେ ଯୋଗଦେଇଥିବା ଶ୍ରୀ ସାହୁ ଦୀର୍ଘ ୩୧ ବର୍ଷ ଧରି ଆର୍ମି ଅର୍ଡନାନ୍ସ କର୍ପସ୍'ରେ ନିଷ୍ଠା, ଶୃଙ୍ଖଳା ଓ ଦେଶପ୍ରେମର ସହିତ ଦାୟିତ୍ୱ ନିର୍ବାହ କରିଛନ୍ତି। ତାଙ୍କର ସେବାଜୀବନରେ ଜମ୍ମୁ-କାଶ୍ମୀର, ଡେରାଡୁନ, ସିକନ୍ଦରାବାଦ ସମେତ ଦେଶର ବିଭିନ୍ନ ସମ୍ବେଦନଶୀଳ ଓ ଦୁର୍ଗମ ଅଂଚଳରେ କର୍ତ୍ତବ୍ୟ ସମ୍ପାଦନ କରିଛନ୍ତି। ବିଶେଷକରି ଲେହ-ଲଦାଖର ହାଡ଼ଭଙ୍ଗା ଶୀତ ଓ ପ୍ରାୟ -୪୦ ଡିଗ୍ରୀ ସେଲସିୟସ୍ ତାପମାତ୍ରାରେ ମଧ୍ୟ ସେ ଅବିଚଳିତ ମନୋବଳରେ ଦେଶସେବା କରିଥିଲେ। ଅବସର ପରେ ନିଜ ଅନୁଭବ ବ୍ୟକ୍ତ କରି ଶ୍ରୀ ସାହୁ କହିଛନ୍ତି, "ଭାରତ ମାତାର ସେବା କରିବା ମୋ ଜୀବନର ସବୁଠାରୁ ବଡ଼ ଗୌରବ। ମୁଁ ଭାରତ ପାଇଁ ୩୧ ବର୍ଷ ସେବା କରିପାରିଥିବାରୁ ନିଜକୁ ଗର୍ବିତ ଓ ଧନ୍ୟ ମନେ କରୁଛି। ଏହି ଦୀର୍ଘ ଯାତ୍ରାରେ ମୋର ପିତାମାତା, ପତ୍ନୀ ଓ ପରିବାରର ଅକୁଣ୍ଠ ସମର୍ଥନ ଓ ତ୍ୟାଗ ମୋତେ ଦେଶସେବା ପାଇଁ ସବୁବେଳେ ପ୍ରେରଣା ଦେଇଛି। ସେମାନଙ୍କ ପ୍ରତି ମୁଁ ଚିରକୃତଜ୍ଞ।

# ରାସ୍ତା ନିର୍ମାଣ ପାଇଁ ଦୀର୍ଘ ବର୍ଷରୁ ଦାବି ସତ୍ତ୍ୱେ ଶୁଣୁନି ପ୍ରଶାସନ



### ଆନ୍ଦୋଳନ ପାଇଁ ଅଞ୍ଚଳବାସୀଙ୍କ ଚେତାବନୀ

ଫୁଲବାଣୀ,୨।୯(ସଂଚାର ବ୍ୟୁରୋ)ଃ ଫିରିଙ୍ଗିଆ ବ୍ଲକରେ ବିଭିନ୍ନ ଗାଁକୁ ସଂଯୋଗ ପାଇଁ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ରାସ୍ତା ନିର୍ମାଣ କରାଯାଇଥିବା ବେଳେ ଅଞ୍ଚଳବାସୀଙ୍କ ଦୀର୍ଘ କୋଡିଏ ବର୍ଷର ଦାବି ସତ୍ତ୍ୱେ ରାସ୍ତା ନିର୍ମାଣ ପାଇଁ ପ୍ରଶାସନ ତରଫରୁ କୌଣସି ଗୁରୁତ୍ୱ ଦିଆଯାଉନାହିଁ। ଯାହାଦ୍ୱାରା ଆଜି ପର୍ଯ୍ୟନ୍ତ ସମୂହ ଅଞ୍ଚଳବାସୀ ଯାତାୟତ ପାଇଁ ନାହିଁ ନଥିବା ଅସୁବିଧା ଭୋଗୁଛନ୍ତି ।

କନ୍ଧମାଳ ଜିଲ୍ଲା ତଥା ଫିରିଙ୍ଗିଆ ବ୍ଲକର କାହିଁ କେଉଁ ଆବାହନ କାଳରୁ ବନ୍ଧଗଡ଼ ଠାରେ ପୂଜା ପାଉଥିବା ଅଞ୍ଚଳର ଇଷ୍ଟ ଦେବୀ ମା' ବରାଳିଙ୍କ ଦର୍ଶନ ପାଇଁ ଦୈନିକ ଭକ୍ତମାନେ କାହିଁ କେତେ ଦୂର ବ୍ଲକ ତଥା ଜିଲ୍ଲା ଏବଂ ଜିଲ୍ଲା ବାହାରୁ ମଧ୍ୟ ଆସୁଛନ୍ତି । ଏହି ମନ୍ଦିର ବନ୍ଧଗଡ଼ ଠାରୁ କିଛି ଦୂର ତେଜାମାହା ଯିବା ରାସ୍ତାରେ ଅବସ୍ଥିତ । ତେଣୁ ଏହି ରାସ୍ତା ଦେଇ ସହ ସହ ଜନସାଧାରଣ ଯିବା ଆସିବା କରିଥିବା ବେଳେ ବନ୍ଧଗଡ଼ ଠାରୁ ପାଣ୍ଡୁ ପଦର ଦେଇ ପବିଙ୍ଗିଆ ପର୍ଯ୍ୟନ୍ତ ପ୍ରାୟ ସାତରୁ ଆଠ କିଲୋମିଟର ଦୂର ଏହି ରାସ୍ତା ସଂଯୋଗ ହୋଇଛି । ଯାତାୟତ ସମସ୍ୟାକୁ ଦୃଷ୍ଟିରେ ରଖି ଦୀର୍ଘ କୋଡିଏ ବର୍ଷରୁ ଉର୍ଦ୍ଧ ହେବ ଅଞ୍ଚଳବାସୀ ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ବ୍ଲକ ଏମିତି କି ଜିଲ୍ଲାପାଳ ଏବଂ ଏମପି, ବିଧାୟକଙ୍କୁ ବାରମ୍ବାର ଲିଖିତ ଭାବରେ ଜଣାଇଥିଲେ ମଧ୍ୟ ତାହା ପ୍ରତିଶୃତିରେ ରହିଯାଇଛି।

ଦୀର୍ଘ ବର୍ଷରୁ ଏହି ରାସ୍ତାରେ କୌଣସି ମରାମତି ମଧ୍ୟ ହୋଇ ନାହିଁ ଯାହାଦ୍ୱାରା ବର୍ତ୍ତମାନ ବନ୍ଧଗଡ଼ ଠାରୁ ବରାଳ ଦେବୀ ମନ୍ଦିର ଦେଇ ତେଜାମାହା ଓ ପାଣ୍ଡୁ ପଦର ରାସ୍ତା ଖାଲ ଖମା ସହ କାଦୁଅ ପଚ ପଚ ହେଉଥିବା ବେଳେ ବିଭିନ୍ନ ଜାଗାରେ ରାସ୍ତାର ଦୁଇ ପାର୍ଶ୍ୱରେ ଧୋଇ ହୋଇ ନଷ୍ଟ ହୋଇ ରହିଛି । ଦୀର୍ଘ ବର୍ଷରୁ ପଡ଼ିଥିବା ମେଟାଲ ସମ୍ପୂର୍ଣ୍ଣ ରାସ୍ତାରେ ନଥିବା ବେଳେ କେଉଁଠି କେଉଁଠି ମେଟାଲ ବାହାରି ଦୁର୍ଘଟଣା ଘଟୁଥିବା ବେଳେ ବହୁ ବାଇକ ଆରୋହୀ ଆହତ ହେଉଛନ୍ତି।

ବର୍ତ୍ତମାନ ବନ୍ଧଗଡ଼ ଠାରୁ ତେଜା ମାହା ପର୍ଯ୍ୟନ୍ତ ଯାଇଥିବା ରାସ୍ତା ପ୍ରାୟ ଏକ କିଲୋମିଟର ସମ୍ପୂର୍ଣ୍ଣ ନଷ୍ଟ ହୋଇଥିବା ବେଳେ ଅଧିକାଂଶ ସ୍ଥାନରେ ଖାଲ ଖମା ସହ ଖାଲରେ ପାଣି ଜମି ବିପଦ ସୃଷ୍ଟି କରୁଛି। ଯାହାଦ୍ୱାରା ଅଞ୍ଚଳ ବାସୀ ଯାତାୟତ ପାଇଁ ନାହିଁ ନଥିବା ଅସୁବିଧା ଭୋଗୁଛନ୍ତି । ବାରମ୍ବାର ଅଭିଯୋଗ ପରେ କେବଳ ପ୍ରତିଶୃତି ମିଳୁଥିବା ବେଳେ ରାସ୍ତା ନିର୍ମାଣ ହେଉନଥିବାରୁ ଅସନ୍ତୋଷ ପ୍ରକାଶ ପାଉଛି। ଦୀର୍ଘ ବର୍ଷରୁ ଦାବି କରୁଛୁ କିନ୍ତୁ ପ୍ରଶାସନ ଆମ କଥା ଶୁଣୁ ନାହାନ୍ତି, ତେଣୁ ଆଗାମୀ ଦିନରେ ବାଧ୍ୟ ହୋଇ ଆନ୍ଦୋଳନକୁ ଓହ୍ଲାଇବୁ ବୋଲି ଚେତାବନି ଦେଇଛନ୍ତି ଅଞ୍ଚଳବାସୀ।

ଭୁବନେଶ୍ୱର ଗୁରୁବାର,୩ ସେପ୍ଟେମ୍ବର ୨୦୨୬ ସଂଚାର THE SANCHAR

# ନବଗଠିତ ଏନଏସି ପାଇଁ ୫୬୦ କୋଟିର ସ୍ୱତନ୍ତ୍ର ପ୍ୟାକେଜ୍



ଭୁବନେଶ୍ୱର,୨।୯(ସଂଚାର ବ୍ୟୁରୋ): ରାଜ୍ୟର ନବଗଠିତ ଏନଏସିଗୁଡ଼ିକର ସାମଗ୍ରିକ ବିକାଶ ଓ ନାଗରିକଙ୍କ ପାଇଁ ଉନ୍ନତ ମୌଳିକ ସୁବିଧା ସୁନିଶ୍ଚିତ କରିବା ଲକ୍ଷ୍ୟରେ ରାଜ୍ୟ ସରକାର ଏକ ବଡ଼ ପଦକ୍ଷେପ

**■ ନବଗଠିତ ସହରାଞ୍ଚଳରେ ମୌଳିକ ଭିତ୍ତିଭୂମିକୁ ଗୁରୁତ୍ୱ**

ଗ୍ରହଣ କରିଛନ୍ତି। ନବଗଠିତ ୨୮ଟି ଏନଏସିରେ ବିଭିନ୍ନ ଭିତ୍ତିଭୂମି ଉନ୍ନୟନ କାର୍ଯ୍ୟ ପାଇଁ ୫୬୦ କୋଟି ଟଙ୍କାର ସ୍ୱତନ୍ତ୍ର ପ୍ୟାକେଜ୍ ଘୋଷଣା କରିଛନ୍ତି। ପ୍ରତ୍ୟେକ ଏନଏସି ପାଇଁ ୨୦ କୋଟି ଟଙ୍କା ଲେଖାଏଁ ଯୋଗାଇ ଦିଆଯିବ। ଏଥିରେ ସମ୍ପୃକ୍ତ ଅଞ୍ଚଳଗୁଡ଼ିକରେ ରାସ୍ତା, ଡ୍ରେନ୍, ମାର୍କେଟ ଓ ଅନ୍ୟାନ୍ୟ ଭିତ୍ତିଭୂମି କାର୍ଯ୍ୟ ସମ୍ପନ୍ନ ହେବ। ଏହି ସ୍ୱତନ୍ତ୍ର ପ୍ୟାକେଜ୍ ମାଧ୍ୟମରେ ନବଗଠିତ ସହରାଞ୍ଚଳଗୁଡ଼ିକରେ ଆବଶ୍ୟକ ନାଗରିକ ସୁବିଧା ଓ ଆଧୁନିକ ଭିତ୍ତିଭୂମି ସୃଷ୍ଟି କରାଯିବ। ପୌର କାର୍ଯ୍ୟାଳୟ ଭବନ ପାଇଁ ୬.୪୦ କୋଟି, ରାସ୍ତା ଓ ଡ୍ରେନ୍ ପାଇଁ ୩ କୋଟି, ମଡେଲ୍ ମାର୍କେଟ୍ କମ୍ପ୍ଲେକ୍ସ ପାଇଁ ୨ କୋଟି ଏବଂ ମଡେଲ୍ ସହରୀ ହାଟ ପାଇଁ ୧ କୋଟି ଟଙ୍କା ଲେଖାଏଁ ବ୍ୟବସ୍ଥା ରହିଛି।

ସେହିପରି ଶ୍ମଶାନ ପାଇଁ ୬୦ ଲକ୍ଷ, ଇଭି ଚାର୍ଜିଂ ଷ୍ଟେସନ୍ ୫୦ ଲକ୍ଷ, ପାର୍କ ଓ ଖୋଲା ସ୍ଥାନ, କମ୍ୟୁନିଟି ଟଏଲେଟ୍ ଅନ୍ୟାନ୍ୟ ସମୁଦାୟିକ ଭିତ୍ତିଭୂମି ପାଇଁ ୩ କୋଟି, କାଞ୍ଜିଆହୁଦା ଓ ବୁଲା ପ୍ରାଣୀ କଲ୍ୟାଣ ଭିତ୍ତିଭୂମି ପାଇଁ ୫୦ ଲକ୍ଷ, ଜଳାଶୟର ଉନ୍ନୟନ ଓ ସୌନ୍ଦର୍ଯ୍ୟକରଣ ପାଇଁ ୧ କୋଟି, ଷ୍ଟ୍ରୀଟ୍ ଲାଇଟ୍ ପାଇଁ ୧ କୋଟି ଏବଂ ସ୍ୱଚ୍ଛତା ଭିତ୍ତିଭୂମି ପାଇଁ ମଧ୍ୟ ୧ କୋଟି ଟଙ୍କା ଏହି ପ୍ୟାକେଜ୍‌ରେ ବ୍ୟୟବରାଦ କରାଯାଇଛି। ମୋଟ ନବଗଠିତ ଏନଏସି ପାଇଁ ୨୦ କୋଟି ଟଙ୍କା ଲେଖାଏଁ ବ୍ୟବସ୍ଥା କରାଯାଇଛି।

ଉନ୍ନତ ରାସ୍ତା ଓ ଡ୍ରେନ୍ ଯାତାୟାତକୁ ସୁଗମ କରିବା ସହ ଜଳଜମା ସମସ୍ୟା ହ୍ରାସ କରିବ। ମଡେଲ୍ ମାର୍କେଟ ଓ ସହରୀ ହାଟ ସ୍ଥାନୀୟ ବ୍ୟବସାୟୀ ଓ କ୍ଷୁଦ୍ର ବିକ୍ରେତାଙ୍କ ପାଇଁ ସୁସଙ୍ଗଠିତ ବ୍ୟାବସାୟିକ ପରିବେଶ ସୃଷ୍ଟି କରିବ। ପାର୍କ, ଖୋଲା ସ୍ଥାନ, କମ୍ୟୁନିଟି ଟଏଲେଟ୍, ଉନ୍ନତ ଷ୍ଟ୍ରୀଟ୍ ଲାଇଟ୍ ଓ ସ୍ୱଚ୍ଛତା ବ୍ୟବସ୍ଥା ସହରାଞ୍ଚଳଗୁଡ଼ିକୁ ଅଧିକ ସୁରକ୍ଷିତ, ପରିଷ୍କାର ଓ ବାସୋପଯୋଗୀ କରିବ ବୋଲ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି। ଏଥିସହ ୬୨ଟି ପୌରାଞ୍ଚଳ ପାଇଁ ୩୨୩ କୋଟି ଟଙ୍କା ବିନିଯୋଗରେ ୫୯୩ଟି ପ୍ରକଳ୍ପର ଶୁଭାରମ୍ଭ ହୋଇଛି। ଏହି ପ୍ରକଳ୍ପଗୁଡ଼ିକ 'ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା' ଅଧୀନରେ କାର୍ଯ୍ୟକାରୀ ହେବ। ଏଥିରେ ୧୦୨ କୋଟି ଟଙ୍କା ମୂଲ୍ୟର ୪୨୩ଟି ପ୍ରକଳ୍ପର ଉଦ୍‌ଘାଟନ ଥିବା ବେଳେ ୨୨୧ କୋଟି ଟଙ୍କା ମୂଲ୍ୟର ୧୭୦ଟି ପ୍ରକଳ୍ପର ଶିଳାନ୍ୟାସ ହୋଇଛି ବୋଲି ଡ. ମହାପାତ୍ର କହିଛନ୍ତି।

# ରାଷ୍ଟ୍ରପତି ଭବନରେ ଗଞ୍ଜାମର ଲୋକ କଳାକାର

**ଗତ ଗସ୍ତ ସମୟରେ ଆମନ୍ତ୍ରଣ କରିଥିଲେ ରାଷ୍ଟ୍ରପତି**



ବ୍ରହ୍ମପୁର,୨।୯(ସଂଚାର ବ୍ୟୁରୋ): ନିକଟରେ ଗଞ୍ଜାମ ଗସ୍ତ ସମୟରେ ତପ୍ତପାଣିଠାରେ ଆଦିବାସୀ ଓ ଲୋକନୃତ୍ୟ ଦେଖି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ବେଶ୍ ପ୍ରଭାବିତ ହୋଇଥିଲେ। ସେହି ସାଂସ୍କୃତିକ ପ୍ରଦର୍ଶନରେ ମୁଗ୍ଧ ହୋଇ ରାଷ୍ଟ୍ରପତି ଉକ୍ତ କଳାକାରମାନଙ୍କୁ ରାଷ୍ଟ୍ରପତି ଭବନକୁ ଆମନ୍ତ୍ରଣ କରିଥିଲେ। ରାଷ୍ଟ୍ରପତିଙ୍କ ଆମନ୍ତ୍ରଣରେ ଗଞ୍ଜାମର ୫ଟି ପ୍ରମୁଖ ସାଂସ୍କୃତିକ ଦଳର ୯୦ରୁ ଊର୍ଦ୍ଧ୍ୱ କଳାକାର ଦିଲ୍ଲୀ ଯାଇଥିଲେ। କଳାକାରମାନଙ୍କ ସହ ଆଲୋଚନା ବେଳେ ନିଜ ପୂର୍ବପୁରୁଷଙ୍କଠାରୁ ମିଳିଥିବା କଳା ଓ ସାଂସ୍କୃତିକ ପରମ୍ପରାକୁ ସଂରକ୍ଷଣ ଓ ପ୍ରଚାର କରିବାକୁ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ପରାମର୍ଶ ଦେଇଛନ୍ତି। ଯୁବ କଳାକାରମାନେ ପାଠପଢ଼ା ସହ ନିଜ ନିଜ କ୍ଷେତ୍ରରେ ଶ୍ରେଷ୍ଠତା ହାସଲ କରି ସ୍ୱାବଲମ୍ବୀ ହେବାକୁ ମଧ୍ୟ ସେ ଆହ୍ୱାନ ଦେଇଛନ୍ତି। ଗଞ୍ଜାମର ସୌରା ଜନଜାତିର ସମୃଦ୍ଧ ସାଂସ୍କୃତିକ ପରମ୍ପରାକୁ ରାଷ୍ଟ୍ରପତି ପ୍ରଶଂସା କରିଛନ୍ତି। ରାଷ୍ଟ୍ରପତି ଭବନ ପରିଦର୍ଶନ ଓ ରାଷ୍ଟ୍ରପତିଙ୍କ ସହ ଦୀର୍ଘ ସମୟ ଧରି ଭାବ ବିନିମୟ କରିବାର ସୁଯୋଗ କଳାକାରମାନଙ୍କ ପାଇଁ ଏକ ଅବିସ୍ମରଣୀୟ ଅନୁଭୂତି ପାଲଟିଛି।

ରାଷ୍ଟ୍ରପତି ଭବନ ପରିଦର୍ଶନ, ରାଷ୍ଟ୍ରପତିଙ୍କ ସହ ଅଧ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଭାବ ବିନିମୟ ଏବଂ ନୂଆଦିଲ୍ଲୀର ବିଭିନ୍ନ ଐତିହାସିକ ଓ ଦର୍ଶନୀୟ ସ୍ଥାନ ପରିଦର୍ଶନର ସୁଯୋଗ ପାଇଥିବାରୁ କଳାକାରମାନେ ଜିଲ୍ଲା ପ୍ରଶାସନ ପ୍ରତି କୃତଜ୍ଞତା ପ୍ରକାଶ କରିଛନ୍ତି। ସୌର ପାରମ୍ପରିକ ସାଂସ୍କୃତିକ ନାଟ୍ୟ ସଂଘର ଜଗନ୍ନାଥ ନାୟକ ଏହି ଅନୁଭୂତିକୁ ଜୀବନର ଏକ ସ୍ମରଣୀୟ ଅଧ୍ୟାୟ ବୋଲି କହିଛନ୍ତି। ଏହି ପ୍ରତିନିଧି ଦଳ ସହ ଅତିରିକ୍ତ ଉପଜିଲ୍ଲାପାଳ, ଛତ୍ରପୁର ପାର୍ଥ ସାରଥୀ ହାଁସଦା, ଜିଲ୍ଲା ସଂସ୍କୃତି ଅଧିକାରୀ ଅଦିତି ଆଚାର୍ଯ୍ୟ, ମନୋଜ କୁମାର ପ୍ରଧାନଙ୍କ ସମେତ ଜିଲ୍ଲା ପ୍ରଶାସନର ଅନ୍ୟାନ୍ୟ ଅଧିକାରୀ ମଧ୍ୟ ଦିଲ୍ଲୀ ଗସ୍ତ କରିଥିଲେ।

## ଏଆଇ କୁମ୍ଭୀର କରି ଡରାଉଥିଲେ, ଏବେ ବନ୍ଧା ହେଲେ



ଜୟପୁର,୨।୯(ସଂଚାର ବ୍ୟୁରୋ): ଏଆଇ କୁମ୍ଭୀର କରି ବନ୍ଧା ହୋଇଛନ୍ତି ୨ ଭାଇ। କୋରାପୁଟ ଜିଲ୍ଲା ଜୟପୁର ନିକଟସ୍ଥ ଜୟନ୍ତଗିରିର ବଡ଼ପଡ଼ା ନଦୀରେ ୧୦ ଫୁଟିଆ କୁମ୍ଭୀର ଥିବା ଏଆଇ ଫଟୋ କରି ଏହି ଦୁଇ ଭାଇ ସ୍ଥାନୀୟ ଲୋକଙ୍କୁ ଭୟଭୀତ କରିଥିଲେ। ଏହି ଘଟଣାର ପର୍ଦ୍ଦାଫାସ କରିଛି ବନ ବିଭାଗ। ନଦୀରେ କୌଣସି କୁମ୍ଭୀର ନାହିଁ, ବରଂ ଏହା ଏକ ଏଆଇ ପ୍ରସ୍ତୁତି ନକଲି ଫଟୋ ବୋଲି ବନ ବିଭାଗ ସ୍ପଷ୍ଟ କରିଛି। ଏହି ମିଥ୍ୟା ଫଟୋ ଜରିଆରେ ଲୋକଙ୍କ ମଧ୍ୟରେ ଆତଙ୍କ ଖେଳାଇବା ଅଭିଯୋଗରେ ବୋରିଗୁମ୍ମା ବନ ବିଭାଗ ବଡ଼ପଡ଼ା ଗାଁର ଦୁଇ ଭାଇ ପୂର୍ଣ୍ଣ ଭୂମିଆ ଓ ସୁରେନ୍ଦ୍ର ଭୂମିଆଙ୍କୁ ଗିରଫ କରିଛି।

ମିଳିଥିବା ସୂଚନାନୁସାରେ, ଗତ ରବିବାର ପୂର୍ବାହ୍ନ ପ୍ରାୟ ୧୧ଟା ସମୟରେ ମାଲଦାର ଜଣେ ଚାଷୀ ସ୍ପ୍ରେ କରିବା ଲାଗି ଜମିକୁ ଯାଉଥିଲେ। ତେବେ ଗାଁ ପାଖ ଦେଇ ବହିଯାଇଥିବା ବଡ଼ପଡ଼ା ନଦୀ ଭିତରେ ସାମାନ୍ୟ ଉଚ୍ଚ ସ୍ଥାନରେ ଦେଖିଥିଲେ ଏକ ବିରାଟ କୁମ୍ଭୀର। ପ୍ରଥମ ଥର ଲାଗି ନଦୀରେ କୁମ୍ଭୀର ଦେଖି ସେ ପୂରାପୂରି ଡରିଯାଇଥିଲେ। ସେ ନିଜ ମୋବାଇଲରେ ଏହି କୁମ୍ଭୀରର ଫଟୋ ଉଠାଇଥିଲେ। ଏ ସମ୍ପର୍କରେ ଅନ୍ୟମାନଙ୍କୁ ମଧ୍ୟ ସେ ଖବର ଦେଇଥିଲେ। କିନ୍ତୁ ପରେ ହଠାତ୍ କୁମ୍ଭୀରଟି ପାଣି ଭିତରେ ଲୁଚିଯାଇଥିଲା। ଏନେଇ ଖବର ପାଇ ଗାଁର ଅନ୍ୟମାନେ ନଦୀପଠାରେ ପହଞ୍ଚିଥିଲେ। ପ୍ରବଳ ପାଣି ଯୋଗୁ କୁମ୍ଭୀରକୁ ସେମାନେ ଆଉ ଠାବ କରିପାରି ନ ଥିଲେ। ଏହାପରେ ଲୋକଙ୍କ ଭିତରେ ଭୟର ବାତାବରଣ ଖେଳି ଯାଇଥିଲା। ନଦୀକୁ ଯିବା ବେଳେ ସତର୍କ ରହିବାକୁ ଗାଁରେ ସଚେତନ କରାଯାଇଥିଲା। କିନ୍ତୁ ଶେଷରେ ଏହା ଏଆଇ ଫଟୋ ବୋଲି ଜଣାପଡ଼ିଛି।

# ସହରୀ ପରିବହନରେ ମହିଳାଙ୍କ ସୁରକ୍ଷା ଓ ସୁଗମତାକୁ ପ୍ରାଥମିକତା

**ମହିଳାଙ୍କ ପ୍ରତିନିଧିତ୍ୱ ବଢ଼ିଲେ ସେବା ଅଧିକ ଉତ୍ତରଦାୟୀ ହେବ**




ଭୁବନେଶ୍ୱର,୨।୯(ସଂଚାର ବ୍ୟୁରୋ): 'ଯେତେବେଳେ ମହିଳାମାନେ ଆଗକୁ ବଢ଼ନ୍ତି, ସହର ବି ଆଗକୁ ବଢ଼େ'। ଏହି ବାର୍ତ୍ତା ସହ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀ ଓଡ଼ିଶାର ସହରୀ ପରିବହନ ବ୍ୟବସ୍ଥାରେ ମହିଳାଙ୍କ ସୁରକ୍ଷା, ସୁଗମତା ଓ ସକ୍ରିୟ ଅଂଶଗ୍ରହଣକୁ ପ୍ରାଥମିକତା ଦେବା ଉପରେ ଗୁରୁତ୍ୱ ଦେଇଛନ୍ତି। ଶକ୍ତି ସମ୍ମିଳନୀ ୨୦୨୬ରେ 'ସହରୀ ଗମନାଗମନରେ ଲିଙ୍ଗଗତ ମୁଖ୍ୟଧାରା ପାଇଁ ଓଡ଼ିଶାର ପଦକ୍ଷେପ' ବିଷୟରେ ବକ୍ତବ୍ୟ ରଖି ଶ୍ରୀମତୀ ପାଢ଼ୀ କହିଛନ୍ତି ଯେ ସହରୀ ପରିବହନର ଯୋଜନା, ଡିଜାଇନ୍ ଓ ସେବା ପ୍ରଦାନର ପ୍ରତ୍ୟେକ ସ୍ତରରେ ମହିଳାଙ୍କ ଆବଶ୍ୟକତା ଓ ଅଭିଜ୍ଞତାକୁ କେନ୍ଦ୍ରରେ ରଖିବା ଆବଶ୍ୟକ। ଗମନାଗମନ କେବଳ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ପହଞ୍ଚିବାର ବିଷୟ ନୁହେଁ; ଏହା ସୁଯୋଗ ଓ ସଶକ୍ତୀକରଣ ସହ ସିଧାସଳଖ ଜଡ଼ିତ। ମହିଳାଙ୍କ ପାଇଁ ସୁରକ୍ଷିତ, ନିର୍ଭରଯୋଗ୍ୟ ଓ ସୁଗମ ପରିବହନ ସେମାନଙ୍କ ଶିକ୍ଷା, ନିଯୁକ୍ତି, ଉଦ୍ୟୋଗ, ସ୍ୱାସ୍ଥ୍ୟସେବା ଓ ସାମାଜିକ ସୁଯୋଗ ପାଇବାର କ୍ଷମତାକୁ ସିଧାସଳଖ ପ୍ରଭାବିତ କରେ। ଯେଉଁ ସହରରେ ଅଧା ଜନସଂଖ୍ୟା ଚଳପ୍ରଚଳ କରିବା ସମୟରେ ନିଜକୁ ସୁରକ୍ଷିତ ଓ ଆତ୍ମବିଶ୍ୱାସୀ ମନେ କରନ୍ତି ନାହିଁ, ସେହି ସହର ପ୍ରକୃତରେ ସମାବେଶୀ ହୋଇପାରିବ ନାହିଁ ବୋଲି ସେ କହିଛନ୍ତି।

ଶ୍ରୀମତୀ ପାଢ଼ୀ ଆହୁରି କହିଛନ୍ତି ଯେ ସହରୀ ଗମନାଗମନରେ ଲିଙ୍ଗଗତ ମୁଖ୍ୟଧାରା କେବଳ ନୀତି ଓ ଦସ୍ତାବିଜରେ ସୀମିତ ନ ରହି ଯୋଜନା ପ୍ରସ୍ତୁତିଠାରୁ ଆରମ୍ଭ କରି ଭିତ୍ତିଭୂମି ନିର୍ମାଣ, କାର୍ଯ୍ୟକାରିତା ଓ ସେବା ପ୍ରଦାନ ପର୍ଯ୍ୟନ୍ତ ପ୍ରତ୍ୟେକ ସ୍ତରରେ ପ୍ରତିଫଳିତ ହେବା ଦରକାର। ସୁରକ୍ଷିତ ଓ ସୁଗମ ଜନପରିବହନ, ପଥଚାରୀ-ଅନୁକୂଳ ଭିତ୍ତିଭୂମି, ପର୍ଯ୍ୟାପ୍ତ ଆଲୋକୀକରଣ, ସୁରକ୍ଷିତ ସର୍ବସାଧାରଣ ସ୍ଥାନ, ସହଜ ଶେଷ-ମାଇଲ୍ ସଂଯୋଗ ଓ ଉତ୍ତରଦାୟୀ ପରିବହନ ସେବା ଏକ ମହିଳା-ଅନୁକୂଳ ସହରର ଅତ୍ୟାବଶ୍ୟକ ଅଙ୍ଗ। ପରିବହନ କର୍ମକ୍ଷେତ୍ରରେ ମହିଳାଙ୍କ ପ୍ରତିନିଧିତ୍ୱ ବୃଦ୍ଧି ପାଇଲେ ସେବା ଅଧିକ ଉତ୍ତରଦାୟୀ ହେବା ସହ ମହିଳା ଯାତ୍ରୀଙ୍କ ମଧ୍ୟରେ ସୁରକ୍ଷା ଓ ଆତ୍ମବିଶ୍ୱାସର ଭାବନା ମଧ୍ୟ ସୁଦୃଢ଼ ହେବ ବୋଲି ସେ କହିଛନ୍ତି।

**■ ପାରିବାରିକ କଳହର କରୁଣ ପରିଣତି**

## ପୁଅକୁ ହାଣିଲେ ବାପା

ବାଲିକୁଦା, ୨।୯ (ସଂଚାର ବ୍ୟୁରୋ): ଜଗତସିଂହପୁର ଜିଲ୍ଲା ବନ୍ଦର ସାମୁଦ୍ରିକ ଥାନା ଅନ୍ତର୍ଗତ ନହରଣା ଗ୍ରାମରେ ପାରିବାରିକ ବଚସାକୁ କେନ୍ଦ୍ର କରି ନିଶାସକ୍ତ ବାପାଙ୍କ କଟୁରୀ ଚୋଟରେ ପୁଅ ଗୁରୁତର ଭାବେ ଆହତ ହୋଇଥିବା ଜଣାପଡ଼ିଛି। ଆହତ ଯୁବକ ଜଣଙ୍କ ହେଲେ ତପନ ରାଉତ। ସେହିପରି ଆକ୍ରମଣ କରିଥିବା ବାପା



ଜଣଙ୍କ ହେଉଛନ୍ତି ପ୍ରତାପ ରାଉତ। ରାତି ପ୍ରାୟ ୧ଟା ସମୟରେ କୌଣସି ଏକ କାରଣକୁ ନେଇ ବାପା ଓ ପୁଅଙ୍କ ମଧ୍ୟରେ ବଚସା ହୋଇଥିଲା। ଏହି ସମୟରେ ପୁଅ ତପନ ତାଙ୍କ ବାପାଙ୍କୁ ଏକ ଚାପୁଡ଼ା ମାରିଥିବା କୁହାଯାଉଛି। ଏଥିରେ ଉତ୍‌କ୍ଷିପ୍ତ ହୋଇ ପ୍ରତାପ ଏକ ଧାରୁଆ କଟୁରୀରେ ତପନଙ୍କ ବାମ ହାତକୁ ହାଣି ଦେଇଥିଲେ। ଘଟଣା ପରେ ପରିବାର ଲୋକେ ରାତି ପ୍ରାୟ ୨ଟା ସମୟରେ ଆମ୍ବୁଲାନ୍ସ ଯୋଗେ ତପନଙ୍କୁ ଜଗତସିଂହପୁର ମେଡିକାଲକୁ ନେଇଥିଲେ। ତେବେ ତାଙ୍କ ଅବସ୍ଥା ଗୁରୁତର ଥିବାରୁ ସେଠାରୁ ଅଧିକ ଚିକିତ୍ସା ପାଇଁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

**● ଚଣ୍ଡାଳମୁଣ୍ଡାର ଜଙ୍ଗଲରେ ଜୁଆ ଆଡ୍ଡାରେ ପୁଲିସର ଚଢ଼ାଉ**

# ୧୩ ଜୁଆଡ଼ି ଗିରଫ, ୬୦୩୧୦ ଟଙ୍କା ଉଦ୍ଧାର




**ଦୁଇଟି କାର, ୩ଟି ବାଇକ୍ ଓ ୧୦ ମୋବାଇଲ ଜବତ**

କୋରାପୁଟ,୧।୯(ସଂଚାର ବ୍ୟୁରୋ): ଜଙ୍ଗଲ ଭିତରେ ଚାଲିଥିଲା ଜୁଆର ବଡ଼ ଆଡ୍ଡା। ଗୋପନ ସୂଚନା ପାଇ ହଠାତ୍ ଚଢ଼ାଉ କରି ଜୁଆ ଆଡ୍ଡାକୁ ଭଣ୍ଡୁର କରିଛି ନନ୍ଦପୁର ପୁଲିସ। ଚଣ୍ଡାଳମୁଣ୍ଡାର ଗାଁ ନିକଟ ନୀଳଗିରି ଜଙ୍ଗଲରେ ହୋଇଥିବା ଏହି ଚଢ଼ାଉରେ ୧୩ ଜଣଙ୍କୁ ପୁଲିସ ଗିରଫ କରିବା ସହ ବିପୁଳ ପରିମାଣର ନଗଦ ଟଙ୍କା, ଗାଡ଼ି ଓ ମୋବାଇଲ ଫୋନ୍ ଜବତ କରିଛି। କୋରାପୁଟ ଜିଲ୍ଲା ନନ୍ଦପୁର ଥାନା ଅଧୀନସ୍ଥ କୁମାର ଗନ୍ଧଣା ପଞ୍ଚାୟତ ଅଞ୍ଚଳରେ ଏହି ଜୁଆ ଆଡ୍ଡା ଚାଲିଥିବା ନେଇ ପୁଲିସକୁ ସୂଚନା ମିଳିଥିଲା। ସୂଚନା ଆଧାରରେ ପୁଲିସ ଟିମ୍ ନୀଳଗିରି ଜଙ୍ଗଲରେ ଚଢ଼ାଉ କରିଥିଲା। ଚଢ଼ାଉ ସମୟରେ ଜୁଆ ଖେଳୁଥିବା ୧୩ ଜଣଙ୍କୁ କାବୁ କରାଯାଇଥିଲା। ପୁଲିସର ସୂଚନାନୁଯାୟୀ, ଗିରଫ ବ୍ୟକ୍ତିମାନେ ହେଲେ ଭଗବାନ ଖିଲା, ହରି ପାର୍ଙ୍ଗି, ରାମା ତୋଟାପାଡ଼ିଆ, ଜଗବନ୍ଧୁ ବଡ଼ନାୟକ, ବୁଦ୍ରା ଚଲାଣ, ଗୋରା ସୁଖିଆ, ଧନୁର୍ଜୟ ବଡ଼ନାୟକ, ପୀତାମ୍ବର ଖେମୁଣ୍ଡୁ, ବୁଡୁ ପାର୍ଙ୍ଗି, ହରି ପାର୍ଙ୍ଗି, କୃଷ୍ଣ ଜାଡ଼ିଆ, ଲକ୍ଷ୍ମଣ ବଡ଼ନାୟକ ଏବଂ ହରିବନ୍ଧୁ ହନ୍ତାଳ ଓରଫ ମେଟା। ସମସ୍ତଙ୍କ ଘର କୋରାପୁଟ ଜିଲ୍ଲାର ବିଭିନ୍ନ ଥାନାଞ୍ଚଳରେ ବୋଲି ପୁଲିସ ସୂଚନା ଦେଇଛି। ଚଢ଼ାଉ ବେଳେ ପୁଲିସ ୨ଟି ଚାରିଚକିଆ ଗାଡ଼ି, ୩ଟି ମୋଟର ସାଇକେଲ, ୧୦ଟି ମୋବାଇଲ ଫୋନ୍ ଓ ନଗଦ ୬୦ ହଜାର ୩୧୦ ଟଙ୍କା ଜବତ କରିଛି। ଏଥିସହ ଜୁଆ ଖେଳରେ ବ୍ୟବହୃତ ତାସ୍, ମ୍ୟାଟ୍ ଆଦି ସାମଗ୍ରୀ ମଧ୍ୟ ପୁଲିସ ଜବତ କରିଥିବା ଜଣାପଡ଼ିଛି। ଏନେଇ ନନ୍ଦପୁର ଥାନାରେ କେସ୍ ନମ୍ବର ୧୩୬/୨୦୨୬, ବିଏନ୍‌ଏସ୍ ଧାରା ୧୧୨(୨) ଓ ଓଡ଼ିଶା ପ୍ରିଭେନ୍‌ସନ୍ ଅଫ୍ ଗ୍ୟାମ୍ବଲିଂ ଆକ୍ଟର ଧାରା ୩ ଅନୁଯାୟୀ ମାମଲା ରୁଜୁ ହୋଇଛି। ଗିରଫ ୧୩ ଜଣଙ୍କୁ ପୁଲିସ କୋର୍ଟକୁ ଚାଲାଣ କରିଛି।

## ଲାଞ୍ଚ ମାମଲାରେ ଅବସରପ୍ରାପ୍ତ ଡାକ୍ତରଙ୍କୁ ୩ ବର୍ଷ ଜେଲ୍

ଭୁବନେଶ୍ୱର,୨।୯(ସଂଚାର ବ୍ୟୁରୋ): ଏକ ଲାଞ୍ଚ ମାମଲାର ଶୁଣାଣି କରି ଭୁବନେଶ୍ୱର ଭିଜିଲାନ୍ସ ସ୍ୱତନ୍ତ୍ର କୋର୍ଟ ଜଣେ ଅବସରପ୍ରାପ୍ତ ଡାକ୍ତରଙ୍କୁ ୩ ବର୍ଷ ଜେଲ୍‌ଦଣ୍ଡାଦେଶ ଶୁଣାଇଛନ୍ତି। ଏଥିସହ ୨୦ ହଜାର ଟଙ୍କା ଜରିମାନା ଦେବାକୁ ମଧ୍ୟ ସ୍ୱତନ୍ତ୍ର କୋର୍ଟ ତାଙ୍କ ରାୟରେ ଆଦେଶ ଦେଇଛନ୍ତି। ଅବସରପ୍ରାପ୍ତ ଡାକ୍ତର ଜଣଙ୍କ ହେଲେ ନୟାଗଡ଼ ଜିଲ୍ଲା ମଧ୍ୟଖଣ୍ଡ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ପୂର୍ବତନ ମେଡିକାଲ ଅଫିସର କେଦାରନାଥ ପାଲ୍। ପ୍ରକାଶ ଯେ ମଧ୍ୟଖଣ୍ଡ ପିଏଚ୍‌ସିର ଜଣେ କର୍ମଚାରୀଙ୍କ ହୁଡକୋ ଋଣ ମଞ୍ଜୁର କରିବା ପାଇଁ ପୂର୍ବତନ ମେଡିକାଲ ଅଫିସର ଶ୍ରୀ ପାଲ୍ ଲାଞ୍ଚ ଦାବି କରିଥିଲେ। ଏନେଇ କର୍ମଚାରୀ ଜଣଙ୍କ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ପରେ ଲାଞ୍ଚ ନେଉଥିବା ସମୟରେ ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ। ଏନେଇ ଭିଜିଲାନ୍ସ ପକ୍ଷରୁ କୋର୍ଟରେ ଚାର୍ଜସିଟ୍ ଦାଖଲ କରାଯାଇଥିଲା। ଏହି ମାମଲାର ବିଚାର କରି ଭୁବନେଶ୍ୱର ଭିଜିଲାନ୍ସ ସ୍ୱତନ୍ତ୍ର କୋର୍ଟ ଉପରୋକ୍ତ ରାୟ ଶୁଣାଇଛନ୍ତି। ଏହି ଦଣ୍ଡାଦେଶ ପରେ ଭିଜିଲାନ୍ସ ପକ୍ଷରୁ ଶ୍ରୀ ପାଲ୍‌ଙ୍କ ପେନସନ ବନ୍ଦ କରିବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି।

## ବଂଶଧାରାରେ ଗାଧୋଇବା ବେଳେ ଭାସିଯାଇ ନିଖୋଜ

ଗୁଣପୁର,୨।୯(ସଂଚାର ବ୍ୟୁରୋ): ରାୟଗଡା ଜିଲ୍ଲା ଗୁଣପୁର ବଂଶଧାରା ନଦୀରେ ଗାଧୋଇବା ବେଳେ ଭାସି ଯାଇ ଜଣେ ବ୍ୟକ୍ତି ନିଖୋଜ ହୋଇଛନ୍ତି। ନିଖୋଜ ବ୍ୟକ୍ତି ଜଣଙ୍କ ହେଲେ ରାୟଗଡ଼ା ଜିଲ୍ଲା କାଶୀପୁର ବ୍ଲକ ଚନ୍ଦ୍ରଗିରି ଗାଁ ର ରୂପସିଂ ମାଝୀ। ସେ ଏକ ଠିକା ସଂସ୍ଥାରେ କାର୍ଯ୍ୟ କରୁଥିଲେ। କାମରେ ନିୟୋଜିତ ଥିବା ଲୋକଙ୍କ ସହ ନିକଟସ୍ଥ ବଂଶଧାରା ନଦୀକୁ ସାଙ୍ଗ ହୋଇ ଗାଧୋଇବା ପାଇଁ ଯାଇଥିଲେ। ରୂପସିଂ ଗାଧୋଉଥିବା ସମୟରେ ଅଚାନକ ନଦୀର ପ୍ରଖର ସ୍ରୋତରେ ଭାସିଯାଇଥିଲେ।

**ଆବର୍ଜନାମୟ ସିଡିଏ ସେକ୍ଟର ୬, ଆସୁନାହାନ୍ତି ସଫେଇ କର୍ମଚାରୀ**

# ଦୀର୍ଘଦିନ ହେବ ଉଠୁନି ଅଳିଆ



କଟକ,୨।୯(ସଂଚାର ବ୍ୟୁରୋ): ସିଡିଏ ସେକ୍ଟର ୬ରେ ଏବେ ବିଭିନ୍ନ ବ୍ଲକରେ ଦୀର୍ଘ ଦିନ ଧରି ଅଳିଆ ଆବର୍ଜନା ପଡ଼ିରହିଛି। ଏ ସମ୍ପର୍କରେ ସେକ୍ଟର ୬ରେ କାର୍ଯ୍ୟରତ ସାନିଟାରୀ ଇନ୍ସପେକ୍ଟର ଓ ମହାନଗର ନିଗମର ମେଟ କିମ୍ବା ସ୍ୱଚ୍ଛ ସାଥୀଙ୍କ ନଜରକୁ ଆଣିଥିଲେ ମଧ୍ୟ ସେଗୁଡ଼ିକର ସଫେଇ ହୋଇପାରିନାହିଁ। ଅପର ପକ୍ଷରେ ସାନିଟାରୀ ଇନ୍ସପେକ୍ଟର ଓ କଟକ ମହାନଗର ନିଗମର ମେଟ ମିଳିତ ଭାବେ ଗୃହ କାର୍ଯ୍ୟରୁ ବାହାରୁଥିବା ମାଟି ଓ ଅଳିଆ ପଇସା ନେଇ ଉଠାଉଥିବା ପରିଲକ୍ଷିତ ହେଉଛି। ରାମମନ୍ଦିର ବ୍ଲକ, ଡିଏଭି ସ୍କୁଲ୍‌ର ପଛ ପାର୍ଶ୍ୱ, ବରିଷ୍ଠ ଆଇନଜୀବୀ ସୌରଚନ୍ଦ୍ର ମହାପାତ୍ର ଓ ଗ୍ରାମ ବ୍ୟାଙ୍କ କଲୋନୀର ସମ୍ମୁଖ ରାସ୍ତା, ହଇରାଣପୁର ଅଞ୍ଚଳରେ ଦୀର୍ଘ ଦିନଧରି ଅଳିଆ ଜମା ହୋଇଥିବା ମଧ୍ୟ ଦେଖିବାକୁ ମିଳିଛି। ଦୀର୍ଘଦିନ ଧରି ମଶା ତେଲ ପଡୁ ନ ଥିବା କିମ୍ବା ମଶା ତେଲ ପକାଉଥିବା ବ୍ୟକ୍ତିମାନେ ଅଞ୍ଚଳରେ ଆଦୌ ଦେଖାଦେଉ ନ ଥିବାରୁ ବର୍ଷା ଦିନେ ମଶା ଓ ମାଛିଙ୍କ ପ୍ରାଦୁର୍ଭାବ ବଢ଼ିଚାଲିଛି। ଏହାଛଡ଼ା ବ୍ଲକ୍ ୫(କ), ଗ୍ରାମ ବ୍ୟାଙ୍କ ଓ ଇମାମପଡ଼ାରେ ନିୟମିତ ସଫେଇ କର୍ମଚାରୀ ନ ଆସିବା ଫଳରେ ଅଞ୍ଚଳରେ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଛି। ଆହୁରି ବୀମା ବିହାର ଗେଟ୍‌ର ମୁଖ୍ୟ ଫାଟକ ସାମ୍ନା ମୁଖ୍ୟ ରାସ୍ତାରେ ୩ ମାସରୁ ଊର୍ଦ୍ଧ୍ୱ ସମୟ ଖୋଲାଥିଲେ ମଧ୍ୟ ଏଥିପ୍ରତି କାହାର ନଜର ପଡୁନାହିଁ। ସେହିପରି ସିଡିଏ ଅଞ୍ଚଳର ୪୦ ଭାଗ ରାସ୍ତାର ଷ୍ଟ୍ରୀଟ ଲାଇଟ୍ ଅଚଳ ହୋଇ ପଡ଼ିଛି। ତେଣୁ ଏହାର ତ୍ୱରିତ ସମାଧାନ ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇଛି। ନଚେତ ଆଗାମୀ ଦିନରେ ଏହା ପ୍ରତିବାଦରେ ଆନ୍ଦୋଳନ କରାଯିବ ବୋଲି ସ୍ଥାନୀୟ ବାସିନ୍ଦା ଚେତାବନୀ ଦେଇଛନ୍ତି।






ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar ସମ୍ପାଦକ: ହିମାଂଶୁ ଭୂଷଣ କର
Chief Editor: Ajit Kumar Dash ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ

# ପେଟ୍ରୋଲରେ ଇଥାନଲ ମିଶିବା ପରେ କମିବ ମାଇଲେଜ ?




**ନୂଆଦିଲ୍ଲୀ,୨୧୯:** ପେଟ୍ରୋଲରେ ଇଥାନଲ୍ ମିଶ୍ରଣକୁ ନେଇ ସାରା ଦେଶରେ ଯଥେଷ୍ଟ ଆଲୋଚନା ହୋଇଛି। ଅନେକ ଯାନବାହାନ ମାଲିକ ରିପୋର୍ଟ କରିଛନ୍ତି ଯେ ଇଥାନଲ୍ ପରିମାଣ ବୃଦ୍ଧି ପରେ ସେମାନଙ୍କ ଯାନର ମାଇଲେଜ୍ ହ୍ରାସ ପାଇଛି। ବିଶେଷକରି ପୁରୁଣା ଦୁଇଚକିଆ ଗାଡ଼ି ଚାଳକମାନେ ହ୍ରାସ ପାଇଥିବା ମାଇଲେଜ୍ ଏବଂ କିଛି ଇଞ୍ଜିନ୍ ସମ୍ବନ୍ଧୀୟ ସମସ୍ୟାର ଅଭିଯୋଗ କରିଛନ୍ତି। ତଥାପି, ଅଟୋମୋବାଇଲ୍ କମ୍ପାନୀ ଏବଂ ସରକାର ନିରନ୍ତର ଭାବରେ କହିଛନ୍ତି ଯେ ପ୍ରତିଷ୍ଠିତ ମାନଦଣ୍ଡ ଅନୁଯାୟୀ ଇଥାନଲ୍ ବ୍ୟବହାର ଯାନବାହାନ ପାଇଁ ନିରାପଦ। ଏବେ, ଦେଶର ସର୍ବବୃହତ ଦୁଇଚକିଆ ଯାନ ନିର୍ମାତାମାନଙ୍କ ମଧ୍ୟରୁ ଗୋଟିଏ, ହିରୋ ମୋଟୋକର୍ପ, ଇଥାନଲ ଏବଂ ବାଇକ୍ ମାଇଲେଜ୍ ଉପରେ ନିଜର ମତ ରଖିଛି। କମ୍ପାନୀର କହିବା କଥା ହେଲା, ଇଥାନଲ ଭଳି ବିକଳ୍ପ ଇନ୍ଧନ ଭବିଷ୍ୟତରେ ଦୁଇଚକିଆ ଯାନ ମାଇଲେଜ୍ ଉପରେ ବିଶେଷ ପ୍ରଭାବ ପକାଇବାର ସମ୍ଭାବନା କମ୍। ଏହାର ମୁଖ୍ୟ କାରଣ ହେଉଛି ଅଟୋ କମ୍ପାନୀଗୁଡ଼ିକ ନିରନ୍ତର ସେମାନଙ୍କ ଯାନର ଇନ୍ଧନ ଦକ୍ଷତାକୁ ଉନ୍ନତ କରିବା ପାଇଁ କାର୍ଯ୍ୟ କରୁଛନ୍ତି। ହିରୋ ମୋଟୋକର୍ପର ଚିଫ୍ ବିଜନେସ ଅଫିସର, ଆଶୁତୋଷ ବର୍ମା ସରକାରଙ୍କ ଇଥାନଲ୍ ମିଶ୍ରଣ କାର୍ଯ୍ୟକ୍ରମକୁ ସମର୍ଥନ କରିଛନ୍ତି। ସେ ଏହାକୁ ଦେଶର ଶକ୍ତି ଆବଶ୍ୟକତାରେ ଆତ୍ମନିର୍ଭରଶୀଳତା ବୃଦ୍ଧି କରିବା ଦିଗରେ ଏକ ସକାରାତ୍ମକ ପଦକ୍ଷେପ ବୋଲି କହିଛନ୍ତି। ବର୍ମାଙ୍କ ଅନୁଯାୟୀ, ଇଥାନଲ୍ର କ୍ୟାଲୋରିଫିକ୍ ଭାଲ୍ୟୁ, କିମ୍ବା ଶକ୍ତି ପ୍ରଦାନକାରୀ କ୍ଷମତା, ପେଟ୍ରୋଲ୍ ତୁଳନାରେ କମ୍। ତେଣୁ, ଇଥାନଲ୍ର ପରିମାଣ ବୃଦ୍ଧି କରିବା ଦ୍ୱାରା ମାଇଲେଜ୍ରେ କିଛି ହ୍ରାସ ହେବାର ସମ୍ଭାବନା ଅଛି। ତଥାପି, ଅଟୋ କମ୍ପାନୀଗୁଡ଼ିକ ସେମାନଙ୍କ ଯାନର ପ୍ରଯୁକ୍ତିବିଦ୍ୟା ଏବଂ ଦକ୍ଷତାକୁ ଉନ୍ନତ କରି ଏହି ବ୍ୟବଧାନକୁ ପୂରଣ କରିବାକୁ ଚେଷ୍ଟା କରୁଛନ୍ତି। **ପ୍ରଯୁକ୍ତିବିଦ୍ୟାକୁ ପରିବର୍ତ୍ତନ କରୁଥିବା କମ୍ପାନୀ:** ଆଶୁତୋଷ ବର୍ମାଙ୍କ ଅନୁଯାୟୀ, ଆଜି ଦୁଇଚକିଆ ଯାନରେ ଅନେକ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରାଯାଉଛି ଯାହା ଇନ୍ଧନ ଖର୍ଚ୍ଚ ହ୍ରାସ କରିବାରେ ସାହାଯ୍ୟ କରେ। ଏଥିରେ ଆଇଡେଲ୍ ଷ୍ଟପ୍-ଷ୍ଟାର୍ଟ ସିଷ୍ଟମ୍ (Idle Stop-Start System) ଭଳି ପ୍ରଯୁକ୍ତିବିଦ୍ୟା ଅନ୍ତର୍ଭୁକ୍ତ। ଟ୍ରାଫିକରେ ବାଇକ୍ କିମ୍ବା ସ୍କୁଟର ଅଟକିଗଲେ ଇଞ୍ଜିନ୍ ସ୍ୱୟଂଚାଳିତ ଭାବରେ ବନ୍ଦ ହୋଇପାରେ ଏବଂ ଗାଡ଼ି ଆଗକୁ ବଢ଼ିଲେ ପୁନଃଆରମ୍ଭ ହୁଏ। ଏହା ଅନାବଶ୍ୟକ ଇନ୍ଧନ ଖର୍ଚ୍ଚ ହ୍ରାସ କରେ। ଏହା ବ୍ୟତୀତ, କମ୍ପାନୀଗୁଡ଼ିକ ଲୋ-ରୋଲିଂ ରେସିଷ୍ଟାଣ୍ଟ ଟାୟାର ମଧ ବ୍ୟବହାର କରୁଛନ୍ତି। ଏହି ଟାୟାରଗୁଡ଼ିକ ରାସ୍ତାରେ କମ୍ ପ୍ରତିରୋଧ ସୃଷ୍ଟି କରିବା ସାଙ୍ଗକୁ ଗାଡ଼ିକୁ ଆଗକୁ ବଢ଼ାଇବା ପାଇଁ କମ୍ ଶକ୍ତି ଆବଶ୍ୟକ କରନ୍ତି ଏବଂ ଇନ୍ଧନ ଦକ୍ଷତା ଉନ୍ନତ କରନ୍ତି। **ଦୁଇଚକିଆ ଯାନ କମ୍ପାନୀଗୁଡ଼ିକ ପାଇଁ ଚାହିଦା ଏକ ଗୁରୁତ୍ୱପୂର୍ଣ୍ଣ ଚ୍ୟାଲେଞ୍ଜ ସୃଷ୍ଟି କରିଛି:** ହିରୋ ମୋଟୋକର୍ପ କେବଳ ଇଥାନଲ ନୁହେଁ ବରଂ ଦୁଇଚକିଆ ଯାନ ବଜାରରେ ସାମ୍ନା କରୁଥିବା ଅନ୍ୟାନ୍ୟ ଚ୍ୟାଲେଞ୍ଜଗୁଡ଼ିକୁ ମଧ ସମାଧାନ କରିଛି। କମ୍ପାନୀ ଅନୁଯାୟୀ, ଗତ କିଛି ବର୍ଷ ମଧରେ ଗ୍ରାହକଙ୍କ ଚାହିଦାରେ ଯଥେଷ୍ଟ ପରିବର୍ତ୍ତନ ଆସିଛି। କୋଭିଡ-୧୯ ମହାମାରୀ ପରେ, ବଜାର ପରିସ୍ଥିତି ପ୍ରାୟତଃ ଚ୍ୟାଲେଞ୍ଜିଂ ହୋଇଛି, ଯାହା ଫଳରେ କମ୍ପାନୀଗୁଡ଼ିକ ଭବିଷ୍ୟତ ବିକ୍ରୟର ପୂର୍ବାନୁମାନ କରିବା କଷ୍ଟକର ହୋଇପଡ଼ିଛି। କମ୍ପାନୀର ଧାରଣା ରହିଛି ଯେ, ୨୦୨୬ ରେ ଦୁଇଚକିଆ ଶିଳ୍ପ ପାଇଁ ବଜାର ପରିବେଶ ଅନୁକୂଳ ରହିବ। ତଥାପି, କମ୍ପାନୀଗୁଡ଼ିକ ପାଇଁ ସବୁଠାରୁ ବଡ଼ ଚ୍ୟାଲେଞ୍ଜ ହେଉଛି ଭବିଷ୍ୟତରେ ଗ୍ରାହକଙ୍କ ଚାହିଦା କିପରି ପରିବର୍ତ୍ତନ ହେବ ତାହା ବୁଝିବା। ଏହା ଉପରେ ଆଧାର କରି, କମ୍ପାନୀଗୁଡ଼ିକୁ ଉତ୍ପାଦନ, ନିବେଶ ଏବଂ ନୂତନ ପ୍ରଯୁକ୍ତିବିଦ୍ୟା ସମ୍ପର୍କରେ ନିଷ୍ପତ୍ତି ନେବାକୁ ପଡ଼ିବ।

## ପୁରୁଣା ଲାପଟପ୍ ଓ ଡେସ୍କଟପ୍ ହେବ ଅଧିକ ଶକ୍ତିଶାଳୀ

**ମୁମ୍ବାଇ,୨୧୯:** ଯଦି ଆପଣଙ୍କର ପୁରୁଣା ଲାପଟପ୍ କିମ୍ବା ଡେସ୍କଟପ୍ ମନ୍ଥର ହୋଇଯାଇଛି, ତେବେ ଆପଣଙ୍କୁ ତୁରନ୍ତ ଏକ ନୂଆ କିଣିବାକୁ ନପଡିପାରେ। ରିଲାଏନ୍ସ ଜିଓର ଜିଓପିସି କ୍ଲାଉଡ୍ ପ୍ରଯୁକ୍ତି ବ୍ୟବହାର କରି ଆପଣଙ୍କ ପୁରୁଣା କମ୍ପ୍ୟୁଟରର ଶକ୍ତି ବୃଦ୍ଧି କରିବ। ଉପଭୋକ୍ତାମାନେ ନୂତନ ହାର୍ଡୱେର୍ ନକିଣି ସେମାନଙ୍କର ରହିଥିବା




ଲାପଟପ୍ କିମ୍ବା ଡେସ୍କଟପର ୧୬ ଜିବି ପର୍ଯ୍ୟନ୍ତ ଆରଏମ୍ ଏବଂ ୧ ଟିବି ବା ୧୦୦୦ ଜିବି ଷ୍ଟୋରେଜ୍ ଆକ୍ସେସ୍ କରିପାରିବେ। ଯେକୌଣସି ଇଣ୍ଟରନେଟ୍ ବ୍ୟବହାରକାରୀ ଏକ ସ୍ୱତନ୍ତ୍ର ସବସ୍କ୍ରିପସନ୍ ଭାବରେ ଏହି ଜିଓପିସି ସେବାର ଲାଭ ଉଠାଇପାରିବେ। ଏହାର ଅର୍ଥ ହେଉଛି ଯେକୌଣସି ଟେଲିକମ୍ କିମ୍ବା ବ୍ରଡବ୍ୟାଣ୍ଡ କମ୍ପାନୀ ଇଣ୍ଟରନେଟ୍ ସଂଯୋଗ ପ୍ରଦାନ କରିଥାଉ ନା କାହିଁକି ଜିଓପିସି ବ୍ୟବହାର କରାଯାଇପାରିବ। କମ୍ପାନୀ ସୂଚନା ଅନୁଯାୟୀ, ସେବାକୁ ପାଞ୍ଚ ମିନିଟରୁ କମ୍ ସମୟ ମଧରେ ସକ୍ରିୟ କରାଯାଇପାରିବ, ଯେଉଁଥିପାଇଁ ଡାଟା ସ୍ଥାନାନ୍ତରଣ କିମ୍ବା ନୂତନ ହାର୍ଡୱେର୍ ଲଗାଇବା ଆବଶ୍ୟକ ପଡିବ ନାହିଁ। ଉଲ୍ଲେଖଯୋଗ୍ୟ, ଜିଓପିସି ପୂର୍ବରୁ ଜିଓ ହୋମ୍ ବ୍ରଡବ୍ୟାଣ୍ଡ ଉପଭୋକ୍ତାମାନଙ୍କ ପାଇଁ ସୀମିତ ରହିଥିଲା। ଜିଓ ପକ୍ଷରୁ ପ୍ରକାଶ କରାଯାଇଛି ଯେ ଜିଓପିସି ଏକ ପୁରୁଣା କମ୍ପ୍ୟୁଟରକୁ ଏତେ ଶକ୍ତିଶାଳୀ କରିପାରିବ ଯେ ଏହା ଏଆଇ ସହିତ ଜଡିତ ବ୍ୟାପକ ପ୍ରସେସିଂ ଏବଂ ଷ୍ଟୋରେଜ୍ ଚାହିଦାକୁ ସହଜରେ ପୂରଣ କରିପାରିବ। ଏଥିପାଇଁ କମ୍ପ୍ୟୁଟିଂର ଏକ ବଡ ଭାଗ ଜିଓପିସି କ୍ଲାଉଡ୍ରେ ହେବ। କମ୍ପାନୀ ସୂଚନା ଅନୁଯାୟୀ ୮ ବର୍ଷ ପୁରୁଣା କମ୍ପ୍ୟୁଟର ମଧ ଆଧୁନିକ ଏଆଇ-ଚାଳିତ ଆପ୍ ପାଇଁ ଆବଶ୍ୟକ କାର୍ଯ୍ୟଦକ୍ଷତା, ଷ୍ଟୋରେଜ୍ ଏବଂ କ୍ଷମତା ହାସଲ କରିପାରିବ। ଜିଓପିସି ପାଇଁ ପ୍ଲାନଗୁଡିକ ୧,୦୦୦ ଟଙ୍କାରୁ ଆରମ୍ଭ ହେବ। ୮ ଜିବି ଆରଏମ୍ ଏବଂ ୫୦୦ ଜିବି ଷ୍ଟୋରେଜ୍ ପ୍ରଦାନ କରୁଥିବା ଦୁଇ ମାସିଆ ପ୍ଲାନ୍ ୧,୦୦୦ ଟଙ୍କାରେ ଉପଲବ୍ଧ ହେବ। ସେହିଭଳି ୧୬ ଜିବି ଆରଏମ୍ ଏବଂ ୧ ଟିବି ବା ୧୦୦୦ ଜିବି ଷ୍ଟୋରେଜ୍ ଉପଲବ୍ଧ ହେଉଥିବା ଜିଓପିସି ଅଲଟ୍ରା ପ୍ଲାନର ମୂଲ୍ୟ ଦୁଇ ମାସ ପାଇଁ ୧,୨୦୦ ଟଙ୍କା ରହିଛି। ପାଞ୍ଚ ମାସିଆ ପ୍ଲାନ୍ ଯଥାକ୍ରମେ ୨,୦୦୦ ଟଙ୍କା ଏବଂ ୨,୫୦୦ ଟଙ୍କାରେ ଉପଲବ୍ଧ ହେବ। ସେହିଭଳି ୧୨ ମାସିଆ ପ୍ଲାନ୍ (୧୦+୨ ମାସ) ର ମୂଲ୍ୟ ଯଥାକ୍ରମେ ୪,୦୦୦ ଟଙ୍କା ଏବଂ ୫,୦୦୦ ଟଙ୍କା ରହିଛି।

## ମହଙ୍ଗା ହେଲା କମର୍ସିଆଲ ଏଲ୍ପିଜି ସିଲିଣ୍ଡର

**ନୂଆଦିଲ୍ଲୀ,୨୧୯:** ସେପ୍ଟେମ୍ବର ମାସ ଆରମ୍ଭରେ ଅଏଲ ମାର୍କେଟିଂ କମ୍ପାନୀମାନେ ଏଲପିଜି ସିଲିଣ୍ଡର ମୂଲ୍ୟ ସଂଶୋଧନ କରିଛନ୍ତି। ଏଥିରେ ଘରୋଇ ରୋଷେଇ ଉପଯୋଗରେ ଆସୁଥିବା ୧୪.୨ କେଜି ସିଲିଣ୍ଡର ଦରରେ ସେପରି କୌଣସି ପରିବର୍ତ୍ତନ ହୋଇନଥିବା ବେଳେ ୧୯ କେଜି କମର୍ସିଆଲ ଏଲପିଜି ସିଲିଣ୍ଡର ଦରରେ ୯ଟଙ୍କା ୫୦ ପଇସାରୁ ୧୧ଟଙ୍କା ୫୦ ପଇସା ପର୍ଯ୍ୟନ୍ତ ବୃଦ୍ଧି ହୋଇଛି। ଏହି ବର୍ଦ୍ଧିତ ଦର ସାରା ଦେଶରେ ୧ ସେପ୍ଟେମ୍ବରରୁ ଲାଗୁ ହୋଇଛି। ଏହି ମୂଲ୍ୟ ବୃଦ୍ଧି ପରେ ଦିଲ୍ଲୀରେ ୧୯ କେଜି କମର୍ସିଆଲ ଏଲପିଜି ସିଲିଣ୍ଡର ପିଛା ଦର ୨,୭୪୭ ଟଙ୍କା ୫୦ ପଇସାକୁ ପହଞ୍ଚିଥିବା ବେଳେ ମୁମ୍ବାଇରେ ୨,୭୦୧, ଚେନ୍ନାଇରେ ୨,୯୧୬ଟଙ୍କା ୫୦ ପଇସା ଓ କୋଲକାତାରେ ୨.୮୮୪ ଟଙ୍କାରେ ବିକ୍ରି ହେଉଛି। ଏହି ସିଲିଣ୍ଡର ମୁଖ୍ୟ ରୂପେ ହୋଟେଲ, ରଷ୍ଟୁରାଣ୍ଟ,ଢାବା, ବେକରୀ ଓ କ୍ୟାଟରିଂ ସେବାରେ ଉପଯୋଗ ହୋଇଥାଏ। ଏଣୁ କମର୍ସିଆଲ ଗ୍ୟାସ୍ ଦର ବୃଦ୍ଧି ଏହି ବ୍ୟବସାୟର ଇନ୍ଧନ ବାବଦ ବ୍ୟୟ ବୃଦ୍ଧି କରିବ। ତେବେ ଡୋମେଷ୍ଟିକ୍ ଉପଯୋଗରେ ଲାଗୁଥିବା ୧୪.୨ କେଜି ଓଜନର ଏଲପିଜି ଦରରେ କୌଣସି ପରିବର୍ତ୍ତନ ହୋଇ ନାହିଁ। ଏହି ସିଲିଣ୍ଡର ଦର ଦିଲ୍ଲୀରେ ୯୪୨ ଟଙ୍କା ଥିବା ବେଳେ ମୁମ୍ବାଇରେ ୯୪୧ ଟଙ୍କା ୫୦ ପଇସା ରହିଛି। ଏହାର ଅର୍ଥ ହେଉଛି କମର୍ସିଆଲ ଏଲପିଜି ମୂଲ୍ୟ ବୃଦ୍ଧି ସତ୍ତ୍ୱେ ଘରୋଇ ଏଲପିଜି ଉପଭୋକ୍ତାଙ୍କୁ କୌଣସି ଅତିରିକ୍ତ ପୈଠ କରିବାକୁ ପଡିବ ନାହିଁ। ସେମାନେ ପୂର୍ବରୁ ସିଲିଣ୍ଡର ପିଛା ଯେଉଁ ଦର ଦେଉଥିଲେ ଏବେ ସେହି ଦରରେ ସିଲିଣ୍ଡର ପାଇ ପାରିବେ। କମର୍ସିଆଲ ସିଲିଣ୍ଡର ମୂଲ୍ୟ ବୃଦ୍ଧି ଲଗାତାର ମୂଲ୍ୟ ପରିବର୍ତ୍ତନ ପରେ ହୋଇଛି। ରିପୋର୍ଟ ଅନୁସାରେ ସେପ୍ଟେମ୍ବରରେ ଏହି ବୃଦ୍ଧି ଦୁଇ ମାସର ହ୍ରାସ ପରେ ହୋଇଛି।

## ପୂଜା ଋତୁରେ ଚିନି ନେଇ ସରକାରଙ୍କ ମାଷ୍ଟରଷ୍ଟ୍ରୋକ୍ !

**ନୂଆଦିଲ୍ଲୀ,୨୧୯:** ପୂଜା ଋତୁରେ ଦରଦାମ୍ ନିୟନ୍ତ୍ରଣ ପାଇଁ କେନ୍ଦ୍ର ସରକାରଙ୍କ ବଡ଼ ପଦକ୍ଷେପ । ଆଗକୁ ଆସୁଥିବା ପୂଜା ଋତୁକୁ ଦୃଷ୍ଟିରେ ରଖି ବଜାରରେ ଚିନିର କୃତ୍ରିମ ଅଭାବ ରୋକିବା ଏବଂ ସାଧାରଣ ଉପଭୋକ୍ତାଙ୍କୁ ସୁଲଭ ମୂଲ୍ୟରେ ଚିନି ଯୋଗାଇଦେବା ପାଇଁ କେନ୍ଦ୍ର ସରକାର ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି । ବଜାରରେ ଚିନିର ମହଜୁଦ ପରିମାଣକୁ ନିୟନ୍ତ୍ରଣ କରିବା ପାଇଁ ସରକାର ବ୍ୟବସାୟୀଙ୍କ ପାଇଁ ଚିନି ଷ୍ଟକ୍ ସୀମାକୁ ୪,୦୦୦ କୁଇଣ୍ଟାଲରୁ ହ୍ରାସ କରି ସିଧାସଳଖ ୨,୦୦୦ କୁଇଣ୍ଟାଲକୁ ଖସାଇ ଦେଇଛନ୍ତି । ଏହି ନୂତନ ନିୟମ ଚଳିତ ବର୍ଷ ସେପ୍ଟେମ୍ବର ୧୫ ତାରିଖରୁ ନଭେମ୍ବର ୩୦ ପର୍ଯ୍ୟନ୍ତ କାର୍ଯ୍ୟକାରୀ ରହିବ । ଚଳିତ ବର୍ଷ ଅଗଷ୍ଟ ୧ ତାରିଖରୁ ସମଗ୍ର ଦେଶରେ ଚିନି ବ୍ୟବସାୟୀମାନଙ୍କ ପାଇଁ ମହଜୁଦ ସୀମା ୪,୦୦୦ କୁଇଣ୍ଟାଲ ନିର୍ଦ୍ଧାରିତ ହୋଇଥିଲା । କିନ୍ତୁ ଉପଭୋକ୍ତା ବ୍ୟାପାର, ଖାଦ୍ୟ ଏବଂ ସାର୍ବଜନିକ ବଣ୍ଟନ ମନ୍ତ୍ରାଳୟର ସୂଚନା ଅନୁଯାୟୀ, ଆଗାମୀ ପର୍ବପର୍ବାଣୀକୁ ଆଖି ଆଗରେ ରଖି ଏହି ସୀମାକୁ ଅଧା କରାଯାଇଛି । ନୂତନ ନିର୍ଦ୍ଦେଶାବଳୀ ଅନୁଯାୟୀ, କୌଣସି ମଧ ଚିନି ବ୍ୟବସାୟୀ ଷ୍ଟକ୍ ପ୍ରାପ୍ତ ହେବା ତାରିଖରୁ ୩୦ ଦିନରୁ ଅଧିକ ସମୟ ପର୍ଯ୍ୟନ୍ତ ନିଜ ପାଖରେ ଚିନି ମହଜୁଦ ରଖିପାରିବେ ନାହିଁ । ତେବେ ସ୍ୱତନ୍ତ୍ର ବଜାର ଚାହିଦା ଏବଂ ସ୍ଥାନୀୟ ପରିସ୍ଥିତିକୁ ବିଚାରକୁ ନେଇ କୋଲକାତା ଏବଂ ଏହାର ଆଖପାଖ ମେଟ୍ରୋପଲିଟାନ ଅଞ୍ଚଳଗୁଡ଼ିକ ପାଇଁ ପୂର୍ବଭଳି ଷ୍ଟକ୍ ସୀମା ୪,୦୦୦ କୁଇଣ୍ଟାଲ ହିଁ ବଳବତ୍ତର ରହିବ । ସରକାରଙ୍କ ପକ୍ଷରୁ ସ୍ପଷ୍ଟ କରାଯାଇଛି ଯେ ଏହି ପଦକ୍ଷେପର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଅସାଧୁ ବ୍ୟବସାୟୀଙ୍କ ଦ୍ୱାରା ଚିନି ଜମାଖୋରିକୁ ରୋକିବା। ଅଧିକ ମାତ୍ରାରେ ଚିନି ଗଚ୍ଛିତ ରଖି ବଜାରରେ କୃତ୍ରିମ ସଙ୍କଟ ସୃଷ୍ଟି କରିବାକୁ ଦିଆଯିବନାହିଁ । ଏହାଦ୍ୱାରା ଦେଶରେ ଚିନିର ଯୋଗାଣ ଶୃଙ୍ଖଳ ସ୍ୱାଭାବିକ ରହିବ ଏବଂ ଗ୍ରାହକମାନେ ଉଚିତ୍ ଦରରେ ଆବଶ୍ୟକୀୟ ଚିନି ପାଇପାରିବେ । ସରକାରଙ୍କ ବିଭିନ୍ନ ସମୟୋଚିତ ପଦକ୍ଷେପ ଯୋଗୁଁ ବେପାର କଳରେ ଚିନିର ହୋଲସେଲ୍ ଦର ପ୍ରାୟ ୩୦% ପର୍ଯ୍ୟନ୍ତ ହ୍ରାସ ପାଇ କିଲୋପ୍ରତି ୪୭ ଟଙ୍କାକୁ ଖସିଆସିଛି । କହିରଖୁ ଯେ, ଗତ ଅଗଷ୍ଟ ୧୮ ତାରିଖରେ ଏହା କିଲୋପ୍ରତି ୬୭ ଟଙ୍କା ସ୍ତରରେ ପହଞ୍ଚିଥିଲା । ତଥାପି, ଶିଳ୍ପ ସୂତ୍ରରୁ ମିଳିଥିବା ସୂଚନା ମୁତାବକ, ହୋଲସେଲ୍ ବଜାରରେ ଦର କମିଥିଲେ ମଧ ଏହାର ସିଧାସଳଖ ପ୍ରଭାବ ଏଯାବତ୍ ଖୁଚୁରା ବଜାରରେ ସମ୍ପୂର୍ଣ୍ଣ ରୂପେ ଦେଖିବାକୁ ମିଳିନାହିଁ । ଚିନି ଉଦ୍ୟୋଗର ବିଶେଷଜ୍ଞଙ୍କ ମତରେ, ଖୁଚୁରା ବଜାର ଦରରେ ଏହି ସଂଶୋଧନ ଏବଂ ହ୍ରାସ ଘଟିବା ପାଇଁ ଆହୁରି ଅନ୍ୟୁନ ୧୦ ଦିନ ସମୟ ଲାଗିପାରେ ।



## ଛୋଟିଆ ଦେଶ ହୋଇ ମଧ୍ୟ ନମ୍ବର ୧ ହେଲା ଭିଏତନାମ



**ନୂଆଦିଲ୍ଲୀ,୨୧୯:** ଛୋଟିଏ ଦେଶ ଭିଏତନାମ ଏବେ କମାଲ କରୁଛି। ଚୀନ ଓ ଭାରତକୁ ପଛରେ ପକାଇ ଆମେରିକା ସହ ଜବରଦସ୍ତ ବ୍ୟବସାୟ କରୁଛି। ୨୦୨୬ର ପ୍ରଥମ ୬ ମାସରେ ଆମେରିକା ସହ ଭିଏତନାମର ଟ୍ରେଡ୍ ସରପ୍ଲସ(ବାଣିଜ୍ୟ ଆଧିକ୍ୟ) ପ୍ରାୟ ୧୧୪ ବିଲିୟନ୍ ଡଲାରରେ ପହଞ୍ଚିଛି। ଯାହା ଭିଏତନାମ ଓ ଅନ୍ୟ ପଡ଼ୋଶୀ ଦେଶମାନଙ୍କ ପାଇଁ ଏକ ବଡ଼ ମାଇଲଖୁଣ୍ଟ। କାରଣ ବିଶ୍ୱର ସମସ୍ତ ଦେଶ ତୁଳନାରେ ଆମେରିକା ସହ ଭିଏତନାମର ଟ୍ରେଡ୍ ସର୍ପ୍ଲସ୍ ସର୍ବାଧିକ ହୋଇଛି।ସରଳ ଭାଷାରେ କହିବାକୁ ଗଲେ ଭିଏତନାମ ଆମେରିକାକୁ ଅଧିକ ଜିନିଷ ବିକ୍ରି କରିଛି କମ ଆମଦାନୀ କରିଛି। ତେଣୁ ଜବରଦସ୍ତ ଡଲାର ଆୟ କରିଛି ଏହି ଛୋଟ ଦେଶ। ୱାଲ୍ ଷ୍ଟ୍ରିଟ୍ ଜର୍ନାଲ୍ର ତଥ୍ୟକୁ ଆଧାର କରି ଟାଇମ୍ସ ଅଫ୍ ଇଣ୍ଡିଆ ଏହି ରିପୋର୍ଟ ପ୍ରକାଶ କରିଛି। ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି ବିଶ୍ୱର ଫ୍ୟାକ୍ଟ୍ରି କୁହାଯାଉଥିବା ଚୀନ ବି ଭିଏତନାମ ଠାରୁ ପଛରେ ପଡ଼ିଯାଇଛି। ଆମେରିକା ସହ ଟ୍ରେଡ୍ ସରପ୍ଲସ ଥିବା ଦେଶ ତାଲିକାରେ ଭିଏତନାମ ଆଗରେ ରହିଥିବା ବେଳେ ତା ପଛକୁ ଚୀନ୍ ମେକ୍ସିକୋ ଓ ତାଇୱାନ୍ ରହିଛନ୍ତି। ୨୦୨୫ରେ ଆମେରିକା ସହ ଟ୍ରେଡ୍ ସରପ୍ଲସ୍ରେ ଭିଏତନାମ ତୃତୀୟ ସ୍ଥାନରେ ଥିଲା। ସେତେବେଳେ ଚୀନ୍ର ଟ୍ରେଡ୍ ସରପ୍ଲସ୍ ପ୍ରାୟ ୨୦୨ ବିଲିୟନ୍ ଡଲାର ଏବଂ ମେକ୍ସିକୋର ପ୍ରାୟ ୧୯୭ ବିଲିୟନ୍ ଡଲାର ଥିଲା। କିନ୍ତୁ ୨୦୨୬ର ପ୍ରଥମ ୬ ମାସର ତଥ୍ୟ ଭିଏତନାମର ଦ୍ରୁତ ରପ୍ତାନି ବୃଦ୍ଧିକୁ ସ୍ପଷ୍ଟ କରିଛି।ପ୍ରାୟ ୧୦ କୋଟି ଜନସଂଖ୍ୟାର ଦେଶ ଭିଏତନାମର ଅର୍ଥନୀତି ପ୍ରାୟ ୫୦୦ ବିଲିୟନ୍ ଡଲାର। ଏହା ତୁଳନାରେ ଚୀନ୍ର ଜନସଂଖ୍ୟା ପ୍ରାୟ ୧୪ ଗୁଣ ଏବଂ ଅର୍ଥନୀତି ପ୍ରାୟ ୨୦ ଟ୍ରିଲିୟନ୍ ଡଲାର। ତଥାପି ଆମେରିକାକୁ ରପ୍ତାନି କ୍ଷେତ୍ରରେ ଭିଏତନାମର ଅଭୂତପୂର୍ବ ଗତି ଏବେ ଚର୍ଚ୍ଚାରେ।୨୦୨୬ର ପ୍ରଥମ ୬ ମାସରେ ଆମେରିକାର ଭିଏତନାମରୁ ଆମଦାନି ବର୍ଷକୁ ବର୍ଷ ପ୍ରାୟ ୪୦% ବୃଦ୍ଧି ପାଇଛି। ଅନ୍ୟପକ୍ଷରେ ଚୀନରୁ ଆମେରିକାର ଆମଦାନି ୧୬୮ ବିଲିୟନ୍ ଡଲାରରୁ ହ୍ରାସ ପାଇ ପ୍ରାୟ ୧୨୯ ବିଲିୟନ୍ ଡଲାର ହୋଇଛି। ବିଶେଷଜ୍ଞଙ୍କ ମତରେ ଭିଏତନାମର ଏହି ରପ୍ତାନି ସଫଳତା କେବଳ ସାମ୍ପ୍ରତିକ ଶୁଳ୍କ ନୀତିର ପରିଣାମ ନୁହେଁ। ଏହା ପଛରେ ରହିଛି ଦଶନ୍ଧି ଧରି ଚାଲିଥିବା ଅର୍ଥନୈତିକ ସଂସ୍କାର। ୧୯୮୦ ଦଶକରେ ଭିଏତନାମ 'ଡୋଇ ମୋଇ'(Doi Moi) ସଂସ୍କାର ଆରମ୍ଭ କରିଥିଲା। ଏହା ମାଧ୍ୟମରେ ଦେଶ କେନ୍ଦ୍ରୀଭୂତ ଅର୍ଥନୀତିରୁ ଧୀରେଧୀରେ ମୁକ୍ତ ବଜାର ଓ ବିଶ୍ୱ ବାଣିଜ୍ୟ ଦିଗକୁ ଅଗ୍ରସର ହୋଇଥିଲା। ୧୯୯୪ରେ ଆମେରିକା ଭିଏତନାମ ଉପରୁ ବାଣିଜ୍ୟିକ ପ୍ରତିବନ୍ଧ ହଟାଇଥିଲା ଏବଂ ୧୯୯୫ରେ ଦୁଇ ଦେଶ ମଧ୍ୟରେ କୂଟନୈତିକ ସମ୍ପର୍କ ସ୍ୱାଭାବିକ ହୋଇଥିଲା। ୨୦୦୧ରେ ଲାଗୁ ହୋଇଥିବା ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତି ପରେ ଦୁଇ ଦେଶର ବାଣିଜ୍ୟ ଆହୁରି ବଢ଼ିଥିଲା। ୧୯୯୫ରେ ଦୁଇ ଦେଶ ମଧ୍ୟରେ ମାତ୍ର ୪୫୧ ନିୟୁତ ଡଲାରର ବାଣିଜ୍ୟ ହେଉଥିବା ବେଳେ ୨୦୨୩ ସୁଦ୍ଧା ଏହା ପ୍ରାୟ ୧୨୪ ବିଲିୟନ୍ ଡଲାରରେ ପହଞ୍ଚିଥିଲା। ଚୀନ୍ରେ ଉତ୍ପାଦନ ଖର୍ଚ୍ଚ ବଢ଼ିବା ଏବଂ ଆମେରିକା-ଚୀନ୍ ବାଣିଜ୍ୟିକ ତିକ୍ତତା ବୃଦ୍ଧି ପାଇବା ପରେ ଅନେକ ବହୁରାଷ୍ଟ୍ରୀୟ କମ୍ପାନୀ 'ଚାଇନା ପ୍ଲସ୍ ୱାନ୍' ରଣନୀତି ଆପଣାଇଥିଲେ। ଅର୍ଥାତ୍ ଚୀନ୍ ବାହାରେ ଆଉ ଏକ ଦେଶରେ ଉତ୍ପାଦନ କେନ୍ଦ୍ର ସ୍ଥାପନ କରିବା ଥିଲା ଏହା ରଣନୀତିର ମୁଖ୍ୟ ଲକ୍ଷ୍ୟ। ଏହି ପରିବର୍ତ୍ତନରେ ଭାରତ ବି ସୁଯୋଗ ଅପେକ୍ଷାରେ ଥିଲା। ହେଲେ ସେହି ତୁଳନାରେ ଭିଏତନାମ ଅଧିକ କମ୍ପାନୀକୁ ଆକର୍ଷିତ କରିଥିଲା। ଏହି ପରିବର୍ତ୍ତନରୁ ଭିଏତନାମ ସବୁଠାରୁ ବଡ଼ ଲାଭ ପାଇଥିଲା। ଚୀନ୍ ନିକଟତା, ଏସିଆର ଉତ୍ପାଦନ ଯୋଗାଣ ଶୃଙ୍ଖଳ ସହ ଗଭୀର ସମ୍ପର୍କ, ଖର୍ଚ୍ଚ ଏବଂ ଭଲ ଭିତ୍ତିଭୂମି ଭିଏତନାମକୁ ବିଦେଶୀ ନିବେଶ ପାଇଁ ଆକର୍ଷଣୀୟ କରିଛି।



## ଆଜିର ସୁନା ଦର

ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର । ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର । ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୫୨,୦୨୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୩୯,୩୫୦ ଟଙ୍କା ଛୁଇଁଛି । ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୫୨,୦୨୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ ସୁନାର ମୂଲ୍ୟ ୧,୩୯,୩୫୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ ମୂଲ୍ୟ ୧,୫୨,୦୨୦ ଟଙ୍କା ଓ ୨୨ କ୍ୟାରଟେ ମୂଲ୍ୟ ୧,୩୯,୩୫୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ ୧,୫୨,୧୭୦ ଟଙ୍କା ଓ ୨୨ କ୍ୟାରେଟ ୧,୩୯,୫୦୦ ଟଙ୍କା ରହିଛି । ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୫୨,୦୨୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୩୯,୩୫୦ ଟଙ୍କା ରହିଛି । ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୫୨,୦୨୦ ଓ ୨୨ କ୍ୟାରେଟ ମୂଲ୍ୟ ୧,୩୯,୩୫୦ ଟଙ୍କା ରହିଛି । ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୪୫,୦୦୦ ଟଙ୍କା ହୋଇଛି ।



## ଆଜିର ପେଟ୍ରୋଲ, ଡିଜେଲ୍ ଦର

ଆଜି ପେଟ୍ରୋଲ ଓ ଡିଜେଲ ଦରରେ ସାମାନ୍ୟ ପରିବର୍ତ୍ତନ ହୋଇଛି । ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୮.୯୭ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୧୦୦.୬୮ ପଇସା ରହିଛି । ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୧୦୨ ଟଙ୍କା ୧୨ ପଇସା ଓ ଡିଜେଲ ଦର ୯୫ ଟଙ୍କା ୫୬ ପଇସା ହୋଇଛି । ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୧୧ଟଙ୍କା ୨୧ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୯.୧୩ ଟଙ୍କା ରହିଛି । ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୮.୯୬ ଟଙ୍କା ଥିବାବେଳେ ଡିଜେଲ ଦର ୯୯ ଟଙ୍କା ୬୫ ପଇସା ରହିଛି । ଚେନ୍ନାଇରେ ପେଟ୍ରୋଲ ଦର ୧୦୭ ଟଙ୍କା ୭୬ ପଇସା ଥିବା ବେଳେ ଡିଜେଲ ଦାମ ୯୯ ଟଙ୍କା ୬୫ ପଇସା ରହିଛି । ପ୍ରତ୍ୟେକ ଦିନ ସକାଳ ୬ଟାରେ ପେଟ୍ରୋଲ ଏବଂ ଡିଜେଲ୍ ଦାମରେ ପରିବର୍ତ୍ତନ ହୋଇଥାଏ ।

## ବୃଦ୍ଧାଙ୍କୁ ମିଳୁନି ରାସନ କାର୍ଡ

**ନୀଳଗିରି,୨୧୯ (ସଂଚାର ବ୍ୟୁରୋ):** ୬୨ ବର୍ଷ ପରେ ବି ବୃଦ୍ଧାଙ୍କୁ ମିଳୁନି ରାସନ କାର୍ଡ ମିଳି ନ ଥିବା ନେଇ ଅଭିଯୋଗ ହୋଇଛି।

ସୂଚନାଯୋଗ୍ୟ ଔପଦା ବ୍ଲକ ଶ୍ୟାମସୁନ୍ଦର ପୁର ପଂଚାୟତ ଜୁରିଆପାଟଣା ଗ୍ରାମର ରୁକ୍ମଣୀ ମଲିକ(୬୫) ଦୀର୍ଘ ୩୦ ବର୍ଷଧରି ରାସନ କାର୍ଡ ଆବେଦନ କରିଥିଲେ ବି ଏ ପ୍ରଯ୍ୟନ୍ତ ମିଳୁନାହିଁ। ରାସନ କାର୍ଡ ପାଇଁ ପଂଚାୟତ ଅଫିସ ଠୁଁ ବ୍ଲକ ପ୍ରଯ୍ୟନ୍ତ ଦୌଡ଼ି ନୟାନ୍ତ ହେଲେଣି, କିଛି ମାସ ପୂର୍ବେ ପ୍ରଶାସନ ପକ୍ଷରୁ ରାସନ କାର୍ଡ ପାଇଁ ଇନକ୍ୱାୟାରୀ କରାଯିବା ପରେ ଇକେଓ୍ୱାଇସି ମଧ୍ୟ କରାଯାଇଥିଲା। ପରେ ରାସନ କାର୍ଡ ସମସ୍ତଙ୍କୁ ମିଳିଲା କିନ୍ତୁ ରୁକ୍ମଣି ମିଳିଲା ନାହିଁ। ଏ ବାବଦରେ ଔପଦା ବ୍ଲକ ବିଭାଗୀୟ ଅଧିକାରୀଙ୍କୁ ବାରମ୍ବାର ଯୋଗାଯୋଗ କରିଲା ପରେ, କାହିଁକି ରାସନ କାର୍ଡ ମିଳୁନାହିଁ ବୋଲି ପଚାରିବାରୁ ଉତ୍ତର ଅପେକ୍ଷା କର ବୋଲି କହିଛନ୍ତି। ଲୋକମାନଙ୍କ ପାଇଁ ସରକାରଙ୍କର ଯୋଜନା ହେଉଛି ସତ,କେବଳ କାଗଜ କଲମ ରେ ସୀମିତବୋଲି ଅଭିଯୋଗ



ହୋଇଛି। ଯୋଗ୍ୟ ହିତାଧିକାରୀଙ୍କୁ ତୁରନ୍ତ ତାଙ୍କୁ ରାସନ କାର୍ଡ ଦେବାକୁ ସାଧାରଣରେ ଦାବି କରାଯାଇଛି।

## ଜନଗହଳି ମଧ୍ୟରେ ବିପଦସଂକୁଳ ବିଦ୍ୟୁତ ସବ୍‌ଷ୍ଟେସନ୍

### ବଡ଼ ଅଘଟଣକୁ ଅପେକ୍ଷା କରିଛି କି ବିଭାଗ ?

**ବାଲିକୁଦା,୨୧୯ (ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ବାଲିକୁଦା ବ୍ଲକ ଅନ୍ତର୍ଗତ ଏନ୍‌ଏଚ୍-୫୫ ନିକଟସ୍ଥ ଡେଙ୍ଗାପୋଲ ବଜାରରେ ଥିବା ବିଦ୍ୟୁତ ସବ୍‌ଷ୍ଟେସନ୍ ଏବେ ଅତ୍ୟନ୍ତ ବିପଦସଂକୁଳ ଅବସ୍ଥାରେ ରହିଥିବା ଅଭିଯୋଗ ହୋଇଛି। ସବ୍‌ଷ୍ଟେସନ୍ ପରିସରରେ



୧୦୦ କିଲୋଭୋଲ୍ଟ କ୍ଷମତାସମ୍ପନ୍ନ ଟ୍ରାନ୍ସଫର୍ମର ରହିଥିବା ବେଳେ, ଏହାର ଅତି ନିକଟରେ ରହିଛି ଜନଗହଳିପୂର୍ଣ୍ଣ ଡେଙ୍ଗାପୋଲ ବଜାର।

ଏହି ବଜାରରେ ପ୍ରତିଦିନ ଶତାଧିକ ଲୋକଙ୍କ ଯାତାୟାତ ଓ ବ୍ୟବସାୟିକ କାରବାର ହୋଇଥାଏ। ଏଥିସହ ବଜାର ନିକଟରେ ବସ୍ ରହଣି ସ୍ଥଳ ଥିବାରୁ ଦିନତମାମ ଏଠାରେ ଲୋକଙ୍କ ଭିଡ଼ ଲାଗିରହିଥାଏ। ଏଭଳି ଏକ ସମ୍ବେଦନଶୀଳ ଓ ଜନଗହଳିପୂର୍ଣ୍ଣ ସ୍ଥାନରେ ବିଦ୍ୟୁତ ସବ୍‌ଷ୍ଟେସନ୍ ରହିଥିଲେ ମଧ୍ୟ ଏହାର ଚାରିପଟେ ଆବଶ୍ୟକୀୟ ସୁରକ୍ଷା ବାଡ଼ କିମ୍ବା ସିମେଣ୍ଟ କଂକ୍ରିଟ୍ ପାଚେରୀ ନିର୍ମାଣ କରାଯାଇନଥିବା ଦେଖାଯାଇଛି। ଏହା ଦ୍ୱାରା ଗୁରୁତର ଅଘଟଣ ଘଟିବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇପାରେନାହିଁ। ଜନଗହଳିପୂର୍ଣ୍ଣ ବଜାର ମଧ୍ୟରେ ଏଭଳି ଅସୁରକ୍ଷିତ ଭାବେ ବିଦ୍ୟୁତ ସବ୍‌ଷ୍ଟେସନ୍ ରହିବା ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ମଧ୍ୟ ଉଦ୍‌ବେଗ ପ୍ରକାଶ ପାଇଛି।

ସମ୍ଭାବ୍ୟ ବିପଦକୁ ଦୃଷ୍ଟିରେ ରଖି ତୁରନ୍ତ ସବ୍‌ଷ୍ଟେସନ୍ ଚାରିପଟେ ମଜବୁତ ସୁରକ୍ଷା ବାଡ଼ ଓ ପାଚେରୀ ନିର୍ମାଣ କରିବା ସହ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା କରିବାକୁ ସ୍ଥାନୀୟ ଜନସାଧାରଣ ବିଦ୍ୟୁତ ବିଭାଗ ନିକଟରେ ଦାବି ଜଣାଇଛନ୍ତି। ବଡ଼ଧରଣର ଅଘଟଣ ଘଟିବା ପୂର୍ବରୁ ବିଭାଗୀୟ କର୍ତ୍ତୃପକ୍ଷ ତୁରନ୍ତ ପଦକ୍ଷେପ ନେବା ଜରୁରୀ ବୋଲି ମତ ପ୍ରକାଶ ପାଇଛି।

## ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରରେ ନବରଙ୍ଗପୁର ଜିଲ୍ଲାକୁ ପ୍ରଥମ ଶ୍ରେଷ୍ଠ ଜିଲ୍ଲା ସମ୍ମାନ

**ନବରଙ୍ଗପୁର,୨୧୯ (ସଂଚାର ବ୍ୟୁରୋ):** ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଅଧୀନରେ ନବରଙ୍ଗପୁର ଜିଲ୍ଲାକୁ ପ୍ରଥମ ଶ୍ରେଷ୍ଠ ଜିଲ୍ଲା ଭାବେ ପୁରସ୍କୃତ କରାଯିବ। ଏଥିସହ



ନବରଙ୍ଗପୁର ଜିଲ୍ଲାର ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ଛତ୍ରପତି ସାହୁଙ୍କୁ ଶ୍ରେଷ୍ଠ ଜିଲ୍ଲା ଶିକ୍ଷା ଅଧିକାରୀ ଭାବେ ପୁରସ୍କୃତ କରାଯିବ। ଆସନ୍ତା ୫ ସେପ୍ଟେମ୍ବର ୨୦୨୬, ଶିକ୍ଷକ ଦିବସ ଅବସରରେ ଭୁବନେଶ୍ୱରସ୍ଥିତ ଲୋକସେବା ଭବନର ଷ୍ଟେଟ୍ କନଭେନସନ୍ ସେଣ୍ଟରଠାରେ ଆୟୋଜିତ ରାଜ୍ୟସ୍ତରୀୟ ସମାରୋହରେ ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡ଼ିଶାଙ୍କ ଦ୍ୱାରା ନବରଙ୍ଗପୁର ଜିଲ୍ଲା ଏବଂ ଜିଲ୍ଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁଙ୍କୁ ଏହି ପୁରସ୍କାର ପ୍ରଦାନ ଓ ସମ୍ବର୍ଦ୍ଧିତ କରାଯିବ।

ନବରଙ୍ଗପୁର ଜିଲ୍ଲା ଶିକ୍ଷା କ୍ଷେତ୍ରରେ ଗୁଣାତ୍ମକ ଉନ୍ନତି, ବିଦ୍ୟାଳୟ ଗୁଡ଼ିକରେ ଉନ୍ନତ ଶିକ୍ଷଣ ପରିବେଶ ସୃଷ୍ଟି, ଛାତ୍ରଛାତ୍ରୀଙ୍କ ଶିକ୍ଷଣ ଫଳାଫଳରେ ଉନ୍ନତି, ବିଦ୍ୟାଳୟ ଭିତ୍ତିଭୂମିର ସୁଦୃଢ଼ୀକରଣ ଏବଂ ଶିକ୍ଷା ବ୍ୟବସ୍ଥାର ସାମଗ୍ରିକ ବିକାଶ ଦିଗରେ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ଓ ସାମୂହିକ ପ୍ରୟାସର ଏହି ସ୍ୱୀକୃତି ମିଳିଛି। ଏହି ସଫଳତା ପାଇଁ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍, ନବରଙ୍ଗପୁର ଡଃ ମହେଶ୍ୱର ସ୍ୱାଇଁଙ୍କ ଦୂରଦର୍ଶୀ ନେତୃତ୍ୱ, ଦକ୍ଷ ମାର୍ଗଦର୍ଶନ, ନିରନ୍ତର ପ୍ରୋତ୍ସାହନ ଓ ଅକୁଣ୍ଠ ସହଯୋଗ ନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ କୃତଜ୍ଞତା ପ୍ରକାଶ କରାଯାଇଛି। ଏଥିସହ ଜିଲ୍ଲାର ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀଙ୍କ ସହଯୋଗ ଓ ସମନ୍ୱିତ ପ୍ରୟାସକୁ ମଧ୍ୟ ପ୍ରଶଂସା କରାଯାଇଛି।

ଶିକ୍ଷା କ୍ଷେତ୍ରର ବିକାଶ ପାଇଁ ବିଭିନ୍ନ ବିଭାଗ ମଧ୍ୟରେ ରହିଥିବା ସମନ୍ୱୟ ଓ ସହଯୋଗ ଜିଲ୍ଲାର ଏହି ସଫଳତାରେ ସହାୟକ ହୋଇଛି। ଏହି ଅବସରରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାର ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀ, ଶିକ୍ଷା ବିଭାଗର ଅଧିକାରୀ ଓ କର୍ମଚାରୀ, ବିଦ୍ୟାଳୟ ପରିଚାଳନା କମିଟି, ଛାତ୍ରଛାତ୍ରୀ, ଅଭିଭାବକ ଏବଂ ଶିକ୍ଷା କ୍ଷେତ୍ର ସହ ସଂପୃକ୍ତ ସମସ୍ତ ଅଂଶୀଦାରଙ୍କ ଅବଦାନକୁ ମଧ୍ୟ ସ୍ୱୀକୃତି ଦିଆଯାଇଛି। ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରରେ ନବରଙ୍ଗପୁର ଜିଲ୍ଲାର ଏହି ସମ୍ମାନ ଜିଲ୍ଲାର ଶିକ୍ଷା କ୍ଷେତ୍ର ପାଇଁ ଏକ ଗୌରବମୟ ସ୍ୱୀକୃତି।

### ଶାଳବଣି ପଞ୍ଚାୟତରେ ମନରେଗା ନାଁରେ ଲକ୍ଷ ଲକ୍ଷ ଟଙ୍କା ଘୋଟାଲା

# କାମ ନହେଉଣୁ ଉଠାଇନେଲେ ପାଞ୍ଚ ଲକ୍ଷ

### ଘୋଟାଲା ପଛରେ ଆନନ୍ଦପୁର ବିଡ଼ିଓଙ୍କ ହାତ

### ଶ୍ରମିକଙ୍କ ନାଁରେ ଉଠୁଛି ଟଙ୍କା

### ନେତା, ଅଧିକାରୀ ମାଲେମାଲ





**ଆନନ୍ଦପୁର,୨୧୯ (ସଂଚାର ବ୍ୟୁରୋ):** ମାତ୍ର ୧୦୦ ମିଟର ରାସ୍ତା ନିର୍ମାଣ ପାଇଁ ୯ ଲକ୍ଷ ୭୫ ହଜାର ଟଙ୍କା ବ୍ୟୟ ନେଇ ଅଭିଯୋଗ ଉଠିଛି। କାମ ଆରମ୍ଭ ପୂର୍ବରୁ ଶ୍ରମିକଙ୍କ ନାମରେ ଲକ୍ଷାଧିକ ଟଙ୍କା ଉଠାଣ ଏବଂ ବିଲ୍ କରାଯାଇଥିବା ଅଭିଯୋଗକୁ ନେଇ ଚର୍ଚ୍ଚାରେ ରହିଛି କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବ୍ଲକ୍ ଶାଳବଣି ପଞ୍ଚାୟତ ଅନ୍ତର୍ଗତ ବେଲଦା ଗାଁ।

ଗ୍ରାମର ବଡ଼ ପୋଖରୀଠାରୁ ଶ୍ମଶାନ ଘାଟ ପର୍ଯ୍ୟନ୍ତ ୧୦୦ ମିଟର ରାସ୍ତା ନିର୍ମାଣ ପାଇଁ ମନରେଗା ଯୋଜନାରେ ୯ ଲକ୍ଷ ୭୫ ହଜାର ଟଙ୍କା ବ୍ୟୟ ହେବ ବୋଲି ସୂଚନା ଫଳକରେ ଉଲ୍ଲେଖ ରହିଛି। ତେବେ ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ, ରାସ୍ତା କାମ ଆରମ୍ଭ ହେବା ପୂର୍ବରୁ ହିଁ ଲକ୍ଷାଧିକ ଟଙ୍କାର ବିଲ୍ ଓ ଉଠାଣ କରାଯାଇଛି। ଅଭିଯୋଗ ଅନୁଯାୟୀ, ପ୍ରଥମ ପର୍ଯ୍ୟାୟରେ ଶ୍ରମିକଙ୍କ ନାମରେ ୧ ଲକ୍ଷ ୫୦ ହଜାର ୯୬୯ ଟଙ୍କା ଉଠାଣ ହୋଇଛି। ଏହାପରେ ଯନ୍ତ୍ରୀଙ୍କ ବଦଳି ହେବା ନେଇ ସୂଚନା ମିଳିବା ପରେ ୧୬୫ ଜଣ ଶ୍ରମିକଙ୍କ ନାମରେ ୩ ଲକ୍ଷ ୫ ହଜାର ଟଙ୍କାର ବିଲ୍ କରାଯାଇଥିବା ମଧ୍ୟ ଅଭିଯୋଗ ହୋଇଛି। କାମ ସମ୍ପୂର୍ଣ୍ଣ ହେବା ପରେ ମାପ ଓ ଆବଶ୍ୟକ ପ୍ରକ୍ରିୟା ଅନୁଯାୟୀ ଫାଇଲ୍ ପ୍ରସ୍ତୁତ ହେବା କଥା। କିନ୍ତୁ ଏଠାରେ କାମ ଆରମ୍ଭ ପୂର୍ବରୁ ହିଁ ଫାଇଲ୍ ପ୍ରସ୍ତୁତ କରି ଟଙ୍କା ଉଠାଯାଇଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି।

ଗତ ୧୭ ଅଗଷ୍ଟରେ ଏନେଇ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହେବା ପରେ ରାସ୍ତା କାମ ଆରମ୍ଭ ହୋଇଥିବା କୁହାଯାଉଛି। ଅନ୍ୟପକ୍ଷରେ, ରାସ୍ତା ନିର୍ମାଣରେ ମାଟି ଓ ମରମ ବଦଳରେ ବାଲି ବ୍ୟବହାର କରାଯାଉଥିବା ନେଇ ମଧ୍ୟ ଗ୍ରାମବାସୀ ଆପତ୍ତି ଉଠାଇଛନ୍ତି। ବର୍ଷା ହେଲେ ବାଲି ଧୋଇ ନିକଟସ୍ଥ ଚାଷଜମି ଓ ପୋଖରୀକୁ ଚାଲିଯିବାର ଆଶଙ୍କା ରହିଥିବା ସେମାନେ କହିଛନ୍ତି।

ଘଟଣାକୁ ନେଇ ଏବେ ଅନେକ ପ୍ରଶ୍ନ ଉଠିଛି। କାମ ଆରମ୍ଭ ପୂର୍ବରୁ ବିଲ୍ କିପରି ହେଲା ? ଶ୍ରମିକଙ୍କ ନାମରେ ଟଙ୍କା ଉଠାଣର ପ୍ରକ୍ରିୟା କ'ଣ ଥିଲା ? ଅଭିଯୋଗ ପରେ ହିଁ କାମ କାହିଁକି ଆରମ୍ଭ ହେଲା ? ଏହା ନିୟମିତ ପ୍ରକ୍ରିୟା ନା ଆର୍ଥିକ ଅନିୟମିତତା— ତାହା ତଦନ୍ତ ପରେ ସ୍ପଷ୍ଟ ହେବ। ଗ୍ରାମବାସୀଙ୍କ ଦାବି, ଘଟଣାର ନିରପେକ୍ଷ ତଦନ୍ତ କରାଯାଇ ରାସ୍ତାର ମାପ, ବିଲ୍, ମଷ୍ଟର ରୋଲ୍ ଓ ଟଙ୍କା ଉଠାଣ ସମ୍ପର୍କିତ ସମସ୍ତ ରେକର୍ଡ ଯାଞ୍ଚ କରାଯାଉ। ଅନିୟମିତତା ପ୍ରମାଣିତ ହେଲେ ଦାୟୀ ବ୍ୟକ୍ତିଙ୍କ ବିରୋଧରେ ଆଇନାନୁସାରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉ।

## ମଣ୍ଡଳ ଶିକ୍ଷାଧିକାରୀଙ୍କ ଆଦେଶକୁ ଶିକ୍ଷକଙ୍କ ଅବମାନନା

**ନିଶ୍ଚିନ୍ତକୋଇଲି,୨୧୯ (ସଂଚାର ବ୍ୟୁରୋ):** ନିଶ୍ଚିନ୍ତକୋଇଲି ମଣ୍ଡଳ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଅଧିନସ୍ଥ ରଙ୍ଗମୁଣ୍ଡାଇ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ନୂତନ ଶିକ୍ଷକ ଭାବେ ଫାଜଲୁର ରହେମାନ୍ ଯୋଗ ଦେବା ପାଇଁ ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ନିଶ୍ଚିନ୍ତକୋଇଲି ପକ୍ଷରୁ ତା.୨୮.୦୮.୨୦୨୬ରିଖରେ ନିର୍ଦ୍ଦେଶ ଦିଆଯାଇଥିଲା। ଏଯାଏଁ ସମ୍ପୃକ୍ତ ଶିକ୍ଷକ ରଙ୍ଗମୁଣ୍ଡାଇ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଯୋଗ ଦେଇନାହାନ୍ତି। ପୂର୍ବରୁ ଫାଜଲୁର ରହେମାନ୍ ତବଲିଗନଗର ପ୍ରୋଜେକ୍ଟ ୟୁଜିଏଚଏସରେ ସହକାରୀ ଶିକ୍ଷକ ଭାବେ କାର୍ଯ୍ୟରତ ଥିଲେ।

ଏଠାରେ ସୂଚନାଥାଉକି ଦୁଇଜଣ ଶିକ୍ଷୟିତ୍ରୀରେ ରଙ୍ଗମୁଣ୍ଡାଇ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷାଦାନ କାର୍ଯ୍ୟ ଚାଲୁ ରହିଥିବା ବେଳେ ତା.୩୧.୦୮.୨୦୨୬ରିଖରେ ସହକାରୀ ଶିକ୍ଷୟିତ୍ରୀ ଅନ୍ନପୂର୍ଣ୍ଣା ସାମଲ ଅବସର ଗ୍ରହଣ କରିଛନ୍ତି। ସହକାରୀ ଶିକ୍ଷୟିତ୍ରୀ ଅବସର ନେଲା ପରେ ଏହି ବିଦ୍ୟାଳୟରେ ଶିକ୍ଷୟିତ୍ରୀ ତମାଳଲତା ମହାପାତ୍ର ଏକାକୀ ବିଦ୍ୟାଳୟରେ ଶିକ୍ଷାଦାନ ଓ ବିଦ୍ୟାଳୟର ପରିଚାଳନା କରିବାରେ ଅସୁବିଧା ଭୋଗୁଛନ୍ତି। ବିଦ୍ୟାଳୟରେ ନୂତନ ଶିକ୍ଷକ ଭାବେ ଯୋଗ ଦେବାକୁ ସରକାରୀ ନିର୍ଦ୍ଦେଶ ରହିଥିଲା ବେଳେ ଏଯାଏଁ ସମ୍ପୃକ୍ତ ଶିକ୍ଷକ ଫାଜଲୁର ରହେମାନ୍ ରଙ୍ଗମୁଣ୍ଡାଇ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଯୋଗ ଦେଇନଥିବାରୁ ବିଦ୍ୟାଳୟର ଛାତ୍ର ଛାତ୍ରୀଙ୍କ ଅଭିଭାବକ ଓ ବିଦ୍ୟାଳୟ ପରିଚାଳନା ପରିଷଦର ସଦସ୍ୟ ସଦସ୍ୟାମାନେ ଗଭୀର କ୍ଷୋଭ ପ୍ରକାଶ କରିଛନ୍ତି।

କ'ଣ ପାଇଁ ଜଣେ ଶିକ୍ଷକ ମଣ୍ଡଳ ଶିକ୍ଷାଧିକାରିଣୀଙ୍କ ନିର୍ଦ୍ଦେଶକୁ ଅବମାନନା କରୁଛନ୍ତି, ଏହା ପଛରେ କି ରହସ୍ୟ ଲୁଚିରହିଛି ତାହା ତଦନ୍ତ ସାପେକ୍ଷ। ତୁରନ୍ତ କଟକ ଜିଲ୍ଲା ଶିକ୍ଷାଧିକାରୀ ଏଥିପ୍ରତି ଗୁରୁତ୍ୱ ଦେଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଦ୍ୟାଳୟ ପରିଚାଳନା ପରିଷଦ ଓ ଛାତ୍ର ଅଭିଭାବଙ୍କ ପକ୍ଷରୁ ଦାବି ହୋଇଛି।

## ଚୋରି ଘଟଣାରେ ସାଇଣ୍ଟିଫିକ ଟିମର ତଦନ୍ତ

**ବାଲିଆପାଳ,୨୧୯ (ସଂଚାର ବ୍ୟୁରୋ):** ବାଲିଆପାଳ ଥାନା ଅନ୍ତର୍ଗତ ପ୍ରତାପପୁର ପଞ୍ଚାୟତର ନଈଘାଟି ଗ୍ରାମର



ପ୍ରଦୀପ କୁମାର ପାଣିଗ୍ରାହୀଙ୍କ ଘରୁ ଶୁକ୍ରବାର ବିଳମ୍ବିତ ରାତିରେ କେହି ଘରେ ନଥିବା ସମୟରେ ଦୁର୍ବୃତ୍ତ ମାନେ ଗ୍ରୀଲର ତାଲା ଭାଙ୍ଗି ଘର ଭିତରେ ପଶି ସ୍ୱୟଂ ସହାୟିକା ଗୋଷ୍ଠୀରୁ ଆଣିଥିବା ଋଣ ତିରିଶି ହଜାର ଟଙ୍କା ଏବଂ ଚାଷ କାର୍ଯ୍ୟ ପାଇଁ ହାତ ଉଦ୍ଧାରୀ ଦଶ ହଜାର ଟଙ୍କା ସମେତ ଆନୁମାନିକ ପାଞ୍ଚ ଲକ୍ଷ ଟଙ୍କାର ସୁନ ଏବଂ ରୂପା ଅଳଙ୍କାର ଲୁଟି ନେଇଥିଲେ। ଏନେଇ ପରିବାର ପକ୍ଷରୁ ବାଲିଆପାଳ ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲା। ଅଭିଯୋଗକୁ ଗ୍ରହଣ କରି ମଙ୍ଗଳବାର ବାଲେଶ୍ୱର ସାଇଣ୍ଟିଫିକ ଟିମ ଚୋରି ହୋଇଥିବା ଘରେ ପହଞ୍ଚି ତଦନ୍ତ କରିଛନ୍ତି। ତଦନ୍ତ ସମୟରେ ବାଲିଆପାଳ ଥାନାର ଏଏସଆଇ ନିଳମଣୀ ଦାସ ଏବଂ ଜାଣକୁଣ୍ଡା ଫାଣ୍ଡି ଅଧିକାରୀ କେସବ ବେସରା ଉପସ୍ଥିତ ଥିଲେ।

## ୨୭ ବିଦ୍ୟାଳୟରେ 'ଜଣା ଅଜଣା' ପରୀକ୍ଷା

**ସତ୍ୟବାଦୀ,୨୧୯ (ସଂଚାର ବ୍ୟୁରୋ):** ଭାରତ ବିକାଶ ପରିଷଦ ସତ୍ୟବାଦୀ ଶାଖା ଆନୁକୂଲ୍ୟରେ



ସର୍ବଭାରତୀୟ ଲିଖିତ 'ଜଣା ଅଜଣା' ବା 'ଭାରତ କୋ ଯାନୋ' ପରୀକ୍ଷା ସତ୍ୟବାଦୀ ବ୍ଲକର ୨୭ଟି ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି ପରୀକ୍ଷାରେ ମୋଟ ୯୭୫ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ପରୀକ୍ଷାରେ ଭାରତୀୟ ଶିକ୍ଷା, ସଂସ୍କୃତି, ବିଜ୍ଞାନ, ସାହିତ୍ୟ, ଭୂଗୋଳ, ଇତିହାସ, ପ୍ରତିରକ୍ଷା, ମହାକାଶ ବିଜ୍ଞାନ ଓ ଧର୍ମଗ୍ରନ୍ଥ ଆଦି ବିଷୟ ଉପରେ ୫୦ଟି ପ୍ରଶ୍ନ ରହିଥିଲା। ଛାତ୍ରଛାତ୍ରୀଙ୍କ ମଧ୍ୟରେ ଭାରତର ଜ୍ଞାନ, ଇତିହାସ ଓ ସଂସ୍କୃତି ସମ୍ପର୍କରେ ଅବଗତି ବୃଦ୍ଧି କରିବା ଏହି ପରୀକ୍ଷାର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ପ୍ରତ୍ୟେକ ବିଦ୍ୟାଳୟରୁ ବରିଷ୍ଠ ଓ କନିଷ୍ଠ ବିଭାଗର ପ୍ରଥମ ଦୁଇଜଣ ଛାତ୍ରଛାତ୍ରୀଙ୍କୁ ଚୟନ କରାଯାଇ ସତ୍ୟବାଦୀ ଶାଖାସ୍ତରୀୟ କାର୍ଯ୍ୟକ୍ରମରେ ଅଂଶଗ୍ରହଣ ପାଇଁ ମନୋନୀତ କରାଯାଇଛି। ଏହି ଅବସରରେ ଚୟନିତ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ ମଧ୍ୟ କରାଯାଇଥିଲା। ପରୀକ୍ଷା ପରିଚାଳନାରେ ୨୭ଟି ବିଦ୍ୟାଳୟର ୫୦ ଜଣ ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ସମେତ ଭାରତ ବିକାଶ ପରିଷଦ ସତ୍ୟବାଦୀ ଶାଖାର ୩୩ ଜଣ କର୍ମକର୍ତ୍ତା ସହଯୋଗ କରିଥିଲେ।

## ଜୀବିତଙ୍କୁ ମୃତ ଦର୍ଶାଇ ଭତ୍ତା ବନ୍ଦ ଅଭିଯୋଗ

**ନୀଳଗିରି,୨୧୯ (ସଂଚାର ବ୍ୟୁରୋ):** ମୁଁ ବଞ୍ଚି ଥାଉ ଥାଉ ମୋତେ ମୃତ ଦର୍ଶାଇ ମୋ ଭତ୍ତା କାଟିଦେଲେ ସରକାରୀ ବାବୁ ବୋଲି ଅଭିଯୋଗ ଆଣିଛନ୍ତି ଜଣେ ୬୬ ବର୍ଷୀୟ ବୃଦ୍ଧ। ସ୍ତ୍ରୀ ମଧ୍ୟ କହୁଛନ୍ତି ମୋ ସ୍ୱାମୀ ବଞ୍ଚି ଥାଉ ଥାଉ ମତେ ବିଧବା କରିଦେଲେ। ବାର୍ଦ୍ଧକ୍ୟ ସମୟରେ ବୃଦ୍ଧ ଓ ବୃଦ୍ଧାଙ୍କ ପାଇଁ ଏକ ମାତ୍ର ସାହାରା ବାର୍ଦ୍ଧକ୍ୟ ଭତ୍ତା। ସେଥିରୁ ବି ତାଙ୍କୁ ବଞ୍ଚିତ କରାଯାଇଛି। ଏଭଳି ଅଭାବନୀୟ ଘଟଣା ଘଟିଛି ବାଲେଶ୍ୱର ଜିଲ୍ଲା ନୀଳଗିରି ଏନଏସିରେ।



ସୂଚନା ଯୋଗ୍ୟ ନୀଳଗିରି ଏନଏସି ଅନତି ଦୂର ୮ ନମ୍ବର ୱାର୍ଡ ଗୁଡିଖାଣିଆ ବସ୍ତିର ସପରିବାର ସହ ବସବାସ କରନ୍ତି ଉପେନ୍ଦ୍ର ମୁଖୀ । ବୟସ ତାଙ୍କର ଏବେ ୬୬ ବର୍ଷ ହେଲାଣି । ଦିନ ମଜୁରିଆ ଭାବରେ କାର୍ଯ୍ୟ କରି ନିଜର ପରିବାର ପ୍ରତିପୋଷଣ କରନ୍ତି। ୪ ବର୍ଷ ହେବ ସରକାରଙ୍କ ନିକଟରୁ ସେ ୧ହଜାର ଟଙ୍କା ଲେଖାଏଁ ବାର୍ଦ୍ଧକ୍ୟ ଭତ୍ତା ପାଇ ଆସୁଥିଲେ, ହେଲେ ୩ ମାସ ହେବ ତାଙ୍କ ବ୍ୟାଙ୍କ ଖାତାକୁ ଆଉ ଟଙ୍କାଟିଏ ମଧ୍ୟ ନ ଆସିବା କଥା ସେ ବ୍ୟାଙ୍କରୁ ଜାଣିବାକୁ ପାଇଥିଲେ। ପରେ ସେ ନୀଳଗିରି ଏନ୍‌ଏସି କାର୍ଯ୍ୟାଳୟକୁ ଏ ବାବଦରେ ବୁଝିବାକୁ ଯାଇଥିଲେ।ହେଲେ ସେ ମୃତ ଥିବାରୁ ତାଙ୍କ ଭତ୍ତା କଟାଯାଇଛି କହିଥିଲେ ଅଧିକାରୀ ମାନେ। ଗତ ମଇ ମାସ ୨ ତାରିଖ ଦିନ ଏନଏସି ପକ୍ଷରୁ କର୍ମଚାରୀ ମାନେ ଗୁଡ଼ିଖାଣିଆ ଗ୍ରାମକୁ ଯାଇ ସର୍ଭେ କରୁଥିବା ବେଳେ ସ୍ୱର୍ଗତ ଭଞ୍ଜ ମୁଖୀଙ୍କ ପୁତ୍ର ସ୍ୱର୍ଗତ ଭୀମା ମୁଖୀଙ୍କ ସ୍ଥାନରେ ସାନଭାଇ ଉପେନ୍ଦ୍ର ମୃତ ବୋଲି ରିପୋର୍ଟ କରିଥିଲେ।

ଏହି ଭୁଲ ରିପୋର୍ଟ ପାଇଁ ଗତ ଜୁନ୍ ମାସରୁ ଉପେନ୍ଦ୍ରଙ୍କୁ ଭତ୍ତା ମିଳୁନି। ଫଳରେ ଉପେନ୍ଦ୍ର ଔଷଧ କିଣିବା ପାଇଁ ତାଙ୍କ ପାଖରେ ଫଟା ଅଧଲା ଟିଏ ବି ନାହିଁ । ଏନେଇ ବାରମ୍ବାର ଏନଏସି ଅଫିସ ଦୌଡ଼ିଲେ ସୁଦ୍ଧା କିଛି ସୁଫଳ ମିଳିପାରିନାହିଁ । ଏ ସମ୍ପର୍କରେ ଉପେନ୍ଦ୍ର ଯୁବ ସମାଜସେବୀ ବୁଦ୍ଧଦେବ ସରକାରଙ୍କୁ କହିବା ପରେ ସେ ଘଟଣାର ଖୋଳତାଡ଼ କରିବାରୁ ସବୁକଥା ପଦାକୁ ଆସିଥିଲା । ଅଧିକାରୀଙ୍କ ଭୁଲ ସର୍ଭେ ରିପୋର୍ଟ ପାଇଁ ଉପେନ୍ଦ୍ର ଭତ୍ତା ପାଇବାରୁ ବଞ୍ଚିତ ହୋଇଥିବା ବେଳେ ତୁରନ୍ତ ଭତ୍ତା ପାଇଁ ନିବେଦନ କରିଛନ୍ତି। ଏ ନେଇ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଇଂ ଅଂଶୁମାନ ପରିଡାଙ୍କୁ ପଚାରିବାରୁ ସେ ଏ ବାବଦରେ ଅବଗତ ଅଛନ୍ତି ସ୍ଥାନାନ୍ତରିତ ତ୍ରୁଟି ପାଇଁ ଏଭଳି ହୋଇଛି, ତୁରନ୍ତ ବକେୟା ଭତ୍ତା ସହିତ ଉପେନ୍ଦ୍ରଙ୍କୁ ସବୁ ଟଙ୍କା ପ୍ରଦାନ କରାଯିବ ବୋଲି ସେ କହିଛନ୍ତି।

## ଡ୍ରାଇଭର ମହାସଂଘର ସମାବେଶ

**ଫୁଲବାଣୀ,୨୧୯ (ସଂଚାର ବ୍ୟୁରୋ):** ସେପ୍ଟେମ୍ବର ୧କୁ ରାଷ୍ଟ୍ରୀୟ ଡ୍ରାଇଭର ଦିବସ ଭାବେ ପାଳନ କରାଯାଉଛି । କନ୍ଧମାଳ



ଜିଲାରେ ଡ୍ରାଇଭର ମହାସଂଘ ପକ୍ଷରୁ ଏହି ଦିବସକୁ ଖୁବ ଧୁମ୍‌ଧାମ୍‌ରେ ପାଳନ କରାଯାଇଛି । ଜିଲାର ୧୨ଟି ବ୍ଲକର ପ୍ରାୟ ୧୫୦୦ରୁ ଉର୍ଦ୍ଧ୍ୱ ଡ୍ରାଇଭର ମାନେ ସ୍ଥାନୀୟ ମାଦିକୁନ୍ଦା ଛକରୁ ଏକ ବିଶାଳ ରାଲିରେ ବାହାରି ସହର ପରିକ୍ରମା କରିଥିଲେ । ହାତରେ ବିଭିନ୍ନ ଦାବି ସମ୍ବଳିତ ପ୍ଲାକାର୍ଡ ଧରି ନିଜ ଅଧିକାର ପାଇଁ ସ୍ୱର ଉଠାଇଥିଲେ । ବିଜୁ କଲ୍ୟାଣ ମଣ୍ଡପରେ ପହଁଚିବା ପରେ ସେଠାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଡ୍ରାଇଭର ମହାସଂଘ ରାଜ୍ୟ ସଭାପତି ପ୍ରଶାନ୍ତ ମେଣ୍ଡୁଲି ଯୋଗଦେଇ ଡ୍ରାଇଭରମାନଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ । ବିଶେଷ କରି ଅଟୋ ଚାଳକ, ଘରୋଇ ଡ୍ରାଇଭର ମାନଙ୍କୁ ଡ୍ରାଇଭର କଲ୍ୟାଣ ବୋର୍ଡରେ ସାମିଲ କରିବା କରିବା ପାଇଁ ଦାବି କରା ଯାଇଥିଲା ।

## ଜନ୍ମଦିନରେ ରକ୍ତଦାନ ଶିବିର କରି ଜୀବନ ବଞ୍ଚାଇବାର ବାର୍ତ୍ତା ଦେଲେ ରାକେଶ

**କେନ୍ଦ୍ରାପଡ଼ା,୨୧୯ (ସଂଚାର ବ୍ୟୁରୋ):** ବୁଧବାର ଦିନ ୟୁଥ ଲିଡ଼ ଫାଉଣ୍ଡେସନଓ ମିଶନ ରକ୍ତଦାନ ଆନୁକୂଲ୍ୟରେ କେନ୍ଦ୍ରାପଡ଼ା ପୁରୁଣା ଡାକ୍ତରଖାନାରେ ଥିବା ରାଜ୍ୟ ରକ୍ତ ଭଣ୍ଡାର ପରିସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଆଜିର ଯୁବ ପିଢ଼ି ନିଜର ଜନ୍ମଦିନକୁ ଭୋଜିଭାତ, କ୍ଲବ ଏବଂ କେକ୍ କାଟି ଯାକ ଯକମରେ ବିଭିନ୍ନ ଜାଗା ଭ୍ରମଣ କରି ପାଳନ କରୁଛନ୍ତି ଏବଂ ଜନ୍ମଦିନକୁ ସ୍ୱତନ୍ତ୍ର କରିବାକୁ ଯାଇ ଅନେକ ଖର୍ଚ୍ଚାନ୍ତ ହେଉଛନ୍ତି । ମାତ୍ର ସେସବୁ ହେଉଛି କ୍ଷଣିକ ସୁଖ ପାଇଁ । ଏହି ଖୁସି ପଛରେ କେନ୍ଦ୍ରାପଡା ଜିଲ୍ଲା ଡେରାବିଶ ଅଂଚଳର ଯୁବ ସ୍ୱେଚ୍ଛାସେବୀ ରାକେଶ ବଳ ନଗୋଡ଼ାଇ କିଛି ଭିନ୍ନ ଉପାୟରେ ନିଜର ଜନ୍ମଦିନକୁ ପାଳନ କରିଛନ୍ତି ।



ନିଜର ଏହି ଦିନକୁ ସ୍ମୃତିଦାୟକ କରିବାକୁ ଯାଇ ଚଳିତ ବର୍ଷ ରକ୍ତଦାନ ଶିବିର କରି ଜନ୍ମଦିନକୁ ପାଳନ କରିଛନ୍ତି । ଚଳିତ ବର୍ଷର ରକ୍ତଦାନ ଶିବିର ସମ୍ପୂର୍ଣ୍ଣ ଭାବରେ ଥାଲେସେମିୟା ଭାଇ ଭଉଣୀଙ୍କ ଉଦ୍ଦେଶ୍ୟରେ ସମର୍ପିତ । ରାଜ୍ୟରେ ରକ୍ତର ଅଭାବ ରହିଥିବା ବେଳେ ଏହାକୁ କିଛି ମାତ୍ରାରେ ପୂରଣ କରିବାକୁ ଯାଇ ରାକେଶ ୭ବର୍ଷ ହେବ ନିଜର ଜନ୍ମଦିନରେ ରକ୍ତଦାନ ଶିବିର କରିଆସୁଛନ୍ତି। ସମାଜସେବାକୁ ନିଜର ବ୍ରତ ବୋଲି ଭାବି ନେଇଥିବା ୨୭ ବର୍ଷୀୟ ରାକେଶ ଆଜିକୁ ମିଶାଇ ୨୦ଥର ରକ୍ତଦାନ କରିବା ସହିତ ଯୁବକ ଯୁବତୀ ମାନେ ରକ୍ତଦାନ କରିବା ପାଇଁ ଆଗେଇ ଆସନ୍ତୁ ବୋଲି ସେ ନିଜର ମତବ୍ୟକ୍ତ କରିଛନ୍ତି।

ମୁଖ୍ୟ ଅତିଥି ଭାବେ ଜିଲ୍ଲା ପଞ୍ଚାୟତ ଅଧିକାରୀ ସନ୍ତୋଷ କୁମାର ସାହୁ, ସମ୍ମାନିତ ଅତିଥି ଭାବେ ପ୍ରଜନନ ଓ ଶିଶୁ ସ୍ୱାସ୍ଥ୍ୟ ବିଭାଗର ଉପ ପ୍ରବନ୍ଧକ ଡ଼ା. ସୁକାନ୍ତ କୁମାର ପ୍ରଧାନ ଏବଂ ରକ୍ତ ଭଣ୍ଡାରର ମୁଖ୍ୟ ଡ଼ା ମାନସ କୁମାର ଜେନା ଯୋଗ ଦେଇ ଏହି ଶିବିରକୁ ଶୁଭ ଉଦଘାଟନ କରିଥିଲେ । ରାକେଶଙ୍କ ଆହ୍ୱାନ କ୍ରମେ ରକ୍ତ ଦାନ ନିମନ୍ତେ ସ୍ୱ-ଇଚ୍ଛାରେ ୨୨ଜଣ ଯୁବକ ଯୁବତୀ ରକ୍ତଦାନ କରିଥିଲେ ।

# ଜଳାଶୟରୁ ବଜାର, କାହା ଅନୁମତିରେ

### ହାଇକୋର୍ଟରେ ମାମଲା ବିଚାରାଧୀନ

### ନିରପେକ୍ଷ ତଦନ୍ତ ଦାବିରେ ପଞ୍ଚାୟତବାସୀ

**ବାଲିଆପାଳ,୨୧୯ (ସଂଚାର ବ୍ୟୁରୋ):** ଗୋଟିଏ ପଟେ ଜଳାଶୟ ସୁରକ୍ଷା ଓ ପରିବେଶ ସଂରକ୍ଷଣର କଥା କୁହାଯାଉଥିବାବେଳେ ଅନ୍ୟପଟେ ବାଲିଆପାଳ ବ୍ଲକର ମଧୁପୁରା ପଞ୍ଚାୟତ ସମ୍ମୁଖରେ ବଡ଼ସିମୁଳିଆ ମୌଜାରେ ଥିବା ଏକ ଜଳାଶୟ ପୋଖରୀ ପୋତାଯିବା ଘଟଣାକୁ ନେଇ ଏବେ ତେଜିଛି ବିବାଦ। ଘଟଣାଟିକୁ ନେଇ ମାମଲା ମାନ୍ୟବର ହାଇକୋର୍ଟରେ ବିଚାରାଧୀନ ଥିବାବେଳେ ପୋଖରୀ ସ୍ଥାନରେ କେବିନ ନିର୍ମାଣ ଓ ଅର୍ଥ ଆଦାୟ ନେଇ ପଞ୍ଚାୟତବାସୀ ଗୁରୁତର ଅଭିଯୋଗ ଉଠାଇଛନ୍ତି।



ସୂଚନାରୁ ପ୍ରକାଶ ବାଲିଆପାଳ ବ୍ଲକ ମଧୁପୁରା ପଞ୍ଚାୟତ ବଡ ସିମୁଳିଆ ମୌଜା ଖାତା ନଂ ୩୬୩, ପ୍ଲଟନଂ ୯୨୯, ଯାଗା ୭୪ଡିସମିଲ ଜଳାଶୟ ପୋଖରୀ ରହିଥିବାବେଳେ ପ୍ଲଟ ନଂ ୯୨୮ ଯାଗା ୩୪ ଡିସମିଲ ପୋଖରୀର ଆଡିବନ୍ଧ ରହିଛି। ଏହି ପୋଖରୀ ଗୋଟିଏ ପାର୍ଶ୍ୱରେ ପ୍ଲଟ ନଂ ୯୨୮ ଯାଗା ୧୯ ଡିସମିଲରେ ପଞ୍ଚାୟତ ବିଲଡିଂ ରହିଥିବାବେଳେ, ପ୍ଲଟ ନଂ ୯୩୩, ଯାଗା ୪୦ ଡିସମିଲରେ ଶସ୍ୟ ଗୋଦାମ ଘର ରହିଛି। ଏସବୁ ଥିବା ସତ୍ତ୍ୱେ ପଞ୍ଚାୟତବାସୀଙ୍କୁ ନ ଜଣାଇ ଓ ତହସିଲର ବିନା ପରମିସନରେ ପଞ୍ଚାୟତ ତରଫରୁ ଜଳାଶୟ ପୋଖରୀକୁ କିପରି ପୋତାଗଲା ସେ ନେଇ ପଞ୍ଚାୟତର ମଳୟ ମାହାନ୍ତି ଓ ତାଙ୍କର ସହଯୋଗୀ ମାନ୍ୟବର ହାଇକୋର୍ଟର ଦ୍ୱାରସ୍ଥ ହୋଇ ଡବ୍ଲୁପିସି ୧୩୫୦୭/୨୬ରେ ପଞ୍ଚାୟତରାଜ ସଚିବ, ବାଲେଶ୍ୱର ଜିଲ୍ଲାପାଳ ସାଙ୍ଗକୁ ବାଲିଆପାଳ ତହସିଲଦାର ନାମରେ ମାମଲା ରୁଜୁ କରିଥିଲେ।

ଏବାବଦରେ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ନିର୍ଦ୍ଦେଶରେ ଜିଲ୍ଲା ପଞ୍ଚାୟତ ବିଭାଗର ଅଧିକାରୀ ଦେବାନନ୍ଦ ବେହେରା, ବାଲିଆପାଳ ବ୍ଲକ ସହକାରୀ ଯନ୍ତ୍ରୀ ଅସିତ ମୁର୍ମୁ, ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ପ୍ରିୟବ୍ରତ ଗିରି ଗତ ଜୁଲାଇ ୨୮ ତାରିଖରେ ତଦନ୍ତରେ ଆସିଥିଲେ। ଏହି ସମୟରେ ପଞ୍ଚାୟତର ପିଇଓ ଓ ସରପଞ୍ଚଙ୍କୁ ପଚାରିବାରୁ ସେମାନଙ୍କ ଅଗୋଚରରେ ବଜାରକମିଟି, ପୂଜାକମିଟି ବଜାରର ଅଳିଆ ଆବର୍ଜନା, ମାଟି ପକାଇ ପୋଖରୀ ଭର୍ତ୍ତି କରିଛନ୍ତି କହି କଥାକୁ ଏଡାଇ ଯାଇଥିଲେ।

ଏଠାରେ ଜନସାଧାରଣଙ୍କ ମନରେ ପ୍ରଶ୍ନଉଠେ ଦୀର୍ଘ ଛଅ ମାସ ଧରି ଦିନରାତି ଟ୍ରାକ୍ଟର ସାହାଯ୍ୟରେ ତିନିହଜାରରୁ ଉର୍ଦ୍ଧ୍ୱ ଟ୍ରିପ ମାଟି ଆସି ପୋଖରୀ ଭର୍ତ୍ତି ହେଉଥିବା ବେଳେ ପଞ୍ଚାୟତର ପିଇଓ ଓ ସରପଞ୍ଚ ଜାଣିପାରିଲେ ନାହିଁ। ଏବେ ପୁଣି ଏହି ମାମାଲା ବିଚାରାଧୀନ ଥିବା ବେଳେ ଗତ ଏକ ସପ୍ତାହ ଧରି ପୁଣି ଥରେ ଶହ ଶହ ଟ୍ରିପ ମାଟି ପକାଯିବା ସହ ପ୍ରତିଦିନ କେବିନ ପକାଯାଉଛି। ସ୍ଥାୟୀ ଗୃହ ନିର୍ମାଣ କରାଯାଉଛି।

ତେବେ ଏସବୁ କାହା ଅନୁମତିରେ ହେଉଛି ବୋଲି ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ମଳୟ କୁମାର ମହାନ୍ତି, ଜ୍ଞାନରଞ୍ଜନ ପାତ୍ର, ରଞ୍ଜନ କୁମାର ସିଂ ସମେତ ପଞ୍ଚାୟତବାସୀ ଏକ ସାମ୍ବାଦିକ ସମ୍ମୀଳନୀରେ ଅଭିଯୋଗ କରିଛନ୍ତି। ଘଟଣା ସମ୍ପର୍କରେ ତହସିଲଦାର, ଜିଲ୍ଲାପାଳ ସମେତ ବିଡିଓଙ୍କ ଠାରେ ଅଭିଯୋଗ କରିଥିଲେ ମଧ୍ୟ ସମସ୍ତେ ଚୁପ ରହୁଛନ୍ତି। କେବିନ ପ୍ରତି ୨ ରୁ ୩ ଲକ୍ଷ ଟଙ୍କା ଆଦାୟ କରାଯାଉଥିବା ଅଭିଯୋଗ ହୋଇଛି।

ଆଗାମୀ ଦିନରେ ପ୍ରଶାସନ ଏ ଦିଗରେ ପଦ କ୍ଷେପ ଗ୍ରହଣ ନକଲେ ବିଶୃଙ୍ଖଳା ବଢ଼ିବା ସହ ଶହ ଶହ ପଞ୍ଚାୟତର ବେକାର ଯୁବକ, ଗରିବ ଲୋକେ ଅବଶିଷ୍ଟ ଜାଗାରେ ମନଇଚ୍ଛା କେବିନ ପକାଇବା ଭଳି ପରିସ୍ଥିତି ସୃଷ୍ଟି ହେବାର ସମ୍ଭାବନା ଦେଖାଦେଇଛି। ଏ ଦିଗରେ ମାନ୍ୟବର ହାଇକୋର୍ଟ ମାମଲାର ବିଚାରକରି ପଞ୍ଚାୟତ ବିଭାଗର ସଚିବ, ଜିଲ୍ଲାପାଳ ଓ ତହସିଲଦାର ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ସହିତ ପୋଖରୀର ସ୍ଥିତାବସ୍ଥା ବଜାୟ ରଖିବା ସହିତ ଭିଜିଲାନ୍ସ ତଦନ୍ତ ପାଇଁ ଦାବି ହେଉଛି।

## ଏଲଆଇସିର ବାର୍ଷିକୀ ଉତ୍ସବ ପାଳନ ଅବସରରେ ନିଶୁଳ୍କ ଚକ୍ଷୁ ଶିବିର

**ପାରାଦୀପ,୨୧୯ (ସଂଚାର ବ୍ୟୁରୋ):** ଦେଶର ଅଗ୍ରଣୀ ଜୀବନ ବୀମା ସଂସ୍ଥା ଭାରତୀୟ ଜୀବନ ବୀମା ନିଗମ (ଏଲଆଇସି ) ତାର ୭୦ତମ ବାର୍ଷିକୀ ପାଳନ କରୁଥିବାବେଳେ ପାରାଦୀପ ଶାଖାରେ ମଧ୍ୟ ଉତ୍ସବମୁଖର ପରିବେଶ ଦେଖିବାକୁ ମିଳିଛି। ସେବା, ବିଶ୍ୱାସ ଓ ଆର୍ଥିକ ସୁରକ୍ଷାର ଦୀର୍ଘ ସାତ ଦଶନ୍ଧିର ଯାତ୍ରାକୁ ସ୍ମରଣ କରି ଆୟୋଜିତ



ହୋଇଥିଲା ସ୍ୱତନ୍ତ୍ର କାର୍ଯ୍ୟକ୍ରମ। ଏହି ଅବସରରେ ପାରାଦୀପ ଏଡିଏମ୍ ଶ୍ରୀ ନିରଞ୍ଜନ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ପରେ ଏଲଆଇସିର ନିଗମ ଗୀତ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଏଲଆଇସି ର ଅଧିକାରୀ, କର୍ମଚାରୀ, ଉନ୍ନୟନ ଅଧିକାରୀ, ଏଜେଣ୍ଟ ଓ ପଲିସିଧାରୀମାନେ ସାମିଲ ହୋଇଥିଲେ।

ବାର୍ଷିକୀ ଉତ୍ସବକୁ ଆହୁରି ସ୍ମରଣୀୟ କରିବା ପାଇଁ ଅଗ୍ରୱାଲ ଆଇ ହସ୍ପିଟାଲ ସହଯୋଗରେ ଏକ ନିଶୁଳ୍କ ଚକ୍ଷୁ ପରୀକ୍ଷା ଶିବିର ମଧ୍ୟ ଆୟୋଜନ କରାଯାଇଥିଲା। ଆଗାମୀ ସାତ ଦିନ ଧରି ବିଭିନ୍ନ ପ୍ରତିଯୋଗିତା ଓ ସଚେତନତାମୂଳକ କାର୍ଯ୍ୟକ୍ରମ ହେବାର ଯୋଜନା ରହିଛି। ଏହି ଅବସରରେ ପାରାଦୀପ ଶାଖା ପ୍ରବନ୍ଧକ ଶ୍ରୀ ବିଶ୍ୱ ରଞ୍ଜନ କର ସମସ୍ତ ଅତିଥି ଓ ଅଂଶଗ୍ରହଣକାରୀଙ୍କୁ ଧନ୍ୟବାଦ ଜଣାଇଥିଲେ। "ଆପଣଙ୍କ କଲ୍ୟାଣ ଆମର ଦାୟିତ୍ୱ" ବାର୍ତ୍ତା ସହ ଏଲଆଇସି ଆଗାମୀ ଦିନରେ ମଧ୍ୟ ଲୋକଙ୍କ ବିଶ୍ୱାସ ଓ ଆର୍ଥିକ ସୁରକ୍ଷା ପାଇଁ କାର୍ଯ୍ୟ କରିବ ବୋଲି କୁହାଯାଇଛି।




# ଦହି ଓ ବାସି ରୁଟି ସ୍ୱାସ୍ଥ୍ୟ ପାଇଁ ହିତକର



ଅଧିକାଂଶ ଭାରତୀୟ ଘରେ, ଗରମ ଏବଂ ତାଜା ରୋଟି ଖାଇବା ଏକ ସାଧାରଣ କଥା। ହେଲେ ବଳକା ଥିବା ରୋଟିକୁ ପ୍ରାୟତଃ ଫୋପଡା ଯାଏ କାରଣ ଏହାକୁ ଖାଇବା ପାଇଁ ଅନୁପଯୁକ୍ତ ବୋଲି ବିବେଚନା କରାଯାଏ, କିନ୍ତୁ ଏହା କ'ଣ ପ୍ରକୃତରେ ସତ୍ୟ, ଏବଂ ଯେତେବେଳେ ଆପଣ ବଳକା ଥିବା ରୋଟି ଖାଆନ୍ତି ସେତେବେଳେ କ'ଣ ହୁଏ ? କୁହାଯାଏ ଯେ ଯେକୌଣସି ରନ୍ଧା ଖାଦ୍ୟ ତିନି ଘଣ୍ଟା ମଧ୍ୟରେ ଖାଇବା ଉଚିତ କାରଣ ଏହା ଭଲ ହଜମ ଏବଂ ପୁଷ୍ଟିକର ପଦାର୍ଥର ଶୋଷଣରେ ସାହାଯ୍ୟ କରେ। ହେଲେ ବର୍ଷ ବର୍ଷ ଧରି, ଏହି କାହାଣୀରେ ପରିବର୍ତ୍ତନ ଆସିଛି କାରଣ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ଅନୁଯାୟୀ ଫର୍ମେଣ୍ଟେଡ୍ ଖାଦ୍ୟ ଖାଇବା ମେଟାବୋଲିକ୍ ହାରକୁ ଉନ୍ନତ କରିବାରେ ସାହାଯ୍ୟ କରେ ଏବଂ ଅନ୍ତନଳୀ ସ୍ୱାସ୍ଥ୍ୟକୁ ଉନ୍ନତ କରେ, ଯାହା ସାମଗ୍ରିକ ସ୍ୱାସ୍ଥ୍ୟ ଏବଂ ସୁସ୍ଥତା ପାଇଁ ଅତ୍ୟାବଶ୍ୟକ। ଆସନ୍ତୁ ଜାଣିବା ବାସି ରୋଟି ଏବଂ ଦହିର ଏହି ଅନନ୍ୟ ମିଶ୍ରଣ ବିଷୟରେ କ୍ଷୀର ଏବଂ କ୍ଷୀରରେ ପ୍ରସ୍ତୁତ ଉତ୍ପାଦଗୁଡ଼ିକ ପୁଷ୍ଟିକର ପଦାର୍ଥରେ ଭରପୂର । ଯାହା ଅନେକ ସ୍ୱାସ୍ଥ୍ୟ ଲାଭ ପ୍ରଦାନ କରେ। ସେଥି ମଧ୍ୟରୁ ଗୋଟିଏ ହେଉଛି ଦହି । ଦହି ଏକ ଶକ୍ତିଶାଳୀ ପ୍ରୋବାୟୋଟିକ୍, ଯାହା ପେଟର ଭଲ ଜୀବାଣୁକୁ ପ୍ରୋତ୍ସାହିତ କରିବା ପାଇଁ ଲାଭଦାୟକ। ଏହା ପ୍ରୋଟିନ୍, କ୍ୟାଲସିୟମ୍, ମ୍ୟାଗ୍ନେସିୟମ୍, ପୋଟାସିୟମ୍, ଭିଟାମିନ୍ ବି୨, ୬, ୧୨ ଏବଂ ରାଇବୋଫ୍ଲାଭିନ୍ ସମେତ ଅତ୍ୟାବଶ୍ୟକ ପୁଷ୍ଟିକର ପଦାର୍ଥର ଏକ ମହାନ ଉତ୍ସ। ଏହା ଦହି ସେବନକୁ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଲାଭଦାୟକ କରିଥାଏ। ଲୋକମାନେ ଦହି ସାଲାଡ, ଲସି, ସ୍ମୁଦି, ଦହି-ଚିନି ଏବଂ ଅନ୍ୟାନ୍ୟ ଅନେକ ପ୍ରକାରରେ ଦହି ସେବନ କରନ୍ତି। କିନ୍ତୁ ଆପଣ କ'ଣ ଜାଣନ୍ତି ଯେ ଖାଦ୍ୟ ସମୟରେ ରୋଟି ସହିତ ଦହି ଖାଇବା କେବଳ ଅନେକ ଲାଭ ପ୍ରଦାନ କରେ ନାହିଁ ବରଂ ଅନେକ ଗମ୍ଭୀର ରୋଗକୁ ରୋକିବାରେ ମଧ୍ୟ ସାହାଯ୍ୟ କରେ ? ଦହି ଏବଂ ରୁଟି ଖାଇବାର ଲାଭ ବିଷୟରେ ଆସନ୍ତୁ ଜାଣିବା ।

ପାଚନ କ୍ରିୟାକୁ ଉନ୍ନତ କରେଃ ରୁଟି ସହିତ ଦହି ଖାଇବା ଦ୍ୱାରା ଖାଦ୍ୟ ସହଜରେ ହଜମ ହେବାରେ ସାହାଯ୍ୟ କରେ ଏବଂ ପୁଷ୍ଟିକର ଅବଶୋଷଣକୁ ଉନ୍ନତ କରେ। ଏହା ଆପଣଙ୍କ ପାଚନ ସ୍ୱାସ୍ଥ୍ୟକୁ ଉନ୍ନତ କରେ।

**ପେଟ ସମସ୍ୟା ଦୂର କରେଃ** ଦହିକୁ ସର୍ବୋତ୍ତମ ପ୍ରୋବାୟୋଟିକ୍ସ ମଧ୍ୟରୁ ଗୋଟିଏ ବୋଲି ବିବେଚନା କରାଯାଏ, ଯେତେବେଳେ ରୋଟି ଫାଇବରରେ ଭରପୂର। ଏହି ମିଶ୍ରଣ ଅନ୍ତନଳୀରେ ଭଲ ବ୍ୟାକ୍ଟେରିଆ ବୃଦ୍ଧି କରେ, ଯାହା ଭଲ ହଜମରେ ସାହାଯ୍ୟ କରେ। ଏହା ବଦହଜମୀ, କୋଷ୍ଠକାଠିନ୍ୟ, ଗ୍ୟାସ୍, ପେଟ ଫୁଲିବା ଏବଂ ଅନ୍ତନଳୀ ପ୍ରଦାହ ଭଳି ସମସ୍ୟାରୁ ମୁକ୍ତି ଦେବାରେ ସାହାଯ୍ୟ କରେ।

**ରୋଗ ପ୍ରତିରୋଧକ ଶକ୍ତିକୁ ମଜବୁତ କରେଃ** ପୁଷ୍ଟିସାରରେ ଭରପୂର, ଏହି ମିଶ୍ରଣ ଶରୀରର ରୋଗ ପ୍ରତିରୋଧକ ଶକ୍ତିକୁ ମଜବୁତ କରିବାରେ ସାହାଯ୍ୟ କରେ। ଏହା ଶରୀରର ଥଣ୍ଡା, ଜ୍ୱର, ଋତୁକାଳୀନ କିମ୍ବା ଭାଇରାଲ୍ ସଂକ୍ରମଣ ସହିତ ଲଢ଼ିବାର କ୍ଷମତା ବୃଦ୍ଧି କରେ। ଏହା ଶରୀରର ଶକ୍ତିକୁ ମଧ୍ୟ ମଜବୁତ କରେ।

ମାନସିକ ସ୍ୱାସ୍ଥ୍ୟକୁ ଉନ୍ନତ କରେଃ ଦହି ଆଣ୍ଟିଅକ୍ସିଡାଣ୍ଟରେ ଭରପୂର। ରୋଟି ସହିତ ଦହି ଖାଇବା ଚାପ ଏବଂ ଚିନ୍ତାକୁ କମ କରିବାରେ ସାହାଯ୍ୟ କରେ, ଆପଣଙ୍କୁ ଶାନ୍ତ ଏବଂ ଖୁସି ଅନୁଭବ କରାଏ।

**ରକ୍ତଚାପକୁ ନିୟନ୍ତ୍ରଣ କରେଃ** ପ୍ରତିଦିନ ରୋଟି ସହିତ ଦହି ଖାଇବା ରକ୍ତଚାପକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରେ, ଯାହା ହୃଦସ୍ୱାସ୍ଥ୍ୟ ପାଇଁ ଲାଭଦାୟକ ହୋଇଥାଏ।

ହାଡ଼କୁ ମଜବୁତ କରେଃ ଏହାର ଉଚ୍ଚ ପ୍ରୋଟିନ୍ ଏବଂ କ୍ୟାଲସିୟମ୍ ହେତୁ, ଦହି ହାଡ଼କୁ ମଜବୁତ କରିବାରେ ବହୁତ ସହାୟକ। ଏହା ଆପଣଙ୍କ ଦାନ୍ତକୁ ମଧ୍ୟ ମଜବୁତ କରେ ଏବଂ ହାଡ଼ ଭାଙ୍ଗିବା ଏବଂ ଗଣ୍ଠି ଯନ୍ତ୍ରଣାର ଆଶଙ୍କା କମ କରେ।

ଏହା ମଧ୍ୟ ଧ୍ୟାନ ଦିଅନ୍ତୁଃ ଡାଏଟିସିଆନଙ୍କ ଅନୁସାରେ, ଯଦି ଆପଣ ଦହି ଏବଂ ରୋଟିର ସ୍ୱାସ୍ଥ୍ୟ ଲାଭ ଉପଭୋଗ କରିବାକୁ ଚାହାଁନ୍ତି, ତେବେ ଅପରାହ୍ଣରେ ସେଗୁଡ଼ିକୁ ଖାଇବା ଭଲ। ଆପଣ ମଧ୍ୟାହ୍ନ ଭୋଜନ ସହିତ ଦହି ଖାଇପାରିବେ। ହେଲେ, ରାତ୍ରୀ ଭୋଜନରେ ଦହି ଖାଇବାରୁ ଦୂରେଇ ରୁହନ୍ତୁ, କାରଣ ଏହା ଲାଭ ଅପେକ୍ଷା ଅଧିକ କ୍ଷତି କରିପାରେ।



# ଅଣ୍ଡା ପରିବର୍ତ୍ତେ ନିଅନ୍ତୁ ସବୁଜ ପନିପରିବା

ପ୍ରୋଟିନଯୁକ୍ତ ଖାଦ୍ୟ ଆମ ସୁସ୍ଥ ଶରୀର ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଯାହା ମାଂସପେଶୀକୁ ଗଠନ କରିବାରେ ସାହାଯ୍ୟ କରିଥାଏ। ସେତିକି ନୁହେଁ ପୋଷକଯୁକ୍ତ ଖାଦ୍ୟ ଆମକୁ ଏନର୍ଜି ଦେଇଥାଏ। ତେଣୁ ପ୍ରୋଟିନଯୁକ୍ତ ଖାଦ୍ୟ ନିଜ ଡାଏଟ ଲିଷ୍ଟରେ ସାମିଲ କରିବା ଉଚିତ୍। ଅଣ୍ଡାକୁ ପ୍ରୋଟିନର ଏକ ମୁଖ୍ୟ ଉତ୍ସ ଭାବେ ବିବେଚନା କରାଯାଏ। ୧ ଅଣ୍ଡା ଆମ ଶରୀରକୁ ପ୍ରାୟ ୬ ଗ୍ରାମ ପ୍ରୋଟିନ ଦେଇଥାଏ। ତେଣୁ ଅଧିକାଂଶ ସମୟରେ ନିରାମିଷ ଖାଦ୍ୟକୁ ପ୍ରୋଟିନର ଉତ୍ସ ବୋଲି ଅଣଦେଖା କରାଯାଏ। କିନ୍ତୁ ଏମିତି କିଛି ସବୁଜ ପନିପରିବା ରହିଛି ଯାହା ଅଣ୍ଡା ଅପେକ୍ଷା ଆମକୁ ଅଧିକ ପ୍ରୋଟିନ୍ ଯୋଗାଇବାରେ ଏକ ଭୂମିକା ନିର୍ବାହ କରିଥାଏ। ଅନେକ ସମୟରେ ନିରାମିଷ ଲୋକମାନେ ମଧ୍ୟ ଏହାକୁ ନେଇ ଚିନ୍ତାରେ ଥାଆନ୍ତି। ଆଜି ଆମେ ଆପଣଙ୍କୁ ଏକ ସେହି କିଛି ପନିପରିବା ସମ୍ପର୍କରେ ଜଣାଇବୁ। ଆମେ ଆଜି ଯେଉଁ ପନିପରିବା ସମ୍ପର୍କରେ କହିବାକୁ ଯାଉଛୁ ସେହି ପନିପରିବା ମାକ୍ରୋନ୍ୟୁଟ୍ରିଏଣ୍ଟରେ ଭରପୂର। ଆପଣ ଦୈନନ୍ଦିନ ଡାଏଟରେ ଏହାକୁ ସାମିଲ କରିବା ଦ୍ୱାରା ଆପଣଙ୍କର ପ୍ରୋଟିନରେ ଉନ୍ନତି ଆଣିବ। ଯାହା ଆପଣଙ୍କ ଅନେକ ସ୍ୱାସ୍ଥ୍ୟ ଜନିତ ସମସ୍ୟାକୁ ଦୂର କରିବ। ଆସନ୍ତୁ ସେହି ୫ଟି ସବୁଜ ପନିପରିବା ସମ୍ପର୍କରେ ଜାଣିବା।

ପାଳଙ୍ଗଃ ପାଳଙ୍ଗ ହେଉଛି ନ୍ୟୁଟ୍ରିଏନ୍ସର ପାୱାରହାଉସ ବୋଲି କୁହାଯାଏ। ଯାହାର ଉପକାରିତା ସମ୍ପର୍କରେ ଖୁବ୍ କମ୍ ଲୋକଙ୍କୁ ଜଣା। ଗୋଟିଏ କପ୍ ରନ୍ଧା ପାଳଙ୍ଗରେ ପ୍ରାୟ ୫.୪ ଗ୍ରାମ୍ ପ୍ରୋଟିନ୍ ଥାଏ। ରନ୍ଧା ପାଳଙ୍ଗରେ ପ୍ରୋଟିନ୍ କମ୍ ମିଳିଥାଏ। ତେଣୁ ଆପଣ ଏହାକୁ ଆପଣଙ୍କ ଖାଇବା ଲିଷ୍ଟରେ ସାମିଲ କରିପାରିବେ।

ଡ୍ରମଷ୍ଟିକ୍ଃ ଡ୍ରମଷ୍ଟିକକୁ ସଜନା ଛୁଇଁ ଭାବେ ବେଶ୍ ଜଣାଶୁଣା। ସଜନା ଛୁଇଁ ଯେତିକି ଆମ ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ ହୋଇଥାଏ। ସେହିପରି ଏହାର ପତ୍ର ମଧ୍ୟ ଫଳପ୍ରଦ ହୋଇଥାଏ। ଏହାର ପତ୍ରରେ ପ୍ରାୟ ୨ ଗ୍ରାମର ପ୍ରୋଟିନ୍ ଥାଏ। ଯାହାକୁ ସର୍ବୋତ୍ତମ ପ୍ରୋଟିନର ଉତ୍ସ ମଧ୍ୟରୁ ଗୋଟିଏ ବୋଲି କୁହାଯାଏ।

ବ୍ରୋକୋଲିଃ ବ୍ରୋକୋଲିରେ ଫାଇବର ଏବଂ ଭିଟାମିନ୍ ପ୍ରଚୁର ପରିମାଣର ଥାଏ। ୧୦୦ ଗ୍ରାମ ବ୍ରୋକୋଲିରେ ପ୍ରାୟ ୨.୮ ଗ୍ରାମ ପ୍ରୋଟିନ ଥାଏ। ଏଥିସହ ରନ୍ଧା ବ୍ରୋକୋଲିରେ ପ୍ରାୟ ୫.୭ ଗ୍ରାମ ପ୍ରୋଟିନ ଥାଏ। ଯାହାକୁ ଅଣ୍ଡା ସହିତ ସମାନ ବୋଲି ବିବେଚନା କରାଯାଏ। ଏତିକି ନୁହେଁ ବ୍ରୋକୋଲିରେ ଆଣ୍ଟିଅକ୍ସିଡାଣ୍ଟ, ଫୋଲେଟ୍ ଏବଂ ପୋଟାସିୟମରେ ମଧ୍ୟ ଭରପୁର।

ଛତୁଃ ଧଳା ବଟମ୍ ଛତୁରେ ପ୍ରୋଟିନ ଭରପୁର ମାତ୍ରାରେ ଥାଏ। କଞ୍ଚା ଛତୁରେ ପ୍ରତି ୧୦୦ ଗ୍ରାମରେ ୩.୧ ଗ୍ରାମରପ୍ରୋଟିନ ଥାଏ। କିନ୍ତୁ ରନ୍ଧା ଛତୁରେ ପ୍ରାୟ ୫.୭ ଗ୍ରାମର ପ୍ରୋଟିନ୍ ମିଳିଥାଏ।

ମଟରଃ ମଟର ମଧ୍ୟ ପ୍ରୋଟିନ ସର୍ବୋତ୍ତମ ଉତ୍ସ ବୋଲି ପ୍ରମାଣିତ ହୋଇଆସୁଛି। ଯେଉଁଥିରେ ଅଣ୍ଡା ଅପେକ୍ଷା ଯଥେଷ୍ଟ ପରିମାଣର ପ୍ରୋଟିନ୍ ଏଥିରୁ ମିଳିଥାଏ। ତେଣୁ ଅଣ୍ଡା ପରିବର୍ତ୍ତେ ଏହି ସବୁ ସବୁଜ ପନିପରିବା ଆପଣଙ୍କ ଡାଏଟ୍ ପ୍ଲାନରେ ସାମିଲ କରିବା ଦ୍ୱାରା ଆପଣଙ୍କୁ ଆବଶ୍ୟକୀୟ ପ୍ରୋଟିନ ମିଳିବ। ଯାହା ଆପଣଙ୍କ ସୁସ୍ଥ ଶରୀର ପାଇଁ ଖୁବ୍ ପ୍ରଭାବଶାଳୀ ହେବ।

# ଗଣ୍ଠି ଜନ୍ତ୍ରଣାରୁ କିପରି ଉପଶମ ପାଇବେ

## ଶୀତଦିନେ ତାପମାତ୍ରା କମ୍ ଥିବାରୁ ଜଏଣ୍ଟ ପେନ୍ ସମସ୍ୟା ଦେଖାଦିଏ। ତେଣୁ ଏହି ସମସ୍ୟାରୁ ମୁକ୍ତି ପାଇଁ କ'ଣ କରିବ ?

- ❑ ଆଣ୍ଠୁଗଣ୍ଠି ସମସ୍ୟାରୁ ମୁକ୍ତି ପାଇଁ ଶୀତଦିନେ ବିଭିନ୍ନ ଉପାୟ କରିପାରିବେ। ଖାଦ୍ୟପେୟରେ ସାବଧାନତା ସହିତ ଏକ୍ସରସାଇଜ୍ ଓ କିଛି ଘରୋଇ ଚିକିତ୍ସା ମାଧ୍ୟମରେ ଏହି ସମସ୍ୟାର ସମାଧାନ କରିପାରିବେ।
- ❑ ଜଏଣ୍ଟ ପେନ୍ ହେଉଥିବା ସମୟରେ ଉଷୁମ ସେକ ଦିଅନ୍ତୁ। ପାଣି ପଟି କିମ୍ବା ହଟ୍ ୱାଟର ବ୍ୟାଗ୍‌ରେ ସେକ ଦିଅନ୍ତୁ।
- ❑ ଦରଜ ହେଉଥିବା ସ୍ଥାନରେ ତେଲ ଲଗାଇ ପ୍ରତିଦିନ ମାଲିସ କରନ୍ତୁ।
- ❑ ପ୍ରତିଦିନ ସକାଳେ ୩୦-୪୦ ମିନିଟ୍ ପର୍ଯ୍ୟନ୍ତ ଯୋଗ, ବ୍ୟାୟାମ କରିବା ସହିତ କିଛି ସମୟ ଚାଲନ୍ତୁ।
- ❑ ସକାଳୁ ୧୫-୨୦ ମିନିଟ୍ ପର୍ଯ୍ୟନ୍ତ ସବୁଦିନ ଖରାରେ ବସନ୍ତୁ। କାରଣ ସକାଳ ଖରାରେ ଭିଟାମିନ୍ ଡି ରହିଛି ଯାହା ହାଡ଼ ମଜଭୁତ କରିବାରେ ସହାୟକ ହୋଇଥାଏ।
- ❑ ଓମେଗା-୩ ଓ ଭିଟାମିନ୍ ସି ଥିବା ଖାଦ୍ୟ ଖାଆନ୍ତୁ। ଦିନକୁ ୭ ରୁ ୮ ଗ୍ଲାସ ପାଣି ପିଅନ୍ତୁ। ହଳଦୀ, ଅଦା, ରସୁଣ, ଡାଲଚିନି ଓ ଗୋଲମରିଚ ଭଳି
- ❑ ବିଭିନ୍ନ ଆଣ୍ଟିଇନ୍‌ଫ୍ଲାମେଟୋରି ଖାଦ୍ୟ ଖାଆନ୍ତୁ।
- ❑ ବାସି ଖାଦ୍ୟ ଖାଆନ୍ତୁ ନାହିଁ। ହଠାତ୍ କୌଣସି ଭାରି ଜିନିଷ ଉଠାନ୍ତୁ ନାହିଁ। ଡାକ୍ତରଙ୍କ ବିନା ପରାମର୍ଶରେ କୌଣସି ପେନ୍‌କିଲର ଖାଆନ୍ତୁ ନାହିଁ।
- ❑ ବହୁତ ଲମ୍ବା ସମୟ ଗୋଟିଏ ସ୍ଥାନରେ ବସନ୍ତୁ ନାହିଁ। ରାତିରେ ଠିକ୍ ସମୟ ଭରପୂର ନିଦରେ ଶୁଅନ୍ତୁ।

ଏସବୁ କରିବା ପରେ ଯଦି ଦରଜ କମ୍ ହେଉ ନ ଥିବ ତାହେଲେ ଡାକ୍ତରଙ୍କ ସହିତ ପରାମର୍ଶ କରନ୍ତୁ।



# ପିଲାମାନଙ୍କ ଖାଦ୍ୟାଭ୍ୟାସରୁ କେମିତି ଜାଣିବେ ମାନସିକତା

ଖାଇବାକୁ ନେଇ ପିଲାମାନେ ଅନେକ ସମୟରେ ବହୁ ସମସ୍ୟା ସୃଷ୍ଟି କରନ୍ତି। ଏମିତିକି ତିଆରି ହୋଇଥିବା ଖାଦ୍ୟ ବଦଳରେ ଅନ୍ୟ ଖାଦ୍ୟ ବରାଦ କରନ୍ତି । ବେଳେବେଳେ ବରାଦ କରିବା ପରେ ବି କେତେକ ଖାଆନ୍ତି ନାହିଁ । ପ୍ରଥମ କଥା ହେଉଛି ପିଲାମାନେ ଭିନ୍ନ ଭିନ୍ନ ଖାଦ୍ୟ ପ୍ରତି ଆକୃଷ୍ଟ ହେବା ସେମାନଙ୍କ ମାନସିକ ବିକାଶର ଏକ ଲକ୍ଷଣ। ତେଣୁ ପିଲାଙ୍କର ଏପରି ବ୍ୟବହାରକୁ ସକାରାତ୍ମକ ଢଙ୍ଗରେ ଗ୍ରହଣ କରନ୍ତୁ। ପିଲାଙ୍କ ମାନସିକତାକୁ ବୁଝି ଖାଇବାକୁ ଦିଅନ୍ତୁ। ଯଦି ସେମାନେ ଖାଦ୍ୟ ଖାଇବାରେ ଆଗ୍ରହ ଦେଖାଉ ନାହାନ୍ତି ତେବେ ଅନ୍ୟ କିଛି ଖାଦ୍ୟର ବିକଳ୍ପ ଦିଅନ୍ତୁ। କିନ୍ତୁ ରାଗନ୍ତୁ ନାହିଁ।ପୂର୍ବରୁ ପସନ୍ଦ ଥିବା ଖାଦ୍ୟ ହୁଏତ ଏବେ ପିଲାଙ୍କୁ ଭଲ ଲାଗି ନ ପାରେ। ତେଣୁ କୌଣସି ଖାଦ୍ୟ ପାଇଁ ବାଧ୍ୟ କରନ୍ତୁ ନାହିଁ। ଖାଇବା ପାଇଁ ମନା କରୁଥିଲେ ପିଲାଙ୍କୁ ବୁଝାଇ ପୁଣିଥରେ ସେହି ଖାଦ୍ୟ ଦିଅନ୍ତୁ। ବେଳେବେଳେ ପିଲାମାନେ ମାତାପିତାଙ୍କ ଭଳି ଖାଇବାକୁ ପସନ୍ଦ କରନ୍ତି। ତେଣୁ କେବେ କେବେ ଏକାଠି ସମସ୍ତେ ଖାଆନ୍ତୁ। ପିଲାଙ୍କୁ ଖାଦ୍ୟ ଦେବାରେ ସମସ୍ୟା ହେଉଛି ବୋଲି ଜଣାନ୍ତୁ ନାହିଁ। ଖାଇବାକୁ ଦେବା ସମୟରେ ପିଲା ଯଦି ଚାହୁଁଛି ତେବେ ସୁବିଧା ଅନୁସାରେ ଖେଳିବାକୁ ଦିଅନ୍ତୁ।





# ଲିଭର୍ ପାଇଁ ବିପଦ ଆଇସକ୍ରିମ୍-ଚୁଇଙ୍ଗ୍ ଗମ୍

ଆଇସକ୍ରିମ, ଡାଏଟ୍ ସୋଡ଼ା, ଚୁଇଙ୍ଗମ୍ କାହାକୁ ବା ପସନ୍ଦ ନୁହେଁ। ପିଲାଠୁ ବୟସ୍କଙ୍କ ସଭିଁଙ୍କ ପସନ୍ଦ। ଅନେକ ସମୟରେ ଲୋକେ ଏହାକୁ ଖାଇବାକୁ ପସନ୍ଦ କରନ୍ତି। ଥାଏ କୌଣସି ସମୟସୀମା। ଲଞ୍ଚ, ଡିନର ବା କୌଣସି ପାର୍ଟି ସମୟ। ଲୋକପ୍ରିୟ ଫୁଡ୍ ଖାଇବାକୁ କାହାକୁ ବା ଭଲ ନଲାଗେ। ବଜାରରେ ହେଉ କିମ୍ବା ମଲରେ, ଏହି ଜିନିଷଗୁଡ଼ିକ ସହଜରେ ଉପଲବ୍ଧ। ହେଲେ ଆପଣ ବି ଏହି ଖାଦ୍ୟର ସୌକିନ କି ତେବେ ହୋଇଯାଆନ୍ତୁ ସାବଧାନ। ଏହି ସବୁ ଖାଦ୍ୟ ସଢ଼ାଉଛି ଆପଣଙ୍କ ଲିଭର।

ନୂତନ ଅଧ୍ୟୟନ ଅନୁଯାୟୀ, ଏହି ସବୁ ଖାଦ୍ୟ ଏବେ ମୃତ୍ୟୁର ବାହାକ ସାଜିଛି। ଖାସ୍ କରି ସୁଗାର ଫ୍ରି ଫୁଡ୍। କାରଣ ସେଥିରେ ରହୁଥିବା ସୋର୍ବିଟଲ୍। ଯାହାକି ସୁଗାର ମୁକ୍ତ ପାଇଁ ବ୍ୟବହାର କରାଯାଏ। ଏବେ ତାହା ଫ୍ୟାଟି ଲିଭର ରୋଗର ଆଶଙ୍କା ବୃଦ୍ଧି କରିଛି। ଯକୃତ ପାଇଁ କ୍ଷତିକାରକ। ଅଧ୍ୟୟନରେ ହୋଇଥିବା ଖୁଲାସା ଜିନିଷଗୁଡ଼ିକ ବ୍ୟବହାର କରୁଥିବା ଲୋକଙ୍କ ମନରେ ଉଠାଇଛି ପ୍ରଶ୍ନ। ପ୍ରକାଶିତ ତଥ୍ୟ ଅନୁଯାୟୀ, ସୁଗାର ଫ୍ରି ବା ଡାଏଟ୍ ପ୍ରଡକ୍ଟରେ ବି ରହିଛି ସୋର୍ବିଟଲ୍। ଏଥିରେ ରହୁଥିବା ଛୋଟିଆ ଅଂଶ ଏହି ମିଠାକୁ ସଠିକ୍ ଭାବରେ ଭାଙ୍ଗିପାରେ ନାହିଁ। ଯାହା ପରେ ଯକୃତରେ ପହଞ୍ଚିଥାଏ। ଚର୍ବି ଜମା ହେବାର ପ୍ରକ୍ରିୟାକୁ ବୃଦ୍ଧି କରିଥାଏ। ଯକୃତର କାର୍ଯ୍ୟକୁ ପ୍ରଭାବିତ କରିଥାଏ। ବିଶେଷଜ୍ଞମାନେ କୁହନ୍ତି ଯେ ଏହି ମିଠାକାରୀଗୁଡ଼ିକ ଦୀର୍ଘ ସମୟ ଧରି ସେବନ କଲେ ସିଧାସଳଖ ନନ୍-ଆଲକୋହଲିକ୍ ଫ୍ୟାଟି ଲିଭର ରୋଗର ବିପଦ ବୃଦ୍ଧି କରେ। ଗବେଷଣାରୁ ଜଣାପଡିଛି ଯେ ପ୍ରତିଦିନ ପ୍ରାୟ ଗୋଟିଏ କ୍ୟାନ୍ ଡାଏଟ୍ ସୋଡ଼ା କିମ୍ବା ଚିନି-ମିଠା ପାନୀୟ ପିଇବା ଦ୍ୱାରା ନନ୍-ଆଲକୋହଲିକ୍ ଫ୍ୟାଟି ଲିଭର ରୋଗର ବିପଦ ବଢ଼ିଯାଏ। ଏହି ବିପଦ ଡାଏଟ୍ ସୋଡ଼ା ଅପେକ୍ଷା ପ୍ରାୟ ୬୦% ଓ ଚିନି-ମିଠା ପାନୀୟ ଅପେକ୍ଷା ୫୦% ଅଧିକ। ତେଣୁ, ବିଶେଷଜ୍ଞମାନେ ପରାମର୍ଶ ଦିଅନ୍ତି ଯେ ପାଣି କିମ୍ବା ମିଠା ନ ଥିବା ତରଳ ପଦାର୍ଥ ପିଇବା ସୁରକ୍ଷିତ ଓ ସ୍ୱାସ୍ଥ୍ୟକର।



## ଫାଷ୍ଟଫୁଡ୍ ସେଣ୍ଟରରେ ଖାଦ୍ୟ ନିରାପତ୍ତା ବିଭାଗ ପକ୍ଷରୁ ଯାଞ୍ଚ



ବଲାଙ୍ଗୀର,୨୧୯(ସଂଚାର ବ୍ୟୁରୋ): ବଲାଙ୍ଗୀର ସହରର ବିଭିନ୍ନ ଫାଷ୍ଟଫୁଡ୍ ସେଣ୍ଟରରେ ଖାଦ୍ୟ ନିରାପତ୍ତା ବିଭାଗ ପକ୍ଷରୁ ଯାଞ୍ଚ କରାଯାଇଛି। ଜିପି ଫିଡ୍, ବିଗିଜ୍ ବର୍ଗର ଓ ବିଗ୍ ଗାଇଜ୍ ଭଳି ମୋଟ ୧୦ ଫାଷ୍ଟଫୁଡ୍ ସେଣ୍ଟର୍ ଯାଞ୍ଚ କରାଯାଇଥିଲା। ବାସି ଖାଦ୍ୟ, ମାଂସ ଓ ରନ୍ଧନ ତେଲର ଗୁଣବତ୍ତା ସହିତ ପ୍ରତିଷ୍ଠାନଗୁଡ଼ିକର ସ୍ୱଚ୍ଛତା ଓ ପରିମଳ ବ୍ୟବସ୍ଥା ଯାଞ୍ଚ କରାଯାଇଥିଲା। ଯାଞ୍ଚ ବେଳେ ୩ ଲିଟର ଏକ୍ସପାଇର୍ଡ ରନ୍ଧନ ତେଲ, ୨ କିଲୋଗ୍ରାମ ଚିକେନ୍ କରି ଏବଂ ୨୦ଟି ଚିକେନ୍ ଆଇସ୍ ଷ୍ଟିକ୍ ସମେତ ଅନ୍ୟ ଏକ୍ସପାଇର୍ଡ ଖାଦ୍ୟପାନୀୟ ନଷ୍ଟ କରାଯାଇଛି। ଅନ୍ୟ ନଷ୍ଟ କରାଯାଇଥିବା ସାମଗ୍ରୀ ମଧ୍ୟରେ ରହିଥିଲା, ୭୪୦ ମିଲିଲିଟରର ୪ଟି ସ୍ପାଇଟ୍, ୭୫୦ ମିଲିଲିଟରର ୨ଟି କିନ୍‌ଲେ ସୋଡା ୱାଟର, ୧ଟି ମିଲ୍କି ମୁ, ୭୫୦ ମିଲିଲିଟରର ୫ଟି ପେପ୍ସି, ୨.୫ ଲିଟରର ୩ଟି ପେପ୍ସି, ୭୫୦ ମିଲିଲିଟରର ୨ଟି ଥମ୍ସଅପ୍, ୨.୫ ଲିଟରର ୧ଟି କୋକାକୋଲା, ୭୫୦ ମିଲିଲିଟରର ୩ଟି ଫାଣ୍ଟା ଏବଂ ୭୫୦ ମିଲିଲିଟରର ୨ଟି ଲିମ୍କା। ଏହାସଙ୍ଗେ ୩ଟି ଖାଦ୍ୟ ପ୍ରତିଷ୍ଠାନକୁ ନୋଟିସ୍ ଜାରି କରାଯାଇଛି। ଜନସାଧାରଣଙ୍କୁ ନିରାପଦ ଓ ସ୍ୱାସ୍ଥ୍ୟକର ଖାଦ୍ୟ ଯୋଗାଣ କରିବା ସହ ଖାଦ୍ୟ ପ୍ରତିଷ୍ଠାନଗୁଡ଼ିକରେ ସ୍ୱଚ୍ଛତା ଓ ଖାଦ୍ୟ ସୁରକ୍ଷା ମାନଦଣ୍ଡର କଡ଼ାକଡ଼ି ପାଳନ ସୁନିଶ୍ଚିତ ପାଇଁ ଏଭଳି ଯାଞ୍ଚ ଆଗକୁ ମଧ୍ୟ ଜାରି ରହିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ଅନ୍ୟପଟେ ଯାଞ୍ଚ ବେଳେ ବିଭାଗ ପକ୍ଷରୁ ଦୋକାନୀ ମାନଙ୍କୁ କୋହଳ ମନଭାବ ପୋଷଣ କରୁଥିବା ଅଭିଯୋଗ ହେଉଛି।

# ଲଗାଣ ବର୍ଷାରେ ଧସିଲା ୪୮ କୋଟିର ରାସ୍ତା



ଜୁନାଗଡ଼,୨୧୯ (ସଂଚାର ବ୍ୟୁରୋ): ଲକ୍ଷାଧିକ ଟଙ୍କା ଖର୍ଚ୍ଚରେ ନିର୍ମାଣ ହେଲା ରାସ୍ତା। ଆଉ ଲଗାଣ ବର୍ଷା ହେବା ମାତ୍ରେ ଧସିଗଲା। ପ୍ରାୟ ୫୦ ମିଟର ରାସ୍ତା ଧସିଯିବା ପରେ ଏବେ ନିର୍ମାଣ କାମର ଗୁଣବତ୍ତା ଓ ରାସ୍ତାର ସ୍ଥାୟିତ୍ୱକୁ ନେଇ ଉଠିଛି ବଡ଼ ପ୍ରଶ୍ନ। ଫଳରେ ଗୋଟିଏ ଲଗାଣ ବର୍ଷାରେ ହିଁ ସାମ୍ନାକୁ ଆସିଛି ରାସ୍ତାର ଦୁର୍ବଳତା। ଏ ଚିତ୍ର ଦେଖିଲେ ଲାଗୁଛି। ବର୍ଷା ଯେମିତି ରାସ୍ତାର ଗୁଣବତ୍ତାର ପରୀକ୍ଷା ନେଇଛି। ଲଗାଣ ବର୍ଷା ପରେ ଜୁନାଗଡ଼ ବ୍ଲକ ଛୋରିଆଗଡ଼ ରାମସାଗର ବନ୍ଧ ଉପରେ ନିର୍ମିତ ପିଡବ୍ଲୁଡି ରାସ୍ତାର ପ୍ରାୟ ୫୦ ମିଟର ଅଂଶ ଧସିଯାଇଛି। ଫଳରେ ଯାତାୟାତ ପ୍ରଭାବିତ ହୋଇଛି। ବିଶେଷକରି ଚାରିଚକିଆ ଯାନ ଚଳାଚଳ ବନ୍ଦ ରହିଛି। ରାସ୍ତା ନିର୍ମାଣ ସମୟରେ ନୂଆ ଗାଡୱାଲ ନିର୍ମାଣ କରାଯାଇ ନଥିଲା। କ୍ଷୁଦ୍ର ଜଳ ସେଚନ ବିଭାଗ ପକ୍ଷରୁ ନିର୍ମିତ ପୁରୁଣା ଗାର୍ଡୱାଲ୍ ଉପରେ ମାଟି ପକାଇ ପିଚୁ ରାସ୍ତା ନିର୍ମାଣ ହୋଇଥିବାରୁ ରାସ୍ତା ଧସିଥିବା ଅଭିଯୋଗ କରିଛନ୍ତି ଲୋକେ। ପୂର୍ବରୁ ଆରଡି ବିଭାଗ ଅଧୀନରେ ଥିବା ଏହି ରାସ୍ତା ଗତବର୍ଷ ପିଡବ୍ଲୁଡି ବିଭାଗ ଅଧୀନକୁ ଆସିବା ପରେ ନିର୍ମାଣ କାମ ଆରମ୍ଭ ହୋଇଥିଲା। ଜୁନାଗଡ଼ ଜିଲିଙ୍ଗଦର ଠାରୁ ଧର୍ମଗଡ଼ ବଡ଼ବସୁଲ ପର୍ଯ୍ୟନ୍ତ ପ୍ରାୟ ୩୦ କିମି ରାସ୍ତା ପାଇଁ ପ୍ରାୟ ୪୮ କୋଟି ଟଙ୍କା ବ୍ୟୟ ଅଟକଳ ହୋଇଥିବା କୁହାଯାଉଛି। ଏତେ ପରିମାଣର ଟଙ୍କା ଖର୍ଚ୍ଚ ହୋଇଥିଲେ ମଧ୍ୟ କାମର ଏପରି ଦୟନୀୟ ଅବସ୍ଥା ରାସ୍ତାର ଗୁଣବତ୍ତା ଓ ବିଭାଗୀୟ ତଦାରଖକୁ ପ୍ରଶ୍ନଘରକୁ ଠେଲି ଦେଇଛି। ସେପଟେ ରାମସାଗର ରାସ୍ତା ଧସିବା ପରେ ରାମସାଗର ବନ୍ଧର ସୁରକ୍ଷାକୁ ନେଇ ମଧ୍ୟ ଚିନ୍ତାରେ ଚାଷୀ। ବନ୍ଧ ଦୁର୍ବଳ ହୋଇ ଧସିଗଲେ ତଳିଆ ଅଞ୍ଚଳର ଚାଷଜମି ଜଳମଗ୍ନ ହୋଇ ଫସଲ ନଷ୍ଟ ହେବାର ଆଶଙ୍କା ରହିଛି। ଏହି ସମସ୍ୟାକୁ ନେଇ ଆମ ପ୍ରତିନିଧି ଜୁନାଗଡ଼ ପୂର୍ତ୍ତ ବିଭାଗର ଯନ୍ତ୍ରୀଙ୍କ ନିକଟକୁ ଯାଇଥିଲେ। ହେଲେ କାର୍ଯ୍ୟାଳୟରେ ତାଲା ଝୁଲୁଥିବାରୁ ତାଙ୍କ ପ୍ରତିକ୍ରିୟା ମିଳିପାରିନି।

## କାର୍‌ରେ ନିଆଁ ଲଗାଇବା ଘଟଣାରେ ଜଣେ କୋର୍ଟ ଚାଲାଣ

ବାଲିପାଟଣା,୨୧୯(ସଂଚାର ବ୍ୟୁରୋ): ବାଲିପାଟଣା ଥାନା ଅଧୀନ ବାରିଲୋ ନନ୍ଦ କଲୋନୀରେ କାର୍‌ରେ ନିଆଁ ଲଗାଇବା ଓ ମହିଳାଙ୍କୁ ଭୟଭୀତ କରିବା ଅଭିଯୋଗରେ ପୁଲିସ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ବାଲିଅନ୍ତା ଥାନା ଅଧୀନ ବେଣ୍ଟପୁର ଗ୍ରାମର ମନୋଜ କୁମାର ଭୋଇ (୩୯)। ସୂଚନା ଅନୁଯାୟୀ, ସରାଟ ଶାସନ ଦଳିତ ସାହିର ଜମୁନା ଭୋଇ (୨୫) ବାରିଲୋ ନନ୍ଦ କଲୋନୀରେ ଭଡ଼ା ଘରେ ରହୁଥିଲେ। ତାଙ୍କ ସ୍ୱାମୀ ପେଶାରେ ଜଣେ ଡ୍ରାଇଭର। ତାଙ୍କ ନାମରେ ଥିବା ଏକ ହୁଣ୍ଡାଇ ଅରା କାର୍‌କୁ ଘର ସମ୍ମୁଖରେ ରଖାଯାଇଥିଲା।ଅଭିଯୋଗ ଅନୁଯାୟୀ, ମନୋଜ ହାତରେ ଏକ କଟୁରୀ ଧରି ଜମୁନାଙ୍କୁ ଗାଳିଗୁଲଜ କରିବା ସହ ଆକ୍ରମଣ ପାଇଁ ଗୋଡ଼ାଇଥିଲେ। ଭୟରେ ଜମୁନା ଘର ଭିତରକୁ ପଶି କବାଟ ବନ୍ଦ କରିଦେଇଥିଲେ। ପରେ ତାଙ୍କ ସ୍ୱାମୀଙ୍କ କାର୍‌ରେ ନିଆଁ ଲାଗିଥିବା ଜାଣି ସେ ବାହାରକୁ ଆସିଥିଲେ। କାର୍‌ର ଡ୍ରାଇଭର ସିଟ୍ ଜଳି ଯାଇଥିବା ଏବଂ ଡାହାଣ ପାର୍ଶ୍ୱର କାଚ ଭାଙ୍ଗିଥିବା ଦେଖି ସେ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ପରେ ଅଗ୍ନିଶମ କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଏନେଇ ଜମୁନା ବାଲିପାଟଣା ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ମନୋଜ କୁମାର ଭୋଇଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ବାଲିପାଟଣା ପୋଲିସ।

### ପୁଣି ମା’ ନାରାୟଣୀଙ୍କ ମନ୍ଦିରରୁ ଲୁଟ୍

# ୪ ମାସ ମଧ୍ୟରେ ୨୦ରୁ ଊର୍ଦ୍ଧ୍ୱ ଚୋରୀ



ବାଲିପାଟଣା,୨୧୯(ସଂଚାର ବ୍ୟୁରୋ): କମିଶନରେଟ୍ ପୋଲିସ ଅଧୀନ ବାଲିପାଟଣା ଥାନା ଆଇତଳଙ୍ଗ ସ୍ଥିତ ମା’ ନାରାୟଣୀଙ୍କ ମନ୍ଦିରରେ ଚୋରଙ୍କ ଆତଙ୍କ। ମନ୍ଦିରର ତାଲା ଭାଙ୍ଗି ଦୁର୍ବୃତ୍ତମାନେ ମା’ଙ୍କ ରୁପା ଖଡ୍ଗ, ରୁପା ଆଖି, ଦୋଳ କଳସ, ପିତଳ ବାସନ, ଘଣ୍ଟ ସହ ବିଭିନ୍ନ ସାମଗ୍ରୀ ଚୋରି କରି ନେଇଥିବା ଅଭିଯୋଗ।ମିଳିଥିବା ସୂଚନା ଅନୁଯାୟୀ, ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ମନ୍ଦିରରେ ପଶି ଚୋରୀ କରିଥିବା ପୋଲିସ ସନ୍ଦେହ କରୁଛି। ଆଜି ସକାଳେ ପୂଜକ ପୂଜା କରିବା ପାଇଁ ମନ୍ଦିରରେ ପହଞ୍ଚିବା ପରେ ଘଟଣାଟି ସାମ୍ନାକୁ ଆସିଥିଲା। ଗେଟ ତାଲା ଭଙ୍ଗା ଦେଖି ପୂଜକ ତୁରନ୍ତ ମନ୍ଦିର କମିଟି ସଦସ୍ୟ ଓ ଗ୍ରାମବାସୀଙ୍କୁ ଖବର ଦେଇଥିଲେ।ଘଟଣା ସମ୍ପର୍କରେ ସୂଚନା ପାଇ ବାଲିପାଟଣା ପୁଲିସ ମନ୍ଦିରରେ ପହଞ୍ଚି ଅଧିକ ତଦନ୍ତ କରୁଛି।ଏପଟେ ବାଲିପାଟଣା ଅଞ୍ଚଳରେ ବଢ଼ୁଥିବା ଚୋରି ଘଟଣାକୁ ନେଇ ସାଧାରଣ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁସାରେ, ଗତ ୪ମାସ ମଧ୍ୟରେ ବାଲିପାଟଣା ଅଞ୍ଚଳରେ ୨୦ରୁ ଅଧିକ ଚୋରି ଘଟଣା ଘଟିସାରିଛି। ଏଥିମଧ୍ୟରୁ ଅନେକ ଘଟଣାରେ ଦେବାଳୟକୁ ଟାର୍ଗେଟ କରାଯାଇଥିବା ଅଭିଯୋଗ ରହିଛି। ମନ୍ଦିର ଚୋରି ଘଟଣା ଗୁଡ଼ିକରେ ଏପର୍ଯ୍ୟନ୍ତ ଦୁର୍ବୃତ୍ତଙ୍କୁ ଧରିବାରେ ପୁଲିସ ଅସଫଳ ହେଉଥିବାରୁ ଲୋକଙ୍କ ମଧ୍ୟରେ ପ୍ରଶ୍ନ ଉଠିଛି। ଅଞ୍ଚଳରେ ଅବାଧ ନିଶା କାରବାର ଓ ଆଇନଶୃଙ୍ଖଳା ବ୍ୟବସ୍ଥାର ଦୁର୍ବଳତା ଯୋଗୁଁ ଚୋରି ବଢ଼ୁଥିବା ନେଇ ମଧ୍ୟ ଆଲୋଚନା ହେଉଛି। ତେଣୁ ମନ୍ଦିର ଚୋରିରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଶୀଘ୍ର ଚିହ୍ନଟ କରି ଗିରଫ କରିବା ସହ ଚୋରି ସାମଗ୍ରୀ ଉଦ୍ଧାର କରିବାକୁ ଦାବୀ ହୋଇଛି।

## ଦୁଇ ଟ୍ରକ ମଧ୍ୟରେ ଧକ୍କା, ଚାପି ହୋଇଥିବା ଡ୍ରାଇଭରଙ୍କୁ ଉଦ୍ଧାର କଲେ ଅଗ୍ନିଶମ କର୍ମଚାରୀ

ଭବାନୀପାଟଣା,୨୧୯ (ସଂଚାର ବ୍ୟୁରୋ): କଳାହାଣ୍ଡି ଜିଲ୍ଲା କୋକସରା ଥାନା ଅନ୍ତର୍ଗତ ଚାହାରବାହାଲ ନିକଟରେ ୨୬ ନମ୍ବର ଜାତୀୟ ରାଜପଥରେ ବୁଧବାର ଭୋର ସମୟରେ ଦୁଇ ଟ୍ରକ୍ ମଧ୍ୟରେ ଦୁର୍ଘଟଣା ଘଟିଥିବା ବେଳେ ରାସ୍ତା କଡରେ ଠିଆ ହୋଇଥିବା ଟ୍ରକ (ଡ୍ବ୍ଲୁ ବି ୩୩ ସି ୦୯୯୩)କୁ ପଛପଟୁ ଧକ୍କା ଦେଇଥିବା ଟ୍ରକ (ଟିଏନ ୩୦ ବିଭି ୮୫୩୯) ର ଡ୍ରାଇଭର କେବିନ ରେ ଚାପି ହୋଇ ରହିଥିଲେ। ଏନେଇ ସ୍ଥାନୀୟ ଗ୍ରାମବାସୀ ମାନେ କୋକସରା ଅଗ୍ନିଶମ ବିଭାଗ କୁ ସୂଚନା ଦେଇଥିଲେ।ଅଗ୍ନିଶମ ବିଭାଗ ଓଆଇସି ପ୍ରଶାନ୍ତ କୁମାର ବାଘ ଙ୍କ ନେତୃତ୍ୱରେ କର୍ମଚାରୀ ମାନେ ଦିର୍ଘ ସମୟ ଧରି ଉଦ୍ଧାର କାର୍ଯ୍ୟ ପରେ ଚାପି ହୋଇଥିବା ଡ୍ରାଇଭର କୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲେ। ଉଦ୍ଧାର ଡ୍ରାଇଭର ହେଉଛନ୍ତି ତାମିଲନାଡୁ ରାଜ୍ୟର ଆନ୍ନାପୁନ୍ନା ସ୍ୱାମୀ (୬୦) ବୋଲି ଜଣାପଡିଛି। ୱେଷ୍ଟବେଙ୍ଗଲ ରୁ କୁସୁମଖୁଣ୍ଟି ମେଗାଲିଫ୍ଟ ପ୍ରକଳ୍ପ ପାଇଁ ପାଇପ୍ ନେଇ ଆସୁଥିବା ଏକ ଟ୍ରକ୍ ପଛରେ ଅନ୍ୟ ଏକ ଟ୍ରକ୍ ଧକ୍କା ଦେବାରୁ ଦୁର୍ଘଟଣା ଘଟିଥିଲା। ଧକ୍କା ଏତେ ଜୋର ରେ ହୋଇଥିଲା ଯେ ଧକ୍କା ଦେଇଥିବା ଟ୍ରକ ର କେବିନ ସମ୍ପୂର୍ଣ୍ଣ ଅଲଗା ହୋଇ ପଡ଼ିଥିଲା।



## ରାଜ୍ୟସ୍ତରରେ ସମ୍ମାନିତ ହେବେ କ୍ରୀଡା ଶିକ୍ଷକ ଅମିତ



ଭବାନୀପାଟଣା,୨୧୯ (ସଂଚାର ବ୍ୟୁରୋ): ଓଡିଶା ସରକାରଙ୍କ ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗ ଅଧୀନରେ ପଞ୍ଚସଖା ଶିକ୍ଷା ସେତୁ ସଙ୍ଗଠନ ପକ୍ଷରୁ ଜିଲ୍ଲାର ବିଭିନ୍ନ ସରକାରୀ ବିଦ୍ୟାଳୟ ରେ କାର୍ଯ୍ୟରତ ଶିକ୍ଷକ ଙ୍କୁ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ପାରଦର୍ଶିତା ଅର୍ଜନ ନେଇ ରାଜ୍ୟ ସ୍ତରୀୟ ସମ୍ବର୍ଦ୍ଧନା ଉତ୍ସବ ରେ ମୁଖ୍ୟମନ୍ତ୍ରୀ ସମ୍ମାନିତ କରିବା ନେଇ କାର୍ଯ୍ୟକ୍ରମ ରହିଛି। ଏହି କ୍ରମ ରେ କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ଜବାହର ଉଚ୍ଚ ବିଦ୍ୟାଳୟ ର କ୍ରୀଡା ଶିକ୍ଷକ ଅମିତ କୁମାର ମହାନ୍ତି ଙ୍କୁ ରାଜ୍ୟ ସ୍ତରୀୟ ଶାରୀରିକ ଶିକ୍ଷା ରେ ଛାତ୍ରଛାତ୍ରୀ ଙ୍କୁ ଜିଲ୍ଲା ତଥା ରାଜ୍ୟ ବାହାରେ ବିଭିନ୍ନ କ୍ରୀଡା ରେ ଉଲ୍ଲେଖଯୋଗ୍ୟ ସଫଳତା ହାସଲ କରିବା ନେଇ ତାଙ୍କ ଅବଦାନ କୁ ଯଥାର୍ଥତା ପ୍ରତିପାଦନ କରି ରାଜ୍ୟ ସରକାରଙ୍କ ଗଣଶିକ୍ଷା ବିଭାଗ ପକ୍ଷରୁ କଳାହାଣ୍ଡି ଜିଲ୍ଲା ରୁ ମନୋନୀତ କରାଯାଇଛି। ଶ୍ରୀ ମହାନ୍ତି କ୍ରୀଡା ଶିକ୍ଷକ ଭାବେ ବିଦ୍ୟାଳୟ ସ୍ତରୀୟ କ୍ରୀଡା ପରିଚାଳନା ରେ ନିଜର ଦକ୍ଷତା ପ୍ରତିପାଦନ କରିଛନ୍ତି। ଆସନ୍ତା ୫ ତାରିଖ ଗୁରୁ ଦିବସ ଅବସରରେ ଭୁବନେଶ୍ୱର ଲୋକସଭା ଭବନ ରେ ଆୟୋଜିତ କାର୍ଯ୍ୟକ୍ରମରେ କ୍ରୀଡା ଶିକ୍ଷକ ଅମିତ କୁମାର ମହାନ୍ତି ଙ୍କୁ ରାଜ୍ୟ ସରକାର ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଶାରୀରିକ କ୍ରୀଡା ରେ ଉଲ୍ଲେଖନୀୟ ଅବଦାନ ପାଇଁ ମାନପତ୍ର ସହ ସମ୍ବର୍ଦ୍ଧିତ କରାଯିବା ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହାକୁ ନେଇ କୋକସରା ଜବାହର ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ତୁଳସିରାମ ଚଳାନ ସମେତ ସହକର୍ମୀ ଶିକ୍ଷକ ଶିକ୍ଷୟିତ୍ରୀ କର୍ମଚାରୀ ମାନେ ଶୁଭେଚ୍ଛା ଜଣାଇଛନ୍ତି। ଏହା ବ୍ୟତୀତ କଳାହାଣ୍ଡି ତଥା କୋକସରା ବ୍ଲକ ର ବରିଷ୍ଠ ଶିକ୍ଷାବିଦ, ବ୍ଲକ ଉଚ୍ଚ ବିଦ୍ୟାଳୟ କ୍ରୀଡା ଶିକ୍ଷକ ସଙ୍ଘ ଓ ସଚେତନ ନାଗରିକ ଙ୍କ ପକ୍ଷରୁ କ୍ରୀଡା ର ବିକାଶ ଓ ଛାତ୍ରଛାତ୍ରୀ ଙ୍କୁ ଶାରୀରିକ କ୍ରୀଡା ମନୋବଳ ବଢ଼ାଇବା ପାଇଁ ଏହି ଉତ୍କର୍ଷତା ସଫଳତା ପାଇଁ ଶୁଭେଚ୍ଛା ଜଣାଇଛନ୍ତି।

## ବିଦ୍ୟାଳୟ ସମୂହ କ୍ରୀଡା ପ୍ରତିଯୋଗିତା ପ୍ରସ୍ତୁତି ବୈଠକ



ସୁବର୍ଣ୍ଣପୁର,୨୧୯ (ସଂଚାର ବ୍ୟୁରୋ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ସ୍ଥାନୀୟ ସରକାରୀ ଉଚ୍ଚ ବିଦ୍ୟାଳୟ ର ସମ୍ମିଳନୀ କକ୍ଷ ରେ ବିଦ୍ୟାଳୟ ସମୂହ କ୍ରୀଡା ପ୍ରତିଯୋଗିତା ପ୍ରସ୍ତୁତି ବୈଠକ ସ୍ଥାନୀୟ ପ୍ରଧାନ ଶିକ୍ଷକ ସତ୍ୟବାନ କୁଅଁର ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଶିକ୍ଷା ଅଧିକାରୀ ଗଣେଶ କିଷାନ ମୁଖ୍ୟ ଅତିଥି, ଲିଙ୍ଗମାର୍ଣ୍ଡି ଉନ୍ନୀତ ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ସନାତନ ବେହେରା, ଦିଗଶିରା ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଅକ୍ଷୟ କୁମାର ଦାଶ ଓ ଗଜବନ୍ଧ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ନରେନ୍ଦ୍ର ପୁରୋହିତ ସମ୍ମାନିତ ଅତିଥିଭାବେ ଯୋଗଦେଇ ଗ୍ରାମାଞ୍ଚଳ ସ୍ତରର କ୍ରୀଡା ପ୍ରତିଭା ଙ୍କୁ ଚୟନ ପାଇଁ ସମସ୍ତଙ୍କ ନିଷ୍ଠାପର ପ୍ରୟାସ ଜରୁରୀ ବୋଲି ମତବ୍ୟକ୍ତ କରିଥିଲେ। ବ୍ଲକ କ୍ରୀଡା ସମ୍ପାଦକ ଅଶୋକ ବୁଢ଼ିଆ ଙ୍କ ତତ୍ତ୍ୱାବଧାନ ରେ ବିଭିନ୍ନ ଉଚ୍ଚ ପ୍ରାଥମିକ, ଉଚ୍ଚ ବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ର ଖେଳ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦେଇ ଚଳିତ ବର୍ଷ ଚଉଦ ବର୍ଷ ରୁ କମ ଓ ସତର ବର୍ଷ ରୁ କମ ଛାତ୍ରଛାତ୍ରୀ ଙ୍କ ପାଇଁ ବିଭିନ୍ନ କ୍ରୀଡା ପ୍ରତିଯୋଗିତା କରିବାକୁ ଯୋଜନା ପ୍ରସ୍ତୁତ କରିଥିଲେ। ଡୁଙ୍ଗୁରିପାଲି ବ୍ଲକ କୁ ୪ ଟି ଜୋନ ଅନୁସାରେ ଚନ୍ଦଳୀ, ଦିଗଶିରା, ଡୁଙ୍ଗୁରିପାଲି ଓ ଲିଙ୍ଗମାର୍ଣ୍ଡି ଜୋନ ରେ ବିଭକ୍ତ କରି ତୃଣମୂଳ ସ୍ତର ରୁ ଛାତ୍ରଛାତ୍ରୀ ଙ୍କ କ୍ରୀଡା ପ୍ରତିଭା ଚିହ୍ନଟ ପାଇଁ ନିଷ୍ପତ୍ତି ନିଆଯାଇଥିଲା।

## ବାଛୁରୀପଡା କ୍ଲଷ୍ଟରସ୍ତରୀୟ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା

ବୈଶିଙ୍ଗା,୨୧୯(ସଂଚାର ବ୍ୟୁରୋ): ବୈଶିଙ୍ଗା ଥାନା ଅନ୍ତର୍ଗତ ପୁରୁଣିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ବାଛୁରୀପଡା କ୍ଲଷ୍ଟରସ୍ତରୀୟ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ବାଉଁଶବାଗାନ ପ୍ରାଥମିକ ବିଦ୍ୟାଳୟର ଅବସରପ୍ରାପ୍ତ ଶିକ୍ଷକ ଜନ୍ମେଜୟ ସ୍ୱାଇଁ ଓ ବାଛୁରୀପଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ସୁପ୍ରଭା ମଞ୍ଜରୀ ପରିଡାଙ୍କ ଉଦ୍ଦେଶ୍ୟରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ପୁରୁଣିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ କବିତା ଦାସ ପୌରହିତ୍ୟ କରିଥିଲେ। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ଦେ ମୁଖ୍ୟଅତିଥି, ବାଉଁଶବାଗାନ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଦିଲ୍ଲୀପ କୁମାର ଧଳ ମୁଖ୍ୟବକ୍ତା, ସିଆରସିସି ରାଜେଶ କୁମାର ସାହୁ ଓ କବୟିତ୍ରୀ ତୃପ୍ତି ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରାରମ୍ଭରେ ସ୍ଥାନୀୟ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିବାବେଳେ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ମହାନ୍ତ ଅତିଥି ପରିଚୟ ପ୍ରଦାନ କରିଥିଲେ।

## ଏକାଠି ହେଲେ ଓଡ଼ିଶା ଡ୍ରାଇଭର ମହାସଂଘ



ଥୁଆମୂଳ ରାମପୁର,୨୧୯ (ସଂଚାର ବ୍ୟୁରୋ): ସାରା ରାଜ୍ୟର ୩୦ଟି ଜିଲା ଓ ୩୧୪ଟି ବ୍ଲକରେ ଓଡ଼ିଶା ଡ୍ରାଇଭର ମହାସଂଘ ସକ୍ରିୟ ଭାବେ କାର୍ଯ୍ୟ କରୁଥିବା ବେଳେ ୨୦୨୧ ମସିହାରେ ଥୁଆମୂଳ ରାମପୁର ବ୍ଲକ୍‌ର ଡ୍ରାଇଭରମାନେ ବିଧିବଦ୍ଧ ଭାବେ ଏହି ରାଜ୍ୟ ମହାସଂଘରେ ସାମିଲ ହୋଇଥିଲେ। ଏହି କ୍ରମରେ କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକଠାରେ ଓଡ଼ିଶା ଡ୍ରାଇଭର ମହାସଂଘ ପକ୍ଷର ‘ରାଷ୍ଟ୍ରୀୟ ଡ୍ରାଇଭର ଦିବସ’ ଅତ୍ୟନ୍ତ ଉତ୍ସାହର ସହ ପାଳିତ ହୋଇଯାଇଛି। ଏହି ଅବସରରେ ଥୁଆମୂଳ ରାମପୁର ତହସିଲ କାର୍ଯ୍ୟାଳୟ ଛକରୁ ଏକ ବିଶାଳ ବାଇକ ରାଲି ବାହାରି ମା’ ମାଣିକେଶ୍ୱରୀ ମନ୍ଦିର ପର୍ଯ୍ୟନ୍ତ ଯାଇଥିଲା। ସେଠାରେ ପୂଜାର୍ଚ୍ଚନା ଓ ବିଧି ସମ୍ପାଦନ ପରେ କୋଷାବରା ସ୍ଥିତ ‘ହେଲୋ ପ୍ୟାଣ୍ଟ’ ଠାରେ ଏକ ସାଧାରଣ ସଭା ଆୟୋଜିତ ହୋଇଥିଲା। ବ୍ଲକ ସଭାପତି ତ୍ରିନାଥ ଦୋରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବ୍ଲକ ସଂଘର ଉପ-ସଭାପତି ଚନ୍ଦ୍ରଧ୍ୱଜ ସିଂ, ସମ୍ପାଦକ ରାମଚନ୍ଦ୍ର ଭାଟି, ସହ-ସମ୍ପାଦକ ରଞ୍ଜନ ସାହୁ, କୋଷାଧ୍ୟକ୍ଷ ଆଲୋକ ପୂଝାରୀ, ଉପଦେଷ୍ଟା ଲୋକନାଥ ଗଉଡ, ବ୍ଲକ ଏଡମିନ ଅଶୋକ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହାସହ ଜିଲା ଅଡିଟର ମଧୁସୂଦନ ମାଝୀଙ୍କ ସମେତ ବ୍ଲକ୍‌ର ୨୪ଟି ଗ୍ରାମପଞ୍ଚାୟତରୁ ପ୍ରାୟ ୧୦୦ ରୁ ୧୫୦ରୁ ଊର୍ଦ୍ଧ୍ୱ ଡ୍ରାଇଭର ଭାଇମାନେ ଯୋଗ ଦେଇଥିଲେ।

## ଜିଲ୍ଲା ବିକାଶ ସମନ୍ୱୟ ଓ ନିରୀକ୍ଷଣ କମିଟି ବୈଠକ ଅନୁଷ୍ଠିତ



ସୁବର୍ଣ୍ଣପୁର,୨୧୯ (ସଂଚାର ବ୍ୟୁରୋ): ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର କନଫରେନ୍ସ ହଲଠାରେ ବଲାଙ୍ଗୀର ସାଂସଦ ଶ୍ରୀମତୀ ସଙ୍ଗୀତା କୁମାରୀ ସିଂ ଦେଓଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ବିକାଶ ସମନ୍ୱୟ ଓ ନିରୀକ୍ଷଣ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲ୍ଲାର ବିଭିନ୍ନ ବିକାଶମୂଳକ କାର୍ଯ୍ୟ ଓ ବିଭିନ୍ନ ଯୋଜନାର କାର୍ଯ୍ୟାନ୍ୱୟନ ନେଇ ସମୀକ୍ଷା କରାଯାଇଥିଲା। ବୈଠକରେ ବୀରମହାରାଜପୁର ବିଧାୟକ, ଇଞ୍ଜିନିୟର ରଘୁନାଥ ଜଗଦଳା, ଭାରପ୍ରାପ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ, ସାଂସଦଙ୍କ ପ୍ରତିନିଧି ସାନନ୍ଦ ମେହେର, ଉପଜିଲ୍ଲାପାଳ ସୋନପୁର ଡ. ସୌମ୍ୟରୂପା ରଥ, ବୀରମହାରାଜପୁର ଉପ ଜିଲ୍ଲାପାଳ ସୁରେନ୍ଦ୍ର ମେହେର, ଜିଲ୍ଲା ମୁଖ୍ୟ ଉନ୍ନୟନ ଏବଂ ନିର୍ବାହୀ ଅଧିକାରୀ ଅଶ୍ୱିନୀ ମେହେରଙ୍କ ସମନ୍ୱୟରେ ବୈଠକ ପରିଚାଳିତ ହୋଇଥିଲା। ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଓ ସମସ୍ତ ଲାଇନ ବିଭାଗର ଅଧିକାରୀମାନେ ବୈଠକରେ ଉପସ୍ଥିତ ଥିଲେ। ବୈଠକରେ ସମସ୍ତ ଲାଇନ ବିଭାଗ ପକ୍ଷରୁ ନିଜ ନିଜ ବିଭାଗର କାର୍ଯ୍ୟ ପ୍ରଗତି ସମ୍ପର୍କରେ ସୂଚନା ଉପସ୍ଥାପନ କରାଯାଇଥିଲା। ସାଂସଦ ବିଭିନ୍ନ ପ୍ରକଳ୍ପର ସମୀକ୍ଷା କରିବା ସହ ଅସମ୍ପୂର୍ଣ୍ଣ ଓ ଆବଶ୍ୟକତା ଥିବା କାର୍ଯ୍ୟଗୁଡ଼ିକୁ ଶୀଘ୍ର ସମ୍ପାଦନ କରିବା ନିମନ୍ତେ ସମ୍ପୃକ୍ତ ବିଭାଗଗୁଡ଼ିକୁ ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ଆର୍ ଆଣ୍ଡ୍ ବି ବିଭାଗର ସମୀକ୍ଷା ସମୟରେ ସମ୍ପୂର୍ଣ୍ଣ ହୋଇଥିବା କୋଠାଗୁଡ଼ିକୁ ସମ୍ପୃକ୍ତ ବିଭାଗକୁ ହସ୍ତାନ୍ତର କରିବା, କ୍ଷତିଗ୍ରସ୍ତ ରାସ୍ତାଗୁଡ଼ିକର ଆବଶ୍ୟକ ମରାମତି କରିବା ସହ ଶଙ୍କରା ସିଏଚ୍‌ସିକୁ ସୁଗମ ଯାତାୟାତ ନିମନ୍ତେ ଆପ୍ରୋଚ୍ ରୋଡ୍ ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ସ୍ୱାସ୍ଥ୍ୟ ବିଭାଗର ସମୀକ୍ଷା ବେଳେ ଡାକ୍ତର ଅଭାବ ଦୂର କରିବା ସହ ହସ୍ପିଟାଲଗୁଡ଼ିକରେ ଆବଶ୍ୟକ ସ୍ୱାସ୍ଥ୍ୟସେବା ଓ ଭିତ୍ତିଭୂମି ସୁବିଧାରେ ଉନ୍ନତି ଆଣିବାକୁ ସିଡିଏମ୍‌ଓଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା।

## ସଇଁତଳାକୁ ଏନ୍‌ଏସି ମାନ୍ୟତା ଦାବିରେ ଦ୍ୱିତୀୟ ଦିନ ଗଣଧାରଣା



ବଲାଙ୍ଗୀର,୨୧୯ (ସଂଚାର ବ୍ୟୁରୋ): ବାଲାଙ୍ଗୀର ଜିଲ୍ଲା ସଇଁତଳାକୁ ଏନ୍‌ଏସି (ନୋଟିଫାଏଡ୍ ଏରିଆ କାଉନସିଲ) ମାନ୍ୟତା ପ୍ରଦାନ ଦାବିରେ ଚାଲିଥିବା ଗଣଧାରଣା ଦ୍ୱିତୀୟ ଦିନରେ ପହଞ୍ଚିଛି। ଦୀର୍ଘ ତିନି ଦଶନ୍ଧି ଧରି ଏହି ଦାବି ହୋଇଆସୁଥିଲେ ମଧ୍ୟ ଏଯାଏଁ ଦାବି ପୂରଣ ହୋଇନଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିଛି। ସଇଁତଳା ସରପଞ୍ଚ ସୁବ୍ରତ ନାଗଙ୍କ ନେତୃତ୍ୱରେ ଏହି ଗଣଧାରଣା ଆରମ୍ଭ ହୋଇଛି। ଗଣଧାରଣାର ଦ୍ୱିତୀୟ ଦିନରେ ସଇଁତଳା ବ୍ଲକ ସାହୁ ସମାଜ ଗଣଧାରଣା ରେ ବ୍ଲକ ଉପାଧ୍ୟାକ୍ଷ ଗୁଣସାଗର ମାଝୀ, ଜିଲ୍ଲା ପରିଷଦ, ସଭ୍ୟ ପ୍ରମୋଦ କୁମାର ଭୋଇ ସାମିଲ ହୋଇଥିବା ବେଳେ ପୂର୍ବତନ ମନ୍ତ୍ରୀ ଟୁକୁନି ସାହୁ ମଧ୍ୟ ସାମିଲ ହୋଇ ଆନ୍ଦୋଳନକାରୀଙ୍କ ସହ ଦାବି ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ସେ ପୂର୍ବ ସରକାରଙ୍କ ସମୟରେ ସଇଁତଳାକୁ ଏନ୍‌ଏସି ମାନ୍ୟତା ଦେବା ନେଇ ହୋଇଥିବା ପଦକ୍ଷେପ ସମ୍ପର୍କରେ ଉଲ୍ଲେଖ କରିଥିଲେ। ସରକାର ପରିବର୍ତ୍ତନ ପରେ ସଇଁତଳାକୁ ନୂତନ ଏନ୍‌ଏସି ଘୋଷଣା ତାଲିକାରୁ ବାଦ ଦିଆଯାଇଥିବା ନେଇ ସେ ଅସନ୍ତୋଷ ପ୍ରକାଶ କରିଥିଲେ। ସୂଚନା ଅନୁଯାୟୀ, ୧୯୯୨ ମସିହାଠାରୁ ସଇଁତଳାକୁ ଏନ୍‌ଏସି ମାନ୍ୟତା ପ୍ରଦାନ ପାଇଁ ଦାବି ହୋଇଆସୁଛି। ପୂର୍ବ ସରକାରଙ୍କ ସମୟରେ ସଇଁତଳାକୁ ଏନ୍‌ଏସି ମାନ୍ୟତା ଦେବା ନେଇ ଘୋଷଣା ହୋଇଥିବା ଦାବିକାରୀମାନେ କହିଛନ୍ତି। ତେବେ ପରବର୍ତ୍ତୀ ସମୟରେ ସରକାର ପରିବର୍ତ୍ତନ ପରେ ଏନ୍‌ଏସି ଘୋଷଣା ତାଲିକାରୁ ସଇଁତଳାକୁ ବାଦ ଦିଆଯାଇଥିବା ଅଭିଯୋଗ ହୋଇଛି। ସଇଁତଳା ଏକ ପୁରାତନ ତଥା ବ୍ୟବସାୟିକ ଗୁରୁତ୍ୱ ବହନ କରୁଥିବା ଅଞ୍ଚଳ ହୋଇଥିବା ସତ୍ତ୍ୱେ ଏନ୍‌ଏସି ମାନ୍ୟତାରୁ ବଞ୍ଚିତ ହେବା ନେଇ ସ୍ଥାନୀୟ ଜନସାଧାରଣ ପ୍ରଶ୍ନ ଉଠାଇଛନ୍ତି।

## ବରଗଡ଼ରେ ଆତଙ୍କ: କୁକୁରକୁ ମାରି ଖାଇଲା ବାଘ



ବରଗଡ଼,୨୧୯ (ସଂଚାର ବ୍ୟୁରୋ): ବରଗଡ଼ ଜିଲା ଅମ୍ବାଭୋନା ବ୍ଲକ ଅଞ୍ଚଳରେ ବାଘ ଆତଙ୍କ ଦେଖାଯାଇଛି। ମଙ୍ଗଳବାର ସିସିଟିଭିରେ ବାଘ ବୁଲୁଥିବାର ଚିତ୍ର କଏଦ ହେବା ଏବଂ ସେଠାରେ ଏକ କୁକୁର ଶିକାର ହୋଇଥିବା ଦେଖିବାକୁ ମିଳିବା ପରେ ଏହି ଆଶଙ୍କା ଅଧିକ ବଢ଼ି ଯାଇଛି। ରାତି ସମୟରେ ନିଜେ ଗୃହପାଳିତ ପଶୁମାନଙ୍କୁ ତାଟି କବାଟ ଦେଇ ରଖିବାକୁ ବରଗଡ଼ ବନଖଣ୍ଡ ଅଧିକାରୀ ସରୋଜ କୁମାର ପଣ୍ଡା କହିଛନ୍ତି। ବାଘମାନେ ପ୍ରାୟତଃ ବନ୍ୟଜନ୍ତୁ ଶିକାର କରିଥାନ୍ତି, ତାହା ନ ପାଇଲେ ବେଳେବେଳେ କୁକୁର ମଧ୍ୟ ଶିକାର କରିଥାନ୍ତି ବୋଲି ସେ କହିଛନ୍ତି। ବନବିଭାଗ ବାଘକୁ ଟ୍ରାକ୍ କରୁଛି ବୋଲି ବନଖଣ୍ଡ ଅଧିକାରୀ କହିଛନ୍ତି। ଭୟଭୀତ ନ ହୋଇ ସଚେତନ ରହିବାକୁ ସେ ପରାମର୍ଶ ଦେଇଥିବାବେଳେ ୩୦ରୁ ୪୦ ବାଘ ଜଙ୍ଗଲରେ ରହିଥିବା ସେ କହିଛନ୍ତି।

ଷ କାଶତଣ୍ଡି ଫୁଲରେ ସୁଶୋଭିତ ଅଞ୍ଚଳ

## ଖିଲି ଖିଲି ହସରେ ମା’ଙ୍କୁ କରୁଛି ନିମନ୍ତ୍ରଣ



କେସିଙ୍ଗା,୨୧୯ (ସଂଚାର ବ୍ୟୁରୋ): କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକର ବୋରିଆ ଗ୍ରାମ ନିକଟରେ ଥିବା ତେଲନଦୀ ପାର୍ଶ୍ୱରେ ଶୋଭାପାଉଛି କାଶତଣ୍ଡି ଫୁଲ। ଏପଟେ ଭଲ ବର୍ଷା ଯୋଗୁ ଧାନ କ୍ଷେତରେ ଧାନ ଶୋଭା ପାଉଥିବାବେଳେ ଜମିର ହିଡ ଓ ନଦୀ, ରାସ୍ତା ପାଶର୍‌ବରେ କାଶତଣ୍ଡି ଶୋଭାପାଉଛି । ଜଗତ ଜନନୀ ମା’ ଦୁର୍ଗାଙ୍କ ଆଗମନରେ ଶରତ ଋତୁରେ ଖିଲି ଖିଲି ହସରେ ମା’ଙ୍କୁ ନିମନ୍ତ୍ରଣ କରୁଛି। ବିଲ ବାଡ଼ି ଏବଂ ଚତୁର୍ଦ୍ଦିଗରେ କାଶତଣ୍ଡିର ସମ୍ଭାର। ଏହି କାଶତଣ୍ଡିର ଆଗମନରେ ଆକାଶଠାରୁ ପୃଥିବୀର ଚାରିପଟେ ନୀଳ ଆକାଶରେ କି ଶୋଭା ଦେଖାଯାଉଛି।

## ଶିଳ୍ପୋଦ୍ୟୋଗୀ ବିକାଶ ତାଲିମ୍ ଶିବିର

କନ୍ଧମାଳ,୨୧୯ (ସଂଚାର ବ୍ୟୁରୋ): ଫୁଲବାଣୀ ଜିଲ୍ଲା ଶିଳ୍ପ କେନ୍ଦ୍ରର ସମ୍ମିଳନୀ କକ୍ଷରେ ଜିଲ୍ଲା ଶିଳ୍ପ କେନ୍ଦ୍ରଓ ଶିଳ୍ପ ନିର୍ଦ୍ଦେଶାଳୟର ମିଳିତ ସହଯୋଗରେ ଗତ ଅଗଷ୍ଟ ୧୮ରୁ ଆରମ୍ଭ ହୋଇ ସେପ୍ଟେମ୍ବର ୩ ତାରିଖ ଯାଏଁ ଅନୁଷ୍ଠିତ ହେବାକୁ ଥିବା ଏକ ଶିଳ୍ପୋଦ୍ୟୋଗୀ ବିକାଶ ତାଲିମ ଶିବିରରେ ବୁଧବାର କନ୍ଧମାଳ ଜିଲ୍ଲାର ଯୁବ ଶିଳ୍ପପତି ତଥା ସମାଜସେବୀ, ସାଲୁକି ପାଇପସ ର ପରିଚାଳନା ନିର୍ଦ୍ଦେଶକ ନୀଳମାଧବ ମିଶ୍ର ମୁଖ୍ୟ ବକ୍ତା ଭାବେ ଯୋଗଦେଇଥିଲେ। ସେ ଏହି ଅବସରରେ କହିଥିଲେ ଯେ, କୌଣସି ଯୁବକ ଯୁବତୀ ଆଗ୍ରହ, ନିଷ୍ଠା ଓ ଆନ୍ତରିକତାର ସହ କଠିନ ପରିଶ୍ରମ କଲେ ଜଣେ ସଫଳ ଶିଳ୍ପ ଦ୍ୟୋଗୀ ହେବା ସହ ଅନ୍ୟ ମାନଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିପାରିବ। ଶିଳ୍ପ ପ୍ରତିଷ୍ଠା ଓ ବ୍ୟବସାୟ ପାଇଁ ସରକାର ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇ ଦେଉଥିବା ବିଷୟ ମୁଖ୍ୟ ବକ୍ତା ଶ୍ରୀ ମିଶ୍ର କହିବା ସହ ଏହକ୍ଷର ସୁଯୋଗ ନେବାପାଇଁ ପରାମର୍ଶ ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ଶିଳ୍ପ କେନ୍ଦ୍ରର ବରିଷ୍ଠ ଅଧିକାରୀ, ବିଭିନ୍ନ ବ୍ୟାଙ୍କ ଅଧିକାରୀ ଯୋଗଦେଇ ବ୍ୟବସାୟ ଓ ଶିଳ୍ପ ପ୍ରତିଷ୍ଠା ପାଇଁ କ’ଣ ସୁବିଧା ରହିଛି ବୁଝାଇଥିଲେ।

## ରାସ୍ତା ଦୁର୍ଘଟଣାରେ ୩ ଆହତ: ଡାକ୍ତରଖାନାରେ ଚିକିତ୍ସିତ



ବୈଶିଙ୍ଗା,୨୧୯ (ସଂଚାର ବ୍ୟୁରୋ): ବୈଶିଙ୍ଗା ଥାନା ଅନ୍ତର୍ଗତ ବୈଶିଙ୍ଗା -ମାଣତ୍ରୀ ରାସ୍ତାର ବଡ କ୍ଷୀରପଦା ନିକଟରେ ବୁଧବାର ସନ୍ଧ୍ୟା ସମୟରେ ଗୋଟିଏ ବାଇକରେ ତିନି ଜଣ ଯାଉଥିବା ସମୟରେ ଭାରସାମ୍ୟ ହରାଇ ଓଲଟି ପଡ଼ିବା ଫଳରେ ତିନି ଜଣ ଯାକ ଆହତ ହୋଇଥିବା ଜଣାପଡ଼ିଛି। ଘଟଣାରୁ ପ୍ରକାଶ ଢେଁଫୌଦା ଗ୍ରାମର ଚୈତନ ସିଂ (୬୦), ପୁଅ ରାଜୁ ସିଂ (୩୩) ଏବଂ ନାତୁଣୀ ରଶ୍ମିତା ସିଂ (୬) ଏକ ବାଇକ ଯୋଗେ ଭାଲିଆ ଡିହା ଫୁଟବଲ ମ୍ୟାଚ ଦେଖିବାକୁ ଆସି ଫେରୁଥିବା ସମୟରେ କ୍ଷୀରପଦା ନିକଟରେ ରାସ୍ତା ଖରାପ ପାଇଁ ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲେ। ଖବର ପାଇ ବୈଶିଙ୍ଗା ପୋଲିସ ସେମାନଙ୍କୁ ଉଦ୍ଧାର କରି ବୈଶିଙ୍ଗା ଡାକ୍ତରଖାନାରେ ଚିକିତ୍ସା ପାଇଁ ପହଞ୍ଚାଇ ଥିଲେ। ନାତୁଣୀ ରଶ୍ମିତା ଗୁରୁତର ଆହତ ହୋଇଥିବା ବେଳେ ଅନ୍ୟ ଦୁଇ ଜଣ ଅଳ୍ପ ଆହଣ ହୋଇଥିବା ଜଣାଯାଇଛି।